

ଅଗଷ୍ଟ ୧ରେ
'ଛିରେ ନନୀ'
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-30 ♦THURSDAY ♦24 JULY 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୩୦ ♦ଗୁରୁବାର ♦୨୪ ଜୁଲାଇ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ଗାଜିଆବାଦ୍‌ରେ ନକଲି ଦୂତାବାସ





■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ଦୁଇ ମହଲା ବିଶିଷ୍ଟ ବିଳାପୂର୍ଣ୍ଣ କୋଠା। ଉଡ଼ୁଛି ବିଦେଶୀ ପତାକା। ଘର ଆଗରେ ୪ଟି ଦମୀ କାର। ପୁଣି ଏଥିରେ କୂଟନୈତିକ ନମ୍ବର। ଗୋଟିଏ କାରର ନେମ୍ ପ୍ଲେଟରେ ଲେଖା ହୋଇଛି - ଗ୍ରାଣ୍ଡ ଡଚି ଅଫ୍ ୱେଷ୍ଟାରଟିକା। ହିଜ୍ ଏକ୍ସେଲେନ୍ସି ଏଚଭି ଜୈନ। ଅନରାରୀ କନସେଲ। କିନ୍ତୁ ଏହା ଯେ ନକଲି ଏହାର ଟେର୍ କେହି ପାଇ ପାରିନଥିଲେ। ପାଖରେ ପୁଲିସ କମିସନର ଅଫିସ ଥିଲେ ମଧ୍ୟ କେହି ଏହାକୁ ସନ୍ଦେହ ଘେରକୁ ଆଣିପାରି ନଥିଲେ।

ଉତ୍ତରପ୍ରଦେଶର ଗାଜିଆବାଦ୍‌ରେ ଦୀର୍ଘ ଦିନ ଧରି ଚାଲିଥିଲା ଏହି ନକଲି ଦୂତାବାସ। ସ୍ପେଶାଲ ଟ୍ୟାକ୍ସ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ହର୍ଷବର୍ଦ୍ଧନ ଜୈନ ନାମକ ଜଣେ ଠକ ବ୍ୟକ୍ତିଙ୍କୁ ଗିରଫ କରିବା ପରେ ଏହାର ପର୍ଦାଫାସ ହୋଇଛି। ତା ପାଖରେ ଭିଆଇପି ନଂ ବିଶିଷ୍ଟ ୪ଟି

## ରାଷ୍ଟ୍ରଦୂତ ନକଲି, ଗାଡ଼ି ନମ୍ବର ବି ନକଲି

ବିଳାଷପୂର୍ଣ୍ଣ କାର୍ ଜବତ କରାଯାଇଛି। ଏଥିସହ ଭିନ୍ନ ଭିନ୍ନ ଦେଶ ଓ କମ୍ପାନୀଗୁଡ଼ିକର ୩୪ଟି ଷ୍ଟାମ୍ପକୁ ମଧ୍ୟ ଜବତ କରାଯାଇଛି। ଏହା ବ୍ୟତୀତ ବୈଦେଶିକ ମନ୍ତ୍ରଣାଳୟର ମୋହର ଲାଗିଥିବା ନକଲି କାଗଜ ଓ ନଗଦ ୪୪.୭୦ ଲକ୍ଷ ଟଙ୍କା ମଧ୍ୟ ଏସ୍‌ଟିଏଫ୍ ଜବତ କରିଛି। ହର୍ଷବର୍ଦ୍ଧନ କେଭି ୩୫ କବିନଗରରେ ଏକ ବିଳାସପୂର୍ଣ୍ଣ ଘରା ଭଡା ନେଇ ଅବୈଧ ଭାବେ 'ୱେଷ୍ଟ ଆର୍କଟିକ ଦୂତାବାସ' ଚଳାଉଥିଲା। ଏହି ଅଞ୍ଚଳରେ ପୁଲିସ କମିସନ, ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍‌ଙ୍କ ସମେତ ଏକାଧିକ ପଦସ୍ଥ ଅଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ନକଲି ଦୂତାବାସ ବାହାରେ ଅନୁପ ସିଂ ନାମକ ଜଣେ ବ୍ୟକ୍ତିଙ୍କ ନେମ୍ ପ୍ଲେଟ ରହିଛି। ଏହଠାରୁ ୧୦୦ମିଟର ଦୂରରେ ଥିବା ଦ୍ୱିତୀୟ ଘରେ ହର୍ଷବର୍ଦ୍ଧନ ଯିବା ଆସିବା କରୁଥିଲା ଓ ଏହା ତାଙ୍କ ବାପାଙ୍କ ଥିଲା। ୪୭ ବର୍ଷୀୟ ହର୍ଷବର୍ଦ୍ଧନ ଗାଜିଆବାଦ୍‌ରୁ ବିବିଏ କରିବା ପରେ ଲଣ୍ଡନରେ ଏମ୍‌ବିଏ କରିଥିଲା। ତା ପିତା ଜଣେ ଉଦ୍ୟୋଗପତି ଥିଲେ ଓ ରୋଲିଂ ମିଲର ମାଲିକ ଥିଲେ।

ସେ ନିଜକୁ ୱେଷ୍ଟ ଆର୍କଟିକ, ସାବୋର୍ଘା, ପୁଲାୱିଆ ଓ ଲୋଡୋନିଆ ଦେଶର କନସୁଲ ଆମ୍ବାସାଡାର ବା ରାଜଦୂତର ପରିଚୟ ଦେଉଥିଲା। କିନ୍ତୁ ବିଶ୍ୱରେ ଏହି ନାମରେ କୌଣସି ଦେଶ ନାହିଁ। ସେ ଡିପ୍ଲୋମାଟିକ ନମ୍ବର ପ୍ଲେଟ ଲଗାଇ ଗାଡି ଚାଳାଉଥିଲା। ଲୋକଙ୍କୁ ପ୍ରଭାବିତ କରିବା ପାଇଁ ସେ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି, ଅନ୍ୟ କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ସହ ନିଜର ନକଲି ଫଟୋ ପ୍ରସ୍ତୁତି କରି ତା'ର ଅବୈଧ ବ୍ୟବହାର କରୁଥିଲା। ବିଦେଶରେ ଚାକିରି କରାଇଦେବା ଲୋଭ ଦେଖାଇ ସେ ଦଲାଲି କରୁଥିଲା ଏବଂ ବିଭିନ୍ନ ଶେଲ କମ୍ପାନୀ ଜରିଆରେ ହାୱାଲା ର୍ୟାକେଟ୍ ଚଳାଉଥିଲା। ତାଠାରୁ ଦୁଇଟି ନକଲି ପ୍ରେସ୍ କାର୍ଡ, ପ୍ୟାନ କାର୍ଡ, ୧୨ଟି ଡିପ୍ଲୋମାଟିକ୍ ପାସ୍‌ପୋର୍ଟ, ଏକାଧିକ ଦେଶରେ ବିଦେଶୀ ମୁଦ୍ରା, ବଭିନ୍ନ କମ୍ପାନୀ କାଗଜପତ୍ର, ୧୮ଟି ଡିପ୍ଲୋମାଟିକ ନମ୍ବର ଜବତ କରାଯାଇଛି। ଚଢାଉ ପୂର୍ବରୁ ଏସ୍‌ଟିଏଫ୍ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ମାଧ୍ୟମରେ ବୈଦେଶିକ ମନ୍ତ୍ରଣାଳୟକୁ ନକଲି ଦୂତାବାସ ଚାଲୁଥିବା ନେଇ ସୂଚନା ଦେଇଥିଲା।

# ସଂସଦ ଅଚଳାବସ୍ଥା ଜାରି

## ଆସନ୍ତା ସପ୍ତାହରେ 'ପହଲଗାମ', 'ଅପରେସନ ସିନ୍ଦୂର' ଆଲୋଚନା

■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ବିହାରରେ ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଉପରେ ଆଲୋଚନା ଦାବିରେ ସଂସଦ ଆଜି ବି ଅଚଳ ରହିଛି। ଆଲୋଚନା ପାଇଁ ବିରୋଧୀ ଦଳ ଏହାର ଜିଦରେ ଅଟଳ ରହିଥିବା ବେଳେ ସରକାର ରାଜି ହେଉ ନାହାନ୍ତି। ଅନ୍ୟପକ୍ଷରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ସଂପର୍କରେ ଆସନ୍ତା ସପ୍ତାହ ସଂସଦରେ ଆଲୋଚନ ପାଇଁ ସ୍ଥିର ହୋଇଛି। ଉଭୟ ଲୋକସଭା ଏବଂ ରାଜ୍ୟସଭାରେ ଏହି ପ୍ରସଙ୍ଗରେ ୧୬ ଘଣ୍ଟା ଲେଖାଏଁ ଆଲୋଚନା ହେବ। ତେବେ ପ୍ରଧାନମନ୍ତ୍ରୀ ଆଲୋଚନାର ଉତ୍ତର ଦେବେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ।

ବିହାର ଭୋଟର ତାଲିକା ସଂଶୋଧନ ନେଇ ଉତ୍‌କ୍ଷିପ୍ତ ଥିବା ସମସ୍ତ ବିରୋଧୀ ଦଳ ଏହା ଉପରେ ଆଲୋଚନା ପାଇଁ ସଂସଦରେ ଆଜି ଅଡ଼ିବସିଥିଲେ। ଲୋକସଭା ବୈଠକ ଆରମ୍ଭ ହେବାମାତ୍ରେ ବିରୋଧୀ ଦଳ ସଭ୍ୟମାନେ ସେମାନଙ୍କ ଦାବିରେ ସ୍ଲୋଗାନବାଜି କରିବା ସହିତ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ବାଚସ୍ପତି ଓମ୍ ବିର୍ଲାଙ୍କ ଚେତାବନୀ ସତ୍ତ୍ୱେ ସେମାନେ ହଟ୍ଟଗୋଳ ଜାରି ରଖିଥିଲେ। ଫଳରେ ଗୃହକୁ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ଦୁଇଟା ପରେ ପୁଣି ହଟ୍ଟଗୋଳ ଜାରି ରହିବାରୁ ଲୋକସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ▶ପୃଷ୍ଠା-୭

## ଅଗଷ୍ଟ ଶେଷ ସୁଦ୍ଧା ଉପରାଷ୍ଟ୍ରପତି ନିର୍ବାଚନ



■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ଅଗଷ୍ଟ ମାସ ଶେଷ ଆଡକୁ ନୂଆ ଉପରାଷ୍ଟ୍ରପତି ନିର୍ବାଚନ ହେବାର ସମ୍ଭାବନା ରହିଛି। ଏଥିପାଇଁ ନିର୍ବାଚନ କମିସନ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ଜଗଦୀପ ଧନଖଡ଼ଙ୍କ ଇସ୍ତଫା ସଂପର୍କରେ ସ୍ୱରାଷ୍ଟ୍ର ବିଭାଗ କମିସନଙ୍କୁ ଜଣାଇଦେବା ପରେ କମିସନ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଆସନ୍ତା ଦୁଇରୁ ଚାରି ଦିନ ମଧ୍ୟରେ ଉପରାଷ୍ଟ୍ରପତି ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇବାର ସମ୍ଭାବନା ରହିଛି। ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ଆଇନ-୧୯୫୨ ଅନୁଯାୟୀ ବିଜ୍ଞପ୍ତି ଜାରି ହେବାର ୩୨ ଦିନ ମଧ୍ୟରେ ନିର୍ବାଚନ ପ୍ରକ୍ରିୟା ସଂପନ୍ନ ହେବା ଜରୁରୀ। ବିଜ୍ଞପ୍ତି ଜାରି ହେବାର ୧୪ ଦିନ ମଧ୍ୟରେ ମନୋନୟନପତ୍ର ଦାଖଲ କରିବେ ପ୍ରାର୍ଥୀ। ଏହାପରେ ଯାଞ୍ଚ ଓ ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହେବାପରେ ଭୋଟଗ୍ରହଣ କରାଯିବ। ▶ପୃଷ୍ଠା-୭

**ପ୍ରକ୍ରିୟା ଆରମ୍ଭ କଲେ ନିର୍ବାଚନ କମିସନ**

**ଭେଟିବାକୁ ବିରୋଧୀଙ୍କ ଲମ୍ବାଧାଡ଼ି**

## ଧରାଛୁଆଁ ଦେଉନାହାନ୍ତି ଧନଖଡ଼



■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ଉପରାଷ୍ଟ୍ରପତି ପଦରୁ ଯେଉଁଦିନ ଇସ୍ତଫା ଦେଲେ, ସେହିଦିନ ଠାରୁ ଘର ଖାଲି କରିବା ଆରମ୍ଭ କରିଦେଇଛନ୍ତି ଜଗଦୀପ ଧନଖଡ଼। ମିଳିଥିବା ସୂଚନା ଅନୁଯାୟୀ ଗତ ୨୧ ତାରିଖ ରାତି ୯ଟାରେ ଧନଖଡ଼ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିବା ପରେ ୯ଟା୨୫ରେ ଏହି ଇସ୍ତଫାପତ୍ରର ନକଲକୁ ତାଙ୍କ 'ଏକ୍ସ'ରେ ପୋଷ୍ଟ କରିଥିଲେ। ସେହି ରାତିରୁ ହିଁ ସେ ଉପରାଷ୍ଟ୍ରପତି ଭବନରୁ ନିଜର ଜିନିଷପତ୍ର ପ୍ୟାକିଂ କରିବା ଆରମ୍ଭ କରିଦେଇଥିଲେ। ପାର୍ଲାମେଣ୍ଟ ହାଉସ ନିକଟବର୍ତ୍ତୀ ଚର୍ଚ୍ଚ ରୋଡ୍‌ରେ ନବନିର୍ମିତ ଭାଇସ୍ ପ୍ରେସିଡେଣ୍ଟ ଏନ୍‌କ୍ଲେଭରେ ରହୁଛନ୍ତି ଧନଖଡ଼। ଗତବର୍ଷ ଏପ୍ରିଲ ମାସରେ ସେ ଏହି ନୂଆ ଘରକୁ ଆସିଥିଲେ। ଏଠି ୧୫ ମାସ ରହିବା ପରେ ୭୪ ବର୍ଷୀୟ ଧନଖଡ଼ ଘର ଖାଲି କରିବା ଆରମ୍ଭ କରିଛନ୍ତି। ଜଣେ ସରକାରୀ ଅଧିକାରୀ ▶ପୃଷ୍ଠା-୭

# ୨୦୨୬ରୁ ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ଲାଗୁ

■ **ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି):** ୨୦୨୬ ଜାନୁଆରୀ ପହିଲାରୁ ଦେଶରେ ଲାଗୁ ହେବ ୮ମ ବେତନ ଆୟୋଗଙ୍କ ସୁପାରିସ। ଏଠାରେ ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାର ୨୦୨୫ ଜାନୁଆରୀ ୧୬ରେ ବେତନ ଆୟୋଗ ଗଠନକୁ ମଞ୍ଜୁରୀ ଦେଇଥିଲେ। ଆୟୋଗ ଦେଶର ଲକ୍ଷ ଲକ୍ଷ ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ଦରମା ଏବଂ ଅନ୍ୟାନ୍ୟ ସୁବିଧାଗୁଡ଼ିକର ସମୀକ୍ଷା କରିବେ।

୮ମ ବେତନ ଆୟୋଗଙ୍କ ସୁପାରିସ କାର୍ଯ୍ୟକାରୀ ହେଲେ ପ୍ରତିରକ୍ଷା କର୍ମଚାରୀଙ୍କ ସମେତ ଦେଶର୫୦ ଲକ୍ଷରୁ ଅଧିକ କେନ୍ଦ୍ରୀୟ କର୍ମଚାରୀ ଏବଂ ପ୍ରାୟ ୬୫ ଲକ୍ଷ ପେନସନଭୋଗୀ ଦରମା, ପେନସନ ଏବଂ ଭତ୍ତା ସଂଶୋଧନରୁ ଉପକୃତ ହେବେ। ଆଶା କରାଯାଉଛି ଯେ ୮ମ ବେତନ ଆୟୋଗଙ୍କ ସୁପାରିସ ଲାଗୁ ହେବା ପରେ ଲେବଲ-୧ କେନ୍ଦ୍ରୀୟ କର୍ମଚାରୀଙ୍କ ମୂଳ ଦରମା ୧୮,୦୦୦ ଟଙ୍କାରୁ ୫୧,୦୦୦ ଟଙ୍କାକୁ ବୃଦ୍ଧି ପାଇପାରେ। ଆୟୋଗ ୨.୮୬ ପର୍ଯ୍ୟନ୍ତ ଫିଟମେଣ୍ଟ ଫ୍ୟାକ୍ଟର ଲାଗୁ କରିପାରିବେ। ଏହା ଦରମା ବୃଦ୍ଧିର କାରଣ। ସେହିପରି, ଅନ୍ୟ ସ୍ତରର କର୍ମଚାରୀଙ୍କ ଦରମା ମଧ୍ୟ ଫିଟମେଣ୍ଟ ଫ୍ୟାକ୍ଟର ଆଧାରରେ ବୃଦ୍ଧି ପାଇବ। କର୍ମଚାରୀଙ୍କ ସ୍ତର ମିଶ୍ରଣ କରିବାକୁ ସରକାରଙ୍କୁ ପରାମର୍ଶ ଦିଆଯାଇଥିଲା।

## ପୁରୁଣା ପେନ୍‌ସନ୍ ସ୍କିମ୍ କାର୍ଯ୍ୟକାରୀ କରିବାକୁ କର୍ମଚାରୀଙ୍କ ଦାବି

ହେଲେ ୮ମ ବେତନ ଆୟୋଗଙ୍କ ସୁପାରିସକୁ ନେଇ ସରକାରୀ କର୍ମଚାରୀମାନେ ଏହାକୁ ନେଇ ସେତେଟା ଖୁସିନାହାନ୍ତି। ସେମାନେ ପୁରୁଣା ପେନ୍‌ସନ୍ ସ୍କିମ୍ (ଓପିଏସ) କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ଏଥିରେ କର୍ମଚାରୀଙ୍କ ପାଇଁ ପୁରୁଣା ପେନ୍‌ସନ୍ ଯୋଜନା ପୁନଃସଂସ୍ଥାପିତ କରିବା ଏବଂ ସ୍ୱାସ୍ଥ୍ୟ-ଶିକ୍ଷା ସମ୍ବନ୍ଧୀୟ ସୁବିଧା ବୃଦ୍ଧି କରିବା ଭଳି ଦାବି ଅନ୍ତର୍ଭୁକ୍ତ। କର୍ମଚାରୀଙ୍କ ପ୍ରତିନିଧିମାନେ ୨୦୦୪ ପରେ ଚାକିରି ଆରମ୍ଭ କରିଥିବା ସରକାରୀ କର୍ମଚାରୀଙ୍କ ▶ପୃଷ୍ଠା-୭

# ସୁଇସାଇଡ୍ ନୋଟ୍ ଲେଖି ନିଜକୁ ଜାଳିଦେଲେ ବୃଦ୍ଧ



**'ମୋର ରହିବାକୁ ଇଚ୍ଛା ନାହିଁ; ସୀତାରାମ ବୋଉକୁ ଅବହେଳା କରିବୁନି'**

■ **ସାନଖେମୁଣ୍ଡି, ୨୩।୭ (ସମିସ):** 'ମୋର ରହିବାକୁ ଇଚ୍ଛା ନାହିଁ, ସୀତାରାମ, ବୋଉକୁ ଅବହେଳା କରିବୁ ନାହିଁ।' ପରିବାରଲୋକଙ୍କ ଉଦ୍ଦେଶ୍ୟରେ ଏମିତି ଏକ ଚିଠି ଲେଖିବା ପରେ ଜଣେ ବୃଦ୍ଧ କିରାସିନି ଢାଳି ଆତ୍ମାହୁତି କରିବା ଭଳି ଏକ ଅଭାବନୀୟ ଘଟଣା ଗଞ୍ଜାମ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ମୃତ ବୃଦ୍ଧଜଣଙ୍କ ହେଲେ ପାଟପୁର ଥାନା ବଡ଼ିଆଓସ୍ତା ଗ୍ରାମର ପୀତବାସ ଆଚାର୍ଯ୍ୟ (୬୩)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ପୁଲିସ୍ ତାଙ୍କ ଘରୁ ଉକ୍ତ ସୁଇସାଇଡ୍ ନୋଟ୍‌କୁ ଜବତ କରିଛି। ତେବେ କେଉଁ କାରଣରୁ ପୀତବାସ ଏପରି ଚରମ ପଦକ୍ଷେପ ନେଲେ, ତାହା ଜଣାପଡ଼ିନାହିଁ।

ପରିବାରଲୋକଙ୍କ କହିବାନୁଯାୟୀ, ପୀତବାସ ଉଚ୍ଚ ରକ୍ତଚାପ, ମଧୁମେହ ରୋଗରେ ପୀଡ଼ିତ ଥିଲେ। ନିୟମିତ ବ୍ୟବଧାନରେ ତାଙ୍କର ଚିକିତ୍ସା ବି ଚାଲିଥିଲା। କିନ୍ତୁ, ଗତ କିଛି ଦିନ ହେବ, ସେ ଅନ୍ୟମନସ୍କ ରହୁଥିଲେ। ତେବେ ଆଜି ଦିନ ପ୍ରାୟ ୧୧ଟା ବେଳେ ଗାଁ ଦୋକାନରୁ ଥଣ୍ଡାପାନୀୟ ଆଣିବାକୁ ସେ ତାଙ୍କ ସ୍ତ୍ରୀଙ୍କୁ ପଠାଇଥିଲେ। ଏହି ସମୟରେ ଘରେ କେହି ନଥିବା ସୁଯୋଗରେ ସେ ଘରବାରି ପଟକୁ ଯାଇ ଦେହରେ କିରାସିନି ଢାଳି ହୋଇ ନିଆଁ ଲଗାଇ ଦେଇଥିଲେ। ପରିବାରଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ମାତ୍ର ସେଠାରେ ଡାକ୍ତର ପୀତବାସଙ୍କୁ ମୃତ ଘୋଷଣା କରିଥିଲେ।

## ବଳଙ୍ଗା ନାବାଳିକାଙ୍କୁ ଜିଅନ୍ତା ଜାଳିଦେବା ଘଟଣା

**୪ ଦିନ ପରେ ବି ପୁଲିସ ହାତ ଖାଲି**

# ଗାଏବ ହୋଇଗଲେ କି ଅଭିଯୁକ୍ତ ?

■ **ପୁରୀ, ୨୩।୭ (ସମିସ):** ରସାତଳକୁ ଗଲାଣି ରାଜ୍ୟରେ ଆଇନଶୃଙ୍ଖଳା। ବାଲେଶ୍ୱରରୁ ବଳଙ୍ଗା, ଯାଜପୁରରୁ ଜଗତ୍‌ସିଂହପୁର ଜାତୀୟସ୍ତରରେ ରାଜ୍ୟକୁ ବଦ୍‌ନାମ କଲାଣି। ଏଠି ମହିଳା ହିଂସା, ନାରୀ ନିର୍ଯାତନା ଆଉ ସରକାରଙ୍କ କାବୁରେ ନାହିଁ। ଅପରାଧୀ ବେଫିକର, ଯେଉଁଥିପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ମାଳ ମାଳ ଅଭିଯୋଗ ଆସୁଛି। ଏସବୁ ଭିତରେ ସବୁଠୁ ଅଧିକ ଲୋମହର୍ଷଣକାରୀ ଘଟଣା ଘଟିଛି ପୁରୀ ଜିଲ୍ଲା ବଳଙ୍ଗା ଅଞ୍ଚଳରେ। ସ୍ପଷ୍ଟ ଦିବାଲୋକରେ ଜଣେ ନାବାଳିକାଙ୍କୁ ଜୀଅନ୍ତା ଜାଳିଦେବାକୁ ହୋଇଛି ଉଦ୍ୟମ। ୭୦ ପ୍ରତିଶତରୁ ଅଧିକ ପୋଡି ଯାଇଥିବା ପୀଡ଼ିତା ଏବେ ଦିଲ୍ଲୀ ଏମ୍ସରେ ଜୀବନ ସହ ଜୁଝି ହେଉଥିବା ବେଳେ ଏପଟେ କିଏ ସେ ଅଭିଯୁକ୍ତ ତାହା ଉପରୁ ପରଦା ହଟିପାରୁ ନାହିଁ। ଏହି ସମ୍ବେଦନଶୀଳ ଘଟଣାକୁ ଇତିମଧ୍ୟରେ ପାଞ୍ଚଦିନ ବିତିଲାଣି। ହେଲେ ପୁଲିସ, କ୍ରାଇମ୍‌ବ୍ରାଞ୍ଚ ଥଳକୂଳ ପାଉ ନ ଥିବାବେଳେ ତଦନ୍ତ ନାଁରେ ଖାଲି ଅଣ୍ଟାଳି ହେଉଛନ୍ତି।

ଗତ ଶନିବାର ସକାଳେ ଏହୀ ଲୋମହର୍ଷଣକାରୀ ଘଟଣା ଘଟିବା ପରଠାରୁ ବଳଙ୍ଗା ଚର୍ଚ୍ଚାରେ ରହିଛି। ଏହି ପ୍ରସଙ୍ଗ ଏବେ କେବଳ ଓଡ଼ିଶା ନୁହେଁ, ଜାତୀୟସ୍ତରରେ ବି ଆଲୋଡନ ଖେଳାଇଛି। ଏପରି କି ସୁପ୍ରିମ୍‌କୋର୍ଟ ମଧ୍ୟ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତଥାପି ଅଭିଯୁକ୍ତଙ୍କୁ ଖୋଜି ବାହାର କରିବାରେ ବିଫଳ ହୋଇଛି ପୁଲିସ। ଏହି ଘଟଣା ଜଣାପଡିବା ▶ପୃଷ୍ଠା-୭

**ଅଣ୍ଟାଳି ହେଉଛନ୍ତି ପୁଲିସ, କ୍ରାଇମ୍‌ବ୍ରାଞ୍ଚ**

**ଘଟଣାସ୍ଥଳରୁ ମିଳିଥିବା ମୁଦି, ଚୁଡ଼ି କାହାର?**

## ସୌମ୍ୟାଶ୍ରୀ ଆତ୍ମଦାହ ବେଳେ ପାଖରେ ଥିବା ଦୁଇ ଛାତ୍ରୀଙ୍କୁ ଖୋଜୁଛି କ୍ରାଇମବ୍ରାଞ୍ଚ



■ **ବାଲେଶ୍ୱର, ୨୩।୭ (ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ କ୍ରାଇମବ୍ରାଞ୍ଚ ଟିମ୍ ତନାଘନା ଜାରି ରଖିଛି। ଗତ ୧୨ ତାରିଖ ଶନିବାର ଦିନ ସୌମ୍ୟାଶ୍ରୀ ଆତ୍ମଦାହ କରିବା ସମୟରେ ନିକଟରେ ଦୁଇଜଣ ଛାତ୍ରୀ ଉପସ୍ଥିତ ଥିଲେ। ତେବେ ଉକ୍ତ ଘଟଣା ପରଠାରୁ ଉଭୟଙ୍କ ଖୋଜଖବର ମିଳୁନି। ବୁଧବାର କ୍ରାଇମବ୍ରାଞ୍ଚ ଟିମ୍ ଉକ୍ତ ଦୁଇ ଛାତ୍ରୀଙ୍କ ▶ପୃଷ୍ଠା-୭

**ଆଜି ସୃଷ୍ଟିହେବ ଲଘୁଚାପ**

# ୨୭ ପର୍ଯ୍ୟନ୍ତ ବର୍ଷା

■ **ଭୁବନେଶ୍ୱର, ୨୩।୭ (ସମିସ):** ଉତ୍ତର ବଙ୍ଗୋପସାଗରରେ ସକ୍ରିୟ ହୋଇଛି ଘୂର୍ଣ୍ଣିବଳୟ। ଏହାର ପ୍ରଭାବରେ ପରବର୍ତ୍ତୀ ୨୪ ଘଣ୍ଟା ଅର୍ଥାତ ଗୁରୁବାର ଏକ ଲଘୁଚାପ ସୃଷ୍ଟି ହେବ। ଏହା ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଯାଇଛି। ଅନ୍ୟପଟେ ଲଘୁଚାପ ସୃଷ୍ଟି ପରେ ଏହା ଅଧିକ ଘନୀଭୂତ ହୋଇ ସଦୃଶ ଲଘୁଚାପ ଓ ଅବପାତର ରୂପ ନେବାକୁ ଥିବାରୁ ଆଗକୁ ବର୍ଷାର ପ୍ରଭାବ ଆହୁରି ବଢ଼ିବାର ସମ୍ଭାବନା ରହିଛି। ଏହ ଲଘୁଚାପ ପ୍ରଭାବରେ ୫ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବାକୁ ଥିବା ବେଳେ ୨୪ ଓ ୨୫ ତାରିଖରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୪ ରୁ ୨୭ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ୟେଲୋ ଓ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଗୁରୁବାର ୪ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରି ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଏହି ଚାରି ଜିଲ୍ଲାରେ ୭ରୁ ୨୦ ସେମି ବର୍ଷା ନେଇ ଅରେଞ୍ଜ ଆର୍ଲଟ ଜାରି ହୋଇଛି। ସେହିପରି ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଜପତିକୁ ପ୍ରବଳ ବର୍ଷା ସହ ବିଜୁଳି ଘଡଘଡି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି।

ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବାକୁ ଥିବାରୁ ଆସନ୍ତା ▶ପୃଷ୍ଠା-୭

## ରାଜ୍ୟ କ୍ରିକେଟ ଜଗତରେ କଳି

# ଗଠନ ହେବ ଓସିଏର ସମାନ୍ତରାଳ ସଂଘ !

■ **କଟକ,୨୩।୭ (ସମିସ):** ରାଜ୍ୟ କ୍ରିକେଟର ସର୍ବୋଚ୍ଚ ସଂଘ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ବିରୋଧରେ ଏକ ନୂଆ ଗୋଷ୍ଠୀ ମୁଣ୍ଡ ଟେକିଛନ୍ତି। ଓସିଏ ସହ ଅନୁବନ୍ଧିତ ହୋଇ ପାରି ନ ଥିବା କେତେକ କ୍ଲବ ମେଳି ହୋଇ ସମାନ୍ତରାଳ ସଂଘ ଗଠନ କରିବାକୁ ଯୋଜନା କରିଛନ୍ତି। ଭୁବନେଶ୍ୱରରେ ଏନେଇ ବୈଠକ ଅନୁଷ୍ଠିତ ହୋଇସାରିଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ବିଜେପିର ଜଣେ ଆଗଧାଡ଼ିର ନେତାଙ୍କ ସାନଭାଇ ଏହାର ନେତୃତ୍ୱ ନେଉଥିବା କୁହାଯାଉଛି। ତେବେ ଏହି ସବୁ ଘଟଣାରେ ଓସିଏର ଜନୈକ ବରିଷ୍ଠ ପଦାଧିକାରୀ କହିଛନ୍ତି ଯେ, ଓସିଏକୁ ବିରୋଧ କରୁଥିବା ଏହି ଗୋଷ୍ଠୀଙ୍କ ଆଲୋଚନା ମୂଲ୍ୟହୀନ। କ୍ରିକେଟ ପ୍ରତି ଓସିଏର ଅବଦାନକୁ ନେଇ ସମସ୍ତେ ସ୍ପଷ୍ଟ ଭାବେ ଜାଣନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ନୂଆ ସଂଘକୁ ଗ୍ରହଣ କରିବ ନାହିଁ। ସେମାନଙ୍କ ଯୋଜନା ଫସର ଫାଟିବ ବୋଲି ଓସିଏର ଏହି ପଦାଧିକାରୀ ଜଣକ ଆଲୋଚନା ପ୍ରସଙ୍ଗରେ କହିଛନ୍ତି।




**ମେଳି ହୋଇଛନ୍ତି ଅଣ-ଅନୁବନ୍ଧିତ ୟୁନିଟ୍**

**ଆଲୋଚନା ମୂଲ୍ୟହୀନ, ଯୋଜନା ଫସର ଫାଟିବ: ଓସିଏ**

୬୦ ଦଶକ ଆରମ୍ଭରୁ ଓଡ଼ିଶା କ୍ରିକେଟକୁ ସଂଗଠିତ କରିବା ଦିଗରେ ଓଡିଶା କ୍ରିକେଟ ଆସୋସିଏସନ(ଓସିଏ) କାର୍ଯ୍ୟ କରୁଛି। ଦୀର୍ଘ ସାତ ଦଶନ୍ଧି ଭିତରେ ଅନେକ ଉତଥାନ, ପତନ ଦେଇ ଏହି ସଂଘ ଗତି କରିଛି। ତେବେ ଅନେକ ବର୍ଷ ଭିତରେ ଓଡ଼ିଶା କ୍ରିକେଟକୁ ଦୃଷ୍ଟାନ୍ତମୂଳକ ସଫଳତା ନ ମିଳିବା ପ୍ରସଙ୍ଗକୁ ଆକ୍ଷେପ କରି କିଛି କ୍ରୀଡ଼ା ସଂଗଠକ ଏବେ ନୂଆ ସଂଘ ଗଠନ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ମିଳିଥିବା ସୂଚନା ଅନୁସାରେ, ଗତ ସାଧାରଣ ନିର୍ବାଚନରେ ଭାରତୀୟ ଜନତା ପାର୍ଟିରୁ ପ୍ରତିଦ୍ୱନ୍ଦିତା କରୁ ନ ଥିଲେ ସୁଦ୍ଧା ଚର୍ଚ୍ଚାରେ ରହିଥିବା ଜଣେ ବରିଷ୍ଠ ନେତାଙ୍କ ସାନଭାଇ ଏବେ ବିଭିନ୍ନ କ୍ଲବ, କ୍ରୀଡ଼ା ▶ପୃଷ୍ଠା-୭







# ତାଳଦଣ୍ଡା କେନାଲ ରାସ୍ତା ଆଲୋକୀକରଣ କେବେ ?

## ୬ ମାସ ହେଲାଣି ମଞ୍ଜୁର ହୋଇଛି ୨.୮୨ କୋଟି ଟଙ୍କା

କଟକ,୨୩।୭ (ସମିସ):

ତାଳଦଣ୍ଡା କେନାଲ ପାଶ୍ୱର୍ ନବନିର୍ମିତ ରାସ୍ତା ଏବେ ବି ଅନ୍ଧାରରେ ରହିଛି। ଆଲୋକିକରଣ କାର୍ଯ୍ୟ ପାଇଁ ଆବଶ୍ୟକ ଅନୁଦାନ ମଧ୍ୟ ମଞ୍ଜୁର ହୋଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟ ବିଶେଷ ଅଗ୍ରଗତି କରିନାହିଁ। ପ୍ରାୟ ୨କୋଟି ୮୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟ କରାଯିବ ବୋଲି ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ତାଳଦଣ୍ଡା କେନାଲ ରାସ୍ତା ନବିକରଣ କାର୍ଯ୍ୟ ଅଧାପନ୍ତିରିଆ ଅବସ୍ଥାରେ ରହିଥିବା ବେଳେ ଆଲୋକୀକରଣ କାର୍ଯ୍ୟ ସମ୍ପାଦନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆର ଆଣ୍ଡ ବି ବିଭାଗ ପକ୍ଷରୁ ଉପରୋକ୍ତ ଅର୍ଥରାଶି ପଇଠ କରାଯିବା ପରେ କଟକ ମହାନଗର ନିଗମ ମାଧ୍ୟମରେ ଏହି କାର୍ଯ୍ୟ କରାଯାଉଛି। ତାଳଦଣ୍ଡା କେନାଲ ରାସ୍ତା ଅନ୍ଧକାରମୟ ହୋଇଥିବା ତଥା ଏଥିପାଇଁ ବାରମ୍ବାର ଦୁର୍ଘଟଣା ଘଟୁଥିବା ନେଇ ହାଇକୋର୍ଟ ମଧ୍ୟ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିଥିଲେ। ଅଦାଲତଙ୍କ ନିର୍ଦ୍ଦେଶ ପରେ ସରକାର ଏଥିପାଇଁ ତତ୍ପରତା ପ୍ରକାଶ କରିଥିଲେ। ମାସାଧିକ ସମୟ ଧରି ନୂଆବଜାର ପର୍ଯ୍ୟନ୍ତ ରାସ୍ତା ପାଶ୍ୱର୍ରେ କେବଳ ଖୁଣ୍ଟି ପକାଯାଇଛି। ମିଳିଥିବା ସୂଚନାନୁସାରେ ୧୬ନମ୍ବର ଜାତୀୟ ରାଜପଥ ଜଙ୍କସନ ତଥା ମାତୃଭବନ ନିକଟରୁ ନୂଆବଜାର ପର୍ଯ୍ୟନ୍ତ କେନାଲର ଉଭୟ ପାଶ୍ୱର୍ ଏବଂ ନୂଆବଜାରଠାରୁ ମଉଗଜପୁର ପର୍ଯ୍ୟନ୍ତ କେନାଲର କେବଳ ଦକ୍ଷିଣ ପାଶ୍ୱର୍ ରାସ୍ତା ଆଲୋକୀକରଣ ପାଇଁ ଉପରୋକ୍ତ ଅର୍ଥ ରାଶି ମଞ୍ଜୁର କରାଯାଇଛି। ଆସନ୍ତା ୨୦୨୫ ମାର୍ଚ୍ଚ ଶେଷ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ କରିବାକୁ ପ୍ରଥମେ ଲକ୍ଷ୍ୟ ରଖାଯାଇଥିଲା। ହେଲେ ଏହି ସମୟ ଅତିକ୍ରାନ୍ତ ପରେ ବି ଆଲୋକୀକରଣ କରାଯାଇପାରିନାହିଁ। ସୂଚନାଥାଉକି ପ୍ରଥମ ପର୍ଯ୍ୟାୟରେ ତାଳଦଣ୍ଡା କେନାଲ ନବିକରଣ କାର୍ଯ୍ୟ ଯୋବ୍ରାଠାରୁ ରାଣୀହାଟ ଯାଏ ସମ୍ପ୍ରସାରଣ କରାଯିବା ସହ ଆଲୋକ ବ୍ୟବସ୍ଥା କରାଯାଇଥିଲା। ହେଲେ ଏବେ ସୁଦ୍ଧା ରାଣୀହାଟରୁ ନୂଆବଜାର ଓ ନୂଆବଜାର ବିରିବାଟୀ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ ଓ ନବିକରଣ କାର୍ଯ୍ୟ ଶେଷ ହୋଇପାରିନାହିଁ। ଗୋଟିଏପଟରେ ବିରିବାଟୀ ପର୍ଯ୍ୟନ୍ତ ଆଲୋକୀକରଣ ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଥିବା ବେଳେ ମଉଗଜପୁରରୁ ବିରିବାଟୀ ପର୍ଯ୍ୟନ୍ତ କେନାଲ ରାସ୍ତା କଟକ ସଦର ବ୍ଲକ ଅଞ୍ଚଳରେ ଯାଉଛି। ଏହି ରାସ୍ତା ଆଲୋକୀକରଣ ପାଇଁ ଅଦ୍ୟାବଧି କିଛି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡିଛି। ଦୀର୍ଘ ୭ମାସ ଧରି ମାତୃଭବନ ନିକଟରୁ ନୂଆବଜାର ପର୍ଯ୍ୟନ୍ତ ଦକ୍ଷିଣ ପାଶ୍ୱର୍ ରାସ୍ତା ନବୀକରଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡିରହିଥିଲେ ସୁଦ୍ଧା ଆରମ୍ଭ ହୋଇପାରି ନାହିଁ। ଏଣୁ ରାସ୍ତା ନବୀକରଣ ନ ହେଲେ ଆଲୋକୀକରଣ କାର୍ଯ୍ୟ କିଭଳି କରାଯିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

# ସ୍କୁଲ ପାଚେରି କଡ଼ରୁ ମିଳିଲା କଙ୍କାଳ !




କଟକ,୨୩।୭ (ସମିସ): ଆଜି ବାଙ୍କୀ ବ୍ଲକ ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥର ହାଇସ୍କୁଲର ପାଚେରୀ କଡ଼ରୁ ଏକ ମଣିଷ କଙ୍କାଳ ଠାବ ହୋଇଥିବା ନେଇ ପୁଲିସକୁ ସୂଚନା ମିଳିଥିଲା। ଖବରପାଇ ଘଟଣାସ୍ଥଳରେ ପହଞ୍ଚି ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଏହା ମଣିଷ କଙ୍କାଳ ନୁହେଁ ବରଂ ଛାତ୍ରଛାତ୍ରୀଙ୍କ ବ୍ୟବହୃତ ବିଜ୍ଞାନ ସାମଗ୍ରୀ ବୋଲି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ରଣା କହିଛନ୍ତି। ଏହି ସାମଗ୍ରୀ ସବୁ ନଷ୍ଟ ହୋଇଯିବାରୁ ଏହାକୁ ଫୋପାଡ଼ି ଦିଆଯାଇଥିଲା ବୋଲି ସେ କହିଛନ୍ତି। ତେବେ ଏହି କଙ୍କାଳ ମିଳିବା ଘଟଣାକୁ ନେଇ ଆଜି ବାଙ୍କୀରେ ହଟଚମଟ ସ୍ଥିତି ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ବାଙ୍କୀ ବ୍ଲକ୍ ବୈଦେଶ୍ୱର ଥାନା ଅନ୍ତର୍ଗତ କଳାପଥର ଧଳାପଥର ହାଇସ୍କୁଲ ପାଚେରି କଡ଼ରେ ଥିବା ବରଗଛ ମୂଳରେ ମଣିଷ କଙ୍କାଳ ପଡିଥିବାର ଦେଖି ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ବୈଦେଶ୍ୱର ପୁଲିସ ପହଞ୍ଚି ମଧ୍ୟ ଏହା କଙ୍କାଳ ବୋଲି ସନ୍ଦେହ କରିଥିଲା। କୌଣସି ବ୍ୟକ୍ତିଙ୍କ କଙ୍କାଳକୁ କେହି ବାନ୍ଧି ଏକ କାଗଜ ପ୍ୟାକେଟରେ ଭର୍ତ୍ତି କରି ଫୋପାଡି ଦେଇ ଛୁ ମାରିଥିଲା ବେଳେ ବର୍ଷା ହେବାରୁ କାଗଜ ପ୍ୟାକେଟଟି ନଷ୍ଟ ହୋଇଯାଇ କଙ୍କାଳ ବାହାରକୁ ଦେଖା ଯାଉଛି ବୋଲି ସ୍ଥାନୀୟ ଲୋକମାନେ ଆଲୋଚନା କରିଥିଲେ। ହେଲେ କଙ୍କାଳର ମୁଣ୍ଡ ଓ ହାଡ଼ ସବୁକୁ ପ୍ଲାଷ୍ଟିକ ସୂତାରେ ବନ୍ଧା ଯାଇଥିବାରୁ ସମସ୍ତଙ୍କ ସନ୍ଦେହ ହୋଇଥିଲା। ଖବରପାଇ ପ୍ରଧାନ ଶିକ୍ଷୟିତ୍ରୀ ଘଟଣାସ୍ଥଳରେ ପହଞ୍ଚି ଏହା ସ୍କୁଲରେ ବ୍ୟବହୃତ ହେଉଥିବା କଙ୍କାଳ ବୋଲି କହିବା ପରେ ସମସ୍ତଙ୍କ ମନରେ ସନ୍ଦେହ ଦୂର ହୋଇଥିଲା।

# ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ; ଅଭିଯୁକ୍ତ ଗିରଫ

କଟକ,୨୩।୭ (ସମିସ): ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଜାଲ ଆକାଉଣ୍ଟ ଖୋଲିବା ସହିତ ଜଣେ ଯୁବତୀଙ୍କ ଫଟୋକୁ ନଗ୍ନରୂପ ଦେଇ ଭାଇରାଲ କରିବା ଘଟଣାରେ ଏକ ହୋଟେଲର କର୍ମଚାରୀକୁ ଗିରଫ କରିଛି ମଧୁପାଟଣା ଥାନା ପୁଲିସ। ଅଭିଯୁକ୍ତଜଣକ ହେଲା ଭଦ୍ରକ ଧାମନଗର ଥାନା ଅନ୍ତର୍ଗତ ଜଳମୁଣ୍ଡିଆ ଗ୍ରାମର କାଳନ୍ଦୀ ମିଶ୍ର (୩୮)। ତା'ଠାରୁ ଏକ ମୋବାଇଲ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଜଣେ ଯୁବତୀ ତାଙ୍କ ପରିବାର ସହିତ ମଧୁପାଟଣା ଅଞ୍ଚଳରେ ଭଡ଼ା ନେଇ ରହୁଛନ୍ତି। ତେବେ ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସେ ବାଧହୋଇ ସ୍ଥାନୀୟ ନୂଆପଡ଼ା ଅଞ୍ଚଳରେ ଥିବା ଏକ ହୋଟେଲରେ କାର୍ଯ୍ୟ କରୁଥିଲେ। ସେହି ହୋଟେଲରେ କାଳନ୍ଦୀ ମଧ୍ୟ ଜଣେ ଡେଲିଭରି ବୟ ଭାବେ କାର୍ଯ୍ୟ କରୁଥିଲା। ଏହି କାରଣରୁ ଯୁବତୀଙ୍କ ସହିତ ତା'ର ପରିଚିତ ହୋଇଥିଲା। କିଛିଦିନର କଥାବାର୍ତ୍ତା ପରେ କାଳନ୍ଦୀ ତାଙ୍କ ପ୍ରେମରେ ପଡ଼ି ଯାଇଥିଲା। ଏକତରଫା ପ୍ରେମରୁ ସେ ଏଭଳି କାଣ୍ଡ କରିଥିବା ପୁଲିସ କହିଛି।

# ମହାନଦୀ ବିହାର ପେନ୍‌ସନର୍ସ ଆସୋସିଏସନ ପକ୍ଷରୁ ଆକ୍ୱାଗାର୍ଡ ପ୍ରଦାନ



କଟକ,୨୩।୭ (ସମିସ): ମହାନଦୀ ବିହାର ପେନସନର୍ସ ଆସୋସିଏସନ ତରଫରୁ ବକ୍ସିବଜାର ସ୍ଥିତ ଆଶା ଓ ଆଶ୍ୱାସନା ବାଳାଶ୍ରମରେ ଏକ ଆକ୍ୱାଗାର୍ଡ ପ୍ରଦାନ କରାଯାଇଛି। ଏହାକୁ ଏମଡିଏର ସଭାପତି ସଞ୍ଜୟ କୁମାର ଜେନା ଓ ସମ୍ପାଦକ ହିମାଂଶୁ ଶେଖର ଷଡ଼ଙ୍ଗୀଙ୍କ କରକମଳରେ ଉଦଘାଟନ କରାଯାଇଥିଲା। ପେନସର୍ନସ ଆସୋସିଏସନର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ସମ୍ପାଦକ ପ୍ରମୋଦ ଚନ୍ଦ୍ର ଦାଶ, କୋଷାଧ୍ୟକ୍ଷ ବିଷ୍ଣୁ ପ୍ରସାଦ କର ଓ ବରିଷ୍ଠ ସଦସ୍ୟ ଶରତ କୁମାର ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ସଦସ୍ୟ ଇଞ୍ଜିନିଅର ନିମାଇ ଚରଣ ମହାନ୍ତିଙ୍କ ଦ୍ୱାରା ପିଲାମାନଙ୍କୁ ବିସ୍କୁଟ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ଛାତ୍ର ଓ ଛାତ୍ରୀମାନେ ନୃତ୍ୟ ଓ ସଂଗୀତ ମାଧ୍ୟମରେ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।

# ଭୈରବଚନ୍ଦ୍ର ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ



କଟକ,୨୩।୭ (ସମିସ): କ୍ରୀଡ଼ା ଜଗତର ଚର୍ଚ୍ଚିତ ବ୍ୟକ୍ତିତ୍ୱ ସ୍ୱର୍ଗତଃ ଭୈରବ ଚନ୍ଦ୍ର ମହାନ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ବାରବାଟୀ ଷ୍ଟାଡିୟମ ପରିସରରେ ଆଜି ପାଳିତ ହୋଇଯାଇଛି। ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନେକ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତଃ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ରାଜ୍ୟରେ କ୍ରୀଡ଼ାର ବିକାଶ ଦିଗରେ ଭୈରବଙ୍କ ଅବଦାନ ଅବିସ୍ମରଣୀୟ। କ୍ରୀଡ଼ା ଜଗତରେ ତାଙ୍କ ସ୍ମୃତି ସବୁବେଳେ ସତେଜ ହୋଇ ରହିବ ବୋଲି ମତ ପ୍ରକାଶ ପାଇଥିଲା।

# ବଡ଼ ମେଡିକାଲ ବହିର୍ବିଭାଗ ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ

କଟକ,୨୩।୭ (ସମିସ): ଏସସିବି ମେଡିକାଲର ପୁରୁଣା କୋଠାକୁ ଅସୁରକ୍ଷିତ ଭାବେ ଘୋଷଣା କରାଯାଇଛି। ଏହାର ପୁନଃଉଦ୍ଧାର କରାଯିବା ସହ ବିଲ୍ଡିଂର ମରାମତି କରାଯିବ। ତେବେ ଏଠାରେ ଚାଲିଥିବା ବିଭିନ୍ନ ବର୍ହି ବିଭାଗକୁ ସ୍ଥାନାନ୍ତର କରାଯିବ। ଏଥିଲାଗି ପ୍ରକ୍ରିୟା ଜୋରଦାର ଭାବେ ଚାଲିଛି। ଭେଷଜ ବିଭାଗ ବର୍ହି ବିଭାଗକୁ ଚକ୍ଷୁବିଭାଗ ବିଲ୍ଡିଂକୁ ସ୍ଥାନାନ୍ତରିତ କରାଯିବ। ସେଠାରେ ପ୍ରଥମ ମହଲାରେ ପୂର୍ବରୁ ହୋଇଥିବା କୋଭିଡ କେନ୍ଦ୍ରକୁ ଖାଲି କରାଯାଉଛି। କୋଭିଡ ଚିକିତ୍ସା ଲାଗି ଥିବା ପ୍ରାୟ ୨୦ଟି ଶଯ୍ୟାକୁ ସେଠାରେ ରହିଥିଲା। ଏହାକୁ ବିଭିନ୍ନ ବିଭାଗକୁ ସ୍ଥାନାନ୍ତରିତ କରାଯିବ। ସେହିଭଳି ରୁମାଟୋଲୋଜି, ହେମାଟୋଲୋଜି ବିଭାଗର ବହର୍ବିଭାଗକୁ ମଧ୍ୟ ଚକ୍ଷୁ ବିଭାଗରକୁ ସ୍ଥାନାନ୍ତରିତ କରାଯିବ। କର୍ଣ୍ଣ, ନାସା, ଗଳା ବହିର୍ବିଭାଗକୁ ଚର୍ମ ବିଭାଗକୁ ପଠାଯିବ। ଆଣ୍ଟି ରାବିଜ ଓ ଟୀକାକରଣ ବିଭାଗକୁ ଜରୁରିକାଳୀନ ବିଭାଗ ସମ୍ମୁଖକୁ ସ୍ଥାନାନ୍ତରିତ କରାଯିବ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



କଟକ,୨୩।୭ (ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତଥା ଜିଲ୍ଲା ପ୍ରଶାସନ ଅଧିନସ୍ଥ ଅନ୍ୟାନ୍ୟ କାର୍ଯ୍ୟାଳୟର ଷ୍ଟେନୋଗ୍ରାଫର ତଥା ବ୍ୟକ୍ତିଗତ ସହାୟକମାନେ ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋଙ୍କୁ ଭେଟି ଓ ଆରଏସପି -୨୦୧୭ ଅଧିନିୟମ ଅନୁଯାୟୀ ପଦୋନ୍ନତି ଏବଂ ବେତନ ବୃଦ୍ଧି ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

### ବିନା ଶୁଣାଣିରେ ସୂଚନା କମିସନ ଆବେଦନ ଖାରଜ କରିବା ପ୍ରସଙ୍ଗ

# ହାଇକୋର୍ଟଙ୍କ ଜବାବ ତଲବ

କଟକ,୨୩।୭ (ସମିସ): ଶୁଣାଣି ନ କରି ବେଆଇନ ଭାବେ ସୂଚନା କମିସନ ଏକ ଆବେଦନକୁ ଖାରଜ କରିବା ପ୍ରସଙ୍ଗରେ ଦାୟର ଏକ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ। ସୂଚନା କମିସନଙ୍କୁ ନୋଟିସ ଜାରି କରିବା ସହ ଆସନ୍ତା ଅଗଷ୍ଟ ୨୮ ତାରିଖ ସୁଦ୍ଧା ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ନିବେଦିତା ରାୟଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ଭି. ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ, କଟକ ସହରର ସମାଜସେବୀ ନିବେଦିତା ରାୟ ସୂଚନା ଅଧିକାର ଆଇନରେ ଚାଉଳିଆଗଞ୍ଜ ଥାନାକୁ ତାଙ୍କ ସ୍ୱାମୀଙ୍କ ନାମରେ ହୋଇଥିବା ମିଥ୍ୟା ମକଦ୍ଦମା ଓ ସିସିଟିଭି ଫୁଟେଜ ସମ୍ପର୍କିତ ତଥ୍ୟ ମାଗିଥିଲେ। ଏହି ତଥ୍ୟ ତାଙ୍କର ଜୀବନ ଓ ସ୍ୱାଧୀନତା ସମ୍ପର୍କିତ ହୋଇଥିବାରୁ, ସେ ଆଇନ ଅନୁଯାୟୀ ୪୮ ଘଣ୍ଟା ମଧ୍ୟରେ ଦେବାକୁ ନିବେଦନ କରିଥିଲେ। ତଥ୍ୟ ନ ମିଳିବାରୁ ସେ ସୂଚନା ଅଧିକାର ଆଇନର ଧାରା ୧୮ ଅନୁଯାୟୀ ଅଭିଯୋଗ କରିଥିଲେ। ସୂଚନା ପାଇବା ପାଇଁ ଦୀର୍ଘ ୪ ବର୍ଷ ସେ ଅପେକ୍ଷା କରି ରହିଥିବା ବେଳେ, ମୁଖ୍ୟ ସୂଚନା କମିଶନର ଶେଷରେ ଶୁଣାଣି ନ କରି ମାମଲାକୁ ଖାରଜ କରିଦେଇ ତାଙ୍କ ଆଦେଶ ପଠେଇଦେଲେ। ଏପରି ଆଦେଶକୁ ବିରୋଧ କରି ଶ୍ରୀମତୀ ରାୟ ହାଇକୋର୍ଟରେ ମାମଲା ଦାୟର କରିଥିଲେ।

# ହରିଶ୍ଚନ୍ଦ୍ର ସହାୟତା ରାଶି ବଣ୍ଟନ




କଟକ,୨୩।୭ (ସମିସ): କଟକ ମହାନଗର ନିଗମ ୨୪ ନମ୍ବର ୱାର୍ଡର ସାଆନ୍ତ ସାହିର ଶରତ ସେଠୀଙ୍କ ଦେହାନ୍ତ ପରେ ତାଙ୍କ ପରିବାରଙ୍କୁ ହରିଶ୍ଚନ୍ଦ୍ର ଯୋଜନା ମାଧ୍ୟମରେ କର୍ପୋରେଟର ତଥା ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୂଳିଆଙ୍କ ପ୍ରୟାସରେ ହିତାଧିକାରୀକୁ ୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି।

### ନକଲି ଟ୍ରେଡ୍ ଲାଇସେନ୍ସରେ ନର୍ସିଂହୋମ୍ ଚାଲିବା ଘଟଣା

# ସିଏମ୍‌ସି କମିଶନରଙ୍କୁ ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

କଟକ,୨୩।୭ (ସମିସ):

ନକଲି ଟ୍ରେଡ୍ ଲାଇସେନ୍ସରେ ନର୍ସିଂହୋମ ଚାଲିବା ଘଟଣାକୁ ନେଇ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କଟକ ମହାନଗର ନିଗମ କମିଶନରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସିଏମସି କମିଶନର କିରଣଦୀପ କୌର ସାହୋତା ୧୫ ଦିନ ଭିତରେ ତଦନ୍ତ ରିପୋର୍ଟ ଦାଖଲ କରିବେ। ପ୍ରକାଶଯୋଗ୍ୟ, ନର୍ସିଂହୋମ ଚଲାଇବା ପାଇଁ ଟ୍ରେନ ଲାଇସେନ୍ସ ବାଧ୍ୟତାମୂଳକ। ଏଥିପାଇଁ ନର୍ସିଂହୋମ ମାଲିକ ଚଞ୍ଚକତା କରି ଅନ୍ୟ ସଂସ୍ଥାର ରସିଦ ନଂ ଦେଇ ପ୍ରସ୍ତୁତ କରିଛନ୍ତି ନିଜର ଲାଇସେନ୍ସ। କାଠଗୋଲା ସାହି ସ୍ଥିତ ସମ୍ପୃକ୍ତ ନର୍ସିଂହୋମ୍‌ର ଟ୍ରେଡ୍ ଲାଇସେନ୍ସରେ ରସିଦ ନଂ (୭୧୮୬୮/ ତା ୨୨/୧୧/୨୦୧୧) କଟକ ମହାନଗର ନିଗମ ପକ୍ଷରୁ ଜାରି କରାଯାଇଥିଲା। ହେଲେ ଉକ୍ତ ନଂ ପ୍ରକୃତରେ ଜଗତପୁର ସ୍ଥିତ ଏକ ବାୟୋଟେକ ସଂସ୍ଥାର। ତେବେ ସଂସ୍ଥାର ଜାଣତରେ କିମ୍ବା ଅଜାଣତରେ ନର୍ସିଂହୋମ ମାଲିକ ଏଭଳି କରିଛନ୍ତି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଟ୍ରେଡ୍ ଲାଇସେନ୍ସ ସାର୍ଟିଫିକେଟରେ ଅନ୍ୟ ଏକ ସଂସ୍ଥାର ରସିଦ ନଂ ପକାଇ ଜାଲ ସାର୍ଟିଫିକେଟ ପ୍ରସ୍ତୁତ ହେଉଛି। ଏହା ପଛରେ କଟକ ମହାନଗର ନିଗମ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ହାତ ରହିଛି। କାଠଗୋଲା ଅଞ୍ଚଳରେ ଥିବା ଏକ ନର୍ସିଂହୋମ ଏଭଳି କେଳେଙ୍କାରୀ ଚଳାଇଥିବା ସାମ୍ନାକୁ ଆସିବା ପରେ ଆଲୋଚନା ଜୋର ଧରିଛି।

# ଭଗବତୀଙ୍କ ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ



କଟକ,୨୩।୭ (ସମିସ): ଚାନ୍ଦିନୀଚୌକ ମା' ଭଗବତୀ ପୂଜା ସଂକୀର୍ତ୍ତନ ସମିତିର ଆନୁକୂଲ୍ୟରେ ଗ୍ରାମ ଦେବତୀ ମା' ଭଗବତୀ ଠାକୁରାଣୀଙ୍କ ୪୪ତମ ବାର୍ଷିକ ଉତ୍ସବକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ସମିତି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମିତିର ସଭାପତି ସୁରେନ୍ଦ୍ର ମହାରଣା ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ସମିତିର ସମ୍ପାଦକ ଆନନ୍ଦ କୁମାର ଦାସ ୨୦୨୪ ମସିହାରେ ଆୟ-ବ୍ୟୟ ହିସାବ ଉପସ୍ଥାପନ କରିବା ସହ ଚଳିତ ବର୍ଷ ବାର୍ଷିକ ଉତ୍ସବର ପାଞ୍ଚ ଦିନ ବ୍ୟାପୀ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ପ୍ରସ୍ତାବ ଆଗତ କରିଥିଲେ। ଏହା ସର୍ବସମ୍ମତ କ୍ରମେ ଗୃହିତ ହୋଇଥିଲା। ଅଗଷ୍ଟ ୯ ତାରିଖ ପବିତ୍ର ଗହ୍ମାପୂର୍ଣ୍ଣିମା ତିଥିରେ ଭଗବତୀଙ୍କ ପୀଠରେ ଯଜ୍ଞାନୁଷ୍ଠାନ ଓ ସ୍ଥାନୀୟ ମେଳଣପଡିଆରେ ସମୂହ ପ୍ରସାଦ ସେବନ ସହ ଚାରି ଦିନ ବ୍ୟାପୀ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା। ବୈଠକରେ ସମିତିର ଉପଦେଷ୍ଟା ଭିକାରୀ ଦାସ, ମହନ୍ତ ଗିରିଜାଶଙ୍କର ରାଓ, ଅଧିକାରୀ ଦିଲ୍ଲୀପ ଦଳେଇ, କଟୁଆଳ କ୍ଷୀରୋଦ ମହାରଣା, ସଂଗଠନ ସମ୍ପାଦକ ମନୋଜ ବେହେରା, କୋଷାଧ୍ୟକ୍ଷ ସନ୍ତୋଷ ସାହୁ, ସାଂସ୍କୃତିକ ସମ୍ପାଦକ ପ୍ରଦୀପ ସିଂହ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ବାମାଶଙ୍କର ରାଓ ଧନ୍ୟବାଦ ଦେଇଥିଲେ।

# ୨୭ରେ ଚେକ୍ ବାଉନ୍ସ ମାମଲାଜନିତ ଜିଲ୍ଲାସ୍ତରୀୟ ଲୋକ ଅଦାଲତ

କଟକ,୨୩।୭ (ସମିସ): କଟକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପରିସରରେ ଆସନ୍ତା ୨୭ତାରିଖ ପୂର୍ବାହ୍ନ ୧୦ଘଟିକା ସମୟରେ କେବଳ ଚେକ୍ ବାଉନ୍ସ ମାମଲା ଜନିତ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଲୋକ ଅଦାଲତରେ କେବଳ ଚେକ୍ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ଲୋକ ଅଦାଲତରେ ମକଦ୍ଦମା ଓ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ। ଲୋକ ଅଦାଲତର ରାୟ ବୈଧ, ଚୂଡାନ୍ତ ଏବଂ ଅମଳଯୋଗ୍ୟ ଅଟେ। ଏ ସମ୍ବନ୍ଧରେ ଅଧିକ ତଥ୍ୟ ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, କଟକର ଟେଲିଫୋନ ନମ୍ବର ୦୬୭୧-୨୩୬୮୩୮୩ ରେ ଯୋଗାଯୋଗ କରିବାକୁ କୁହାଯାଇଛି।


ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ
ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭାସ୍କର ଚନ୍ଦ୍ର ରାଉତ
ଆବିର୍ଭାବ - ୨୫.୧୨.୧୯୪୩
ତିରୋଧାନ - ୨୪.୦୭.୨୦୨୪
ଯଶୋଟିକିରି, ଭଣ୍ଡାରିପୋଖରୀ, ଭଦ୍ରକ

ବାପା...
ଚାହୁଁ ଚାହୁଁ ବର୍ଷେ ବିତିଗଲା।
ଯେଉଁଠି ଥାଅ ଭଲରେ ଥାଅ
ଆପଣଙ୍କ ନୀତି ଆଦର୍ଶ ଓ ଆଶ୍ରିବାଦ
ସଦାସର୍ବଦା ଆମ ସହିତ ରହିଥାଉ।

ହତଭାଗ୍ୟ
ପତ୍ନୀ - ଶାନ୍ତିଲତା ରାଉତ,
ପୁଅ - ବଦ୍ରୀ ନାରାୟଣ ରାଉତ

୨୨ ନମ୍ବର ଜିଲ୍ଲା ପରିଷଦ ସଭ୍ୟା
ବିରଞ୍ଚିନାରାୟଣ ରାଉତ
ବିଶିଷ୍ଟ ସମାଜସେବୀ ତଥା
ଯୁବ ଉଦ୍ୟୋଗୀ

# ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଓଲଟିଲା ଟ୍ରକ୍

**ନବରଙ୍ଗପୁର,୨୩।୭ (ସମିସ):** ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଭାରସାମ୍ୟ ହରାଇ ଏକ ଟ୍ରକ୍ ଓଲଟି ପଡିଥିବା ବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି । ସୂଚନା ପ୍ରକାରେ ଉମରକୋଟ ଠାରୁ ରାୟପୁର ଯାଉଥିବା ଏକ ଧାନ ବୋଝେଇ ଟ୍ରକ୍ ଝରିଗାଁ ଦେଇ ଚନ୍ଦାହାଣ୍ଡି ଯାଉଥିବା ବେଳେ ପ୍ରାୟ ଆଜି ଦିନ ଏକ ଘଣ୍ଟା ସମୟରେ ଭାରସାମ୍ୟ ହରାଇ ଝରିଗାଁ-ଚନ୍ଦାହାଣ୍ଡି ଘାଟିର ରାସ୍ତା କଡ଼ରେ ଓଲିଟି ପଡିଥିଲା । ତେବେ ଗାଡ଼ିରେ ଜଣେ ଚାଳକ ଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ମିଳିଛି । ଖବର ପାଇ ଝରିଗାଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି ।

# ଲେଡିସ କ୍ଲବ୍ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ




**ରାୟଗଡ଼ା,୨୩।୭ (ସମିସ):** ଲେଡିସ୍ କ୍ଲବ, ରାୟଗଡ଼ା, ଆନୁକୂଲ୍ୟରେ ଆଜି ରିଙ୍ଗରୋଡ଼ ସ୍ଥିତ ମହର୍ଷି ବିଦ୍ୟାମନ୍ଦିର ଶିକ୍ଷାନୁଷ୍ଠାନ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ପାଳନ କରାଯାଇଛି । ବିଦ୍ୟାଳୟ ପରିସରରେ ବହୁ ମାତ୍ରାରେ ପଣସ, ଜାମକୋଳି, ଆମଳା ଓ ବିଭିନ୍ନ ପ୍ରକାରର ଫୁଲଗଛ ସବୁ ଲଗାଯାଇଛି । " ବୃକ୍ଷ ସୁରକ୍ଷା, ଜୀବନ ସୁରକ୍ଷା' କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ସଦସ୍ୟା ମାନେ ମତବ୍ୟକ୍ତ କରିଛନ୍ତି । ରାୟଗଡ଼ର ଉକ୍ତ ଲେଡିସ କ୍ଲବ ବିଭିନ୍ନ ସମୟରେ ଏହିପରି ଅନେକ ସମାଜ ମଙ୍ଗଳ କାର୍ଯ୍ୟକ୍ରମ କରି ଆସୁଅଛି । କ୍ଲବର ସଭାପତି ଶ୍ରୀମତୀ କସ୍ତୁରୀ ସାହୁଙ୍କ ପୌରୋହିତ୍ୟରେ ସମସ୍ତ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା । କ୍ଲବର ସମ୍ପାଦକ ଶ୍ରୀମତୀ ଜ୍ୟୋତିପ୍ରଭା ମହାପାତ୍ର, କୋଷାଧକ୍ଷ ଶ୍ରୀମତୀ ବୁରୁଡି ଲକ୍ଷ୍ମୀ ତଥା ସମସ୍ତ ସମ୍ମାନିତ ସଭ୍ୟା କାର୍ଯକ୍ରମର ସଫଳ ରୂପାୟନରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଅଳକା ଦାସଙ୍କ ଦିଗଦର୍ଶନରେ ସମସ୍ତ କାର୍ଯ୍ୟକ୍ରମ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା । ମହର୍ଷି ବିଦ୍ୟା ମନ୍ଦିର ଶିକ୍ଷାନୁଷ୍ଠାନର ପ୍ରିନ୍ସିପାଲ ରଞ୍ଜନ କୁମାର ସାହୁ, ବହୁ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ କାର୍ଯ୍ୟକ୍ରମରେ ଯୋଗଦାନ କରି ବହୁତ ଆନନ୍ଦ ପ୍ରକାଶ କରିଛନ୍ତି ବୋଲି ମତ ଦେଇଛନ୍ତି । ପ୍ରକାଶ ଥାଉକି, ସଭାପତି କସ୍ତୁରୀ ସାହୁ ଭବିଷ୍ୟତରେ ଏହିଳି ଅନେକ କାର୍ଯ୍ୟକ୍ରମ ଲେଡିସ୍ କ୍ଲବ ଦ୍ୱାରା କରାଯିବ ବୋଲି ମତବ୍ୟକ୍ତ କରିଛନ୍ତି ।

# ଜିଆଇଇଟି ବିଶ୍ୱବିଦ୍ୟାଳୟରେ 'ଲେରନାଥନ -୪.୦' ଉଦ୍‌ଘାଟିତ

**ଗୁଣୁପୁର, ୨୩।୭ (ସମିସ):**




ଆଜି ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟ ପରିସରରେ କୋଇଗି ନାଇଟ୍ ଏଡୁଟେକ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ ସହଯୋଗରେ ଲେରନାଥନ -୪.୦ ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ କୋଇଗି ନାଇଟ୍ ଏଡୁଟେକ୍ ସର୍ଭିସେସ ପ୍ରାଇଭେଟ୍ ଲିମିଟେଡର ସିଇଓ କେ ସେସୁ ସନ୍ୟାସୀ ନାଇଡୁ, ନିର୍ଦ୍ଦେଶକ କ୍ରିସ୍ ଚିନ୍ତାଲୁରି ଏବଂ ତାଲିମ ମୁଖ୍ୟ ବିକ୍ରାନ୍ତ ଶିତୋଲେ ଯୋଗ ଦେଇ ଅର୍ଟିଫିସିଆଲ ଇଣ୍ଟେଲଜେନ୍ସ ଓ ମେସିନ୍ ଲର୍ଣ୍ଣି ବିଷୟ ର ଆଲୋଚନା କରିଥିଲେ । ଆଗ ହବ୍‌ର ପୂର୍ବତନ ପରିଚାଳନା ନିର୍ଦେଶକ କଳ୍ପନା ଶାସ୍ତ୍ରୀ ଆଭାସି ମାଧ୍ୟମ ରେ ଯୋଗଦେଇ କୃଷି କ୍ଷେତ୍ରରେ ଏଆଇର ଉପଯୋଗିତା ବିଷୟରେ କହିଥିଲେ । ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଡିନ ଡ ଡୁଲୁ ପଟ୍ଟନାୟକ ଯୋଗଦେଇ ଲେରନଥାନର ଆଭିମୁଖ୍ୟ ବିଷୟରେ କହିଥିଲେ ।। ଏହି କର୍ମଶାଳା ୨୩ ଜୁଲାଇରୁ ୨୬ ଜୁଲାଇ ପର୍ଯ୍ୟନ୍ତ ଚାଲୁରହିବ । ଏହି ଚାରି ଦିନ ବିଶ୍ୱବିଦ୍ୟାଳୟ ଇଞ୍ଜିୟରିଙ୍ଗ୍ ବିଭାଗର ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରି ବିଭିନ୍ନ ପ୍ରକାର ମଡେଲ ଏବଂ ଉପସ୍ଥାପନ ମାଧ୍ୟମରେ ନିଜର ପ୍ରତିଭା ପ୍ରଦର୍ଶନ କରିବେ । ଅନୁଷ୍ଠାନର ରେଜିଷ୍ଟ୍ରାର ଡ. ଏନ ଭି ଜେ ରାଓ, ଅଧ୍ୟାପକ,ଅଧ୍ୟାପିକା, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । କମ୍ପ୍ୟୁଟର ସାଇନ୍ସ ବିଭାଗର ସହକାରୀ ଡିନ୍ ଡ.କେ ମୁରଲୀ ଗୋପାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜକ ଡ. ରଘେବନ୍ଦ୍ର କୁମାର ପରିଚାଳନା କରିଥିଲେ ।

# କ୍ଷୀପ୍ରଲେଖକ ସଂଘର ଦାବିପତ୍ର ପ୍ରଦାନ

**ରାୟଗଡ଼ା,୨୩।୭ (ସମିସ):**



ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ କ୍ଷୀପ୍ରଲେଖକ (ଷ୍ଟେନୋ) ସଂଘ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସାରା ରାଜ୍ୟରେ ଜିଲ୍ଲାସ୍ତରରେ ଜିଲ୍ଲାପାଳମାନଙ୍କୁ ନିଜର ଦାବି ପତ୍ର ପ୍ରଦାନ କରିଛନ୍ତି । ଜିଲାପାଳଙ୍କ ଅନୁପସ୍ଥିତିରେ ଏହି ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାଏକ ଗ୍ରହଣ କରିଛନ୍ତି । ଏଥିରେ ଷ୍ଟେନୋ ମାନଙ୍କ ସର୍ବନିମ୍ନ ଯୋଗ୍ୟତା ସ୍ନାତକ କରିବା, ଲେବୁଲ-୯ ଅର୍ନ୍ତଭୁକ୍ତ କରିବା, ଜିଲାପାଳ ଓ ଜିଲା ପରିଷଦ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ଥିବା ବ୍ୟକ୍ତିଗତ ସହାୟକ ପଦବୀକୁ ବ୍ୟକ୍ତିଗତ ସଚିବକୁ ପଦୋନ୍ନତି କରିବା, ୩ବର୍ଷ ଚାକିରି କରିବା ପରେ କନିଷ୍ଠ କ୍ଷୀପ୍ର ଲେଖକରୁ ବରିଷ୍ଠ କ୍ଷୀପ୍ରଲେଖକକୁ ପଦୋନ୍ନତି, ୧୨ ବର୍ଷ ଚାକିରି ପରେ ବ୍ୟକ୍ତିଗତ ସହାୟକରୁ ବ୍ୟକ୍ତିଗତ ସଚିବ ପଦକୁ ପଦୋନ୍ନତି ଏବଂ ଦୁଇ ବର୍ଷ ଚାକିରି ପରେ କନିଷ୍ଠ କ୍ଷୀପ୍ରଲେଖକରୁ ବ୍ୟକ୍ତିଗତ ସହାୟକକୁ ପଦୋନ୍ନତି କରିବା ଓ ଅନ୍ୟାନ୍ୟ ଦାବି ରହିଛି । ସମସ୍ତ ଦାବି ପୂରଣ କରିବାକୁ ସଂଘ ପକ୍ଷରୁ ଜିଲା ସଂଘ ପକ୍ଷରୁ ଦାବି ପତ୍ର ପ୍ରଦାନ କରାଯାଇଛି । ଏହି ଦାବିପତ୍ର ପ୍ରଦାନ ବେଳେ କନିଷ୍ଠ କ୍ଷୀପ୍ରଲେଖକ ଶିବ ପ୍ରସାଦ ମିଶ୍ରଙ୍କ ସମେତ ଅନ୍ୟ କର୍ମକର୍ତା ଉପସ୍ଥିତ ଥିଲେ ।

# ଆଇଆରବିଏନ ପକ୍ଷରୁ ବନମହୋତ୍ସବ

**ରାମନାଗୁଡ଼ା,୨୩।୭ (ସମିସ):** ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ଅନ୍ତର୍ଗତ ଭାମିନୀ ସ୍ଥିତ ଦ୍ୱିତୀୟ ଆଇଆର୍‌ବିଏନ୍ ପରିସରରେ ମଙ୍ଗଳାବର ବନ ମହୋତ୍ସବ ପାଳିତ ହୋଇଯାଇଛି । କମାଣ୍ଡାଣ୍ଟ ବ୍ରଜମୋହନ ନାୟକଙ୍କ ଉପସ୍ଥିତିରେ ୧୨ ହଜାର ଫଳଦାୟକ ଚାରାରୋପଣ କରାଯାଇଛି । ଏ










# ଜିଲ୍ଲା ଆଇନ ସେବା ପ୍ରାଧିକରଣରୁ ସଚେତନତା ଶିବିର




**ନବରଙ୍ଗପୁର,୨୩।୭ (ସମିସ):** ନବରଙ୍ଗପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମହିଳା ମହାବିଦ୍ୟାଳୟ ଠାରେ ମହାବିଦ୍ୟାଳୟର ଛାତ୍ରୀ ମାନଙ୍କୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁରର ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍‌ର୍ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସାଇ ଅଭିସ୍ୱା ଗୋଛାୟତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କର୍ମକ୍ଷେତ୍ରରେ ମହିଳା ମାନଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଏବଂ ଏହାର ପ୍ରତିରୋଧ, ନିଷେଧ ଓ ନିରାକରଣ ଆଇନ-୨୦୧୩ ଓ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଜନଜାତି ଉପରେ ହେଉଥିବା ଅତ୍ୟାଚାର ଓ ନିବାରଣ ସମ୍ପର୍କିତ ଆଇନ ବିଷୟରେ ସଚେତନତା ଶିବିରରେ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପୋଲିସ ଉପ ଅଧିକ୍ଷକ, ସରୋଜ ପୁନମ କିସପୋଲତା, ଉପ ମୁଖ୍ୟ ଆଇନ ଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା ରାଜ କିଶୋର ନାଗ, ମହିଳା ମହାବିଦ୍ୟାଳୟ ଅଧକ୍ଷା ମ ।ଲେଶ୍ୱରୀ ସାହୁ, କିଶୋରୀ ପଟ୍ଟନାୟକ, ସଦାଶିବ ସାହୁ , ରାକ୍ଷୀ ଜୈନ, ବିଦ୍ୟାର୍ଥୀ ସାଇନ୍ସ କଲେଜ୍ ଅଧ୍ୟକ୍ଷ ସତ୍ୟନାରାୟଣ ନାୟକ ଓ ପାରା ଲିଗାଲ ସଦସ୍ୟ ଓ ପାନେଲ ଲଇୟାର ପ୍ରମୁଖ ଯୋଗ ଦେଇଥିଲେ ।







# ମହିଳା ସୁରକ୍ଷା ଉପରେ କର୍ମଶାଳା




**ନବରଙ୍ଗପୁର,୨୩।୭ (ସମିସ):** ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶ କ୍ରମେ ଆଜି ନବରଙ୍ଗପୁର ମହାବିଦ୍ୟାଳୟ ନବରଙ୍ଗପୁର ଠାରେ ନାରୀ ନିର୍ଯାତନା,ଯୌନ ଉତ୍ପୀଡନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଆଇସିସି କମିଟି ସଦସ୍ୟା ମନୋରମା ମାଝୀ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡି ଗୋବିନ୍ଦା ରାଓ, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ମୁଖ୍ୟ ସଙ୍ଗୀତା ତ୍ରିପାଠୀ , ସଦସ୍ୟା ଶ୍ରୀମତୀ ପ୍ରଣତି ମାଝୀ, ଶ୍ରୀମତୀ ତୁଳସୀ ଭତରା, ଶ୍ରୀମତୀ ନିର୍ମଳା ହିକକା ଉପସ୍ଥିତ ଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ କିପରି ସୁରକ୍ଷିତ ଓ ଶିକ୍ଷଣ ପରିବେଶ ସୃଷ୍ଟି କରାଯାଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କର୍ମଶାଳାରେ ମୁଖ୍ୟ ଅତିଥି ଶ୍ରୀମତୀ ମାଝୀ ଛାତ୍ରଛାତ୍ରୀମାନଙ୍କୁ କିପରି ଯୌନ ନିର୍ଯାତନାରୁ ସୁରକ୍ଷା ପାଇବେ ଏବଂ ସତର୍କତା ଅବଲମ୍ବନ କରିବେ ତା ଉପରେ ବିଭିନ୍ନ ପ୍ରକାରର ଉଦାହରଣ ମାଧ୍ୟମରେ ବିସ୍ତୃତ ଆଲୋଚନା କରିଥିଲେ । ଆଇସିସି କମିଟିର ମୁଖ୍ୟ ସଙ୍ଗୀତା ତ୍ରିପାଠୀ କମିଟିର କାର୍ଯ୍ୟକାରିତା ଓ ଉପଯୋଗ କିପରି କରିହେବ ସେ ବିଷୟରେ ବୁଝାଇଥିଲେ । ଶେଷରେ ଭିଡିଓ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ସଚେତନତା କରାଯାଇ ଥିଲା । ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀ କର୍ମଶାଳାରେ ଯୋଗ ଦେଇଥିଲେ ।
















# ସୂର୍ଯ୍ୟବଂଶୀ ରାଜା ଓ ରାଣୀଙ୍କ ନିର୍ମାଣ ହେବ ପ୍ରତିମୂର୍ତ୍ତି



**ନନ୍ଦପୁର, ୨୩।୭ (ସମିସ):** ଦୀର୍ଘ ବର୍ଷ ପରେ ନନ୍ଦପୁର ସ୍ମୃତିକୁ ସମସ୍ତେ ଅନୁଭବ କରିବେ ।ନନ୍ଦପୁରରେ ସୂର୍ଯ୍ୟ ବଂଶୀ ରାଜା ରାଣୀଙ୍କର ନିର୍ମାଣ ହେବ ପ୍ରତିମୂର୍ତ୍ତି ।ନନ୍ଦପୁର ରାଜ ଶାସନର ସ୍ମୃତି କୁ ସମସ୍ତେ ଆଉ ଥରେ ମନେ ପକାଇବେ ।ନନ୍ଦପୁର ଦେବଭୂମିରୁ ରାଜା ଜୟପୁର ଶାସନ ଭାର ନେଇ ଜୟପୁର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିଲେ ମଧ୍ୟ ମୂଳସ୍ଥାନ ନନ୍ଦପୁରକୁ ମନେ ପକାଉଛନ୍ତି ଜୟପୁର ରାଜାବଂଶୀୟ ଯୁବ ରାଜ କୁମାର ବିଶେଶ୍ୱର ଚନ୍ଦ୍ରଚୂଡ । ନନ୍ଦପୁର ରାଜୁତି ସମୟରେ ନନ୍ଦପୁର ରାଜ୍ୟର କୀର୍ତ୍ତି ରାଜିକୁ ସ୍ମୃତି ଚାରଣ କରିବା ଉଦ୍ଦେଶ୍ୟରେ ନନ୍ଦପୁର ଠାରେ ସୂର୍ଯ୍ୟ ବଂଶୀ ରାଜା ଓ ରାଣୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ପ୍ରସ୍ତାବ ପଠାଇ ଥିବା ଜଣାପଡିଛି । ବୁଧବାର ଜୟପୁର ରାଜା ପରିବାର ଦୁଇ ସେବାୟତ କର୍ମଚାରୀ ନନ୍ଦପୁର ପହଞ୍ଚି ନନ୍ଦପୁର ନନ୍ଦପୁର ଦେବୋତ୍ତର କମିଟି ସଦସ୍ୟ ବୃନ୍ଦଙ୍କୁ ନେଇ ପ୍ରଥମେ ତହସିଲ କାର୍ଯ୍ୟାଳୟ ପହଞ୍ଚି ଅତିରିକ୍ତ ତହସିଲଦାର ମାଧବ ପାଙ୍ଗିଙ୍କ ସହ କିଛି ସମୟ ଆଲୋଚନା କରିଥିଲେ । କିମ୍ବଦନ୍ତୀ ବତ୍ରିଶ ସିଂହାସନ ଉପରେ ପରିଦର୍ଶନ କରି ଦେବୋତ୍ତର ମାର୍ଗଦର୍ଶିକା ସଦସ୍ୟ ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ମୁନା ଦଳ ପତି, ଭୁବନେଶ୍ୱର ଦଳପତି, ଲୋକ ନାଥ ଚୌଧୁରୀ ସମେତ ଗ୍ରାମର ବୁଦ୍ଧିଜୀବୀ ମାନଙ୍କୁ ନେଇ ରାଜା ଓ ରାଣୀଙ୍କ ପ୍ରତି ମୂର୍ତ୍ତି ସ୍ଥାପନ ଉପରେ ଆଲୋଚନା କରିଥିଲେ । ତେବେ ଏହି ପରିପ୍ରେକ୍ଷୀରେ ସମଗ୍ର ଗ୍ରାମବାସୀଙ୍କୁ ନେଇ ଏକ ବଡ ଧରଣର ଆଲୋଚନା କରିବାକୁ ସ୍ଥିର ହୋଇଥିବା ଜଣାପଡିଛି ।












■ ରାଉରକେଲା ରେଳଷ୍ଟେସନର ବର୍ଦ୍ଧିତ ପାର୍କିଂ ଫିକୁ ବିରୋଧ

# ଉଭବ ପକ୍ଷରୁ ଡିଆର୍ଏମ୍‌ଙ୍କୁ ସ୍ମାରକପତ୍ର

ରାଉରକେଲା,୨୩।୭(ସମିସ): ରାଉରକେଲା ରେଳଷ୍ଟେସନ ଠାରେ ପାର୍କିଂ ଷ୍ଟାଣ୍ଡରେ ଗାଡ଼ି ପାର୍କିଂ ଦେୟ ବୃଦ୍ଧିକୁ ବିରୋଧ କରି ସାମାଜିକ ସଂଗଠନ 'ଉଭବ' ପକ୍ଷରୁ ଚକ୍ରଧରପୁର ଦକ୍ଷିଣ ପୂର୍ବ ରେଳ ମଣ୍ଡଳ ପ୍ରବନ୍ଧକ(ଡିଆରଏମ)ଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ପାର୍କିଂରେ କୌଣସି ଅତିରିକ୍ତ ସୁବିଧା ବିନା ରାଉରକେଲା ରେଳ ଷ୍ଟେସନରେ ପାର୍କିଂ ଦେୟରେ ଅଯଥା ଏବଂ ଅତ୍ୟଧିକ ବୃଦ୍ଧି କରାଯାଇଛି। ଏହାର ତୁରନ୍ତ ସମୀକ୍ଷା ଏବଂ ପ୍ରତ୍ୟାହାର ପାଇଁ ସଂଗଠନ ପକ୍ଷରୁ ଅନୁରୋଧ କରାଯାଇଛି। ୨୦୨୫ ଜୁଲାଇ ୧ରୁ ଷ୍ଟେସନରେ ପାର୍କିଂ ଦେୟରେ ସମ୍ପ୍ରତି ହୋଇଥିବା ଅତ୍ୟଧିକ ବୃଦ୍ଧିକୁ ନେଇ ଯାତ୍ରୀ ଓ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜୁନ୍ ପର୍ଯ୍ୟନ୍ତ ପ୍ରଚଳିତ ହାର ତୁଳନାରେ ସାଇକେଲ, ଦୁଇ ଚକିଆ, ତିନି ଚକିଆ ଏବଂ ଚାରି ଚକିଆ ଯାନ ପାଇଁ ଦେୟ ଅତି କମ୍‌ରେ ଦୁଇ ଗୁଣ ବୃଦ୍ଧି କରାଯାଇଛି। ପାର୍କିଂ କ୍ଷେତ୍ରରେ କୌଣସି ଉପଯୁକ୍ତ ସେଡ୍ ବ୍ୟବସ୍ଥା ଓ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା ନାହିଁ। ଭିତ୍ତିଭୂମିର ମଧ୍ୟ ଉନ୍ନତି କରାଯାଇ ନାହିଁ। ଏପରିସ୍ଥିତିରେ ଦୁଇ ଚକିଆ ଯାନ ୬ ଘଣ୍ଟା ପାଇଁ ୧୨ ଟଙ୍କାରୁ ୧୮ ଟଙ୍କାକୁ ପ୍ରାୟ ୫୦ ପ୍ରତିଶତ ବୃଦ୍ଧି କରାଯାଇଛି। ସେହିପରି ଚାରି ଚକିଆ ଯାନ ୬ ଘଣ୍ଟା ପାଇଁ ୨୨ ଟଙ୍କାରୁ ୫୯ ଟଙ୍କା ବୃଦ୍ଧି ପାଇଛି। ଏହି ବୃଦ୍ଧିର ପରିମାଣ ଯାତ୍ରୀ ଭଡା ବା ମାଲ ପରିବହନ ଦରର ବୃଦ୍ଧିକୁ ଅତିକ୍ରମ କରିଛି। ଏପରି ଅତ୍ୟଧିକ ପାର୍କିଂ ଶୁଳ୍କ ରାଉରକେଲା ସହରର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳିନାହିଁ। ଏହି ସ୍ଥାନର ପ୍ରଚଳିତ ପାର୍କିଂ ଶୁଳ୍କ ପାଇଁ ଏକ ସର୍ଭେ କରାଯିବାର ଆବଶ୍ୟକତା ରହିଛି। ତିନି ଚକିଆ କିମ୍ବା ଚାରି ଚକିଆ ଯାନ ୧୦ ମିନିଟ୍ ଅତିକ୍ରମ କରି ୨୦ ମିନିଟ୍ ମଧ୍ୟରେ ରହେ ତେବେ ସେମାନଙ୍କ ଠାରୁ ୮୦ ଟଙ୍କା ଦେୟ ଆଦାୟ, ୨୦ ମିନିଟ୍ ଅତିକ୍ରମ କରିଲେ ୫୦୦ ଟଙ୍କା ଅତିରିକ୍ତ ୩୦ ମିନିଟ୍ ପାଇଁ ଧାର୍ଯ୍ୟ କରାଯାଇଛି। ତେଣୁ ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ପୁନଃବିଚାର କରାଯିବା ପାଇଁ ସଂଗଠନ ପକ୍ଷରୁ ସମ୍ପାଦକ ଭିପି ତିୱାରୀ ଦାବି କରିଛନ୍ତି।




## ଆର୍ଏସ୍‌ପି ଦୁର୍ଘଟଣାରେ ଠିକା ଶ୍ରମିକଙ୍କ ମୃତ୍ୟୁ ଘଟଣା

# ୩୬ ଘଣ୍ଟା ପରେ ହେଲା ଶେଷକୃତ୍ୟ

ରାଉରକେଲା,୨୩।୭(ସମିସ)

ଶେଷରେ ଆର୍ଏସ୍‌ପି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଅଭିରାମ ମହନ୍ତଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ସହ ମୃତକଙ୍କ ପତ୍ନୀଙ୍କୁ ଆରଏସ୍‌ପିରେ ଅନୁକମ୍ପାମୂଳକ ନିଯୁକ୍ତି ପତ୍ର ମିଳିବା ପରେ ୩୬ ଘଣ୍ଟା ପରେ ତାଙ୍କର ପରିବାର ବର୍ଗ ଶବ ଗ୍ରହଣ କରିବା ସହ ଅନ୍ତିମ ସଂସ୍କାର କରାଯାଇଥିବା ସୂଚନା ମିଳିଛି। ରାଉରକେଲା କଣ୍ଟ୍ରାକ୍ଟର ଆସୋସିଏସନର ସଭାପତି ଅଶୋକ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଲକି କନଷ୍ଟ୍ରକସନ୍ ପକ୍ଷରୁ ଶବ ଦାହ ପାଇଁ ୨୦ ହଜାର ଟଙ୍କା ପରିବାର ବର୍ଗଙ୍କୁ ସହାୟତା ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ସୋମବାର ଆରଏସ୍‌ପିର ଏସଏମଏସ-୨ ରେ କାର୍ଯ୍ୟରତ ଲକି କନଷ୍ଟ୍ରକସନ୍ ଠିକା ସଂସ୍ଥାର ଠିକା କର୍ମଚାରୀ ଅଭିରାମ ମହନ୍ତ(୫୨) ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଇସ୍ପାତ ଜେନେରାଲ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ଉପଯୁକ୍ତ କ୍ଷତିପୂରଣ ଦାବି କରି ପରିବାର ଲୋକେ ଶବ ଗ୍ରହଣ କରିନଥିଲେ। ଖବର ପାଇ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରାଙ୍କ ସମେତ ସଂଗଠନର ବହୁ କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚି ଅନୁକମ୍ପାମୂଳକ ନିଯୁକ୍ତି ସହ ଅନ୍ୟାନ୍ୟ କ୍ଷତିପୂରଣ ଦାବି କରିଥିଲେ। ଦାବିପୂରଣ ନ ହେବା ଯାଏ ଶବ ବ୍ୟବଚ୍ଛେଦ କରିବାକୁ ଦେଇ ନ ଥିଲେ। ଏନେଇ ପ୍ରତିନିଧି ଦଳ ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଓ କଣ୍ଟ୍ରାକ୍ଟର ଆସୋସିଏସନ୍ ସଭାପତି ଅଶୋକ ପଟ୍ଟନାୟକ ଏବଂ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ବୀରମିତ୍ରପୁର ବିଧାୟକ ତଥା ଗାଙ୍ଗପୁର ମଜଦୁର ମଞ୍ଚର କାର୍ଯ୍ୟକାରୀ ସଭାପତି ରୋହିତ ଯୋଶେଫ୍ ତିର୍କିଙ୍କ ସମେତ କେନ୍ଦ୍ରୀୟ ସୁରକ୍ଷା କମିଟିର ସଦସ୍ୟ ଘଟଣାସ୍ଥଳ ପରିଦର୍ଶନ କରିବା ସହ ପୁନର୍ବାର ଆଲୋଚନା କରିଥିଲେ। ଶେଷରେ ନିଷ୍କର୍ଷ ବାହାରିବା ସହ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଚୁକ୍ତି ଅନୁଯାୟୀ ଲକି କନ୍‌ଷ୍ଟ୍ରକ୍ସନ୍ ଠିକାସଂସ୍ଥା ପକ୍ଷରୁ ଅନ୍ତିମ ସଂସ୍କାର ପାଇଁ ୨୦ ହଜାର ଟଙ୍କା ପ୍ରଦାନ କରିଥିଲା। ଏହାସହ ଇନ୍‌ସୁରାନ୍ସ ବାବଦକୁ ୧୦ ଲକ୍ଷ ଟଙ୍କା, ଇଏସ୍‌ଆଇ ପିଏଫ ବାବଦରେ ପ୍ରାୟ ୭ ଲକ୍ଷ ଟଙ୍କା ଓ ପତ୍ନୀଙ୍କୁ ପେନ୍‌ସନ୍ ଶୀଘ୍ର ମିଳିବ ବୋଲି ଠିକାଦାର ସଂଘ ପକ୍ଷରୁ କୁହାଯାଇଛି। ଏତଦ୍‌ବ୍ୟତୀତ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ସ୍ୱର୍ଗତ ମହନ୍ତଙ୍କ ପତ୍ନୀଙ୍କୁ ଅନୁକମ୍ପାମୂଳକ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ରାଉରକେଲା ଶ୍ରମିକ ସଂଘର ଉପସାଧାରଣ ସମ୍ପାଦକ ଦିଲୀପ ମହାପାତ୍ର, ବରିଷ୍ଠ ଉପସଭାପତି ଅକ୍ଷୟ ଜେନା, ନିହାର ଦାସ, ସତ୍ୟ ସାହୁ, ବୀରକିଶୋର ଶେଖର ଦେଓ, ରଘୁନାଥ ପ୍ରଧାନ, ଗାଙ୍ଗପୁର ମଜଦୁର ମଞ୍ଚର ସାଧାରଣ ସମ୍ପାଦକ ଗୋପାଳ ଦାସ, ସିଆଇଟିୟୁର ବିମାନ ମାଇତି, ଆରଡବ୍ଲ୍ୟୁୟୁର ଅଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



**କ୍ଷତିପୂରଣ ସହ ପତ୍ନୀଙ୍କୁ ନିଯୁକ୍ତିପତ୍ର ଦେଲା ଠିକା ସଂସ୍ଥା**

# କଂଗ୍ରେସ କିଷାନ ସେଲର ବୈଠକ




ରାଉରକେଲା,୨୩।୭(ସମିସ): ଆଜି ରାଉରକେଲା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ କଂଗ୍ରେସ କିଷାନ ସେଲ୍‌ର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାଉରକେଲା ଜିଲ୍ଲା କଂଗ୍ରେସ କମିଟିର ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପ୍ରଦେଶ କଂଗ୍ରେସର କିଷାନ ସେଲ୍ ଅଧ୍ୟକ୍ଷ ଅଭୟ ସାହୁ ଯୋଗଦେଇ ଜିଲ୍ଲା କଂଗ୍ରେସର କୃଷକ ନେତାମାନଙ୍କ ସହିତ ଆଲୋଚନା କରିଥିଲେ। ଆଗାମୀ ଦିନରେ ଜିଲ୍ଲାରେ କୃଷକ ସଂଗଠନ ଏବଂ କୃଷକମାନଙ୍କୁ କେନ୍ଦ୍ର ସରକାରଙ୍କ ଚାଷୀ ମାରଣ ନୀତି ବିରୁଦ୍ଧରେ ଏକଜୁଟ କରି କଂଗ୍ରେସ ଦଳ ସହିତ ଯୋଡ଼ିବା ପାଇଁ ମନ୍ତ୍ର ଦେଇଥିଲେ। ଶ୍ରୀ ସାହୁଙ୍କ ସହିତ ଭୁବନେଶ୍ୱରରୁ ଆସିଥିବା ରତନ କୁମାର ନାୟକ, ଶିତିକାନ୍ତ ମହାନ୍ତି ଏବଂ ତପନ ମିଶ୍ର ପ୍ରମୁଖ ଏହି ବୈଠକରେ କାର୍ଯ୍ୟକର୍ତ୍ତାମାନଙ୍କୁ ଉଦବୋଧନ ଦେଇଥିଲେ। ବୈଠକରେ ଆଗାମୀ ଦିନରେ ଜିଲ୍ଲା କଂଗ୍ରେସ କୃଷକ ସେଲକୁ ମଜବୁତ କରିବା ପାଇଁ ନୂତନ ଭାବେ ଜିଲ୍ଲା ଏବଂ ରାଜ୍ୟସ୍ତରୀୟ କାର୍ଯ୍ୟକର୍ତ୍ତା ଚୟନ ପାଇଁ ମଧ୍ୟ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଗଣେଶ ପ୍ରଧାନ, ଦେବବ୍ରତ ବିହାର, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ଗଜେନ୍ଦ୍ର ତନ୍ତୀ, ବ୍ଲକ୍ ସଭାପତି ରଘୁନାଥ ଦାସ, ହରପ୍ରସାଦ ସାମଲ, ଭୀମ ମାହାତୋ, ବରିଷ୍ଠ ନେତା ନିହାର ଦାସ, ସୁଧୀର ନାଥ, ସୁନୀଲ ପଟ୍ଟନାୟକ, ବିନୋଦ ତନ୍ତୀ, ସୁଦନ ଚୌଧୁରୀ, ରତିକାନ୍ତ ମଲ୍ଲିକ, ମହିଳା ନେତ୍ରୀ ସୁଶ୍ରୀ ରଞ୍ଜିତା ମଲ୍ଲିକ, ସୁନିତା ଲାକ୍ରା, ସରିତା ଟପ୍ପୋ, ମଞ୍ଜୁ ସିଂହ, ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ଇସ୍ତେହାର ମହମ୍ମଦ ପ୍ରମୁଖ ଯୋଗ ଦେଇଥିଲେ।

# ଆର୍ଏସ୍‌ପିରେ ନିଯୁକ୍ତି ଦାବିରେ ବାସଚ୍ୟୁତ ସଂଘର ବିକ୍ଷୋଭ

ରାଉରକେଲା,୨୩।୭(ସମିସ)



ରାଉରକେଲା ଇସ୍ପାତ କାରଖାନା(ଆର୍ଏସ୍‌ପି)ରେ ନିଯୁକ୍ତି ଦାବିରେ ବାସଚ୍ୟୁତ ସଂଘ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ରାଉରକେଲା ଲୋକାଲ ଡିସପ୍ଲେସଡ୍ ଆସୋସିଏସନ-୭୦ ଭିଲେଜେସ୍ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଉରେକେଲା ଇସ୍ପାତ କାରଖାନା ପ୍ରତିଷ୍ଠା ସମୟରେ ସୁନ୍ଦରଗଡ ଜିଲ୍ଲାର ୭୦ଟି ଗ୍ରାମର ଶହ ଶହ ପରିବାର ବାସଚ୍ୟୁତ ହୋଇଥିଲେ।

ବାସଚ୍ୟୁତ ପରିବାରଙ୍କୁ ବାସୋପଯୋଗୀ ଜମି ଏବଂ ରାଉରକେଲା ଇସ୍ପାତ କାରଖାନାରରେ ଚାକିରି ପାଇଁ ସର୍ତ୍ତ ରଖାଯାଇଥିଲା। ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ବାସଚ୍ୟୁତଙ୍କ ସମସ୍ୟାର ସମାଧାନ ନହୋଇ ପଡିରହିଥିବାରୁ ସ୍ଥାନୀୟ ବାସଚ୍ୟୁତ ସଂଘ ପ୍ରଶାସନର ଦ୍ୱାରସ୍ଥ ହୋଇଛି। ଗତ ୨୦୨୦ ଡିସେମ୍ବର ୧୭ ତାରିଖରେ ସୁନ୍ଦରଗଡ ଜିଲ୍ଲାପାଳ ରାଉରକେଲା ଇସ୍ପାତ କାରଖାନାକୁ ଚିଠି ଲେଖି ଷଷ୍ଠ ଆରପିଡିଏସି ବୈଠକରେ ପାରିତ ହୋଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ପରବର୍ତ୍ତୀ ସମୟରେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ୨୦୨୧ ମସିହା ଡିସେମ୍ବର ମାସରେ ରାଉରକେଲା ଲୋକାଲ ଡିସପ୍ଲେସଡ୍ ଆସୋସିଏସନ - ୭୦ ଭିଲେଜେସଙ୍କୁ ପ୍ରଦାନ କରାଯାଇଥିବା ପତ୍ରରେ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ପକ୍ଷରୁ ଏକ ଆରପିଡିଏସି ବୈଠକ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଉଲ୍ଲେଖ କରାଯାଇଥିଲା। କିନ୍ତୁ ସେ ବୈଠକ ଏ ପର୍ଯ୍ୟନ୍ତ ହୋଇପାରି ନଥିବାରୁ ଆସୋସିଏସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଏକ ଆଲୋଚନା ପାଇଁ ଦିନ ଧାର୍ଯ୍ୟ କରିବା ପାଇଁ ଆଜିର ପତ୍ରରେ ଉଲ୍ଲେଖ କରାଯାଇଛି।

ଆଜିର ଏହି ଘେରଉ ସମୟରେ ରାଉରକେଲା ଲୋକାଲ ଡିସପ୍ଲେସଡ୍ ଆସୋସିଏସନ ପକ୍ଷରୁ ଆସୋସିଏସନର ସଭାପତି ଖାଡା କୁଜୁର, ସାଧାରଣ ସମ୍ପାଦକ ପୁରନ୍ ଖାଲକୋ, ସହ ସାଧାରଣ ସମ୍ପାଦକ ଯୋଗିଆ କୁଜୁର, ଆଇନ୍ ପରାମର୍ଶଦାତା ବସନ୍ତ କିସାନଙ୍କ ସମେତ ଶଙ୍କର ମାହାତୋ, ଟିଲା ଲାକ୍ରା, ଅନୀଲ ଲାକ୍ରା, ଦର୍ଶନ ମୁଣ୍ଡାରୀ, ସମ୍ଭୁ ପଶାୟତ, ଶୀଲା ଓରାମ, ଲକ୍ଷ୍ମୀ ଭୂମିଜ, ଗୋଲରିଆ ମୁଣ୍ଡା, ପୁଷ୍ପଲତା ସମାସୀ ପ୍ରମୁଖ ଉପସ୍ଥିତ ଥିଲେ। ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଆଲୋଚନା ପାଇଁ ପ୍ରତିଶ୍ରୁତି ପରେ ରାଉରକେଲା ଲୋକାଲ ଡିସପ୍ଲେସଡ୍ ଆସୋସିଏସନ-୭୦ ଭିଲେଜେସ୍ ଆଜିର ବିକ୍ଷୋଭରୁ ଓହରି ଯାଇଥିଲେ।

# ଶୁଭଙ୍କର ମହାପାତ୍ର ସୁନ୍ଦରଗଡ଼ ଜିଲ୍ଲାପାଳ



ରାଉରକେଲା,୨୩।୭(ସମିସ): ୨୦୧୮ ବ୍ୟାଚର ଆଇଏଏସ ଅଫିସର ଶୁଭଙ୍କର ମହାପାତ୍ରଙ୍କ ଘର ବାହୁଡା ହୋଇଛି। ଅର୍ଥାତ ସେ ସୁନ୍ଦରଗଡର ନୂତନ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଯାହାକୁ ନେଇ ରାଉରକେଲା ସହରରେ ଖୁସିର ଲହରୀ ଖେଳିଯାଇଛି। ସେ ପୂର୍ବରୁ ରାଉରକେଲାର ଅତିରିକ୍ତ ଜିଲ୍ଲାପାଳ ତଥା ରାଉରକେଲା ମହାନଗର ନିଗମ କମିଶନର ଓ ସ୍ମାର୍ଟ ସିଟି ସିଇଓ ଥିବା ବେଳେ ରାଉରକେଲା ସହର ନବବଧୂର ରୂପ ଧାରଣ କରିଥିଲା। ରାଉରକେଲା ଆନ୍ତର୍ଜାତୀୟ ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍ ଠାରୁ ଆରମ୍ଭ କରି ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମ୍, ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ, ବାସନ୍ତୀ ଡିଏଭି ପୋଖରୀର ସୌନ୍ଦର୍ଯ୍ୟକରଣ ସହ ସହରର ଏକାଧିକ ପାର୍କ, ରାସ୍ତାଘାଟର ସୌନ୍ଦର୍ଯ୍ୟକରଣ, ବୈଦ୍ୟୁତିକକରଣ ଆଦି କାର୍ଯ୍ୟ ପାଇଁ ରାଉରକେଲାବାସୀ ତାଙ୍କୁ ଭୁଲି ପାରିନଥିଲେ। ସେ ଏଠାରୁ ପଦୋନ୍ନତି ପାଇ ଯାଜପୁର ଜିଲ୍ଲାପାଳ ହୋଇଯାଇଥିଲେ। ଏବେ ପୁନର୍ବାର ସୁନ୍ଦରଗଡ ଜିଲ୍ଲାପାଳ ଭାବେ ବଦଳି ହୋଇ ଆସୁଥିବାରୁ ରାଉରକେଲା ସମେତ ସମଗ୍ର ଜିଲ୍ଲାର ଅଧୁରା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିବ ବୋଲି ଆଶା ପ୍ରକାଶ ପାଇଛି।

● ମ୍ୟୁନିସିପାଲ କଲେଜ ଆଗରେ ଏବିଭିପିର ବିକ୍ଷୋଭ

# ଛାତ୍ର କଂଗ୍ରେସ ସଭାପତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି



ରାଉରକେଲା,୨୩।୭(ସମିସ): ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ରାଉରକେଲା ଏବିଭିପି ପକ୍ଷରୁ ମ୍ୟୁନିସିପାଲ କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କିଛି ଦିନ ତଳେ ନାରୀ ସୁରକ୍ଷା ପାଇଁ କୁମ୍ଭୀର କାନ୍ଦଣା କାନ୍ଦି ଓଡିଶା ବନ୍ଦ ଡାକରା ଦେଇଥିବା କଂଗ୍ରେସ ଦଳର ରାଜ୍ୟ ଛାତ୍ର ସଭାପତି ଉଦିତ ପ୍ରଧାନ ଜଣେ ଛାତ୍ରୀଙ୍କୁ ମୃଦୁ ପାନୀୟରେ ନିଶାଦ୍ରବ୍ୟ ମିଶାଇ ହୋଟେଲରେ ଦୁଷ୍କର୍ମ କରିଥିବା ନେଇ ଏବିଭିପି ଅଭିଯୋଗ କରିଛି। ଏପରିକି ଛାତ୍ରୀ ଜଣଙ୍କୁ ଜୀବନରେ ମାରିଦେବାକୁ ଛାତ୍ର କଂଗ୍ରେସ ସଭାପତି ଧମକ ଦେଇଥିବା ଏବିଭିପି ଅଭିଯୋଗ କରିଛନ୍ତି। ଏନେଇ ମ୍ୟୁନିସିପାଲ୍ କଲେଜ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଛାତ୍ର କଂଗ୍ରେସ ସଭାପତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି। ରାଉରକେଲା ଜିଲ୍ଲା ସଂଯୋଜକ ସୁମିତ କୁମାର ରାଜ, ଜିଲ୍ଲା ସହ ସଂଯୋଜିକା ବିଦ୍ୟୋତ୍ତମା ମାଝିଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭରେ ବହୁ ସଂଖ୍ୟାରେ ଏବିଭିପି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ କଂଗ୍ରେସ ନେତାଙ୍କ କୁଶ ପୁତ୍ତଳିକା ଦାହ




ବଣାଇଁ,୨୩।୭(ସମିସ): ଓଡ଼ିଶା ଜାତୀୟ କଂଗ୍ରେସ ଦଳର ଯୁବମୋର୍ଚ୍ଚା ସଭାପତି ଦୁଷ୍କର୍ମ ଅଭିଯୋଗରେ ଗିରଫ ହେବା ପରେ ସାରା ରାଜ୍ୟରେ ବିଜେପି ପକ୍ଷରୁ ପ୍ରତିବାଦର ସ୍ୱର ଉଠିଛି। ଏହି କ୍ରମରେ ବଣାଇଁ ବିଜେପି ଯୁବମୋର୍ଚ୍ଚା ସଭାପତି ଅବିନାଶ ବ୍ରହ୍ମଙ୍କ ନେତୃତ୍ୱରେ ବସ୍ ଷ୍ଟାଣ୍ଡ ପରିସରରେ ରାହୁଲ ଗାନ୍ଧୀ, କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଦାସ ଓ କଂଗ୍ରେସ ଯୁବ ସଭାପତି ଉଦିତ ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ମନୋଜ ପ୍ରଧାନ, ଜିଲ୍ଲା ପୂର୍ବତନ ସାଧାରଣ ସମ୍ପାଦକ ହେମନ୍ତ କୁମାର ସାହୁ, ବଣାଇଁ ବିଜେପି ମଣ୍ଡଳ ସଭାପତି ମିଥିଳା ପାତ୍ର, ବିଜେପି ମଣ୍ଡଳ ସମ୍ପାଦକ ବୈକୁଣ୍ଠ ଗଡତିଆ, ଶଙ୍କର୍ଷଣ ସେନାପତି, ଜିଲ୍ଲା ପ୍ରତିନିଧି ଦିବ୍ୟ ମଞ୍ଜରୀ ଶେଖର ଦେଓଙ୍କ ସମେତ ସ୍ଥାନୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

■ ସାର୍ବଜନିନ ଲକ୍ଷ୍ମୀ ପୂଜା କମିଟି ଗଠିତ

# ଚଳିତ ବର୍ଷ ସମୂହ ଭାବେ ହେବ ଭସାଣି ଉତ୍ସବ

ବଣାଇଁ,୨୩।୭(ସମିସ): ବଣାଇଁ ବ୍ଲକ୍ ଅନ୍ତର୍ଗତ ଦେଓଗାଁ ଲକ୍ଷ୍ମୀ ପୂଜା ମଣ୍ଡପଠାରେ ମଙ୍ଗଳବାର ବଣାଇଁ ଅଞ୍ଚଳରେ ଥିବା ସମସ୍ତ ଲକ୍ଷ୍ମୀ ପୂଜା କମିଟିର ସଭାପତି ଓ ସଂପାଦକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଉପରପଡା, କେନ୍ଦ୍ରିକଳା ଦେଓଗାଁ, ବ୍ଲକ ଛକ, ବଜାର ଛକ, କଚେରୀ ଛକ, ବସଷ୍ଟାଣ୍ଡ, ତେଲି ସାହି, ଶୁଣ୍ଠିକୋଣ, ବିଶିପାଲି, ବର୍ହାମୂଷା, ପାଣ୍ଡୁରିଶିଳା, କେନାଭେଟା ମଝି ସାହି, କନ୍ତସରା, ତୁମକଳା ଲକ୍ଷ୍ମୀ ପୂଜା କମିଟିର ସଭାପତି ଓ ସଂପାଦକମାନେ ଯୋଗ ଦେଇ ସୁଚିନ୍ତିତ ମତାମତ ପ୍ରକାଶ କରିଥିଲେ। ଚଳିତ ବର୍ଷ ଠାରୁ ସାର୍ବଜନୀନ ମହାଲକ୍ଷ୍ମୀ ପୂଜାର ମୂର୍ତ୍ତି ଗୁଡିକ ବଣାଇଁର ଗୋଟିଏ ସ୍ଥାନରେ ଏକତ୍ରିତ କରି ଟାଉନ ପରିକ୍ରମା ପରେ ଏକକାଳୀନ ଭସାଣି ହେବ ବୋଲି ସମସ୍ତେ ସମ୍ମତି ପ୍ରକାଶ କରିଥିଲେ। ଏଥି ସକାଶେ ଏକ ସାର୍ବଜନିନ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଗୋବିନ୍ଦ ଚନ୍ଦ୍ର ସାହୁ, ଉପସଭାପତି ଶ୍ୱେତ ବସନ୍ତ ବିଶ୍ୱାଳ, ସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର, ସହ ସମ୍ପାଦକ ଲିପୁନ ଦଣ୍ଡିଆ, କୋଷାଧ୍ୟକ୍ଷ ହରି ଶଙ୍କର ସାହୁ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ପ୍ରମୋଦ କୁମାର ରଣା, ସୁଶାନ୍ତ କୁମାର ବ୍ରହ୍ମ, ଚିନ୍ମୟ ତ୍ରିପାଠୀ, ଉତ୍ତମ କୁମାର ସାହୁ, ରିଙ୍କୁ ଚନ୍ଦ୍ର ରାୟ, ଦଶରଥ କିଷାନ, କୁଶ କିଷାନ, ଗିରିଧାରୀ ସାହୁ, ଶଶାଙ୍କ ଶେଖର ସାହୁ,

## ଧୀନାହ ଦସ୍ତଗେର ଆର୍ଏମ୍‌ସି କମିଶନର



ରାଉରକେଲା,୨୩।୭(ସମିସ): ବ୍ରହ୍ମପୁରର ଉପଜିଲ୍ଲାପାଳ ଭାବେ କାର୍ଯ୍ୟରତ ୨୦୨୧ ମସିହା ବ୍ୟାଚର୍ ଆଇଏଏସ ଅଫିସର ଧୀନାହ ଦସ୍ତଗେରଙ୍କୁ ରାଉରକେଲାର ନୂତନ ଅତିରିକ୍ତ ଜିଲ୍ଲାପାଳ ତଥା ଆରଏମ୍‌ସି କମିଶନର ଭାବରେ ନିଯୁକ୍ତି ଦିଆଯାଇଛି। ବ୍ରହ୍ମପୁରରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ଏବଂ ରାଜସ୍ୱ ମାମଲା ପରିଚାଳନା, ସାଧାରଣ ଅଭିଯୋଗ ସମାଧାନ ଏବଂ ସହରାଞ୍ଚଳ ପ୍ରଶାସନରେ ତାଙ୍କର ସକ୍ରିୟ ଭୂମିକା ପାଇଁ ସେ ବେଶ୍ ପ୍ରଶଂସିତ ହୋଇଥିଲେ। ସେହିପରି ରାଉରକେଲାର ଅତିରିକ୍ତ ଜିଲ୍ଲାପାଳ ତଥା ଆରଏମ୍‌ସି କମିଶନର ଆଶୁତୋଷ ସିଂ କୁଲକର୍ଣ୍ଣି ରାୟଗଡାର ନୂତନ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡିଛି।




# ଆର୍ଏମ୍‌ସି ପକ୍ଷରୁ ବଡ଼ାଖାନା କାର୍ଯ୍ୟକ୍ରମ



ରାଉରକେଲା,୨୩।୭(ସମିସ): ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪ରେ ରାଉରକେଲା ମହାନଗର ନିଗମର ଉଲ୍ଲେଖନୀୟ ପ୍ରଦର୍ଶନ ପରେ ରାଉରକେଲା ମହାନଗର ନିଗମ ଅଞ୍ଚଳରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କ ସମ୍ମାନାର୍ଥେ ବଡ଼ାଖାନାର ଆୟୋଜନ କରାଯାଇଥିଲା। ସଫେଇ କର୍ମଚାରୀଙ୍କ ଉତ୍ସର୍ଗୀକୃତ ସେବାକୁ ସମ୍ମାନ ଦେବା ପୂର୍ବକ ସ୍ଥାନୀୟ ଲେବର ଟେନାମେଣ୍ଟ ସ୍ଥିତ କଲ୍ୟାଣ ମଣ୍ଡପରେ ଏହି ବଡ଼ାଖାନାର ଆୟୋଜନ କରାଯାଇଥିଲା। ଏଥିରେ ସେମାନଙ୍କୁ ସୁସ୍ୱାଦୁ ଭୋଜନରେ ଆପ୍ୟାୟିତ କରାଯାଇଥିଲା। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣି ଯୋଗ ଦେଇଥିଲେ। ରସହରକୁ ସ୍ୱଚ୍ଛ ରଖିବା ଦାୟିତ୍ୱ କେବଳ ଯେ ସଫେଇ କର୍ମଚାରୀଙ୍କ ଉପରେ ନ୍ୟସ୍ତ ତାହା ନୁହେଁ ବରଂ ସମସ୍ତ ନାଗରିକ ଏହି କ୍ଷେତ୍ରରେ ଯତ୍ନବାନ ହେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ଏଥିସହ ସ୍ୱଚ୍ଛତାକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବା ପୂର୍ବକ ସମସ୍ତ ନାଗରିକ ଏଥିରେ ସାମିଲ୍ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ରାଉରକେଲା ସହରର ପରିମଳ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମହିଳା କର୍ମଚାରୀଙ୍କୁ ମାନପତ୍ର ଓ ଟ୍ରଫି ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଦିନ ଝାଡୁ ସାହାଯ୍ୟରେ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଦାୟିତ୍ୱରେ ଥିବା ଝାଡୁଦାରଙ୍କ ସହ ସ୍ୱଚ୍ଛସାଥୀ, ସର୍ବସାଧାରଣ ଶୌଚାଳୟ ସଫେଇ କାର୍ଯ୍ୟରେ ନିୟୋଜିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର, ବସ୍ତୁ ପୁନଃଲାଭ କେନ୍ଦ୍ର ଏବଂ ମଳ ପରିଚାଳନା କେନ୍ଦ୍ର ଦାୟିତ୍ୱରେ ଥିବା ମହିଳା କର୍ମଚାରୀମାନଙ୍କୁ ସେମାନଙ୍କ ଉତ୍ସର୍ଗୀକୃତ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଉରକେଲା ମହାନଗର ନିଗମ ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପପୌରାୟୁକ୍ତ ବିଶ୍ୱ ରଞ୍ଜନ ମଲ୍ଲିକ, ଉପ ପୌରାୟୁକ୍ତ ତରୁଣ କାନ୍ତ, ସହକାରୀ ଆୟୁକ୍ତ ଅଜିତ କୁମାର ପଟ୍ଟନାୟଙ୍କ ସହ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଛାତ୍ରୀ ଓ ମହିଳା ସୁରକ୍ଷା କର୍ମଶାଳା



ବଣାଇଁ,୨୩।୭(ସମିସ): ବଣାଇଁଗଡ଼ ମହାବିଦ୍ୟାଳୟ ପରିସରରେ ଥିବା ଅଡିଟୋରିୟମରେ ବୁଧବାର ଛାତ୍ରୀ ଓ ମହିଳା ସୁରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ଃ ଜେନାମଣି ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମହିଳା ସୁରକ୍ଷା ସମ୍ପର୍କରେ ବିଷଦ ଆଲୋଚନା କରାଯାଇଥିଲା। ଉକ୍ତ କର୍ମଶାଳାରେ ପ୍ରିଜାଇଡିଂ ଅଫିସର ଲିପିକା ପ୍ରଧାନ, ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟା ଶୁଭ୍ରାସୁଧା ଦାସ, ଅଧ୍ୟାପିକା ଗୀତାଞ୍ଜଳି ଦାସ, ମାଶ୍ରିତା ବା, ଲକ୍ଷ୍ମୀ କୁଜୁରଙ୍କ ସମେତ ଛାତ୍ରୀ ସଦସ୍ୟା ଅଶ୍ରିତା ସିଂ, ବର୍ଷା ସାହୁ, ମୋନାଲିସା ଦେହୁରୀ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରି ଅଭିମତ ପ୍ରଦାନ କରିଥିଲେ। ଏଥିରେ ମହାବିଦ୍ୟାଳୟ ପ୍ରାୟ ୨୦୦ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉକ୍ତ କର୍ମଶାଳାରେ ନାରୀ ସୁରକ୍ଷାରେ ସମାଜର ଭୂମିକା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏଥିରେ ଅଧକ୍ଷ ଶ୍ରୀ ସାହୁ କଲେଜ ସ୍ତରରେ କମିଟି ଗଠନ ସମ୍ପର୍କରେ ସୂଚନା ଦେବା ସହ ନିର୍ଭୟରେ ନିଜର ଅଭିଯୋଗ କମିଟି ନିକଟରେ ଉପସ୍ଥାପନା କରିବା ପାଇଁ ପରାମର୍ଶ ଦେଇଥିଲେ।

● ପିଜି ଛାତ୍ରଛାତ୍ରୀଙ୍କୁ ଶିଶୁବିଭାଗ ଭାରପ୍ରାପ୍ତ ମୁଖ୍ୟଙ୍କ ନିର୍ଯାତନା

# ୨୦ରୁ ଊର୍ଦ୍ଧ୍ୱ ପିଜି ଡାକ୍ତର ଡିନ୍ ଓ ଅଧୀକ୍ଷକଙ୍କୁ ଅଭିଯୋଗ ଜଣାଇଲେ



ବ୍ରହ୍ମପୁର, ୨୩।୭ (ସମିସ): ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଶିଶୁବିଭାଗରେ ପିଜି ଛାତ୍ରଛାତ୍ରୀଙ୍କୁ ଭାରପ୍ରାପ୍ତ ବିଭାଗୀୟ ମୁଖ୍ୟ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ବିଭାଗର ପ୍ରାୟ ୨୦ରୁ ଅଧିକ ପିଜି ଡାକ୍ତର ଛାତ୍ରଛାତ୍ରୀ ଡିନ୍ ପ୍ରଫେସର ଡ଼ା. ସୁଚିତ୍ରା ଦାଶ ଓ ଅଧୀକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହାର ତୁରନ୍ତ ସମାଧାନ ନହେଲେ ସମସ୍ତ ଡାକ୍ତର ଛାତ୍ରଛାତ୍ରୀ ରୋଗୀ ଚିକିତ୍ସାରେ ଯୋଗଦେବେ ନାହିଁ ବୋଲି ମଧ୍ୟ ସ୍ପଷ୍ଟ ଚେତାବନୀ ଦେଇଥିବା ଜଣାପଡ଼ିଛି। ଗତ କିଛିମାସ ଧରି ଶିଶୁବିଭାଗର ଭାରପ୍ରାପ୍ତ ବିଭାଗୀୟ ମୁଖ୍ୟ ତଥା ବିଭାଗର ଜଣେ ଆସୋସିଏଟ ପ୍ରଫେସର ପ୍ରଥମ ଓ ଦ୍ୱିତୀୟ ବର୍ଷ ପିଜି ଛାତ୍ରଛାତ୍ରୀଙ୍କୁ ଅତ୍ୟାଚାର କରୁଥିବା ନେଇ ଅଭିଯୋଗ ହୋଇଛି। ବାରମ୍ବାର ଏହିପରି କାର୍ଯ୍ୟକଳାପ ଦ୍ୱାରା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ବାତାବରଣ ପ୍ରଭାବିତ ହେଉଛି। ଯଦ୍ୱାରା ସେମାନେ ଦୁଶ୍ଚିନ୍ତାରେ କାଳ କାଟୁଥିବା କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି। ୱାର୍ଡ଼ରେ ରୋଗୀଙ୍କ ଚିକିତ୍ସାବେଳେ ସମ୍ପୃକ୍ତ ବିଭାଗୀୟ ମୁଖ୍ୟ ଜଣକ ରୋଗୀଙ୍କ ପରିବାର ସଦସ୍ୟଙ୍କ ସମ୍ମୁଖରେ ସେମାନଙ୍କ ସହିତ କଠୋର ମନୋଭାବ ପୋଷଣ କରୁଛନ୍ତି। ଫଳରେ ଅନେକ ଡାକ୍ତର ଛାତ୍ରଛାତ୍ରୀଙ୍କ ଦୁଶ୍ଚିନ୍ତା ବଢ଼ିବା ସହିତ ଅନ୍ୟ କେତେକଙ୍କ ମାନସିକ ସ୍ଥିତି ବିଗୁଡୁଥିବା ଅଭିଯୋଗ କରିଛନ୍ତି। ଏଣୁ ଉକ୍ତ ଆସୋସିଏଟ ପ୍ରଫେସରଙ୍କୁ କାର୍ଯ୍ୟରୁ ନିବୃତ କରିବାକୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଛାତ୍ରଛାତ୍ରୀ ଆଣିଥିବା ଅଭିଯୋଗକୁ ଅତ୍ୟନ୍ତ ଗମ୍ଭୀରତାର ସହ ଗ୍ରହଣ କରାଯାଇଛି। ଏହି ପ୍ରସଙ୍ଗରେ ଡିନ୍‌ଙ୍କ ସହ ଆଲୋଚନା କରିବା ପରେ ଡାକ୍ତର ଛାତ୍ରଛାତ୍ରୀଙ୍କ ଅଭିଯୋଗ ଆଧାରରେ ଗୁରୁବାର ଏକ ଜରୁରୀ ବୈଠକ ଡାକି ସମସ୍ୟାର ସମାଧାନର ବାଟ ବାହାର କରାଯିବ ବୋଲି ଏମକେସିଜି ମେଡ଼ିକାଲ ଅଧିକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥୀ କହିଛନ୍ତି।

# ଝରକା ଭାଙ୍ଗି ଗହଣା ଲୁଟିନେଲେ ଦୁର୍ବୃତ୍ତ

ବ୍ରହ୍ମପୁର, ୨୩।୭ (ସମିସ): ସ୍ଥାନୀୟ ଶକ୍ତିନଗର ଅଞ୍ଚଳର ଏକ ଘରୁ ସୁନାଗହଣା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଗୃହମାଲିକ କେ. ଗାୟତ୍ରୀ ଗୋଷାଣିନୁଆଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ଗତ ୨୦ତାରିଖ ରାତିରେ ଗାୟତ୍ରୀଙ୍କ ପରିବାର ଲୋକେ ଘରେ ଶୋଇଥିବାବେଳେ କୌଣସି ଦୁର୍ବୃତ୍ତ ଘରର ଝରକା କବାଟ ଭାଙ୍ଗି ଘରେ ଥିବା ଆଲମାରୀର ଚାବି ଭାଙ୍ଗି ସୁନାର ଦୁଇହଳ କାନଫୁଲ ଓ ସୁନାହାର ଚୋରି କରି ନେଇଯାଇଛି। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣା ସ୍ଥଳ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

# ଚାକିରି ପ୍ରତିଶ୍ରୁତି ଦେଇ ୨.୩ ଲକ୍ଷ ଠକେଇ ଅଭିଯୋଗ

ବ୍ରହ୍ମପୁର, ୨୩।୭ (ସମିସ): ଯୁବକଙ୍କୁ ଚାକିରିର ପ୍ରତିଶ୍ରୁତି ଦେଇ ଜଣେ ବ୍ୟକ୍ତି ୨ଲକ୍ଷ ୩୦ହଜାର ଟଙ୍କା ଠକିଥିବା ନେଇ ଗୋଷାଣିନୁଆଗାଁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ ଯେ, ଖଲ୍ଲିକୋଟ ଥାନା ଅଧିନସ୍ଥ ନୂଆସାହି ନିବାସୀ ଶୋଭନ କୁମାର ପଟ୍ଟନାୟକ ମାର୍ଚ୍ଚାଣ୍ଟ ନେଭିରେ କାର୍ଯ୍ୟରତ। ଦୁଇମାସ ପୂର୍ବେ ସ୍ଥାନୀୟ ନୀଳକଣ୍ଠନଗର ଦ୍ୱିତୀୟ ଲାଇନ ନିବାସୀ ଚର୍ଚ୍ଚିକାନ୍ତ ନନ୍ଦଙ୍କ ସହ ଶୋଭନଙ୍କର ପରିଚୟ ହୋଇଥିଲା। ଚର୍ଚ୍ଚିକାନ୍ତ ନିଜକୁ ଏକ ବଡ଼ କମ୍ପାନୀର ଇଲେକ୍ଟ୍ରିକାଲ ଅଧିକାରୀ ଭାବରେ ପରିଚୟ ଦେଇଥିଲେ। ଶୋଭନ ଚାକିରି ସନ୍ଧାନରେ ଥିବା ଜାଣି ତାଙ୍କୁ ଭଲ ଚାକିରି କରାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ ଚର୍ଚ୍ଚିକାନ୍ତ। ଚର୍ଚ୍ଚିକାନ୍ତଙ୍କ କଥାକୁ ବିଶ୍ୱାସ କରି ଶୋଭନ ତାଙ୍କ ସହିତ ନିୟମିତ ଯୋଗାଯୋଗରେ ଥିଲେ। ଲାଞ୍ଜିପଲ୍ଲୀ ବ୍ରିଜ ନିକଟରେ ଥିବା ସଂଗ୍ରାମ ବିଶ୍ୱାଳଙ୍କ ଚାହା ଦୋକାନରେ ଉଭୟ ଚର୍ଚ୍ଚିକାନ୍ତ ଓ ଶୋଭନଙ୍କର ଦେଖାସାକ୍ଷାତ ହୋଇଥିଲା। ଆଲୋଚନା ପରେ ଗତ ମେ ୧୬ରେ ଚର୍ଚ୍ଚିକାନ୍ତ ଚାକିରି ପାଇଁ ପ୍ରାଥମିକ ପ୍ରକ୍ରିୟା ଆରମ୍ଭ କରିବାକୁ ୫୦ହଜାର ଟଙ୍କା ମାଗିଥିଲା। ଦାବି ମୁତାବକ ଚର୍ଚ୍ଚିକାନ୍ତଙ୍କୁ ପ୍ରଥମେ ଶୋଭନ ୫୦ହଜାର ଟଙ୍କା ଦେଇଥିଲେ। ପରେ ପର୍ଯ୍ୟାୟ କ୍ରମେ ୧ଲକ୍ଷ ୮୦ହଜାର ଟଙ୍କା ମଧ୍ୟ ଦେଇଥିଲେ। ଜୁନ ୧୮ ତାରିଖରେ ଶୋଭନଙ୍କ ହ୍ୱାଟ୍ସଆପକୁ ଚର୍ଚ୍ଚିକାନ୍ତ ଏକ ନକଲି ଚୁକ୍ତିପତ୍ର ପଠାଇଥିଲେ। ତେବେ ବିନା ପ୍ରମାଣପତ୍ରରେ ବିଦେଶକୁ ଯାଇ ଜାହାଜରେ ଚାକିରି କରିବା ଉଚିତ ନୁହେଁ ଦର୍ଶାଇ ଟଙ୍କା ଫେରସ୍ତ କରିବାକୁ ଶୋଭନ କହିଥିଲେ। ଶୋଭନ ଟଙ୍କା ମାଗିବାରୁ ଚର୍ଚ୍ଚିକାନ୍ତ ଦିନ ଗଡ଼ାଇ ଚାଲିଥିଲେ। ଶେଷରେ ଟଙ୍କା ଫେରସ୍ତ ନପାଇ ନିରାଶ ହୋଇ ଠକେଇର ଶୀକାର ହୋଇଥିବା ଜାଣିପାରି ଶୋଭନ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ଘଟଣା ସମ୍ପର୍କରେ ଜଣାଇଥିଲେ। ପରେ ଏସ୍‌ପିଙ୍କ ପରାମର୍ଶ କ୍ରମେ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ବ୍ୟବସ୍ଥା ଢିଲା

# ଜିଲ୍ଲାରେ ୬୮ ପ୍ରତିଶତ ଡାକ୍ତରର ପଦ ଖାଲି

ବ୍ରହ୍ମପୁର, ୨୩।୭ (ସମିସ)

● ନର୍ସିଂ ଅଫିସର୍ ଓ ଫାର୍ମାସିଷ୍ଟଙ୍କ ଘୋର ଅଭାବ
● ଗ୍ରାମାଞ୍ଚଳରେ ଉନ୍ନତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରୋଗୀ

ଜନସଂଖ୍ୟା ଓ ଭୌଗଳିକ ଦୃଷ୍ଟିକୋଣରୁ ଗଞ୍ଜାମ ସର୍ବବୃହତ୍ତ ଜିଲ୍ଲା। କୁହାଯାଏ ରାଜ୍ୟର ବିକାଶ ଚିତ୍ର ଆଙ୍କିବା ବେଳେ ଗଞ୍ଜାମର ପରିକଳ୍ପନାକୁ ବିଶେଷ ଗୁରୁତ୍ୱ ଦିଆଯାଏ। କିନ୍ତୁ ଏଠାରେ ସବୁ ବ୍ୟବସ୍ଥା ଢିଲା। ସ୍ୱାଧିନତାର ଦୀର୍ଘ ଦଶନ୍ଧି ପରେ ମଧ୍ୟ ମୌଳିକ ସମସ୍ୟା ସମାଧାନ ଲାଗି ଆବଶ୍ୟକ ସୁବିଧା ସରକାର ଯୋଗାଇବାରେ ବିଫଳ ହୋଇଛନ୍ତି। ଫଳରେ ସାଧାରଣ ଜନତା ସମସ୍ୟାର ସମ୍ମୁଖିନ ହେଉଥିବା ବେଳେ ଏମାନଙ୍କ ଡ଼ାକ ସରକାର ନିକଟରେ ପହଞ୍ଚୁଛି କି ନାହିଁ ସେନେଇ ସନ୍ଦେହ ଘନୀଭୂତ ହୋଇଛି। କାରଣ ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ମଧ୍ୟ ସମସ୍ୟାର ଲମ୍ବା ଫର୍ଦ୍ଦ ରହିଛି। ଏଗୁଡ଼ିକ ସମାଧାନ କରିବା ଦିଗରେ ପ୍ରଶାସନିକ ଆନ୍ତରିକତା ଓ ସରକାରୀ ତତ୍ପରତା ଅଭାବ ପରିଲକ୍ଷିତ ହୋଇଥିବା ଅଭିଯୋଗ ହୋଇଛି। ଗଞ୍ଜାମ ଜିଲ୍ଲାରେ ବିଶେଷ କରି ସ୍ୱାସ୍ଥ୍ୟ ବ୍ୟବସ୍ଥା ଭାରି ଜଟିଳ। ଜିଲ୍ଲାରେ ପର୍ଯ୍ୟାପ୍ତ ମେଡ଼ିକାଲ ଅଛି। ସ୍ୱାସ୍ଥ୍ୟ ଭିତ୍ତିଭୂମି ବି ଏକରକମ ଭଲ ରହିଛି। କିନ୍ତୁ ଆବଶ୍ୟକ ଡାକ୍ତର ନାହାନ୍ତି। ଆଉ କିଛି ସ୍ଥାନରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବେଶ ଅଭାବ ରହିଥିବା ମଧ୍ୟ ଦେଖିବାକୁ ମିଳିଛି। ଏଣେ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ପଦବୀ ପୂରଣ ହେଉଥିବାରୁ ଲୋକେ ଉଚିତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ବି ହେଉଛି। ଜିଲ୍ଲାରେ କେବଳ ଡାକ୍ତର ନୁହନ୍ତି, ନର୍ସିଂ ଅଫିସର, ଫାର୍ମାସିଷ୍ଟ, ବହୁମୁଖୀ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ପୁରୁଷ (ଏମପିଏଚଏସ), ବହୁମୁଖୀ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ମହିଳା, ବହୁମୁଖୀ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଉଭୟ ପୁରୁଷ ଓ ମହିଳା ବର୍ଗର କର୍ମଚାରୀ, ରେଡ଼ିଓଗ୍ରାଫର, ଲ୍ୟାବ ଟେକ୍ନିସିଆନ, ଏଡପିଏଚସିଓ, ଚକ୍ଷୁ ସହାୟକ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ରହିଛି। ଫଳରେ ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଉଛି। ଅନେକ ମେଡ଼ିକାଲରେ ଆବଶ୍ୟକ ସ୍ୱାସ୍ଥ୍ୟ କର୍ମଚାରୀ ଅଭାବରୁ ଗ୍ରାମାଞ୍ଚଳରେ ଲୋକେ ପର୍ଯ୍ୟାପ୍ତ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏଥିଯୋଗୁଁ ଅନେକ ସମୟରେ ଗଞ୍ଜାମ ଜିଲ୍ଲାବାସୀ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଲାଗି ସମୁଦାୟ ୧୦୭୭ଟି ଡାକ୍ତର ଆବଶ୍ୟକ ରହିଥିବା ବେଳେ ଏଠାରେ ମାତ୍ର ୩୩୭ ଜଣ ଅଛନ୍ତି। ୭୪୦ଟି ଅର୍ଥାତ ୬୮.୭୧ପ୍ରତିଶତ ଡାକ୍ତର ପଦବୀ ଖାଲି ପଡ଼ିଛି। ସେହିଭଳି ୬୩୭ଟି ନର୍ସିଂ ଅଫିସର ପଦବୀ ମଧ୍ୟରୁ ୪୨୪ଟି ଖାଲି ପଡ଼ିଥିବା ବେଳେ ୩୬୭ ପଦବୀ ମଧ୍ୟରୁ ୧୦ଟି କମ୍ୟୁନିଟି ହେଲଥ ଅଫିସର ପଦବୀ ଶୂନ୍ୟ ରହିଛି। ଅନୁରୂପ ଭାବେ ଜିଲ୍ଲାରେ ଫାର୍ମାସିଷ୍ଟ ପଦବୀର ଅଭାବ ବି ଘୋର ଅଭାବ ରହିଛି। କାରଣ ମୋଟ ୨୦୧ଫାର୍ମାସିଷ୍ଟ ପଦବୀ ମଧ୍ୟରୁ ଅଛନ୍ତି ମାତ୍ର ୧୧୧ଜଣ। ସେହିଭଳି ବହୁମୁଖୀ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ପୁରୁଷ ସମୁଦାୟ ୧୫୦ ପଦବୀ ମଧ୍ୟରୁ ୫୪ଟି ଖାଲିଥିବା ବେଳେ ମହିଳା ପର୍ଯ୍ୟବେକ୍ଷକ ୧୯୫ପଦବୀରୁ ମାତ୍ର ଅଛନ୍ତି ୧୯ଜଣ। ବହୁମୁଖୀ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ କର୍ମଚାରୀ ଉଭୟ ପୁରୁଷ ଓ ମହିଳା ବର୍ଗରେ ଯଥାକ୍ରମେ ୫୫୧ ଓ ୨୪୩ ପଦବୀ ଖାଲି ପଡ଼ିଛି। ଅନ୍ୟଥା ୪୫ଟି ରେଡ଼ିଓଗ୍ରାଫର ପଦବୀରୁ ୨୮ଟି ଖାଲି ପଡ଼ିଥିବା ବେଳେ ୪୧ଟି ଲ୍ୟାବ ଟ୍ୟାକ୍ନସିଆନ ନାହାନ୍ତି। ସେହିଭଳି ୩ଟି ପିଏଚଇଓ ଓ ୪ଟି ଚକ୍ଷୁ ସହାୟକ ପଦବୀ ବି ଖାଲି ରହିଛି। ଏଭଳିସ୍ଥଳେ ଲୋକେ ଉଚିତ ସ୍ୱାସ୍ଥ୍ୟସେବା ପାଇବା ଆଶା କରିବା ବୃଥା ବୋଲି ସ୍ୱାସ୍ଥ୍ୟବିତ ମତ ଦେଇଛନ୍ତି।

ସୂଚନା ପ୍ରକାରେ ବ୍ରହ୍ମପୁରଠାରେ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲ ଥିବା ବେଳେ ଏଠାରେ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ବା ସିଟି ହସ୍ପିଟାଲ ରହିଛି। ସେହିଭଳି ଆସିକା, ଭଞ୍ଜନଗର, ଛତ୍ରପୁର ଓ ହିଞ୍ଜିଳିକାଟୁରେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଅନୁରୂପ ଭାବେ ୨୨ଟି ବ୍ଲକ ସମେତ ୬ଟି ଅତିରିକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଜିଲ୍ଲାରେ ୯୩ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୮ଟି ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର, ୪୬୦ଟି ଉପସ୍ୱାସ୍ଥ୍ୟକେନ୍ଦ୍ର ଆଦି ରହିଛି। ହେଲେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦବୀ ଖାଲି ପଡ଼ିଛି। ଫଳରେ ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ଭଳି ମୌଳିକ ସମସ୍ୟାରେ ଜୁଝି ହେଉଛି। ଏଥିପ୍ରତି ଦୃଷ୍ଟି ଦେଇ ସମସ୍ତ ପଦବୀ ପୂରଣ କରିବାକୁ ଜିଲ୍ଲାବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏନେଇ ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

● ଏମ୍‌କେସିଜି ମେଡିକାଲ କ୍ୟାମ୍ପସ୍‌ରେ ଲୁଟେରା ଗ୍ୟାଙ୍ଗ ସକ୍ରିୟ

# ବାଇକ୍‌ରେ ଯୁବକଙ୍କୁ ଧକ୍କାଦେଇ ଲୁଟିନେଲେ ମୋବାଇଲ

ବ୍ରହ୍ମପୁର, ୨୩।୭ (ସମିସ): ଏମକେସିଜି ମେଡିକାଲକୁ ଚିକିତ୍ସା ନିମନ୍ତେ ଦୈନିକ ହଜାର ହଜାର ସଂଖ୍ୟାରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଆସିଥାନ୍ତି। ତେବେ ଡାକ୍ତରଖାନା କ୍ୟାମ୍ପସରେ ରୋଗୀ ତଥା ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ ସ୍ୱତନ୍ତ୍ର ଆଶ୍ରୟ ସ୍ଥଳୀର ବା ରାତ୍ରିଯାପନ ସ୍ଥଳୀର ବ୍ୟବସ୍ଥା ନଥିବାରୁ ସମସ୍ତେ ଏଣେତେଣେ ରାତ୍ରିଯାପନ କରିଥାନ୍ତି। ଯଦ୍ୱାରା ଅନେକ ଚୋରି ଓ ଲୁଟ ଭଳି ଘଟଣାର ଶିକାର ହୋଇଥାନ୍ତି। କ୍ୟାମ୍ପସରେ ଢ଼ିଲା ସୁରକ୍ଷା ତଥା ଦୂରଦୂରାନ୍ତରୁ ଆସିଥିବା ନିରୀହ ଲୋକଙ୍କ ସରଳତାର ସୁଯୋଗ ନେଇ ଲୁଟେରା ଗ୍ୟାଙ୍ଗ ସକ୍ରିୟ ଥିବା ଜଣାପଡ଼ିଛି। ଏପରିକି ନିୟମିତ ବ୍ୟବଧାନରେ ଅନେକଙ୍କ ଠାରୁ ଲୁଟ ନଜିର ମଧ୍ୟ ରହିଛି।

ରାୟଗଡ଼ା ଜିଲ୍ଲା ପଦ୍ମପୁର ଥାନା ଅନ୍ତର୍ଗତ ଲାଉଗୁଡା ଗ୍ରାମର ରାମକୃଷ୍ଣ ବିଶୋୟୀ(୩୧) ସ୍ୱାସ୍ଥ୍ୟ ସମସ୍ୟା ଥିବାରୁ ଏମ୍‌କେସିଜି ମେଡିକାଲକୁ ଆସିଥିଲେ। ଗତ ୨୧ତାରିଖ ରାତି ପ୍ରାୟ ୯ଟା ୧୫ରେ ସେ ହସ୍ପିଟାଲରୁ ବାହାରକୁ ଖାଇବାକୁ ଯିବାବେଳେ ହଠାତ ୩ଜଣ ଦୁର୍ବୃତ୍ତ ଗୋଟିଏ ବାଇକରେ ଆସି ରାମକୃଷ୍ଣଙ୍କୁ ଧକ୍କାମାରି ତାଙ୍କ ହାତରୁ ମୋବାଇଲକୁ ଝାମ୍ପି ନେଇଥିଲେ। ଏନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ଲୁଟେରାଙ୍କୁ ଚିହ୍ନଟ କରିଥିବା ଜଣାପଡ଼ିଛି। ଖୁବଶୀଘ୍ର ଲୁଟେରାଙ୍କୁ ଗିରଫ କରାଯିବ ବୋଲି ପୁଲିସ କହିଛି। ଅନ୍ୟପକ୍ଷରେ ଏମକେସିଜି ମେଡ଼ିକାଲ କ୍ୟାମ୍ପସକୁ ଚୋର ଓ ଲୁଟେରା ଗ୍ୟାଙ୍ଗ ଏକ ନିରାପଦ ସ୍ଥଳୀ ଭାବେ ବାଛି ନେଇଛନ୍ତି। ସୁଯୋଗ ଦେଖି ରୋଗୀ ଓ ସମ୍ପର୍କୀୟଙ୍କ ଠାରୁ ନଗଦ ଟଙ୍କା, ମୋବାଇଲ ଓ ବାଇକ ଚୋରି କରି ଅନାୟସରେ ଚମ୍ପଟ ମାରୁଛନ୍ତି। ମେଡିକାଲର ବିଭିନ୍ନ ସ୍ଥାନରେ ୨୪ଘଣ୍ଟିଆ ସିସିଟିଭି ଓ ସୁରକ୍ଷା କର୍ମୀଙ୍କ ମୁତୟନ ଥିଲେ କିଛି ସୁଫଳ ମିଳୁନଥିବା ଅଭିଯୋଗ ହୋଇଛି। ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀଙ୍କ ଦାୟିତ୍ୱରେ ଅବହେଳା ଓ ପୁଲିସର ଢ଼ିଲା ପାଟ୍ରୋଲିଂ ବ୍ୟବସ୍ଥା ଯୋଗୁଁ କ୍ୟାମ୍ପସ ଅସୁରକ୍ଷିତ ଥିବା ବୃଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ମହଙ୍ଗା ପଡ଼ିଲା ପାର୍ଟଟାଇମ ଚାକିରି ଓ ଅନଲାଇନ ନିବେଶ

# ମହିଳା ହରାଇଲେ ୨.୬୩ଲକ୍ଷ

ବ୍ରହ୍ମପୁର, ୨୩।୭ (ସମିସ): ଅନ୍‌ଲାଇନରେ ପାର୍ଟଟାଇମ ଚାକିରି କରିବା ଲୋଭ ଜଣେ ମହିଳାଙ୍କ ପାଇଁ ମହଙ୍ଗା ପଡ଼ିଛି। ସାଇବର ଠକମାନେ ମହିଳାଙ୍କୁ ପାର୍ଟଟାଇମ ଚାକିରି ଦେବାପରେ ଅନ୍‌ଲାଇନରେ ନିବେଶ କରିବାକୁ ପ୍ରବର୍ତ୍ତାଇ ତାଙ୍କ ଠାରୁ ୨ଲକ୍ଷ ୬୩ହଜାର ୫୦୦ଟଙ୍କା ଠକି ନେଇଛନ୍ତି।

ସୂଚନା ପ୍ରକାରେ, ହରିଡ଼ାଖଣ୍ଡି ଅଞ୍ଚଳରେ ରହୁଥିବା ଏହି ୨୬ବର୍ଷୀୟ ମହିଳାଙ୍କ ନିକଟକୁ ଏକ ଅଜଣା ନମ୍ବରରୁ କଲ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ଟେଲିଗ୍ରାମରେ ପାର୍ଟଟାଇମ ଚାକିରି କରିବାକୁ ଅଫର ଦେଇଥିଲେ। ମହିଳା ଜଣକ ଏକ ଟେଲିଗ୍ରାମ ଚ୍ୟାନେଲରେ ଯୋଡି ହୋଇଥିଲେ। ସେହି ଚ୍ୟାନେଲର ଆଡମିନମାନେ ମହିଳାଙ୍କୁ ଅନଲାଇନରେ ଏକାଧିକ କାମ ଦେଇଥିଲେ। ଉକ୍ତ କାମ ଶେଷ ହେବାପରେ ମହିଳାଙ୍କ ନିକଟକୁ କମିଶନ ମଧ୍ୟ ଆସିଥିଲା। ପରେ ମହିଳାଙ୍କ ଭରସା ବଢ଼ିଥିଲା। ଏପଟେ ସାଇବର ଠକମାନେ ତାଙ୍କୁ ବିଭିନ୍ନ ପ୍ରକାରର ଅନ୍‌ଲାଇନ ଇନ୍‌ଭେଷ୍ଟମେଣ୍ଟ ସ୍କିମ ସମ୍ପର୍କରେ ବୁଝାଇଥିଲେ। ଅନ୍‌ଲାଇନରେ ନିବେଶ କଲେ କମ୍ ଦିନରେ ଲକ୍ଷପତି ହୋଇପାରିବେ ବୋଲି ଲୋଭ ଦେଖାଇଥିଲେ। ପୂର୍ବରୁ କମିଶନ ଅର୍ଥ ପାଇଥିବାରୁ ମହିଳା ଜଣକ ବିଶ୍ୱାସ କରି ପର୍ଯ୍ୟାୟକ୍ରମେ ମୋଟ ୨ଲକ୍ଷ ୬୩ହଜାର ୫୦୦ଟଙ୍କା ଜମା କରିଥିଲେ। ତେବେ ପରବର୍ତ୍ତି ସମୟରେ ନିଜ ଟଙ୍କା ଉଠାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ପାଲଟା ତାଙ୍କୁ ଅଧିକ ପୁଞ୍ଜି ନିବେଶ କରିବାକୁ ସାଇବର ଠକମାନେ ବାଧ୍ୟ କରିଥିଲେ। ଏଥିରେ ସନ୍ଦେହ କରି ମହିଳା ଜଣକ ବିଭିନ୍ନ ଦିଗରୁ ଯାଞ୍ଚ କରିବା ପରେ ସାଇବର ଠକଙ୍କ କବଳରେ ସେ ଫସି ଯାଇଥିବା ଜାଣି ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଶ୍ରୀ ରାମଲିଙ୍ଗ ଚୌଡ଼େଶ୍ୱରୀଙ୍କ ବାର୍ଷିକ ଉତ୍ସବ



ବ୍ରହ୍ମପୁର, ୨୩।୭ (ସମିସ): ମାର୍ଥାପେଟା ସାହିସ୍ଥିତ ଶ୍ରୀସିଦ୍ଧେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପରେ ଶ୍ରୀ ରାମଲିଙ୍ଗ ଚୌଡ଼େଶ୍ୱରୀଙ୍କ ୪୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ବିଧାୟକ କେ. ଅନିଲ କୁମାର, ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା ଓ କାହ୍ନୁ ଚରଣ ପତି ପ୍ରମୁଖଙ୍କ ଉପସ୍ଥିତ ଥିଲେ। ଏ ଅବସରରେ ୧୦୮ କଳସ ଅଭିଷେକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସେହିପରି ୨୪ତାରିଖରେ ମା'ଙ୍କ ରୂପ ଦର୍ଶନ, ଦେବୀ ହୋମ, ୨୫ରେ ସାମୂହିକ କୁଙ୍କୁମ ପୂଜା ଆରତୀ, ୨୬ରେ ରୁଦ୍ରାଭିଷେକ, ଶିବ ପୂଜା ଓ ପ୍ରସାଦ ସେବନ ଏବଂ ୨୭ ସକାଳେ ମା'ଙ୍କ ନଗର ପରିକ୍ରମା ସହ ଉଦ୍‌ଯାପନ ହେବାର କାର୍ଯ୍ୟକ୍ରମ ରହିଥିବା ସଭାପତି ଟି.ଗୋପୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମ କର୍ପୋରେଟର ଟି. କିଶୋର, ଜେ. ଦେବଦାସ, ଏ. ଶେଖର, ଏ. ନନ୍ଦ ରାଜୁ, ଏନ୍. ଗୀତା, ଏନ୍. ପଦ୍ମଜା, ଏ.ଭି ରାମାରାଓଙ୍କ ସମେତ ସମସ୍ତ କମିଟିର କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଗୁଳି ଫୁଟାଇ ମହିଳାଙ୍କଠାରୁ ସୁନାଚେନ୍ ଲୁଟ୍

● ଅଭିଯୁକ୍ତଙ୍କୁ ଧରିବାକୁ ୩ ଟିମ୍ ଗଠିତ
● ଘଟଣାସ୍ଥଳରେ ଏସ୍‌ପିଙ୍କ ତନାଘନା

ବ୍ରହ୍ମପୁର, ୨୩।୭ (ସମିସ): ଅଶାନ୍ତ ହୋଇପଡ଼ିଛି ବ୍ରହ୍ମପୁର ସହର। ରାସ୍ତାଘାଟରେ ନିର୍ଭୟରେ ଓ ଅବାଧରେ ବୁଲିବା ସହ ଲୋକଙ୍କୁ ଲୁଟୁଛନ୍ତି ଲୁଟେରା। ଏଭଳି ପରିସ୍ଥିତିରେ ମଙ୍ଗଳବାର ଅପରାହ୍ନରେ ନିମଖଣ୍ଡି ଥାନା ଅନ୍ତର୍ଗତ ଗୋବିନ୍ଦବିହାର ୮ମ ଲାଇନରେ କିଛି ଦୁର୍ବୃତ୍ତ ବାଇକରେ ଆସି ଜଣେ ମହିଳାଙ୍କ ଘର ସମ୍ମୁଖରେ ମୁଣ୍ଡରେ ବନ୍ଧୁକ ଲଗାଇ ସୁନାଚେନ ଲୁଟିନେଇଥିବା ଅଭିଯୋଗ ହୋଇଛି। ଖବରପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

ସୂଚନାଯୋଗ୍ୟ ଯେ, ଗୋବିନ୍ଦବିହାର ନିବାସୀ ଜନୈକା ମହିଳା ନିଜ ଦୁଇଝିଅଙ୍କୁ ଟ୍ୟୁସନରୁ ଆଣିବାକୁ ଗେଟ୍‌ବଜାର ଯାଇଥିଲେ। ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। ଝିଅମାନଙ୍କୁ ଟ୍ୟୁସନରୁ ଆଣିବା ପରେ ସେମାନେ ଘର ଭିତରକୁ ଯିବାବେଳେ ମହିଳା ଜଣକ ବାହାରେ ଥିଲେ। ଏହି ସମୟରେ ହଠାତ ଜଣେ ଯୁବକ ମହିଳାଙ୍କୁ ବନ୍ଧୁକ ଦେଖାଇ ସେ ପିନ୍ଧିଥିବା ସୁନା ଅଳଙ୍କାର ମାଗିଥିଲେ। ମହିଳା ଜଣକ ରାଜି ନହେବାରୁ ଯୁବକ ଜଣକ ଜୋର ଜବରଦସ୍ତ କରି ଏପରିକି ଗୁଳି ଫୁଟାଇ ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇଥିଲେ। ସୌଭାଗ୍ୟବଶତଃ ମହିଳାଙ୍କ କାନପାଖ ଦେଇ ଗୁଳି ଚାଲିଯାଇଥିଲା ଏବଂ ଅଳ୍ପକେ ବର୍ତ୍ତି ଯାଇଥିଲେ।

ମଙ୍ଗଳବାର ସନ୍ଧ୍ୟାରେ ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ୍ ଘଟଣା ସ୍ଥଳରେ ପହଞ୍ଚି ତନାଘନା କରିଥିଲେ। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ୩ଟି ସ୍ୱତନ୍ତ୍ର ଟିମ ଗଠନ କରିଛନ୍ତି। ଗଠିତ ଟିମରେ ୨ଜଣ ଡିଏସପି, ୨ଜଣ ଇନ୍ସପେକ୍ଟର ଓ ୩ଜଣ ସବଇନ୍ସପେକ୍ଟରଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀଙ୍କୁ ସାମିଲ କରାଯାଇଛି। ସିସିଟିଭିରୁ ପୁଲିସ ଦୁର୍ବୃତ୍ତଙ୍କ ସଂଗୃହୀତ ଫଟୋକୁ ଚିହ୍ନଟ କରିବା ସହ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଘଟଣାକୁ ସ୍ୱୀକାର କରିବା ସହିତ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି କହିଛନ୍ତି ଏସ୍‌ପି।

# ଘରୁ ୧୦ ଭରି ସୁନା ଓ ଟଙ୍କା ନେଇ ଯୁବତୀ ଫେରାର

ବ୍ରହ୍ମପୁର, ୨୩।୭ (ସମିସ): ସ୍ଥାନୀୟ ଲକ୍ଷ୍ମୀନୃସିଂହ ସାହି ୯ମ ଗଳିର ଜଣେ ୧୯ ବର୍ଷିୟ ଯୁବତୀ ଘରୁ ସୁନା ଅଳଙ୍କାର ଓ ନଗଦ ଟଙ୍କା ନେଇ ଫେରାର ହୋଇଥିବା ନେଇ ବଡ଼ବଜାର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଗତ ୨୧ ତାରିଖ ପୂର୍ବାହ୍ନରେ ଯୁବତୀ ଜଣକ ଘରେଥିବା ୧୦ଭରି ସୁନା ଅଳଙ୍କାର ଓ ୫୦ହଜାର ଟଙ୍କା ନେଇ କେଉଁଆଡେ ଚାଲିଯାଇଛନ୍ତି। ଅରୁଣ ନାୟକ ନାମକ ଜଣେ ଯୁବକଙ୍କ ସହିତ ଯାଇଥିବା ପରିବାର ଲୋକେ ସନ୍ଦେହ କରି ଅରୁଣଙ୍କ ନାମରେ ଥାନାରେ ଅଭିଯୋଗ କରିଛନ୍ତି। ଯୁବତୀଙ୍କୁ ଉଦ୍ଧାର କରିବାକୁ ଯାଇ ପୁଲିସ ଅରୁଣଙ୍କ ମୋବାଇଲ୍ ଟ୍ରାକିଂ କରୁଥିବାବେଳେ ସେ ବାରମ୍ବାର ସ୍ଥାନ ବଦଳାଉଥିବାରୁ ପୁଲିସ ଧରିପାରୁନାହିଁ। ତେବେ ଖୁବଶୀଘ୍ର ପୁଲିସ ସମ୍ପୃକ୍ତ ଯୁବତୀଙ୍କୁ ଉଦ୍ଧାର କରିବ ବୋଲି କହିଛି।


CENTRAL UNIVERSITY OF ODISHA, KORAPUT
(Established Under the Central Universities Act, 2009)
Dept. of Higher Education, Ministry of Education, Govt. of India
NAD, Sunabeda, Dist-Koraput, Odisha. PIN-763004
Website: www.cuo.ac.in

ADMISSION NOTIFICATION FOR M.SC. IN BIODIVERSITY AND CONSERVATION OF NATURAL RESOURCES

Activity Schedule :

| | |
|---|---|
| Date & Time for Reporting: | 28.07.2025 (9.30 AM to 10.30 AM) |
| Date & Time for Document Verification | 28.07.2025 (10.30 AM to 11.30 AM) |
| Date & Time for Entrance Examination | 28.07.2025 (11.30 AM to 12.30 PM) |
| Date & Time for Publication of Result & Merit List | 28.07.2025 (by 2.30 PM) |
| Date & Time for Admission | 28.07.2025 (2.30 PM onwards) |

For more details please visit our website(s): www.cuo.ac.in
For any query: Contact No. 9439185655 / 9668887305 / 8144744270
Email: admission@cuo.ac.in
Sd/-
Controller of Examinations


## ୬୪ତମ 'ସାହାଣୀ କପ୍' ଫୁଟବଲ୍ ଚାମ୍ପିଅନ୍‌ସିପ୍

# ଭୁବନେଶ୍ୱରକୁ ହରାଇ ସେମିରେ କୋରାପୁଟ

ବ୍ରହ୍ମପୁର, ୨୩।୭ (ସମିସ)




● ସେମିରେ କୋରାପୁଟ ସହ ଖେଳିବ ବୌଦ୍ଧ ଜୋନ୍‌ର ବିଜେତା
● ୨୭ରେ ବ୍ରହ୍ମପୁରରେ ଖେଳାଯିବ ପ୍ରଥମ ସେମିଫାଇନାଲ୍

ଗଞ୍ଜାମ ଜିଲ୍ଲା ଫୁଟବଲ୍ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୬୪ତମ ପୁରୁଷ ବରିଷ୍ଠ ବର୍ଗ ଫୁଟବଲ ଚାମ୍ପିଅନ୍‌ସିପ 'ସାହାଣୀ କପ୍'-୨୦୨୫ର ବୁଧବାର ଗୋଟିଏ ମ୍ୟାଚ ଖେଳାଯାଇଥିଲା। ବ୍ରହ୍ମପୁର ଜୋନର କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର ଓ କୋରାପୁଟ ଦଳ ମୁହାଁମୁହିଁ ହୋଇଥିଲେ। କୋରାପୁଟ ଦଳ ଭୁବନେଶ୍ୱରକୁ ୨-୧ରେ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଖେଳର ମାତ୍ର ୧୦ମିନିଟରେ ଭୁବନେଶ୍ୱର ପକ୍ଷରୁ ସୌମେଶ ମହାନ୍ତି ପେନାଲ୍‌ଟି ଗୋଲ୍ ଜରିଆରେ ଦଳକୁ ଅଗ୍ରଣୀ କରାଇଥିଲେ। ପରେ ପ୍ରତିପକ୍ଷ କୋରାପୁଟ ଦଳ ପକ୍ଷରୁ ଅବିନାଶ ମୁଦୁଲି ୪୬ମିନିଟରେ ଏକ ପେନାଲ୍‌ଟି ଗୋଲ ଜରିଆରେ ଦଳୀୟ ସ୍ଥିତିକୁ ସମାନ କରିଥିଲେ। ଖେଳର ପ୍ରଥମାର୍ଦ୍ଧରେ ଉଭୟ ଦଳର ସ୍କୋର ୧-୧ରେ ଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ କୋରାପୁଟ ଦଳ ପକ୍ଷରୁ ୮୧ମିନିଟରେ ଅବିନାଶ ମୁଦୁଲି ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଦଳକୁ ବିଜୟୀ କରିଥିଲେ। କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱରକୁ ପରାସ୍ତ କରି କୋରାପୁଟ ଦଳ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲକୁ ପ୍ରବେଶ କରିଛି। ଏହି ମ୍ୟାଚରେ ରେଫେରୀ ଭାବେ ଜ୍ୟୋତି ରଞ୍ଜନ ସ୍ୱାଇଁ, ସହନୱାଜ ଆଲମ, ସକାଲିନ ଆସ୍ରିଫ ଓ ଦିଗବିଜୟ ଦାସ ଖେଳ ପରିଚାଳନା କରିଥିଲେ। ମ୍ୟାଚ କମିଶନର ଭାବେ ସୁଜିତ କୁମାର ପାତ୍ର ଦାୟିତ୍ୱ ତୁଲାଇ ଥିଲେ। ଆସନ୍ତା ୨୭ ତାରିଖରେ ବ୍ରହ୍ମପୁର ଠାରେ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏଥିରେ ବୌଦ୍ଧ ଜୋନରେ ୨୫ତାରିଖରେ ଖେଳାଯିବାକୁ ଥିବା ସମ୍ବଲପୁର ଓ ବରଗଡ଼ ମଧ୍ୟରେ ହେବାକୁ ଥିବା ମ୍ୟାଚର ବିଜେତାଙ୍କ ସହିତ କୋରାପୁଟ ଖେଳିବ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ମହାନଗର ନିଗମର କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ଯୋଗ ଦେଇଥିବା ବେଳେ ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ତଥା ପୂର୍ବତନ କର୍ପୋରେଟର ଅଶୋକ କୁମାର ଶୁକ୍ଳା ଓ ସେଣ୍ଟ ଜାଭିୟର୍ସ ଗ୍ରୁପର ନିର୍ଦ୍ଦେଶକ କୁନାଲ କୌଶିକ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ବିଏମସି କମିଶନର ବିଜୟୀ କୋରାପୁଟ ଦଳକୁ ୫ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଗଞ୍ଜାମ ଜିଲ୍ଲା କ୍ରୀଡା ସଂଘର ବରିଷ୍ଠ ସଦସ୍ୟ ଡି. ଆପ୍ପା ରାଓ, ଗୋପାଳ ଚନ୍ଦ୍ର ପଣ୍ଡା, ଲକ୍ଷ୍ମୀକାନ୍ତ ପାତ୍ର, ରାଜେନ୍ଦ୍ର ଗନ୍ତାୟତ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ନବ କିଶୋର ପ୍ରଧାନ, ବିଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

ସକାଳ THE SAKALA



# ନେପାଳ ଛାତ୍ରୀ ମୃତ୍ୟୁରେ ତତ୍ପର; ଓଡ଼ିଆ ବେଳକୁ ଚୁପ୍

**ଭୁବନେଶ୍ୱର,୨୩।୭(ସମିସ):** ବିହାର ପାଟନାସ୍ଥିତ ଏମ୍ସରେ ପିଜି ପ୍ରଥମବର୍ଷ ଛାତ୍ର ଢେଙ୍କାନାଳର ଯାଦବେନ୍ଦ୍ର ସାହୁ (୨୫)ଙ୍କ ମୃତଦେହ ଗତ ୧୮ ତାରିଖରେ ସେ ରହୁଥିବା ହଷ୍ଟେଲ କୋଠରିରୁ ଉଦ୍ଧାର କରାଯାଇଛି। ଏମ୍ସ କର୍ତ୍ତୃପକ୍ଷ ଏହାକୁ ଆତ୍ମହତ୍ୟା କହୁଥିବା ବେଳେ ପରିବାର ଲୋକ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରୁଛନ୍ତି। ଘଟଣାର ବ୍ୟାପକ ତଦନ୍ତ ପାଇଁ ପରିବାର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଦାବି କରୁଛନ୍ତି। ହେଲେ ପରିବାରର ଅଭିଯୋଗ ଶୁଣିବାକୁ କେହି ନାହାନ୍ତି। ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପ୍ରତିପକ୍ଷ ମୁଖ୍ୟମନ୍ତ୍ରୀଙ୍କ ସହ କଥାହେବା ତ ଦୂରର କଥା, ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟ ସଚିବ କିମ୍ବା ସ୍ଥାନୀୟ ବିଧାୟକ ମଧ୍ୟ ଘଟଣାର ତଦନ୍ତ ଦାବି କରୁନାହାନ୍ତି। ରାଜ୍ୟ ବାହାରେ ମୃତ୍ୟୁ ହୋଇଥିବାରୁ ତଦନ୍ତ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ। ହେଲେ ସରକାର ଓ ଜନପ୍ରତିନିଧିମାନେ ନିଦାବିଷ୍ଣୁ ସାଜିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ରାଜ୍ୟର ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଜଣେ ନେପାଳ ଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆତ୍ମହତ୍ୟା କୁହାଯାଇଥିଲେ ମଧ୍ୟ ନେପାଳ ସରକାର ଘଟଣାରେ ତୁରନ୍ତ ହସ୍ତକ୍ଷେପ କରିଥିଲେ। ଜାତୀୟ ମାନବାଧୀକାର ଆୟୋଗ (ଏନ୍ଏଚ୍ଆର୍ସି) ନିଜଆଡୁ ମାମଲାରେ ହସ୍ତକ୍ଷେପ କରି ତଦନ୍ତ କରିଥିଲେ। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ମଧ୍ୟ ଫ୍ୟାକ୍ଟ ଫାଇଣ୍ଡିଂ କମିଟି

■ ବିହାରରେ ଓଡ଼ିଆ ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ ଘଟଣା
■ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମେତ ସମସ୍ତେ ନିରବ

ଗଠନ କରି ତଦନ୍ତ ପାଇଁ ଓଡ଼ିଶା ଆସିଥିଲେ। ରାଜ୍ୟ ସରକାର ମଧ୍ୟ ଉଚ୍ଚସ୍ତରୀୟ କମିଟି ଗଠନ କରି ତଦନ୍ତ କରିଥିଲେ। ମନ୍ତ୍ରୀଙ୍କ ଠାରୁ ସଚିବ ପର୍ଯ୍ୟନ୍ତ ତୁହାକୁ ତୁହା ବୈଠକ କରୁଥିଲେ। ହେଲେ ଓଡ଼ିଆ ଛାତ୍ରଙ୍କ ବିହାରରେ ମୃତ୍ୟୁ ଘଟଣାରେ ଏପରି ତତ୍ପରତା ଦେଖାଗଲା ନାହିଁ। ଏନ୍ଏଚ୍ଆର୍ସି କିମ୍ବା ୟୁଜିସି ନିଜଆଡୁ ତଦନ୍ତ ପାଇଁ ଆଗ୍ରହ ପ୍ରକାଶ କଲେନାହିଁ। ଓଡ଼ିଶା ସରକାରଙ୍କ ଓଡ଼ିଆ ଅସ୍ମିତା ମଧ୍ୟ ପଥଚ୍ୟୁତ ହେଲା। ଓଡ଼ିଆ ଛାତ୍ରଙ୍କ ମୃତ୍ୟୁରେ ସମ୍ପୂର୍ଣ୍ଣ ନୀରବ ରହିଲେ।

ଯାଦବେନ୍ଦ୍ରଙ୍କ ମୃତ୍ୟୁକୁ ଆତ୍ମହତ୍ୟା ବୋଲି ପାଟନା ଏମ୍ସ କର୍ତ୍ତୃପକ୍ଷ କହିଛନ୍ତି। ମାତ୍ରାଧିକ ନିଶା ବଟିକା ସେବନ କାରଣରୁ ତାଙ୍କର ମୃତ୍ୟୁ ହୋଇଥିବା ଦର୍ଶାଇଛନ୍ତି। ହେଲେ ଏହାକୁ ତାଙ୍କ ମା' ଖଣ୍ଡନ କରିବା ସହ ପୁଅକୁ ମାରି ଦିଆଯାଇଥିବା କହିଛନ୍ତି। ହଷ୍ଟେଲ୍ରେ ପୂର୍ବରୁ ରାଗିଂ ହେଉଥିବା ସେ ମା'ଙ୍କୁ କହିଥିଲେ। ତେଣୁ ତାଙ୍କୁ ରାଗିଂ କରି ତାଙ୍କୁ ମାରିଦିଆଯାଇଥିବା ପରିବାର ଲୋକ ଅଭିଯୋଗ କରୁଛନ୍ତି। ସେହିପରି ପରିବାର ବର୍ଗ ହଷ୍ଟେଲ୍ରେ ପହଞ୍ଚିବା ପରେ ତାଙ୍କ କୋଠରୀ ଖୋଲାଥିଲା। କବାଟ ପୂର୍ବପରି ଅକ୍ଷତ ରହିଥିଲା। କୋଠରୀ ସହ ପାରିପାର୍ଶ୍ୱିକ ପରସ୍ଥିତି ଓ ସହପାଠୀଙ୍କ ସହ ଆଲୋଚନା ପରେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଉଛି। ମୃତ୍ୟୁର ପାଞ୍ଚଦିନ ପରେ ଗତକାଲି ଅର୍ଥାତ୍ ମଙ୍ଗଳବାର ତାଙ୍କର ଶବ ସତ୍କାର ହୋଇଛି। ପରିବାର ଲୋକ ଘଟଣାର ବ୍ୟାପକ ତଦନ୍ତ ପାଇଁ ପାଇଁ ଦାବି କରୁଛନ୍ତି।

ପୂର୍ବରୁ ମୃତ ଛାତ୍ରଙ୍କ ବାପାଙ୍କ ଦେହାନ୍ତ ହୋଇଥିବାରୁ ମା' ଓ ଜଣେ ଭାଇ ଅଛନ୍ତି। ତଦନ୍ତ ପାଇଁ ସେମାନେ ଦାବି କରୁଥିଲେ ମଧ୍ୟ ଓଡ଼ିଶା ସରକାର କିମ୍ବା ପ୍ରଶାସନ କୌଣସି ପଦକ୍ଷେପ ନେଉ ନାହାନ୍ତି। ଫଳରେ ଶୁଦ୍ଧିକ୍ରିୟା କରିବେ ନା ନ୍ୟାୟ ପାଇଁ ଲଢ଼ିବେ ସେନେଇ ପରିବାରବର୍ଗ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି। ଅପରପକ୍ଷରେ ଯାଦବେନ୍ଦ୍ରଙ୍କ ମୃତ୍ୟୁକୁ ଆତ୍ମହତ୍ୟା ରୂପ ଦେବାକୁ କେହି ସହଜରେ ବିଶ୍ୱାସ କରୁନାହାନ୍ତି। ଦୃଢ଼ ମନୋବଳ ଓ ପରିସ୍ଥିତି ସହ ଲଢ଼େଇ କରି ଡ଼ାକ୍ତରୀ ପଢୁଥିବା ପିଲାଟି ଆତ୍ମହତ୍ୟା କାହିଁକି କରିବ ବୋଲି ତାଙ୍କ ସହପାଠୀ ଓ ପିଲାଦିନର ଶିକ୍ଷକମାନେ ମଧ୍ୟ ପ୍ରଶ୍ନ କରୁଛନ୍ତି। ତଦନ୍ତ ଦାବିରେ ପୁଅକୁ ଡ଼ାକ୍ତର କରିବା ପାଇଁ ଆଶା ରଖିଥିବା ମା'ର ଆଖି ଲୁହ ଆଖିରେ ଶୁଖୁଛି। ଏଣୁ ଓଡ଼ିଶା ସରକାର ତୁରନ୍ତ ଘଟଣାରେ ହସ୍ତକ୍ଷେପ କରିବାକୁ ପରିବାର ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

■ ବିଏମ୍ସିରେ ପଶିଲା ଭିଜିଲାନ୍ସ

# ଆୟ ବହିର୍ଭୂତ ସମ୍ପତ୍ତି ଠୁଳ; କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଟକ



**ଭୁବନେଶ୍ୱର, ୨୧।୭(ସମିସ):** ବିଏମ୍ସିରେ ପସିଲା ଭିଜିଲାନ୍ସ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବିଏମ୍ସିର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ। ଜଗନ୍ନଥଙ୍କ ଘରୁ ଭିଜିଲାନ୍ସ ବିପୁଳ ପରିମାଣ ସମ୍ପତ୍ତି ଠାବ କରିଛି। ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନ ସମେତ, ପୈତୃକ ଘର ଏବଂ ବିଏମ୍ସି କାର୍ଯ୍ୟାଳୟରେ ବୁଧବାର ଦିନତମାମ ଚଢ଼ଉ ଜାରି ରହିଥିଲା। ଜଗନ୍ନାଥଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଅଟକ ରଖି ପଚରାଉଚରା କରୁଛନ୍ତି। ଭିଜିଲାନ୍ସ ସୂଚନା ମୁତାବକ, ଜଗନ୍ନାଥ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିବା ପରେ ଭିଜିଲାନ୍ସ ପକ୍ଷରୁ ୪ଟି ଟିମ୍ ଗଠନ କରାଯାଇଥିଲା। ଆଜି ସକାଳେ ଏହି ଟିମ୍ ଜଗନ୍ନାଥଙ୍କ ଭୁବନେଶ୍ୱର ବଡ଼ଗଡ଼ସ୍ଥିତ ୩ ମହଲା ବିଶିଷ୍ଟ କୋଠା, ବାଲିପାଟଣା ତହସିଲର ରଣପୁରସ୍ଥିତ ଫାର୍ମ ହାଉସ୍, ରାୟଗଡ଼ା ଜିଲା ଗୁଣୁପୁରସ୍ଥିତ ଦୁଇ ମହଲା ବିଶିଷ୍ଟ ପୈତୃକ ଘର ଏବଂ ବିଏମ୍ସି କାର୍ଯ୍ୟାଳୟରେ ଚଢ଼ଉ କରିଥିଲା। ଏହିସବୁ ସ୍ଥାନରୁ ୪୬୦ ଗ୍ରାମ୍ ସୁନା ଅଳଙ୍କାର, ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମ୍ୟୁଚୁଆଲ୍ ଫଣ୍ଡ ଏବଂ ଡିପୋଜିଟ୍ ଜବତ କରାଯାଇଛି। ଏହା ସହିତ ଦୁଇଟି ୪ ଚକିଆ ଗାଡ଼ି ଏବଂ ୭ ଲକ୍ଷ ନଗଦ ଅର୍ଥ ଜବତ କରାଯାଇଛି।

ତେବେ ଜଗନ୍ନାଥଙ୍କ ବାଲିପାଟଣାସ୍ଥିତ ଫାର୍ମ ହାଉସ୍କୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଏହି ଫାର୍ମା ହାଉସ୍ଟି ୧.୫୭ ଏକର ବିଶିଷ୍ଟ। ଏଠାରେ ୮୩୩ ବର୍ଗଫୁଟ୍ ବିଶିଷ୍ଟ ଏକ ଦୁଇ ମହଲା ବିଶିଷ୍ଟ କୋଠା ରହିଛି। ଏଠାରେ ମାଛ ପୋଖରୀ ସମେତ ବହୁସଂଖ୍ୟାରେ ଫଳ ଗଛ ଲଗାଯାଇଛି। ଏଠାରୁ ଏକ ଦେଶୀ ବନ୍ଧୁକ ଏବଂ ମିରିଗ ଶିଙ୍ଘ ଜବତ କରାଯାଇଛି। ଏଗୁଡ଼ିକୁ ସେ କେଉଁଠୁ ଆଣିଲେ, ବନ୍ୟପ୍ରାଣୀ ଶିକାରରେ ତାଙ୍କର ସମ୍ପୃକ୍ତି ରହିଛି କି ବୋଲି ପ୍ରଶ୍ନ ଉଠିଛି। ଜବତ ଦେଶୀ ବନ୍ଧୁକ ଏବଂ ମିରିଗ ଶିଙ୍ଘକୁ ଖୁବ୍ଶୀଘ୍ର ବନ୍ୟପ୍ରାଣୀ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ଭିଜିଲାନ୍ସ କହିଛି।

# ଜମି କାରବାରରୁ ବ୍ୟବସାୟୀଙ୍କୁ ୨ ରାଉଣ୍ଡ ଗୁଳି

**ରାଉରକେଲା, ୨୩।୭(ସମିସ):** ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ତହସିଲ୍ କାର୍ଯ୍ୟାଳୟ ନିକଟରେ ବୁଧବାର ଦିନ ଦ୍ୱିପ୍ରହରରେ ଜଣେ ବ୍ୟବସାୟୀଙ୍କ ଉପରକୁ ୨ ରାଉଣ୍ଡ ଗୁଳିମାଡ଼ ହୋଇଛି। ତେବେ ସୌଭାଗ୍ୟକୁ ଗୁଳି ଦୁଇଟି ଲକ୍ଷ୍ୟଭ୍ରଷ୍ଟ ହେବାରୁ ବ୍ୟବସାୟୀଜଣଙ୍କ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବ୍ୟବସାୟୀଜଣଙ୍କ ହେଲେ,



ରାଉରକେଲା ସେକ୍ଟର-୨୦ ଅଞ୍ଚଳର ବ୍ୟବସାୟୀ ଉତ୍ତମ କୁମାର ଘୋଷ। ପରେ ଦୁର୍ବୃତ୍ତ ଦ୍ୱୟ ସେଠାରୁ ଫେରାର୍ ହୋଇଯାଇଥିଲେ। ଏହି ଗୁଳିକାଣ୍ଡ ଯୋଗୁଁ ଉକ୍ତ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ସେପଟେ ଗୁଳିକାଣ୍ଡ କରିବା ପରେ ଦୁର୍ବୃତ୍ତଦ୍ୱୟ ବୀରମିତ୍ରପୁରର ବ୍ରାହ୍ମଣମରାଠାରେ ବାଇକ୍ ଛାଡ଼ି ନିକଟସ୍ଥ ଜଙ୍ଗଲକୁ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, ରାଉରକେଲାର ସେକ୍ଟର-୨୦ ଅଞ୍ଚଳର ଉତ୍ତମ ଜମି ରେଜିଷ୍ଟ୍ରେସନ୍ କରିବା ପାଇଁ ବୀରମିତ୍ରପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଅପରାହ୍ନ ପ୍ରାୟ ୧ଟାରେ ପହଞ୍ଚିଥିଲେ। ସେଠାରେ କାର୍ରୁ ଓହ୍ଲାଉଥିବା ବେଳେ ୨ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ଉପରକୁ ଆଖିବୁଜା ୨ ରାଉଣ୍ଡ ଗୁଳିଚାଳନା କରି ଫେରାର୍ ହୋଇଯାଇଥିଲେ। ତେବେ ୨ଟି ଯାକ ଗୁଳି କାର୍ର ସମ୍ମୁଖ କାଚରେ

**କାର୍ରେ ବାଜିଲା ଗୁଳି, ଅଳ୍ପକେ ବର୍ତ୍ତିଗଲେ ବ୍ୟବସାୟୀ**

ବାଜି ଭିତରକୁ ଭେଦ କରିଥିବା ବେଳେ ମୁଣ୍ଡ ନୁଆଇଁଦେବାରୁ ଉତ୍ତମ ଅଳ୍ପକେ ବର୍ତ୍ତି ଯାଇଥିଲେ। ଉତ୍ତମ ଜମି ବାଡ଼ି କିଣାବିକା ବ୍ୟବସାୟରେ ସଂଶ୍ଲିଷ୍ଟ ଥିବା ଜଣାପଡ଼ିଛି। ଖବର ପାଇ ଘଟଣାସ୍ଥଳରେ ବୀରମିତ୍ରପୁର ଥାନା ଅଧିକାରୀ ରାମପ୍ରସାଦ ନାଗ, ଏସ୍ଡିପିଓ ସୁଶାନ୍ତ କୁମାର ଦାଶ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଫେରାର୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସିସିଟିଭି ଫୁଟେଜ ଯାଞ୍ଚ କରୁଛି। ତେବେ କେଉଁ କାରଣରୁ ଗୁଳିକାଣ୍ଡ ହୋଇଛି, ତାହା ଜଣା ପଡିନଥିବା ବେଳେ ଏହା ପଛରେ ବେଆଇନ ଜମି କାରବାର ଓ ଜମି ଦଲାଲି କାରଣ ରହିଥିବା ଚର୍ଚ୍ଚା ହୋଇଛି।

# କଂଗ୍ରେସ ନେତାଙ୍କ ଘରେ ଜିଏସ୍ଟି ଚଢ଼ଉ

**ରାଉରକେଲା,୨୩।୭(ସମିସ):** ରାଉରକେଲା ଛେଣ୍ଡ କଲୋନୀରେ ରହୁଥିବା କଂଗ୍ରେସ ନେତା ତଥା ପୂର୍ବତନ କଂଗ୍ରେସ ଉପସଭାପତି ଆଶିଷ ମହାନ୍ତିଙ୍କ ଘରେ ବୁଧବାର ଜିଏସ୍ଟି ବିଭାଗର ଟିମ୍ ଚଢ଼ଉ କରିଛି। କୋଟିକୋଟି ଟଙ୍କା ଜିଏସ୍ଟି ଫାଙ୍କିବା ଅଭିଯୋଗରେ କଂଗ୍ରେସ ନେତା ଆଶିଷଙ୍କ ପତ୍ନୀ ତଥା ମହିଳା ବ୍ୟବସାୟୀ ସ୍ନିଗ୍ଧା ମହାନ୍ତିଙ୍କୁ ଜିଏସ୍ଟି ବିଭାଗର ଟିମ୍ ଗିରଫ କରିଥିବା ଜଣାପଡ଼ିଛି।

**ପୂର୍ବତନ କଂଗ୍ରେସ ଉପସଭାପତିଙ୍କ ପତ୍ନୀ ଗିରଫ**

ସୂଚନାନୁଯାୟୀ, ସ୍ନିଗ୍ଧା ବିଭିନ୍ନ ବ୍ୟବସାୟମାଧ୍ୟମରେ ୨୦୧୮ ମସିହାରୁ ଜିଏସ୍ଟି ଠକେଇ କରିଆସୁଥିଲେ ବୋଲି ଅଭିଯୋଗ ହେବା ପରେ ଜିଏସ୍ଟି ଗୁଇନ୍ଦା ବିଭାଗ ପକ୍ଷରୁ ଛେଣ୍ଡସ୍ଥିତ ତାଙ୍କ ବାସଭବନରେ ଚଢ଼ଉ କରାଯାଇଥିଲା। ଜିଏସ୍ଟି ଅଧିକାରୀମାନେ ସମ୍ପୃକ୍ତ ମହିଳା ଓ ତାଙ୍କ ସ୍ୱାମୀଙ୍କୁ ଜେରା କରିବା ସହ ସେମାନଙ୍କ ଫାର୍ମର ବ୍ୟାଙ୍କ ଆକାଉଣ୍ଟ, ଜିଏସ୍ଟି ରିଟର୍ଣ୍ଣ ଫାଇଲ ସମେତ ବ୍ୟାଙ୍କ କାରବାର ସମ୍ପର୍କିତ କାଗଜପତ୍ର ଜବତ କରିଛନ୍ତି। ସ୍ନିଗ୍ଧା ଓ ତାଙ୍କ ସ୍ୱାମୀ ଆଶିଷ ଟ୍ରାନ୍ସପୋର୍ଟ ସମେତ ଖଣିଜ ସାମଗ୍ରୀ କାରବାର କରୁଥିଲେ ବୋଲି ଜଣାପଡ଼ିଛି। ମହିଳାଜଣଙ୍କ ଏକ କମ୍ପାନୀ ଖୋଲି ସେହି କମ୍ପାନୀ ଜରିଆରେ ପ୍ରାୟ ୧୪କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଟିକସ ଫାଙ୍କି ଥିବା ଡିଜିଜିଆଇ ଓ ରାଜ୍ୟ ଜିଏସ୍ଟି ବିଭାଗ ନିକଟରେ ଖବର ରହିଥିଲା। ୨୦୧୮ ଅକ୍ଟୋବରରେ ଜିଏସ୍ଟି ଠକେଇ ମାମଲାରେ ନାରାୟଣ ଖୈତାନ ଓ ମାନସ ବରାଳ ଗିରଫ ହେବା ପରେ ଉକ୍ତ ମାମଲାରେ ସ୍ନିଗ୍ଧାଙ୍କ ସମ୍ପୃକ୍ତି ନେଇ ଜିଏସ୍ଟି ବିଭାଗ ଜାଣିବାକୁ ପାଇଥିଲା। ସେ ଚାକିରି କରାଇଦେବାକୁ ତଥା ବୀମା କରାଇଦେବାକୁ କହି ବିଭିନ୍ନ ଲୋକଙ୍କଠାରୁ କାଗଜପତ୍ର ସଂଗ୍ରହ କରି ଜାଲ କମ୍ପାନୀ ଖୋଲୁଥିଲେ। ସେହି କମ୍ପାନୀ ଜରିଆରେ ଜାଲ ଜିଏସ୍ଟି ବିଲ୍ କରି ଇନ୍ପୁଟ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ହାସଲ କରୁଥିଲେ। ବଣାଇଁ ଅନ୍ତର୍ଗତ ନରେନ୍ଦ୍ର ଅଞ୍ଚଳର ମୀନା ସାହୁ ନାମକ ଜଣେ ମହିଳାଙ୍କ ଜରିଆରେ ବଣାଇଁ ଅଞ୍ଚଳରୁ ବହୁ ଲୋକଙ୍କ ପାନ୍, ଆଧାର, ଫଟୋ ଆଦି ସଂଗ୍ରହ କରି କମ୍ପାନୀ ଖୋଲିଥିଲେ। ସେ ସବୁ କମ୍ପାନୀ ଜରିଆରେ କୋଟିକୋଟି ଟଙ୍କାର ଜିଏସ୍ଟି ଠକିଥିବା ଅଭିଯୋଗ ହୋଇଥିଲା। ନିଜ କମ୍ପାନୀ ଜରିଆରେ ୧୧ରୁ ୧୨କୋଟି ଟଙ୍କା ଠକେଇ ଘଟଣାରେ ରାଜ୍ୟ ଜିଏସଟି ବିଭାଗ ମଧ୍ୟ ତଦନ୍ତ କରିଥିଲା। ପରେ ଭୁବନେଶ୍ୱରସ୍ଥିତ ଡିଜିଜିଆଇ ଓ ରାଉରକେଲା ଡିଜିଜିଆଇ ଅଧିକାରୀ ମିଳିତ ଭାବେ ଚଢ଼ଉ କରିଥିଲେ।

■ ରାଜ୍ୟରେ ଖୋଲିବ ନୂଆ ୫୬ ସିଭିଲ କୋର୍ଟ

# ୮୪୦ ନୂଆ ପଦବୀକୁ ରାଜ୍ୟପାଳଙ୍କ ମଞ୍ଜୁରୀ

**ଭୁବନେଶ୍ୱର, ୨୩।୭ (ସମିସ):** ରାଜ୍ୟରେ ଆଉ ୫୬ଟି ନୂଆ ସିଭିଲ କୋର୍ଟ ଖୋଲିବ। ଏହି କୋର୍ଟଗୁଡ଼ିକରେ ନିଯୁକ୍ତି ପାଇଁ ରାଜ୍ୟପାଳ ଉଭୟ ଗେଜେଟେଡ୍ ଓ ଅଣଗେଜେଟେଡ୍ ବର୍ଗର ୮୪୦ ନୂଆ ପଦବୀକୁ ମଞ୍ଜୁର କରିଥିବା ଜଣାପଡ଼ିଛି। ରାଜ୍ୟ ଆଇନ ବିଭାଗ ପକ୍ଷରୁ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ଚିଠି ଲେଖାଯାଇ ଏ ସଂକ୍ରାନ୍ତରେ ଅବଗତ କରାଯାଇଛି। ଏହି ୫୬ଟି କୋର୍ଟ ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା, ପୁରୀ, ନବରଙ୍ଗପୁର, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼, ବଲାଙ୍ଗୀର, ଗଜପତି, ଗଞ୍ଜାମ, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, କନ୍ଧମାଳ, କେନ୍ଦ୍ରାପଡ଼ା, ଢେଙ୍କାନାଳ, ଭଦ୍ରକ, ଅନୁଗୋଳ, ବରଗଡ଼ ଓ ବାଲେଶ୍ୱର ଜିଲ୍ଲାରେ ଖୋଲିବ। ମୟୂରଭଞ୍ଜରେ ସର୍ବାଧିକ ୧୩ଟି କୋର୍ଟ ଖୋଲିବାକୁ ଥିବା ବେଳେ ସୁନ୍ଦରଗଡ଼ରେ ୫ଟି, ରାୟଗଡ଼ା, ବଲାଙ୍ଗୀର ଓ କେନ୍ଦୁଝରରେ ୪ଟି ଲେଖାଏଁ, ଗଜପତିରେ ୩ଟି, ସମ୍ବଲପୁର, ଗଞ୍ଜାମ, ଯାଜପୁର ଓ ପୁରୀରେ ୨ଟି ଲେଖାଏଁ କୋର୍ଟ ଖୋଲିବ। ଏହାବ୍ୟତୀତ ଅନ୍ୟ ଜିଲ୍ଲାଗୁଡ଼ିକରେ ଗୋଟିଏ ଲେଖାଏଁ କୋର୍ଟ ଖୋଲିବାକୁ ରାଜ୍ୟପାଳ ମଞ୍ଜୁରୀ ଦେଇଛନ୍ତି।

# ସବୁ ବିଦ୍ୟାଳୟରେ ଲାଗିବ ସିସିଟିଭି

**ଭୁବନେଶ୍ୱର, ୨୩।୭(ସମିସ):** ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଶୁନିଶ୍ଚିତ କରାଯିବ। ସିବିଏସ୍ଇ ପରିଚାଳିତ ବିଦ୍ୟାଳୟ ପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମସ୍ତ ବିଦ୍ୟାଳୟରେ ଲାଗିବ ସିସିଟିଭି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଯୋଜନା କରାଯାଉଥିବା କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ସେ ଆହୁରି କହିଛନ୍ତି ଯେ, ରାଜ୍ୟ ସରକାର ବିଦ୍ୟାଳୟରେ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବେ। ଏଥିପାଇଁ ବିଦ୍ୟାଳୟର ବିଭିନ୍ନ ସ୍ଥାନ ସମେତ ଶ୍ରେଣୀଗୃହରେ ସିସିଟିଭି ଲଗାଯିବ। ଏହାସହ ଯୌନ ନିର୍ଯାତନା ନିବାରଣ ବ୍ୟବସ୍ଥା ଅନୁଯାୟୀ ଯୌନ ଉତ୍ପୀଡ଼ନ କିମ୍ବା ଲିଙ୍ଗଭିତ୍ତିକ ବୈଷମ୍ୟର ସମାଧାନ ପାଇଁ ସମସ୍ତ ବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। କମିଟିର ସଦସ୍ୟଙ୍କୁ ତାଲିମ ଦେବା ପାଇଁ ପଦକ୍ଷେପ ନିଆଯାଉଛି। ଫଳରେ ପ୍ରଭାବୀ ଢ଼ଙ୍ଗରେ ଛାତ୍ରଛାତ୍ରୀଙ୍କ ଅଭିଯୋଗର ସମାଧାନ କରିବାରେ ସେମାନେ ସଫଳ ହେବେ। ଛାତ୍ରଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ପାଇଁ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି। ଅଭିଯୋଗ ପାଇବା ହେବା ମାତ୍ରେ ତାକୁ ଗମ୍ଭୀରତାର ସହ ବିଚାର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ନିଶାମୁକ୍ତ ହେବ କଲେଜ କ୍ୟାମ୍ପସ

**ଭୁବନେଶ୍ୱର, ୨୩/୭(ସମିସ):** ନିଶାମୁକ୍ତ କଲେଜ କ୍ୟାମ୍ପସ ଗଠନ ପାଇଁ ପଦକ୍ଷେପ ନିଆଯିବ। ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କ୍ୟାମ୍ପସରେ ନିଶା କାରବାର ହେଲେ ଯେକୌଣସି ନାଗରିକ ବା ଛାତ୍ରଛାତ୍ରୀ ଅଭିଯୋଗ କରିପାରିବେ। ଏଥିପାଇଁ ହେଲ୍ପଲାଇନ ନମ୍ବର ୧୯୯୩ ଜାରି କରାଯାଇଛି। ଏହାସହ କଲେଜରେ ବ୍ୟାପକ ସଚେତନତା କରାଯିବ। ଅପରପକ୍ଷରେ କ୍ୟାମ୍ପସକୁ ନିଶା ମୁକ୍ତ କରିବାକୁ ଏନସିବି ପକ୍ଷରୁ 'ମାନସ' ପୋର୍ଟାଲ ଆରମ୍ଭ ହୋଇଛି। ଏଥିପାଇଁ ବ୍ୟାପକ ସଚେତନତା କରିବାକୁ ମଧ୍ୟ କୁହାଯାଇଛି। ଏହାସହ ମାଇଁଗଭ୍ ପୋର୍ଟାଲରେ ଆଣ୍ଟିଡ୍ରଗ୍ ଇ-ଶପଥ ନେବେ ଛାତ୍ରଛାତ୍ରୀ। ଏହାସହ ବିତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ଶୋଭାଯାତ୍ରା ଆଦି ଜରିଆରେ ନିଶା ସେବନର କୁ-ପ୍ରଭାବ ସମ୍ପର୍କରେ ସଚେତନ କରିବାକୁ କୁହାଯାଇଛି।

# ପୋଶ୍ ଆଇନର ବିଭିନ୍ନ ଦିଗ ବୁଝିଲେ କର୍ମଚାରୀ

**ଭୁବନେଶ୍ୱର, ୨୩।୭(ସମିସ):** ସମସ୍ତ ଅନୁଷ୍ଠାନ ଓ ମହାବିଦ୍ୟାଳୟରେ ଇଣ୍ଟରନାଲ୍ କମିଟି (ଆଇସିସି) ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା। ବୁଧବାର ଲୋକସେବା ଭବନ କନଭେନସନ୍ ସେଣ୍ଟର୍ରେ ଯୌନ ଉତ୍ପୀଡ଼ନ (ପ୍ରତିରୋଧ, ନିଷେଧ ଓ ପ୍ରତିକାର) ଆଇନ, ୨୦୧୩ (ପୋଶ) ସମ୍ପର୍କିତ ଏକ ଦିଗ୍ଦର୍ଶନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ ଉଭୟ ପୁରୁଷ ଓ ମହିଳା ଲିଙ୍ଗଗତ ଉତ୍ପୀଡ଼ନର ଶିକାର ହୋଇପାରନ୍ତି। ସେଥିପାଇଁ ଏହି ଆଇନ ବିଷୟରେ ଜାଣିବା ଓ ସଚେତନ ହେବା ସମସ୍ତଙ୍କ ପାଇଁ ଆବଶ୍ୟକ। ଦୁଇଟି ଅଧିବେଶନରେ ବିଶିଷ୍ଟ ଆଇନଜୀବୀ ମାନସୀ ପାଢ଼ୀ ୬୦୦ରୁ ଊର୍ଦ୍ଧ୍ୱ ଲୋକସେବା ଭବନ କର୍ମଚାରୀଙ୍କୁ ଯୌନ ଉତ୍ପୀଡ଼ନ ଆଇନ ସମ୍ପର୍କରେ ସଚେତନ କରିଥିଲେ।

**ଯୁବକଙ୍କ ଏକତରଫା ପ୍ରେମ; ଫଟୋ ଭାଇରାଲ୍**

# ବିଷ ପିଇଦେଲେ ନର୍ସିଂ ଛାତ୍ରୀ

**ନବରଙ୍ଗପୁର, ୨୩।୭ (ସମିସ):** ନାରୀ ନିର୍ଯାତନାର କଳଙ୍କରେ ଓଡ଼ିଶାରେ ଯୋଡ଼ିହୋଇଛି ଆଉ ଏକ ଫର୍ଦ୍ଦ। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଡୁମୁରୀମୁଣ୍ଡା ଗ୍ରାମରେ ଦେଖିବାକୁ ମିଳିଛି ଏଭଳି ଏକ ଘଟଣା। ଏକତରଫା ପ୍ରେମ କରି ଜଣେ ଯୁବକ ନର୍ସିଂ ଛାତ୍ରୀଙ୍କୁ ମାଡ଼ ମାରିବା ସହ ଫଟୋ ଭାଇରାଲ କରିବା ପରେ ଲୋକଲଜ୍ଜା ଭୟରେ ଛାତ୍ରୀଜଣକ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଛି।



ସଙ୍କଟାପନ୍ନ ସ୍ଥିତିରେ ଏମ୍ସରେ ଭର୍ତ୍ତି

ସୂଚନା ଅନୁସାରେ, ଡୁମୁରିମୁଣ୍ଡା ଗ୍ରାମର କଳ୍ପନା ରାୟଙ୍କୁ ଗୁରୁସିଙ୍ଗା ଗ୍ରାମର ସତ୍ୟଜିତ ସରକାର ଏକତରଫା ପ୍ରେମ କରୁଥିଲେ। କଳ୍ପନା ଜୟପୁରର ଏକ ନର୍ସିଂ କଲେଜରେ ପାଠ ପଢୁଛନ୍ତି। ସତ୍ୟଜିତ ଭୁବନେଶ୍ୱରର ଏକ କଲେଜରେ କୃଷି ବିଭାଗର ଛାତ୍ର। ଚଳିତ ମାସ ୧୩ ତାରିଖ ଦିନ କଳ୍ପନା ନର୍ସିଂ କଲେଜରୁ ମାର୍କେଟକୁ ଆସିଥିବା ବେଳେ ଅଚାନକ ସତ୍ୟଜିତ ଆସି କଳ୍ପନାକୁ ମାରପିଟ୍ କରିଥିଲେ। ଏହି ଘଟଣା ସ୍ଥାନୀୟ ପୁଲିସ ଦେଖିବା ପରେ ଉଭୟଙ୍କୁ ଥାନାକୁ ନେଇଥିଲେ। ଖବର ପାଇ କଳ୍ପନାଙ୍କ ବାପା ଜୟପୁରରେ ପହଞ୍ଚିଥିଲେ। ପରେ କଳ୍ପନାଙ୍କୁ ଚିକିତ୍ସା ପାଇଁ ମେଡିକାଲ୍ ପଠାଇଥଲା ପୁଲିସ। ପ୍ରାଥମିକ ଚିକିତ୍ସା ପରେ ଝିଅଙ୍କୁ ସେ ନିଜ ଘରକୁ ନେଇ ଆସିଥିଲେ। ୧୪ ତାରିଖ ଦିନ କଳ୍ପନା ଜୟପୁର ଯାଇ ଏ ସମ୍ପର୍କରେ ଏତଲା ଦେଇଥାନ୍ତେ। କିନ୍ତୁ ଅସୁସ୍ଥତା କାରଣରୁ ଯାଇ ପାରି ନଥିଲେ। ୧୫ ତାରିଖ ଦିନ ସେ ଜୟପୁର ଯାଇ ସତ୍ୟଜିତଙ୍କ ନାମରେ ଏତଲା ଦେଇଥିଲେ। କିନ୍ତୁ ଏତଲା ପାଇବା ପରେ ସତ୍ୟଜିତକୁ ପୋଲିସ ଛାଡ଼ି ଦେଇଥିବା ଝିଅର ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସତ୍ୟଜିତ କଳ୍ପନାକୁ ଜୟପୁର ବଜାରରେ ମାଡ଼ ମାରିବା ସହ କିଛି ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ୍ କରିଥିଲା। ଏହା ଜାଣିବା ପରେ କଳ୍ପନା ନିଜ ଘରେ ଥିବା ଘାସ ମରା ବିଷ ପିଇ ଦେଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟ ଏବଂ ପରେ ଭୁବନେଶ୍ୱର ଏମଏସ୍କୁ ସ୍ଥାନାନ୍ତର କରାଯାଇଛି। ରାଇଘର ପୁଲିସ ଘଟଣାର ତଦନ୍ତ କରି ଦୁଇଜଣଙ୍କୁ ଅଟକ ରଖିଛି।

# ୟୁରୋପରୁ ଆସୁଛି ସିନ୍ଥେଟିକ୍ ଡ୍ରଗ୍ସ

**ଇଞ୍ଜିନିୟରିଂ ଛାତ୍ରଙ୍କୁ ମାଡ଼ିବସିଲା ଏନ୍ସିବି**

**ଭୁବନେଶ୍ୱର, ୨୩।୭(ସମିସ):** ୟୁରୋପରୁ ଭୁବନେଶ୍ୱର ଆସୁଥିବା ସିନ୍ଥେଟିକ୍ ଡ୍ରଗ୍ସ (ଏଲ୍ଏସ୍ଡି)କୁ ଜବତ କରିଛି ନାର୍କୋଟିକ କେଣ୍ଟ୍ରାଲ ବ୍ୟୁରୋ(ଏନ୍ସିବି)। ଏହି ଘଟଣାରେ ଭୁବନେଶ୍ୱରର ଜଣେ ଇଞ୍ଜିନିୟରିଂ ଛାତ୍ରକୁ ଏନ୍ସିବି ଗିରଫ କରିଛି। ଗିରଫ ଛାତ୍ରଜଣଙ୍କ ହେଲେ, ମୈତ୍ରୀବିହାର ଏଲ୍ଆଇସି କଲୋନୀର ଆର୍ଯ୍ୟମାନ ପଟ୍ଟନାୟକ (୨୩)। ନିଶାଦ୍ରବ୍ୟର ମୂଲ୍ୟ ୧୫୦୦ରୁ ୧୬୦୦ ଡଲାର ହେବ, ଯାହା ଭାରତୀୟ ମୁଦ୍ରାରେ ଦେଢ଼ ଲକ୍ଷ ଟଙ୍କାରୁ ଅଧିକ।

ଏନ୍ସିବି ଅଧିକାରୀଙ୍କ କହିବା ମୁତାବକ, ଆର୍ଯ୍ୟମାନ ନୋଏଡାର ଏକ ଶିକ୍ଷାନୁଷ୍ଠାନରେ କମ୍ପ୍ୟୁଟର୍ ସାଇନ୍ସ ପାଠ ପଢ଼ିବା ପରେ ସେ ଭୁବନେଶ୍ୱରରେ ରହୁଥିଲେ। ସେ ଅନ୍ଲାଇନ୍ରେ ୟୁରୋପୀୟ ଦେଶରୁ ଡାର୍କୱେବ୍ ଜରିଆରେ ସିନ୍ଥେଟିକ ଡ୍ରଗ୍ସ ମଗାଇଥିଲେ। ଅନଲାଇନ ପାର୍ସଲରେ ୧୫ରୁ ୧୬ଟି ଏଲ୍ଏସ୍ଡି ଆସିଥିଲା। ଉକ୍ତ ନିଶାଦ୍ରବ୍ୟ ଓଡ଼ିଶା ଆସୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଏନ୍ସିବି ଅଧିକାରୀ ଏହି ଖବର ପାଇଥିଲେ। ଆର୍ଯ୍ୟମାନର ମୈତ୍ରୀ ବିହାରସ୍ଥିତ ଘରେ ଏହି ନିଶାଦ୍ରବ୍ୟ ପହଞ୍ଚିବା ପରେ ଏନ୍ସିବିର ଅଧିକାରୀମାନେ ସେଠାରେ ଚଢ଼ଉ କରିଥିଲେ। ଯାଞ୍ଚ ସମୟରେ ତାଙ୍କଠାରୁ ଜବତ ସିନ୍ଥେଟିକ ଡ୍ରଗ୍ସ ଏଲ୍ଏସ୍ଡି ଜବତ ହୋଇଥିଲା। ପରେ ଏନ୍ସିବି ଆର୍ଯ୍ୟମାନକୁ ଗିରଫ କରି କୋର୍ଟଚାଲାଣ କରିଛି। ଆର୍ଯ୍ୟମାନ ଡାର୍କୱେବ୍ କିପରି ପରିଚାଳନା କରୁଥିଲା, ସେ ଦିଗରେ ଏନ୍ସିବି ଅଧିକ ଖୋଳତାଡ଼ ଚଳାଇଛି।

# ସୁପ୍ରିମକୋର୍ଟଙ୍କ ଟିପ୍ପଣୀ ପରେ ଜାତୀୟ ସ୍ତରରେ ଓଡ଼ିଶା ଲଜ୍ଜିତ

**ଭୁବନେଶ୍ୱର,୨୩।୭(ସମିସ):** ରାଜ୍ୟରେ ନାରୀ ହିଂସା ଚରମ ସୀମାରେ ପହଞ୍ଚିଛି। ପ୍ରତିଦିନ ଅସଦାଚରଣ ଦୁଷ୍କର୍ମ ମାମଲା ଗଣମାଧ୍ୟମର ପୃଷ୍ଠାମଣ୍ଡନ କରୁଛି। ଅତୀତରେ 'ମି ଟୁ' କ୍ୟାମ୍ପେନରେ ଅଭିଯୋଗକାରିଣୀଙ୍କ ସଂଖ୍ୟା ଲମ୍ବିଚାଲିଥିବା ଭଳି ଓଡ଼ିଶାରେ ଏବେ ଅସଦାଚରଣ ଓ ଦୁଷ୍କର୍ମ ଭଳି ଘଟଣା ଦୃଷ୍ଟାନ୍ତମୂଳକ ଭାବେ ବଢ଼ିଚାଲିଛି। ଏକଦା ସୁଦୃଢ଼ ଆଇନଶୃଙ୍ଖଳା ସ୍ଥିତି ପାଇଁ ଜାତୀୟସ୍ତରରେ ସୁନାମ ଅର୍ଜିଥିବା ଓଡ଼ିଶା ଏବେ ପ୍ରତିଦିନ ଜାତୀୟ ଗଣମାଧ୍ୟମର ଶିରୋନାମା

■ ଆଇନଶୃଙ୍ଖଳା ଓ ନାରୀ ସୁରକ୍ଷାକୁ ନେଇ ସଭିଙ୍କ ଚିନ୍ତା ପ୍ରକଟ
■ ଦୁର୍ନାମ ମୁଣ୍ଡାଉଛନ୍ତି ସରକାର, ନିୟନ୍ତ୍ରଣ କରିବାରେ ବିଫଳ

ପାଲଟୁଛି। ବଡ଼ କଥା ହେଉଛି ଯେ ଗାଁ ଗହଳି ଓ ଉପାନ୍ତ ଅଞ୍ଚଳରେ ବଢୁଥିବା ଏହି ଘଟଣା ଏବେ ରାଜଧାନୀକୁ ମାଡ଼ିଛି। ଗୋପାଳପୁର, ବାଲେଶ୍ୱର ଏବଂ ପୁରୀ ବଳଙ୍ଗା ଘଟଣାକୁ ନେଇ ଓଡ଼ିଶା ଏବେ ଜାତୀୟ ସ୍ତରରେ ଦୁର୍ନାମ ସାଉଣ୍ଟୁଛି। କେବଳ ଜାତୀୟ ସ୍ତରରେ ନୁହେଁ; ଗତ ଜୁନ୍ରେ ଆମେରିକା ପରି ଦେଶ ମଧ୍ୟ ନିଜ ଦେଶର ନାଗରିକଙ୍କୁ ଓଡ଼ିଶା ଆସିବା ପୂର୍ବରୁ ସତର୍କ କରାଇଥିଲା, ଯାହା ମହିଳା ସୁରକ୍ଷାକୁ ନେଇ ରାଜ୍ୟର ଗୁରୁତର ସ୍ଥିତିକୁ ଦର୍ଶାଉଛି। ଏବେ ବଳଙ୍ଗା ଘଟଣାକୁ ନେଇ 'ଆମେ ଲଜ୍ଜିତ' ବୋଲି ମାନ୍ୟବର ସୁପ୍ରିମକୋର୍ଟଙ୍କ ଟିପ୍ପଣୀ ରାଜ୍ୟ ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିକଟରେ ଘଟିଯାଇଥିବା କିଛି ଚର୍ଚ୍ଚିତ ଘଟଣା ସାରା ରାଜ୍ୟକୁ ଦୋହଲାଇ ଦେଇଛି। ରାଜ୍ୟରେ ଦୈନିକ କେଉଁଠି ନା କେଉଁଠି ମହିଳା ଦୁଷ୍କର୍ମ, ହିଂସା, ଉତ୍ପୀଡ଼ନର ଶିକାର ହେଉଛନ୍ତି। ଗୋପାଳପୁର ବିଚ୍ରେ ଯୁବତୀଙ୍କୁ ଗଣଦୁଷ୍କର୍ମ, ଏଫଏମ କଲେଜ ଛାତ୍ରୀଙ୍କ ଆତ୍ମଦାହ, ବଳଙ୍ଗାରେ ନାବାଳିକାକୁ ପୋଡ଼ି ହତ୍ୟା ଉଦ୍ୟମ ଏବଂ ଖୋଦ୍ ରାଜଧାନୀର ରାଜରାସ୍ତାରେ ମହିଳାଙ୍କୁ ଲୁଟ୍ ଓ ଦୁଷ୍କର୍ମ ଉଦ୍ୟମ ଭଳି ଘଟଣା ରାଜ୍ୟରେ ଗୁରୁତର ଆଇନଶୃଙ୍ଖଳା ସ୍ଥିତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏସବୁ ଘଟଣା ପରେ ସରକାର କୋଉଠି ବୋଲି ଲୋକେ ପ୍ରଶ୍ନ କରୁଥିବା ବେଳେ ରାଜ୍ୟ ସରକାର ଏକପ୍ରକାର ଉପାୟଶୂନ୍ୟ ହୋଇ ପଡ଼ିଛନ୍ତି।

ଏସବୁ ଘଟଣାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ରାଜ୍ୟ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ବରିଷ୍ଠ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଯେ ବିଜେପି ସରକାର ଯୋଗୁଁ ଓଡିଶାବାସୀଙ୍କ ମୁଣ୍ଡ ତଳକୁ ହୋଇଯାଇଛି। ସବୁଠି ଗୋଟିଏ କଥା ଲଜ୍ଜା-ଲଜ୍ଜା-ଲଜ୍ଜା। ଜାତୀୟ ଲଜ୍ଜା ହୋଇଗଲା ଓଡିଶାର ନାରୀ ନିର୍ଯାତନା। ବିଜେପି ପଶ୍ଚାତାପ ଓ ଅନୁତାପ କରୁ। ଓଡିଶାରେ ମହିଳାମାନେ କେତେ ଅସୁରକ୍ଷିତ ହୋଇପଡିଛନ୍ତି, ତାହା ଗତକାଲିର ଘଟଣାରୁ ସ୍ପଷ୍ଟ ହୋଇଗଲା। ମନ୍ତ୍ରୀ, ଅଫିସରଙ୍କ ବାସଭବନ ଆଗରେ ତଥା ଭୁବନେଶ୍ୱର ଛାତି ଉପରେ ହଜାର ହଜାର ପୁଲିସ ଉପସ୍ଥିତିରେ ଅଭାବନୀୟ ଘଟଣା ଘଟିଲା। ସରକାରଙ୍କୁ ଦୁର୍ବୃତ୍ତମାନେ ଦୁର୍ବଳ ବୋଲି ଭାବିନେଲେଣି। ପିସିସି ସଭାପତି ଭକ୍ତ ଚରଣ ଦାସ ସୁପ୍ରିମକୋର୍ଟଙ୍କ ପ୍ରତିକ୍ରିୟା କିପରି ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନଙ୍କୁ ଲଜ୍ଜା ଦେଉ ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଏହି ଘଟଣା ପରେ ବିଜେପି ଆଉ କ୍ଷମତାରେ ରହିବା ଉଚିତ ନୁହେଁ; ତୁରନ୍ତ ସରକାର ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

■ ଓଆଇଏସ୍ଏଫ୍ର ଗଠନ ହେବ ଆଉ ଦୁଇ ନୂଆ ବାଟାଲିଅନ

# ୨୦୮୦ ନୂତନ ପଦବୀ ସୃଷ୍ଟି, ବାଟାଲିଅନ ସଂଖ୍ୟା ୪କୁ ବୃଦ୍ଧି

**ଭୁବନେଶ୍ୱର,୨୩।୭(ସମିସ):** ଓଡ଼ିଶା ଶିଳ୍ପ ନିରାପତ୍ତା ବାହିନୀ (ଓଆଇଏସ୍ଏଫ୍)ର ଆଉ ଦୁଇଟି ବାଟାଲିଅନ ଗଠନ କରାଯିବ। ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଞ୍ଜୁର କରିଛନ୍ତି। ଏହି ଦୁଇଟି ନୂତନ ବାଟାଲିଅନ ପାଇଁ ସମୁଦାୟ ୨୦୮୦ଟି ପଦବୀ ସୃଷ୍ଟି କରାଯାଇଛି। ଏଥିରୁ ୧୯୪୪ଟି ନିୟମିତ ପଦବୀ ଥିବାବେଳେ ୧୩୬ଟି ପଦବୀ ଆଉଟ୍ସୋର୍ସିଂ ଭିତ୍ତିରେ ସୃଷ୍ଟି କରାଯାଇଛି। ପୂର୍ବରୁ ରାଜ୍ୟରେ ଓଆଇଏସ୍ଏଫ୍ରେ ଗୋଟିଏ ବାଟାଲିଅନ କାର୍ଯ୍ୟରତ ଥିଲା। ଏହାର ସମୁଦାୟ ପଦବୀ ସଂଖ୍ୟା ୧୮୦୭ ରହିଥିଲା। ଗତ ଏପ୍ରିଲ ମାସରେ ମୁଖ୍ୟମନ୍ତ୍ରୀ ଗୋଟିଏ ନୂଆ ବାଟାଲିଅନ ସୃଷ୍ଟି କରିଥିବା ବେଳେ ସମୁଦାୟ ୨ଟି ବାଟାଲିଅନ କାର୍ଯ୍ୟ କରୁଥିଲା। ଏହି ୨ଟି ବାଟାଲିଅନର ପଦବୀ ସଂଖ୍ୟା ୨୮୪୭ ଥିଲା। ତୃତୀୟ ଓ ଚତୁର୍ଥ ବାଟାଲିଅନ ସୃଷ୍ଟି ହେବା ପରେ ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସରେ ସମୁଦାୟ ପଦବୀ ସଂଖ୍ୟା ୪୯୨୭ ପଦବୀକୁ ବୃଦ୍ଧି ହୋଇଛି।

# ତାରିଣୀ, ବିରଜା ଓ ଏକାମ୍ର ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୩।୭(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଲୋକସେବା ଭବନଠାରେ ଘଟଗାଁ ମା' ତାରିଣୀ ପୀଠ, ଯାଜପୁର ମା' ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି।

ସମୀକ୍ଷାରୁ ଜଣାଯାଇଛି ଯେ ଘଟଗାଁ ମା' ତାରିଣୀ ମନ୍ଦିରର ବିକାଶ କାର୍ଯ୍ୟ ୫୯

**ପ୍ରତ୍ନତତ୍ତ୍ୱ ବିଭାଗ ସହିତ ଆଲୋଚନା କରି ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉନ୍ନତୀକରଣ ପାଇଁ ପରାମର୍ଶ**

ଏକର ପରିମିତ ଅଞ୍ଚଳରେ ୪ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯାଉଛି। ଅଢ଼େଇ ବର୍ଷ ମଧ୍ୟରେ ଏହି ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ଲକ୍ଷ୍ୟ ରଖାଯାଇଛି। ଘଟଗାଁର ମା' ତାରିଣୀଙ୍କ ପୀଠରେ ୨୦୦ ଶଯ୍ୟା ବିଶିଷ୍ଟ ଏକ ଯାତ୍ରୀ ନିବାସ, ୩୦୦ ସିଟ୍ ବିଶିଷ୍ଟ ବ୍ୟାଖ୍ୟାନ କେନ୍ଦ୍ର, ନଡ଼ିଆ ଗୋଦାମ, ୫୦୦ ସିଟ୍ ବିଶିଷ୍ଟ ପ୍ରସାଦ ସେବନ ଗୃହ, ଫୁଡ୍ ପ୍ଲାଜା, ପାର୍କିଂ ସୁବିଧା, ମାର୍କେଟ କମ୍ପ୍ଲେକ୍ସ, ଡ୍ରେନେଜ୍ ବ୍ୟବସ୍ଥା, ପୁଷ୍କରିଣୀ ଏବଂ ରାସ୍ତା ଉନ୍ନତିକରଣ କାର୍ଯ୍ୟ ଇତ୍ୟାଦି ରହିଛି। ମନ୍ଦିର କମିଟି ସହିତ ଆଲୋଚନା କରି ଏ ସବୁ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥି ସହିତ ଘଟଗାଁ ମନ୍ଦିର



ଚତୁଃପାଶ୍ୱର୍ରେ ଥିବା ଦୋକାନଗୁଡିକୁ ମାର୍କେଟ କମ୍ପ୍ଲେକ୍ସରେ ସୁବ୍ୟବସ୍ଥିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ସେହିଭଳି ପ୍ରସିଦ୍ଧ ଶକ୍ତିପୀଠ ଯାଜପୁରର ମା' ବିରଜାଙ୍କ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ୪ଟି ପର୍ଯ୍ୟାୟରେ ଆରମ୍ଭ ହୋଇଛି। ଏଥିରେ ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ମନ୍ଦିର ଚତୁଃପାଶ୍ୱର୍ ବିକାଶ, ବିରଜା ହାଟ ସ୍ଥାପନ, ବ୍ରହ୍ମକୁଣ୍ଡର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, ବ୍ୟାଖ୍ୟାନ କେନ୍ଦ୍ର, ଧର୍ମଶାଳା, ହାତୀ ପୋଖରୀ ପୁନରୁଦ୍ଧାର ଏବଂ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରିବା ପାଇଁ କାର୍ଯ୍ୟ ଅନ୍ତର୍ଭୁକ୍ତ ଅଛି।

ସେହିପରି ପ୍ରଭୁ ଲିଙ୍ଗରାଜଙ୍କ ଏକାମ୍ର କ୍ଷେତ୍ରର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ପ୍ରଭୁ ଲିଙ୍ଗରାଜଙ୍କ କ୍ଷେତ୍ରରେ ଟ୍ରାଫିକ ସମସ୍ୟାକୁ ଦୂର କରିବା ପାଇଁ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ ମନ୍ଦିର ଚତୁଃପାଶ୍ୱର୍ର ରାସ୍ତା ଉନ୍ନତିକରଣ କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟକୁମାର ସିଂହ, ପର୍ଯ୍ୟଟନ ବିଭାଗ ସଚିବ ବଳୱନ୍ତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।





# ଚିନ୍ତା ବଢ଼ାଇଲା ସିନ୍ଥେଟିକ୍ ଡ୍ରଗ୍ସ



ଭୁବନେଶ୍ୱର, ୨୩।୭ (ସମିସ)

ବୁଧବାର ଏନ୍‌ସିବି ପକ୍ଷରୁ ବିଦେଶୀ ନିଶାଦ୍ରବ୍ୟ ସିନ୍ଥେଟିକ୍ ଡ୍ରଗ୍ସ ଜବତ ପରେ ଏବେ ପୁଲିସ ପାଇଁ ଚିନ୍ତା ବଢ଼ିଯାଇଛି। ଏହି ନିଶାଦ୍ରବ୍ୟ ସାଧାରଣ ସହ ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ଉପଲବ୍ଧ ହୋଇଥାଏ। ତାହା ଏବେ ଭୁବନେଶ୍ୱରରେ ମିଳିବା ପରେ ଏହାର ର୍‌ୟାକେଟ୍ ଭୁବନେଶ୍ୱରରେ ରହିଛି କି ନାହିଁ ତାକୁ ନେଇ ଏବେ ପୁଲିସ ଚିନ୍ତାରେ ପଡ଼ିଛି। କେବଳ ପୁଲିସ ନୁହେଁ ଅବକାରୀ ବିଭାଗ, ଏନ୍‌ସିବି ପାଇଁ ମଧ୍ୟ ଏହା ଏବେ ଚିନ୍ତାର କାରଣ ପାଲଟିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୟୁରୋପରୁ ଭୁବନେଶ୍ୱର ଆସୁଥିବା ସିନ୍ଥେଟିକ୍ ଡ୍ରଗ୍ସ (ଏଲ୍‌ଏସ୍‌ଡି)କୁ ଜବତ କରିଛି ନାର୍କୋଟିକ କେଣ୍ଟ୍ରୋଲ ବ୍ୟୁରୋ(ଏନ୍‌ସିବି) ଯେଉଁ ଇଞ୍ଜିନିୟରିଂ ଛାତ୍ରଙ୍କୁ ଗିରଫ କରିଛି ତା'ର ଲିଙ୍କ୍ ଅନ୍ୟ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସହ ରହିଛି କି ନାହିଁ ତାକୁ ନେଇ ଏନ୍‌ସିବି ତଦନ୍ତ ଆରମ୍ଭ କରିଛି। ମୈତ୍ରୀ ବିହାର ଏଲ୍‌ଆଇସି କଲୋନୀରୁ ଗିରଫ ହୋଇଥିବା ଛାତ୍ର ଆର୍ଯ୍ୟମାନ ପଟ୍ଟନାୟକଙ୍କ ସମ୍ପର୍କୀୟ ଏବଂ ସହପାଠୀଙ୍କୁ ନେଇ ତଦନ୍ତ ଆରମ୍ଭ କରିଛି। ସେ ଅନ୍‌ଲାଇନ୍‌ରେ ୟୁରୋପୀୟ ଦେଶରୁ ଡାର୍କେ‌ୱେବ ଜରିଆରେ ସିନ୍ଥେଟିକ ଡ୍ରଗ୍ସ ମଗାଇଥିଲେ।



■ ଶିକ୍ଷିତ ପିଲାଙ୍କୁ ନେଇ ଅଭିଭାବକଙ୍କ ମୁଣ୍ଡବ୍ୟଥା
■ ଦେଢ଼ଘଣ୍ଟା ପର୍ଯ୍ୟନ୍ତ ନିୟନ୍ତ୍ରଣ ବାହାରେ ନିଶାଡ଼ି

ପ୍ରକାଶ ଥାଉ କି ଭୁବନେଶ୍ୱରରେ କୋକେନ୍ ମଧ୍ୟ ଜବତ କରାଯାଇଥିଲା। ଏହି ଘଟଣାରେ ବିଦେଶୀଙ୍କ ଲିଙ୍କ୍ ଥିବା ଜଣାପଡ଼ିଥିଲା। ଏଭଳି ବିଦେଶୀ ଏବଂ ମାରାତ୍ମକ ନିଶା ଦ୍ରବ୍ୟ କାରବାର ସାଧାରଣ ଛାତ୍ରଛାତ୍ରୀଙ୍କ ଅଭିଭାବକମାନଙ୍କୁ ମଧ୍ୟ ଚିନ୍ତାଗ୍ରସ୍ତ କରିଛି।

ଅପରପକ୍ଷେ ସିନ୍ଥେଟିକ୍ ଡ୍ରଗ୍ସ ନିଶାରେ ଅଧିକାଂଶ ତରୁଣ ଯୁବକମାନେ ପଡ଼ିବାର ଆଶଙ୍କା ରହିଛି। ତେବେ ଜଣେ ମାନସିକ ରୋଗ ବିଶେଷଜ୍ଞଙ୍କ କହିବାନୁଯାୟୀ ସାଧାରଣ ଗଞ୍ଜେଇ, ମଦ ନିଶାରେ ପଡ଼ୁଥିବା ନିଶାଡ଼ିଙ୍କୁ ଜାଣିବା ସହଜ ହୋଇଥାଏ। କିନ୍ତୁ ସିନ୍ଥେଟିକ୍ ଡ୍ରଗ୍ସ, ବ୍ରାଉନ୍‌ସୁଗର କିମ୍ବା କୋକେନ ଭଳି ନିଶା ସେବନ କରୁଥିବା ପିଲାଙ୍କୁ ଚିହ୍ନିବା ବା ଜାଣିବାକୁ ସମୟ ଲାଗିଥାଏ। ଅଧିକାଂଶ ଟିନ୍‌ଏଜ୍‌ର ଯୁବକମାନେ ଏହି ନିଶାରେ ପଡ଼ିବାର ଆଶଙ୍କା ରହିଛି। ତେଣୁ ଆପଣଙ୍କ ପିଲା ଯଦି ଅସ୍ୱାଭାବିକ ଆଚରଣ କରୁଛି କିମ୍ବା ଅନ୍ୟ ସାଙ୍ଗମାନଙ୍କ ସହ ଅଧିକାଂଶ ସମୟ ଏକୁଟିଆ ବିତାଉଛି ତେବେ ତା ପ୍ରତି ନଜର ରଖନ୍ତୁ। ବିଶେଷକରି ଏକ ନିର୍ଦ୍ଦିଷ୍ଟ ସମୟରେ ଯଦି ସେ ନିସ୍ତେଜ ରହୁଛି କାହା ସହିତ କଥା ହେଉନାହିଁ ତେବେ ଆପଣ ତା ପ୍ରତି ଧ୍ୟାନ ଦିଅନ୍ତୁ। ଆବଶ୍ୟକସ୍ଥଳେ ତା ସହ କାଉନ୍‌ସେଲିଂ କରନ୍ତୁ। ଏହି ନିଶାରେ କବଳିତ ହେବା ପରେ ତାକୁ ବାଟକୁ ଫେରାଇ ଆଣିବା କାଠିକର ପାଠ ହୋଇ ପଡ଼ିବ।



## କ'ଣ ଏହି ସିନ୍ଥେଟିକ୍ ଡ୍ରଗ୍ସ

ଆମେମାନେ ସାଧାରଣତଃ ଡ୍ରଗ୍‌ସ ବିଷୟରେ ଜାଣିଛେ। ହେଲେ ସିନ୍ଥେଟିକ୍ ଡ୍ରଗ୍ସ ବିଷୟରେ କମ୍ ଜାଣିଛନ୍ତି। ତେବେ କ'ଣ ଏହି ସିନ୍ଥେଟିକ୍ ଡ୍ରଗ୍‌ସ ବା ଏଲ୍‌ଏସ୍‌ଡି। ଏଲ୍‌ଏସ୍‌ଡିର ଇଂରାଜୀରେ ପୂରା ନାମ ହେଉଛି ଲାଇସରଜିକ ଏସିଡ୍ ଡାଇଥାଇଲାମାଇଡ୍। ଯାହା ସିନ୍‌ଥେଟିକ୍ ଡ୍ରଗ୍ସ ଭାବେ ଜଣା। ଛୋଟ ପେପର ଭଳି ଏକ ଚିପ୍ ଭଳି ଦେଖାଯାଉଥିବା ଦେଖାଯାଉଥିବା ଏହି ନିଶାଦ୍ରବ୍ୟ ଅତ୍ୟନ୍ତ ଭୟଙ୍କର। ଏହାକୁ ଜିଭରେ ରଖିବା ପରେ ମଣିଷନିଜର ନିୟନ୍ତ୍ରଣ ହରାଇ ବସେ। ଏମିତି କି ଅସ୍ୱାଭାବିକ ଆଚରଣ ପରିଲକ୍ଷିତ ହୁଏ। ଏହାକୁ ସେବନ କରିବାର ମାତ୍ର କିଛି ସମୟ ମଧ୍ୟରେ ଦେହରୁ ପ୍ରଚୁର ଝାଳ ବାହାରିଥାଏ। ଏଥିସହିତ ନିଦ ଓ ଭୋକ ମଧ୍ୟ ନ ଲାଗିବା ସହ ଅନ୍ୟାନ୍ୟ ସମସ୍ୟା ମଧ୍ୟ ଦେଖା ଦେଇଥାଏ। ଏହାକୁ ବାରମ୍ବାର ବ୍ୟବହାର କଲେ ରକ୍ତଚାପ, ହୃଦଘାତ ସମସ୍ୟା ଦେଖା ଦେବାର ଆଶଙ୍କା ରହିଛି। ତେବେ ଏଭଳି ନିଶା ଭାରତରେ ବା ଓଡ଼ିଶାରେ କ୍ୱଚିତ୍ ଦେଖା ଦେଇଥାଏ। ଏହି ଡ୍ରଗ୍ସ କିଭଳି ଭୁବନେଶ୍ୱରକୁ ଆସିଲା ତାକୁ ନେଇ ଏବେ ପୁଲିସର ମୁଣ୍ଡବ୍ୟଥା ଆରମ୍ଭ ହୋଇଛି। କିଛି ନୂଆ ଚ୍ୟାନେଲ୍ ଦେଇ ଏହା ଓଡ଼ିଶାକୁ ଆସିଥାଇପାରେ ବୋଲି ପୁଲିସ ଅନୁମାନ କରୁଛି। ଏ ନେଇ ପୂରା କମିସନରେଟ୍ ପୁଲିସର ବିଶେଷଜ୍ଞମାନେ ତଦନ୍ତ କରୁଛନ୍ତି।

# ବିଜେପି ଯୁବ ମୋର୍ଚ୍ଚା ସଭାପତିଙ୍କ ନାଁରେ ଏତଲା ଦେଲା କଂଗ୍ରେସ



ଭୁବନେଶ୍ୱର, ୨୩।୭ (ସମିସ)

ଭାରତୀୟ ଜନତାପାର୍ଟିର ଯୁବମୋର୍ଚ୍ଚା ଓଡ଼ିଶା ଶାଖା ସଭାପତି ଅଭିଳାଶ ପଣ୍ଡାଙ୍କ ବିରୋଧରେ ଥାନାରେ ଏତଲା ଦେଇଛି କଂଗ୍ରେସ। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଂଯୋଜକ ବିଶ୍ୱଜିତ ଦାଶଙ୍କ ସହିତ ଜିଲ୍ଲାର ବହୁ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ବୁଧବାର ଭୁବନେଶ୍ୱରର କ୍ୟାପିଟାଲ ଥାନାରେ ଅଭିଳାଶଙ୍କ ନାମାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶଥାଉକି ଗତ ଜୁଲାଇ ୨୧ ତାରିଖ ଦିନ ବିଜେପି କାର୍ଯ୍ୟାଳୟଠାରେ ତାଙ୍କର ଅନ୍ୟକିଛି ସହକର୍ମୀଙ୍କ ସହିତ ଏକ ସାମ୍ବାଦିକ ସମ୍ମିଳନୀରେ ଲୋକସଭା ବିରୋଧୀଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଅତ୍ୟନ୍ତ ଅଶ୍ଳୀଳ ମନ୍ତବ୍ୟ ଦେଇ ତାଙ୍କ ଚରିତ୍ର ସଂହାର କରିଛନ୍ତି। ଏପରିକି ସମସ୍ତ କଂଗ୍ରେସ ଦଳର ନେତୃବର୍ଗ ଜଣେ ଜଣେ ବଳାତ୍କାରୀ ବୋଲି ଗଣମାଧ୍ୟମ ସମ୍ମୁଖରେ କହିବାକୁ କୁଣ୍ଠାବୋଧ କରି ନ ଥିଲେ। ଏହା ପ୍ରତ୍ୟେକ କଂଗ୍ରେସ କର୍ମୀଙ୍କ ଘୋର ଆଘାତ ଦେବା ସହିତ ତାଙ୍କପ୍ରତି ଶ୍ରୀ ପଣ୍ଡା ଯେଉଁ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି ତାହା ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାର ଉଲ୍ଲଙ୍ଘନ କରୁଛି। ତେଣୁ ତାଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା କଂଗ୍ରେସ ନେତୃବର୍ଗ ଥାନାର ବରିଷ୍ଠ ଅଧିକାରୀ ତଥା ଜୋନର ଏସିପିଙ୍କ ଠାରେ ଦାବି କରିଛନ୍ତି। ଥାନାର ବରିଷ୍ଠ ଅଧିକାରୀ ଏହାକୁ ଏଫଆଇଆର ରୂପେ ଗ୍ରହଣ କରିବା ସହିତ ତାର ଏକକିତା ନକଲ ମଧ୍ୟ ପ୍ରଦାନ କରିଛନ୍ତି। ଶ୍ରୀ ଦାଶ କହିଛନ୍ତି ଯଦି ଅଭିଳାଷ ପଣ୍ଡାଙ୍କୁ ତୁରନ୍ତ ଗିରଫ କରାଯିବ ନାହିଁ, ତାହାଲେ କଂଗ୍ରେସ ଆଇନଗତ ଲଢ଼େଇ ଲଢ଼ିବା ସହିତ ପୁଲିସ ବିଭାଗର ପାତରଅନ୍ତର ବିରୋଧରେ ମଧ୍ୟ ଲଢ଼େଇ କରିବ।

## ଅସ୍ତିତ୍ୱ ହରାଉଛି ଐତିହ୍ୟ

# ଶିଉଳି ଆସ୍ତରଣରେ ଲୁଚିଯାଉଛି ସୌର ଘଡ଼ି

ଭୁବନେଶ୍ୱର, ୨୩।୭(ସମିସ): ଏକଦା ସମୟ ଜାଣିବାର ପ୍ରମୁଖ ମାଧ୍ୟମ ପାଲଟିଥିଲା ବ୍ରିଟିଶ ଅମଳର ସୌର ଘଡ଼ି। କିନ୍ତୁ ଭୁବନେଶ୍ୱରର ମୁକ୍ତେଶ୍ୱର ମନ୍ଦିର ପରିସରରେ ଥିବା ଏହି ସୌର ଘଡ଼ିଟି ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି।

ରାଜଧାନୀର ମୁକ୍ତେଶ୍ୱର ମନ୍ଦିର ପରିସରରେ ଥିବା ଏହି ସୌରଘଡ଼ି ବ୍ରିଟେନ୍ ରାଣୀ ଭିକ୍ଟୋରିଆଙ୍କ ରାଜୁତିର ୫୦ବର୍ଷ ପୂର୍ତ୍ତି ଅବସରରେ ୧୮୮୭ ମସିହାରେ ଏହି ସୂର୍ଯ୍ୟଘଡ଼ି ପ୍ରତିଷ୍ଠା କରାଯାଇଥିଲା ବୋଲି କୁହାଯାଉଛି। ହେଲେ ଏବେ ହାତ ଘଣ୍ଟା, କାନ୍ଥ ଘଣ୍ଟା, ମୋବାଇଲ୍, ଲାପ୍‌ଟପ ଆଦିରେ ସମସ୍ତେ ସମୟକୁ ଦେଖି ପାରୁଛନ୍ତି କିନ୍ତୁ ପୂର୍ବରୁ ସମୟ ନିର୍ଦ୍ଧାରଣ କରି ଆସୁଥିବା ଏହି ସୌରଘଡ଼ି ଏକ ପ୍ରକାରର ଅବହେଳିତ ହୋଇ ରହିଛି।

ଦେଖିବାକୁ ଆସି ନିରାଶ ହୋଇ ଫେରୁଛନ୍ତି ପର୍ଯ୍ୟଟକ



ହେଲେ ଏହି ସୌରଘଡ଼ି ଚାରିପଟେ ଶିଉଳି ଲାଗିବା ସହ ସୌରଘଡ଼ି ବୋଲି ସୂଚନା ଫଳକଟିଏ ନାହିଁ। ଯେଉଁଥିପାଇଁ ବୁଲିବାକୁ ଆସୁଥିବା ଲୋକମାନେ ଏହା ଭିତରକୁ ଛେପ, ଖଙ୍ଗାର ଆଦି ପକାଉଛନ୍ତି। ଯାହା ଐତିହ୍ୟ ପ୍ରେମୀଙ୍କୁ ଅଧିକ ବ୍ୟଥିତ କରୁଛି। ଫଳରେ ଇତିହାସର ପୃଷ୍ଠାରେ ଗୁରୁତ୍ୱବହନ କରୁଥିବା ଏହି ଐତିହ୍ୟଟି କ୍ରମେ ଅଲୋଡ଼ା ହେବାରେ ଲାଗିଛି। କେବଳ ଏହି ସୌରଘଡ଼ି ନୁହେଁ ସହରରେ ଅନେକ ସ୍ଥାନରେ ପୁରୁଣା ଐତିହ୍ୟ ସ୍ମାରକୀ, ମନ୍ଦିର ଆଦି ରହିଛି। ହେଲେ ଏହି ସବୁ ପାଖରେ ନା ଅଛି ନାମ ଫଳକ ନା ଏହାର ରକ୍ଷଣାବେକ୍ଷଣା ସଠିକ୍ ଭାବରେ ନିଆଯାଉଛି। ଯାହା ଏବେ ସବୁ ଐତିହାସିକମାନଙ୍କର ପାଇଁ ଚିନ୍ତାର କାରଣ ପାଲଟିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନେକ ଐତିହ୍ୟ ଗବେଷଣ, ବିଶେଷଜ୍ଞ ଏବଂ ଐତିହାସିକ ବିଭିନ୍ନ ଇତିହାସ ପୃଷ୍ଠାରୁ ଏହି ସୌରଘଡ଼ି ସମ୍ପର୍କରେ ସୂଚନା ପାଇଁ ଏଠାକୁ ଆସୁଥିଲେ ମଧ୍ୟ ସୂଚନା ଫଳକ ନ ଥିବାରୁ ଏହାକୁ ନ ଦେଖି ଫେରି ଯାଉଛନ୍ତି।

ପ୍ରକାଶ ଥାଉ କି ଓଡ଼ିଶାରେ ପୁରୀର କୋଣାର୍କ, କଟକ ରେଭେନ୍ସା କଲେଜ, ନୟାଗଡ଼ ଖଣ୍ଡପଡ଼ା ରାଜା ପ୍ୟାଲେସ୍, କେନ୍ଦ୍ରାପଡ଼ା ପୁରୁଣା ବସଷ୍ଟାଣ୍ଡ ନିକଟ, ଯାଜପୁରର ମଧୁପୁରଗଡ଼ରେ ଏହି ସୂର୍ଯ୍ୟଘଡ଼ି ରହଥିବା ବେଳେ ରାଜଧାନୀର ମୁକ୍ତେଶ୍ୱର ମନ୍ଦିର ପରିସରରେ ମଧ୍ୟ ଏହି ସୂର୍ଯ୍ୟଘଡ଼ି ରହିଛି। ମୁକ୍ତେଶ୍ୱର ମନ୍ଦିରକୁ ଦେଶ ତଥା ବିଦେଶରୁ ଅନେକ ପର୍ଯ୍ୟଟକ ପରିଦର୍ଶନ ନିମନ୍ତେ ଆସୁଛନ୍ତି, ଏହି ପ୍ରକାର ଐତିହାସିକ ତଥ୍ୟ ପ୍ରଦର୍ଶନ ଦ୍ୱାରା ସ୍ଥାନଟିର ଐତିହାସିକ ଗୁରୁତ୍ୱ ନିଶ୍ଚିତ ବୃଦ୍ଧି ପାଇବ ବୋଲି ଐତିହ୍ୟ ଗବେଷକ ଦୀପକ କୁମାର ନାୟକ କହିଛନ୍ତି। ସେହିଭଳି ସଂସ୍କୃତି ବିଭାଗ ଏହି ପୁରାତନ ବିରଳ ଐତିହ୍ୟଟିର ସୁରକ୍ଷା ସହିତ ଏହାର ଇତିହାସ ତଥା ବ୍ୟବହାର ସମ୍ପର୍କିତ ସବିଶେଷ ତଥ୍ୟଯୁକ୍ତ ଏକ ସୂଚନା ଫଳକ ମୁକ୍ତେଶ୍ୱର ମନ୍ଦିର ପରିସରରେ ସ୍ଥାନିତ କରାଗଲେ ପରପିଢ଼ି ଏ ନେଇ ଅଧିକ ଜ୍ଞାନ ଆସଲ କରିପାରିବେ।

# ଦେଢ଼ ଘଣ୍ଟାରେ ଏତେ; ଆଗକୁ କେତେ

ଭୁବନେଶ୍ୱର, ୨୩।୭ (ସମିସ)



ବୁଧବାର ଅପରାହ୍ଣରେ ମାତ୍ର ଦେଢ଼ ଘଣ୍ଟା ବର୍ଷାରେ ରାଜ୍ୟ ରାଜଧାନୀ ରାସ୍ତାଘାଟରେ ପାଣି ଭରିଗଲା। ଆଣ୍ଠୁଏ ଆଣ୍ଠୁଏ ପାଣିରେ ଯିବା ଆସିବା କରିବାକୁ ପଡ଼ିଲା। ପରିସ୍ଥିତି ଏଭଳି ହେଲେ ଯେ ଲୋକଙ୍କୁ ଘରୁ ବାହାରିବା କାଠିକର ପାଠ ହୋଇଗଲା। ବହୁ ସ୍ଥାନରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେଲା। ଏହି ବର୍ଷାରେ ଉପକଣ୍ଠ ଏବଂ ତଳି ଅଞ୍ଚଳ ବିଶେଷ ଭାବେ ପ୍ରଭାବିତ ହୋଇଛି। ଆଗକୁ ଆସୁଥିବା ଏକାଧିକ ଲଘୁଚାପରେ ପରିସ୍ଥିତି କଣ ହେବ ତାହାକୁ ନେଇ ରାଜଧାନୀବାସୀ ଏବେ ଆଶଙ୍କା ଭିତରେ ରହିଛନ୍ତି।

ଭୁବନେଶ୍ୱରରେ ମାତ୍ର ଦେଢ ଘଣ୍ଟା ମଧ୍ୟରେ ୭୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଯାହାର ପ୍ରଭାବରେ ବିଏମ୍‌ସିର ୱାର୍ଡ ନମ୍ବର ୪ସ୍ଥିତ ଲକ୍ଷେଶ୍ୱର ମନ୍ଦିର ପାଣି ଘେରରେ ରହିଥିଲା। ବିଏମ୍‌ସି ଅପହଞ୍ଚ ହେବାରୁ ସ୍ଥାନୀୟ ଲୋକେ ଜଳ ନିଷ୍କାସନ ପାଇଁ ଉଦ୍ୟମ କରିଥିଲେ। ଅନ୍ୟପକ୍ଷରେ ଉତ୍କଳ ସିଗ୍‌ନେଚର ନିକଟରେ କୃତ୍ରିମ ବନ୍ୟା ପରିସ୍ଥିତି ହୋଇଥିଲା। ଅଣ୍ଡର ପାସ୍ ଠାରୁ ହଂସପାଳ ଆଡ଼କୁ ସର୍ଭିସ ରୋଡ୍‌ରେ ଅଣ୍ଟାଏରୁ ଅଧିକ ପାଣି ହୋଇଗଲା। ରାସ୍ତାରେ ବର୍ଷା ପାଣି ଲହଡ଼ି ଭାଙ୍ଗିଲା। ଦୁଇଚକିଆ ଗାଡ଼ିମୋଟର କଥା ଛାଡ଼ନ୍ତୁ ୪ଚକିଆ ଯାନ ବି ବର୍ଷା ପାଣିରେ ଭାସିଲା। ପଟିଆ, ସୌଭାଗ୍ୟନଗର, ଚକେଇସିଆଣି, ସତ୍ୟବିହାର ଏବଂ ଅନ୍ୟାନ୍ୟ ତଳି ଅଞ୍ଚଳରେ ପରିସ୍ଥିତି ବେହାଲ ହୋଇଯାଇଥିଲା। ପାଣି ଏତେ ଅଧିକ ଥିଲା ଯେ ପମ୍ପ ସେଟ୍ ବି କାମ କଲାନି।

ଅନ୍ୟପକ୍ଷରେ ବଡ଼ଗଡ଼ ଅଞ୍ଚଳରେ ସାଇଫନ୍ ବର୍ଷା ଜଳ ନିଷ୍କାସନର ପ୍ରମୁଖ ବାଟ। ହେଲେ କିଛିଦିନ ହେବ ଏହାକୁ ଭଙ୍ଗା ଯାଇଥିଲେ ମଧ୍ୟ ମରାମତି ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ଆଗାମୀ ସପ୍ତାହରେ ଲଗାତାର ବଙ୍ଗୋପସାଗରରେ ଲଘୁଚାପ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ସାରା ରାଜ୍ୟରେ ବର୍ଷା ହେବ। ଯଦି ଦେଢ଼ ଘଣ୍ଟା ବର୍ଷାରେ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ତେବେ ଲଗାତାର ଲଘୁଚାପରେ କଣ ହେବ ତାହାକୁ ନେଇ ଆଶଙ୍କା ପ୍ରକାଶ ପାଇଛି।

## ପ୍ରେମିକାକୁ ହଇରାଣ କରି ପ୍ରେମିକ ଗିରଫ

ଭୁବନେଶ୍ୱର, ୨୩।୭ (ସମିସ): ପ୍ରେମିକାକୁ ହଇରାଣ କରିଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହିର ନିର୍ମଳ କୁମାର ବେହେରା (୩୨)।

ପୁଲିସ ସୂଚନା ଅନୁସାରେ, ଅଭିଯୋଗକାରିଣୀଙ୍କ ସହ ୨୦୨୩ ମାର୍ଚ୍ଚ ମାସରୁ ନିର୍ମଳର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ଚଳିତବର୍ଷ ଏପ୍ରିଲ ମାସ ପର୍ଯ୍ୟନ୍ତ ସାଲିଆ ସାହି ଅଞ୍ଚଳରେ ଏକାଠି ରହି ଆସୁଥିଲେ। କିନ୍ତୁ ନିର୍ମଳର ଆଚରଣ ଓ ବ୍ୟବହାରରେ ଅତିଷ୍ଠ ହୋଇ ଯୁବତୀ ଜଣକ ଅନ୍ୟ ଏକ ସ୍ଥାନରେ ଯାଇ ଅଲଗା ରହିଥିଲେ। ଏହି ଘଟଣା ପରେ ନିର୍ମଳ ତାଙ୍କୁ ନିୟମିତ ଭାବେ ପିଛା କରିବା ସହ ଗାଳିଗୁଲଜ କରୁଥିଲା। ଘର ଠାରୁ ଆରମ୍ଭ କରି ତାଙ୍କ କର୍ମ ସ୍ଥଳ ପର୍ଯ୍ୟନ୍ତ ପିଛା କରିବା ସହ ତାଙ୍କୁ ହଇରାଣ ହରକତ କରୁଥିଲା ଓ ଜୀବନରୁ ମାରିଦେବାକୁ ଧମକ ଦେଉଥିଲା। ଯୁବତୀଙ୍କ ଠାରୁ ଜୋରଜବରଦସ୍ତ ସୁନା ମଧ୍ୟ ନେଇଯାଇଥିଲା। ନିର୍ମଳ ଗତ ୨୦ ତାରିଖ ଦିନ ଯୁବତୀଙ୍କ ପିଛା କରି ତାଙ୍କୁ ସର୍ବସାଧାରଣ ସ୍ଥାନରେ ହଇରାଣ ହରକତ କରିବା ସହିତ ଅପମାନିତ କରିଥିଲା। ଯୁବତୀ ଜଣକ ଭୟଭୀତ ହୋଇ ଖାରବେଳ ନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା।

# ଦୁର୍ଘଟଣାରେ ଭଉଣୀ ମୃତ, ଭାଇ ଆହତ

ଯାଁଳା, ୨୩।୭(ସମିସ): ଇନଫୋସିଭ୍ୟାଲି ଥାନା ୧୬ ନମ୍ବର ଜାତୀୟ ରାଜପଥ ଗଙ୍ଗପଡ଼ା ପୁରୁଣା ଟୋଲ ଗେଟ ନିକଟରେ ବୁଧବାର ସକାଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଗୋଟିଏ ମୋଟରସାଇକଲ ପଛରେ ଏକ ଟ୍ରକ ଧକ୍କା ଦେବାରୁ ଭଉଣୀର ମୃତ୍ୟୁ ଘଟିଛି। ମୃତ ଯୁବତୀ ଜଣକ ହେଲେ ନୟାଗଡ଼ ଜିଲ୍ଲା ରଣପୁର ଥାନା କେଶିଆପାଲି ଗ୍ରାମର ଅନାଦି ନାଏକଙ୍କ ଝିଅ ସୁମିତ୍ରା ସାମନ୍ତରାୟ (୨୨)।

ମିଳିଥିବା ସୂଚନା ଅନୁସାରେ ଗତକାଲି ଭାଇ ଆଶିଷ ଓ ଭଉଣୀ ସୁମିତ୍ରା କୌଣସି କାମରେ ଭୁବନେଶ୍ୱର ଆସିଥିଲେ। ଆଜି ପୂର୍ବାହ୍ଣ ୮ଟା ବେଳେ ଭାଇ ଓ ଭଉଣୀ ଏକ ମୋଟରସାଇକଲ ଯୋଗେ ଭୁବନେଶ୍ୱରରୁ ନିଜ ଗାଁ ରଣପୁର ଯାଉଥିଲେ। ଗଙ୍ଗପଡ଼ା ପୁରୁଣା ଟୋଲ ଗେଟ ନିକଟରେ ପଛରୁ ଆସୁଥିବା ଏକ ଆଇଚର ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଧକ୍କା ଦେବା ପରେ ସୁମିତ୍ରା ରାସ୍ତାର ମଝିରେ ଖସିପଡ଼ିଥିଲେ। ଫଳରେ ଉକ୍ତ ଟ୍ରକଟି ସୁମିତ୍ରାଙ୍କ ଉପରେ ଚଢି ଯାଇଥିଲା। ଘଟଣା ସ୍ଥଳରେ ହିଁ ସୁମାତ୍ରାଙ୍କ ମୃତ୍ୟୁ ଘଟିଥିଲା। ଭାଇ ଆଶିଷ ମଧ୍ୟ ଗାଡିରୁ ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଦୁର୍ଘଟଣା ଦେଖି ଘଟଣା ସ୍ଥଳକୁ ଦୌଡ଼ି ଆସିଥିଲେ। ଇନଫୋସିଭ୍ୟାଲି ଥାନା ପୁଲିସକୁ ଖବର ଦେବା ସହ ଆମ୍ବୁଲାନ୍ସ ଯୋଗେ ତୁରନ୍ତ ଖୋର୍ଦ୍ଧା ଜିଲ୍ଲା ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ ମଧ୍ୟ ସେଠାରେ ଡାକ୍ତର ସୁମିତ୍ରାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୁଲିସ ଖୋଜୁଛି।

## ଉପରମୁହାଁ ସାଇବର ଠକେଇ

# ଦେଢ଼ମାସରେ ନେଇଗଲେ ୪୬ କୋଟି

ଭୁବନେଶ୍ୱର, ୨୩।୭ (ସମିସ): ରାଜ୍ୟରେ ବଢ଼ିବାରେ ଲାଗିଛି ଅଦୃଶ୍ୟ ଆତଙ୍କ। ଦେଶର ବିଭିନ୍ନ ସ୍ଥାନରେ ବସି ଆତଙ୍କ ଖେଳାଉଛନ୍ତି ସାଇବର୍ ଠକ। ଆଖି ପିଛୁଳାକେ ଖାଲି କରି ଦେଉଛନ୍ତି ପୂରା ଆକାଉଣ୍ଟ। ଅନେକ ସଚେତନତା ସତ୍ତ୍ୱେ ସାଇବର ଠକେଇ ଗ୍ରାଫ୍ ଉପରମୁହାଁ ହେବାରେ ଲାଗିଛି। ପରିସ୍ଥିତି ଏମିତି ଯେ, ସାଇବର ଠକଙ୍କ ଗୋଟି ଚାଳନା ଆଗରେ ପୁଲିସର ରଣନୀତି ଏକପ୍ରକାର ଫେଲ୍ ମାରୁଛି। ଫଳରେ ରାଜ୍ୟରେ ସାଇବର ଠକେଇ ବଢ଼ୁଥିବା ବେଳେ ଗିରଫଦାରୀ ଓ ଟଙ୍କା ଜବତ ହାର ଆଖିଦୃଶିଆ ହେଉନାହିଁ। ଗତ ୪୫ ଦିନ ମଧ୍ୟରେ ୪୬ କୋଟି ଟଙ୍କା ଠକି ନେଇଛନ୍ତି ଏହି ଅଦୃଶ୍ୟ ଠକ। ସେହିପରି ଗତ ସାଢେ ୬ ମାସ ମଧ୍ୟରେ ସାଇବର୍ ଠକମାନେ ରାଜ୍ୟରୁ ପ୍ରାୟ ୧୯୦ କୋଟି ଟଙ୍କା ଉଡ଼ାଇ ନେଲେଣି।



■ ପ୍ରତିଦିନ ଫସୁଛନ୍ତି ୧୩୦ରୁ ଅଧିକ
■ ସାଢ଼େ ୬ ମାସରେ ଗଲାଣି ୧୯୦ କୋଟି
■ ଫ୍ରିଜ୍ ହେଇଛି ମାତ୍ର ୨୧ କୋଟି

ମିଳିଥିବା ସୂଚନା ଅନୁସାରେ, ଭୁବନେଶ୍ୱରର ସଞ୍ଜୟ କୁମାର ମିଶ୍ରଙ୍କ ହ୍ୱାଟ୍ସଆପକୁ ଏକ ଲିଙ୍କ୍ ସହ ମେସେଜ ଆସିଥିଲା। ଲିଙ୍କରେ କ୍ଲିକ୍ କରିବା ପରେ ସାଇବର ଠକ ତାଙ୍କୁ ଏକ ଗ୍ରୁପରେ ଯୋଡି ଦେଇଥିଲେ। ଗ୍ରୁପର ସଦସ୍ୟମାନେ ଏକ ନିର୍ଦ୍ଦିଷ୍ଟ ଟ୍ରେଡିଂ ଆପରେ ଟଙ୍କା ବିନିଯୋଗ କରି ଲାଭବାନ ହେଉଥିବା ଚର୍ଚ୍ଚା ହେଉଥିଲା। ସଦସ୍ୟମାନେ ପ୍ରବର୍ତ୍ତାଇବା ପରେ ସଞ୍ଜୟ ମଧ୍ୟ ଉକ୍ତ ଟ୍ରେଡିଂ ଆପରେ ଟଙ୍କା ବିନିଯୋଗ କରି ଟାସ୍କ କରିଥିଲେ ଓ ପ୍ରତିଶ୍ରୁତି ମୁତାବକ ଲାଭ ମଧ୍ୟ ପାଇଥିଲେ। ସଞ୍ଜୟ ଲୋଭରେ ପଡ଼ି ପ୍ରାୟ ୧୦ ଲକ୍ଷରୁ ଅଧିକ ଟଙ୍କା ବିନିଯୋଗ କରିଥିଲେ। ହେଲେ ଏହାର କିଛି ସମୟ ପରେ ତାଙ୍କ ଆକାଉଣ୍ଟ ଅଚଳ ହୋଇ ଯାଇଥିଲା। ହେଲେ ଆକାଉଣ୍ଟକୁ ସଚଳ କରିବା ପାଇଁ ସାଇବର ଠକମାନେ ତାଙ୍କୁ ଆହୁରି ଟଙ୍କା ମାଗିଥିଲେ। ମୂଳଧନ ଫେରିପାଇବା ଆଶାରେ ବ୍ୟବସାୟୀ ଜଣକ ବିଭିନ୍ନ ପର୍ଯ୍ୟାୟରେ ମୋଟ ୧୯ ଲକ୍ଷ ବିନିଯୋଗ କରି ଦେଇଥିଲେ। ୨୦ ଲକ୍ଷ ନିବେଶ ପରେ ଟଙ୍କା ଫେରାଇବା ପରିବର୍ତ୍ତେ ତାଙ୍କୁ ଗ୍ରୁପରୁ ବାହାର କରି ଦେଇଥିଲେ। ଏନେଇ ସେ ସାଇବର ହେଲ୍ପ ଡେସ୍କରେ ଅଭିଯୋଗ କରିଛନ୍ତି।

| ମାସ | ଅଭିଯୋଗ ସଂଖ୍ୟା | ଅଭିଯୋଗ ପରିମାଣ |
|---|---|---|
| ଜାନୁୟାରୀ | ୪୨୯୯ | ୪୧ କୋଟି |
| ଫେବୃୟାରୀ | ୩୬୬୨ | ୨୨ କୋଟି |
| ମାର୍ଚ୍ଚ | ୪୦୪୯ | ୨୫ କୋଟି |
| ଏପ୍ରିଲ୍ | ୩୯୪୭ | ୩୩ କୋଟି |
| ମେ | ୩୮୬୮ | ୨୩ କୋଟି |
| ଜୁନ୍ | ୩୮୬୭ | ୨୮ କୋଟି |
| ଜୁଲାଇ୧ରୁ୧୫ | ୧୯୧୯ | ୧୮ କୋଟି |

ଗତ ସାଢେ ୬ ମାସ ମଧ୍ୟରେ ରାଜ୍ୟରୁ ପ୍ରାୟ ୧୯୦ କୋଟି ଟଙ୍କା ଠକେଇ ହୋଇଛି। ଚଳିତବର୍ଷ ଜାନୁୟାରୀରୁ ଜୁଲାଇ ୧୫ ତାରିଖ ମଧ୍ୟରେ ରାଜ୍ୟର ପ୍ରାୟ ୨୫ ହଜାର ଲୋକ ସାଇବର ଠକଙ୍କ ଠକେଇର ଶିକାର ହୋଇଛନ୍ତି। ଅଦୃଶ୍ୟ ଠକ ଗତ ସାଢ଼େ ୬ ମାସ ମଧ୍ୟରେ ୨୫ ହଜାର ୬୨୧ ଲୋକଙ୍କ ଠାରୁ ୧୯୦ କୋଟି ଟଙ୍କା ଠକି ନେଇଛନ୍ତି।

ଯଦି ଏଇ ତଥ୍ୟକୁ ହିସାବକୁ ନିଆଯାଏ, ତେବେ ସାଇବର ଠକ ମାନେ ପ୍ରତିଦିନ ରାଜ୍ୟରୁ ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଲୁଟୁଥିବା କଥା ସ୍ପଷ୍ଟ ହୋଇଛି। ଆଉ ପ୍ରତିଦିନ ପ୍ରାୟ ୧୩୦ରୁ ଅଧିକ ଲୋକ ଠକେଇର ଶିକାର ହେଉଛନ୍ତି। ହେଲେ ସେଥିମଧ୍ୟରୁ ପୁଲିସ ମାତ୍ର ୨୧ କୋଟି ଟଙ୍କା ହୋଲ୍ଡ (ଫ୍ରିଜ୍) କରିଛି। ହେଲେ ତାହା ମୋଟ ଠକେଇ ହୋଇଥିବା ଟଙ୍କାର ୧୧ ପ୍ରତିଶତ।

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭାସ୍କର ଚନ୍ଦ୍ର ରାଉତ
ଆବିର୍ଭାବ - ୨୫.୧୨.୧୯୪୩
ତିରୋଧାନ - ୨୪.୦୭.୨୦୨୪
ଯଶୋଟିକିରି, ଭଣ୍ଡାରିପୋଖରୀ, ଭଦ୍ରକ
ବାପା...
ଚାହୁଁ ଚାହୁଁ ବର୍ଷେ ବିତିଗଲା।
ଯେଉଁଠି ଥାଅ ଭଲରେ ଥାଅ
ଆପଣଙ୍କ ନୀତି ଆଦର୍ଶ ଓ ଆଶୀର୍ବାଦ
ସଦାସର୍ବଦା ଆମ ସହିତ ରହିଥାଉ।
ହତଭାଗ୍ୟ
ପତ୍ନୀ - ଶାନ୍ତିଲତା ରାଉତ,
ପୁଅ - ବଦ୍ରୀ ନାରାୟଣ ରାଉତ
୨୨ ନମ୍ବର ଜିଲ୍ଲା ପରିଷଦ ସଭ୍ୟା
ବିରଞ୍ଚିନାରାୟଣ ରାଉତ
ବିଶିଷ୍ଟ ସମାଜସେବୀ ତଥା
ଯୁବ ଉଦ୍ୟୋଗୀ

## ପୂର୍ତ୍ତ ବିଭାଗ ରାସ୍ତା ଖୋଳିଦେଲା ଠିକାସଂସ୍ଥା

# ଥାନାରେ ଅଭିଯୋଗ କଲେ କନିଷ୍ଠ ଯନ୍ତ୍ରୀ



ଅନୁଗୋଳ/ବଇଣ୍ଡା, ୨୩।୭ (ସମିସ)

ଆଠମଲ୍ଲିକ ଓ କିଶୋରନଗର ବ୍ଲକର ବିଭିନ୍ନ ଗ୍ରାମକୁ ମେଗା ଜଳ ପ୍ରକଳ୍ପ ଯୋଜନା ଜରିଆରେ ପାଣି ଯୋଗାଇ ଦେବା ପାଇଁ କିଛିମାସ ହେବ ପାଇପ ବିଛା କାମ ଚାଲୁଥିବା ଠିକାଦାର ରାସ୍ତା ଖୋଳି ପାଇପ୍ ବିଛାଉଥିବାରୁ ଅନେକ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଠିକାସଂସ୍ଥା ଜୋରଜବରଦସ୍ତ ପୂର୍ତ୍ତ ବିଭାଗ ରାସ୍ତାଗୁଡ଼ିକ ଖୋଳିଦେଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ବୁଧବାର ସକାଳେ ଠାକୁରଗଡ଼ରୁ ଆଠମଲ୍ଲିକକୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାକୁ ଠିକାଦାର ବେଆଇନ ଭାବେ ଖୋଳିଥିବା ଅଭିଯୋଗ ହୋଇଛି। ଏକ ଜେସିବି ମେସିନରେ ରାସ୍ତା ଖୋଳି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିବା ପୂର୍ତ୍ତ ବିଭାଗ କନିଷ୍ଠଯନ୍ତ୍ରୀ ହିମାଂଶୁ ଭୂଷଣ ମହାଳିକ ଆଠମଲ୍ଲିକ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସର ଏକ ଟିମ୍ ଆସି କାର୍ଯ୍ୟ ବନ୍ଦ କରିଛି।

ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ ମେଗା ଜଳ ପ୍ରକଳ୍ପ ପାଇପ୍ ବିଛାଇବା ପାଇଁ ଆଠମଲ୍ଲିକ ଜଳ ଯୋଗାଣ ବିଭାଗ ପକ୍ଷରୁ ଏକ ଠିକା ସଂସ୍ଥା ଜରିଆରେ କାମ କରାଯାଉଛି। ତେବେ ଠିକାସଂସ୍ଥା ଅନେକ ରାସ୍ତା ଖୋଳି ଦେଇଛି। ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ଅନୁମତି ନ ନେଇ ମନଇଚ୍ଛା ରାସ୍ତାଗୁଡ଼ିକ ଖୋଳି ଦିଆଯାଉଛି। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରିଥିବା ବେଳେ ଏବେ ତାହା ଶୋଚନୀୟ ହୋଇପଡ଼ିଛି। ଠାକୁରଗଡ଼ରୁ ଆଠମଲ୍ଲିକ ଏକ ଘାଟି ଅଞ୍ଚଳ ହୋଇଥିବା ବେଳେ ଘାଟି ରାସ୍ତାରେ ବେଆଇନ ଭାବେ ଆଜ ଜେସିବି ଜରିଆରେ ରାସ୍ତା ଖୋଳି ଦିଆଯାଇଛି। ଘାଟି ଅଞ୍ଚଳରେ ରାସ୍ତା ନଷ୍ଟ ହୋଇଥିବାରୁ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ଏହି ରାସ୍ତା ଖୋଳିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ଅନୁମତି ଦିଆଯାଇ ନ ଥିବା ବେଳେ ଠିକାଦାର ମନଇଚ୍ଛା ଖୋଳିଦେଉଛନ୍ତି। ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ବେହେରାଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ। ଅନ୍ୟପଟେ ଅଭିଯୋଗ ପରେ ଉକ୍ତ କାମ ବନ୍ଦ କରାଯାଇଥିବା ଆଠମଲ୍ଲିକ ଥାନା ଆଇଆଇସି ପ୍ରକାଶ ମାଝୀ କହିଛନ୍ତି।

## ■ ହଜାର ହଜାର ଶାଳଗଛ କାଟି ପୋଖରୀ ନିର୍ମାଣ

# ବନାଞ୍ଚଳ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ ?





ଛେଣ୍ଡିପଦା, ୨୩।୭ (ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ ଦେବୀନଗରର ସଂରକ୍ଷିତ ଜଙ୍ଗଲରୁ ଶହ ଶହ ବର୍ଷର ହଜାର ହଜାର ଶାଳଗଛ କାଟିବା ଘଟଣାରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସାଧାରଣ ଜନତା ଗୋଟିଏ ଗଛ କାଟିଦେଲେ ତା' ପ୍ରତି କେତେ ଅନ୍ୟାୟ ଅତ୍ୟାଚାର କରି ମୋକଦ୍ଦମା ରୁଜୁ କରି ଜେଲ୍ ପଠାଇ ଦିଆଯାଉଛି। ଅଥଚ ଖୋଦ୍ ବନବିଭାଗ ଅଧିକାରୀମାନେ ଉପସ୍ଥିତ ରହି ମେସିନ ସାହାଯ୍ୟରେ ହଜାର ହଜାର ଶାଳଗଛ କାଟିଦେଲେ ସେମାନଙ୍କ ପ୍ରତି ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। କାହା ଚାପରେ ତଦନ୍ତ ବାଟବଣା ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବନାଞ୍ଚଳ ଅଧିକାରୀଙ୍କର ଲମ୍ବାହାତ, ତେଣୁ ଉପରିସ୍ଥ ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରିବେ ନାହିଁ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଛେଣ୍ଡିପଦା ଓ ତା'ର ଆଖପାଖ ଗାଁଗୁଡ଼ିକରେ ଆଗକୁ ଜଙ୍ଗଲ ଲୋପ ପାଇଯିବା ଆଶଙ୍କା ଉପୁଜିଛି। ଶିମିଳିପାଳ ଜଙ୍ଗଲରେ ସ୍ଥାନୀୟ ବାସିନ୍ଦା ଓ ବନବିଭାଗ ମଧ୍ୟରେ ଉତ୍ତମ ସମ୍ପର୍କ ଓ ବୁଝାମଣାର ଘୋର ଅଭାବ ରହିଛି। ବନାଞ୍ଚଳ ଅଧିକାରୀଙ୍କ ବିରୋଧରେ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ଅନେକ। ବନ୍ୟାଞ୍ଚଳ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହାର ନିରପେକ୍ଷ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## କୋଇଲା ଡିପ୍ପୋ କର୍ମଚାରୀଙ୍କୁ ହତ୍ୟା ଧମକ

ବଇଣ୍ଡା, ୨୩।୭ (ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଅଞ୍ଚଳରେ ଥିବା କୋଇଲା ଡିପ୍ପୋର କର୍ମଚାରୀ ମୋଟଙ୍ଗା ଥାନା ଅଞ୍ଚଳର ତାପସ କୁମାର ରାଉତଙ୍କୁ ବାରମ୍ବାର ଫୋନ୍ ଜରିଆରେ ହତ୍ୟା ଧମକ ଦିଆଯାଉଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ବଂଶୀଧର ନାମକ ଜଣେ ବ୍ୟକ୍ତି ତାଙ୍କୁ ଫୋନ କରି ଗାଳିଗୁଲଜ କରିବା ସହ ଏଠାରୁ ପଳାଇବା ପାଇଁ ଧମକ ଦେଉଛି। ଏଠାରେ ରହିଲେ ହତ୍ୟା କରିଦିଆଯିବ ବୋଲି ଧମକ ଦେଉଥିବା ତାପସ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

## ଯୋଗାଣ ନିରୀକ୍ଷକ ଚାକିରିରୁ ବହିଷ୍କୃତ



ଅନୁଗୋଳ, ୨୩।୭ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁର୍ନୀତି ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମଙ୍ଗଳବାର ଅନୁଗୋଳ ଜିଲ୍ଲା କଣିହା ବ୍ଲକର ପୂର୍ବତନ ଯୋଗାଣ ନିରୀକ୍ଷକ ବବିଲତା ବେହେରାଙ୍କୁ ଚାକିରିରୁ ବହିଷ୍କାର କରିଛନ୍ତି। ବବିଲତା କଣିହାଁ ବ୍ଲକରେ କାର୍ଯ୍ୟରତ ଥିବାବେଳେ ଲାଞ୍ଚ ଗ୍ରହଣ ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ନିକଟରେ ଅନୁଗୋଳ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡବିଧାନ କରିଥିଲେ। ବବିଲତା ବର୍ତ୍ତମାନ ମୟୂରଭଞ୍ଜ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗାଣ ନିରୀକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି।

## ସାମ୍ବାଦିକଙ୍କ ଭ୍ରାତୃ ବିୟୋଗ

କଣିହାଁ, ୨୩।୭ (ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଏନଟିପିସି ଟାଉନ ଥାନା ବିଜିଗୋଳ ଗ୍ରାମର ଅରୁଣ ଧରଙ୍କ ପୁଅ ତଥା ସାମ୍ବାଦିକ



ଜ୍ୟୋତିରଞ୍ଜନ ଧରଙ୍କ ବଡ଼ଭାଇ ଅରୁଣୋଦୟ ଧର (ସଞ୍ଜୟ)ଙ୍କ ମାତ୍ର ୪୬ ବର୍ଷ ବୟସରେ ମଙ୍ଗଳବାର ପରଲୋକ ହୋଇଛି। ସେ ଫୁସଫୁସ ସଂକ୍ରମଣ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସେ ଜଣେ ମୃଦୁଭାଷୀ, ମେଳାପି, ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ଦେହାନ୍ତରେ କଣିହାଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଅନ୍ତିମ ଶଯ୍ୟା ନିକଟରେ ବାପା, ମାଆ, ପତ୍ନୀ, ଦୁଇ ପୁଅ, ଝିଅ, ଚାରି ଭାଇ ଓ ଦୁଇ ଭଉଣୀ ସମେତ ବନ୍ଧୁ ପରିଜନ ଉପସ୍ଥିତ ଥିଲେ।

# ନାବାଳିକାଙ୍କୁ ଅସଦାଚରଣ; ଦୋଷୀଙ୍କୁ ୭ ବର୍ଷ ଜେଲ୍

ଅନୁଗୋଳ, ୨୩।୭ (ସମିସ): ବୁଧବାର ଦିନ ମାନ୍ୟବର ଅତିରିକ୍ତ ଜିଲ୍ଲା ଜଜ ଫାଷ୍ଟ ଟ୍ରାକ କୋର୍ଟ ନାବାଳିକା କୁ ଅସଦାଚରଣ କରିଥିବା ଅଭିଯୋଗରେ ଜଣେ ବ୍ୟକ୍ତି ଙ୍କୁ ୭ ବର୍ଷ ଜେଲଦଣ୍ଡ ରେ ଦଣ୍ଡିତ କରିଛନ୍ତି। ଘଟଣାରୁ ପ୍ରକାଶ ଯେ ଗତ ୧୧. ୮. ୨୦୧୮ ଦିନ ଛେଣ୍ଡିପଦା ଥାନା ଅଞ୍ଚଳର ଜନୈକା ନାବାଳିକା ସ୍କୁଲ ରୁ ଘରକୁ ଫେରୁଥିବାବେଳେ ଛେଣ୍ଡିପଦା ଥାନା ଅନ୍ତର୍ଗତ କୋଷଳା ଗ୍ରାମ କଇଥ ଡିପ ସାହିର ପାଣ୍ଡ ଦେହୁରୀ (୫୫) ନାବାଳିକାକୁ ପ୍ରଲୋଭନ ଦେଖାଇ ନିଜ ଦୋକାନ ଭିତରକୁ ଡ଼ାକିନେଇ ତାସହିତ ଅସଦାଚରଣ କରିଥିଲେ। ଏବିଷୟରେ ନାବାଳିକାର ମା ଜାଣିବାପରେ ଏନେଇ ଛେଣ୍ଡିପଦା ଥାନାରେ ଏକ ଲିଖିତ ଏତେଲା ଦେଇଥିଲେ। ଉକ୍ତ ଏତେଲା କୁ ଭିତିକରି ଛେଣ୍ଡିପଦା ପୁଲିସ ଦଫା ୩୫୪(ଇ) (ସ) ଏବଂ ୧୦ପୋକସ ଆକ୍ଟ ରେ କେଶ ରୁଜୁ କରି ଅଭିଯୁକ୍ତ ପାଣ୍ଡ? ଦେହୁରୀ କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଆଜି ବୁଧବାର ମାନ୍ୟବର ଅତିରିକ୍ତ ଜିଲ୍ଲା ଜଜ ଫାଷ୍ଟ ଟ୍ରାକ୍ଟ କୋର୍ଟ ବିରଞ୍ଚି ନାରାୟଣ ମିଶ୍ର ଏହି କେଶ ର ଶୁଣାଣି କରି ୯ ଜଣ ସାକ୍ଷୀ ପ୍ରମାଣ କୁ ଆଧାରକରୀ ଅଭିଯୁକ୍ତ ପାଣ୍ଡ? ଦେହୁରୀ କୁ ୭ ବର୍ଷ ଜେଲ ଦଣ୍ଡ ଶୁଣାଣି କରିବାସହ ୨୦ହଜାର ଟଙ୍କା ଜୋରିମାନା ଆଦେଶ କରିଛନ୍ତି। ଜୋରିମାନା ଅନାଦେୟ ଅଧିକ ତିନି ମାସ ଜେଲଦଣ୍ଡ ଶୁଣାଣି କରିଛନ୍ତି। ତତ ସହିତ ପୀଡିତା କୁ ୩ଲକ୍ଷ୍ୟ ଟଙ୍କା ଅନୁକମ୍ପା ମୂଳକ ଅର୍ଥ ରାଶି ପ୍ରଦାନ କରିବାପାଇଁ ଆଦେଶ ଦେଇଛନ୍ତି। ତେବେ ସରକାର ଙ୍କ ପକ୍ଷରୁ ଏହି କେଶକୁ ଆଡ଼ିଶୀନାଲ ତଥା ସ୍ୱତନ୍ତ୍ର ପିପି ପ୍ରଦୀପ କୁମାର ଭୁତିଆ ପରିଚାଳନା କରୁଥିଲେ।

# ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ସଭାପତିଙ୍କ ଶୋକସଭା



ଅନୁଗୋଳ, ୨୩।୭ (ସମିସ): ଡା. ସତ୍ୟନାରାୟଣ ସିଂହ ସାମନ୍ତଙ୍କ ପରଲୋକରେ ସାନ୍ଧ୍ୟ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ସମ୍ପାଦକ ପ୍ରଦୀପ କୁମାର ପଣ୍ଡା, ପୂର୍ବତନ କୋଷାଧ୍ୟକ୍ଷ ରଞ୍ଜନ କୁମାର ବେହେରା, ଶିକ୍ଷାବିତ ତଥା ସାହିତ୍ୟିକ କୁଳମଣି ନାୟକ, ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଡା. ସିଂହ ସାମନ୍ତ ଏକାଧାରରେ ଜଣେ ସୁସାହିତ୍ୟିକ, କବି, ସମାଜସେବୀ ଥିଲେ। ଏହି ଅନୁଷ୍ଠାନର ପୂର୍ବତନ ପରିଚାଳନା କମିଟି ସଭାପତି ପଦବୀରେ ଦୀର୍ଘଦିନ ଧରି ସୂଚାରୁ ରୂପେ କାର୍ଯ୍ୟ ତୁଲାଇଥିଲେ। ସ୍ମୃତି ସଭା ପ୍ରାରମ୍ଭରେ ତାଙ୍କ ଆତ୍ମାର ସଦଗତି ପାଇଁ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବକ୍ତାମାନେ ଡା. ସାମନ୍ତଙ୍କ ବହୁମୁଖୀ ପ୍ରତିଭାର ଗୁଣଗାନ କରିବା ସହ ତାଙ୍କ ବିୟୋଗରେ ଅନୁଷ୍ଠାନର ବଡ଼ କ୍ଷତି ହେଲା ବୋଲି ମତବ୍ୟକ୍ତ କରିଥିଲେ। ପେସାରେ ସେ ଜଣେ ଆୟୁର୍ବେଦ ଡାକ୍ତର ହେଲେ ମଧ୍ୟ ସମାଜର ବିଭିନ୍ନ ବର୍ଗର ଲୋକଙ୍କୁ ସହାୟତା କରିବା ତାଙ୍କ ସହଜାତ ଗୁଣଥିଲା। ସ୍ୱାର୍ଥ ବିହୀନ ସେବା ଯୋଗାଇଦେବା ଗୁଣ ତାଙ୍କ ପାଖରେ ଭରି ରହିଥିଲା ବୋଲି ବକ୍ତାମାନେ କହିଥିଲେ।

# ଯୌନ ଉତ୍ପୀଡ଼ନ ବିରୋଧୀ ସଚେତନତା



କିଶୋରନଗର, ୨୩।୭ (ସମିସ): କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ହଣ୍ଡପା ଥାନା ପୁଲିସ ପକ୍ଷରୁ ବୁଧବାର ଛାତ୍ରୀଙ୍କୁ ଯୌନ ଉତ୍ପୀଡ଼ନ ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ କାଳନ୍ଦୀଚରଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହଣ୍ଡପା ଥାନା ଆଇଆଇସି ନମିତା ନାଏକ ଯୋଗଦେଇ ଛାତ୍ରୀଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ସରକାରଙ୍କ ଶକ୍ତିଶ୍ରୀ ଓ ସଶକ୍ତୀକରଣ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ ଛାତ୍ରୀମାନେ ଯେପରି ଯୌନ ନିର୍ଯାତନାର ଶିକାର ନ ହେବେ, ଯଦି କେହି ଶିକାର ହୁଅନ୍ତି ତେବେ ଥାନା ଓ କଲେଜ ଅଧ୍ୟକ୍ଷଙ୍କୁ ଜଣାଇବେ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଅସୀତ ଜେନା, ଅଧ୍ୟାପିକା ଶୁଭଶ୍ରୀ ପ୍ରଧାନ, ସନ୍ଧ୍ୟାରାଣୀ ରାଉଳ, ଶୁଭଲକ୍ଷ୍ମୀ ମାଝୀ, ସୁମିତ୍ରା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ■ ପ୍ଲାଷ୍ଟିକ ବୋତଲରେ ମିଳିବନି ପେଟ୍ରୋଲ

# ଚିନ୍ତାରେ ଗ୍ରାହକ, ଅଧବାଟରେ ତେଲ ସରିଲେ କରିବେ କ'ଣ?

ଅନୁଗୋଳ, ୨୩।୭ (ସମିସ): ଚିନ୍ତା ବଢ଼ାଇଛି ସରକାରଙ୍କ ନୂଆ କଟକଣା। ଏଣିକି ପ୍ଲାଷ୍ଟିକ ବୋତଲରେ ନେଇ ପାରିବେନି ପେଟ୍ରୋଲ। ସରକାରଙ୍କ ଏହି ଘୋଷଣା ପରେ ଲୋକଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଅଧବାଟରେ ତେଲ ସରିଲେ ହଟହଟା ହେବେ ଲୋକେ। ସେହିପରି ଗ୍ରାମାଞ୍ଚଳରେ ଯେଉଁଠି ପେଟ୍ରୋଲ ପମ୍ପ ସଂଖ୍ୟା କମ୍, ସେଠାରେ ଖୁଚୁରା ବିକ୍ରେତାଙ୍କ ଉପରେ ନିର୍ଭର କରନ୍ତି ଗାଡ଼ିଚାଳକ। ତେଣୁ ବୋତଲରେ ପେଟ୍ରୋଲ ବିକ୍ରି ନ ହେଲେ ଆଗକୁ ସମସ୍ୟା ବଢ଼ିବ। ସରକାରୀ କଟକଣା ଫଳରେ ଏବେ ଉଭୟ ଗ୍ରାହକ ଓ ଖୁଚୁରା ବିକ୍ରେତାଙ୍କୁ ସମସ୍ୟା ହେବ ବୋଲି କହିଛନ୍ତି। ସେହିପରି ଗାଡ଼ି ବ୍ୟତୀତ କୃଷି ଉପକରଣ କିମ୍ବା ଜେନେରେଟରରେ ପେଟ୍ରୋଲ, ଡିଜେଲ ଭର୍ତ୍ତି କରିବାରେ ସମସ୍ୟା ଭୋଗିପାରନ୍ତି ଲୋକେ। ସୂଚନାଯୋଗ୍ୟ, ସୋମବାର ଲୋକସେବା ଭବନରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଭିନ୍ନ ପେଟ୍ରୋଲିୟମ୍ ସଂଘ କର୍ମକର୍ତ୍ତା ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଏହି ନିଷ୍ପତ୍ତି କରିଛନ୍ତି। ରାସ୍ତାକଡ଼ ଛୋଟ ଦୋକାନରେ ପେଟ୍ରୋଲ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ଜିଲ୍ଲାପାଳମାନେ ବ୍ୟକ୍ତିଗତ ଭାବେ ଏହାକୁ ତଦାରଖ କରିବେ ବୋଲି ନିର୍ଦ୍ଦେଶ ରହିଛି।

# ୧୫ଟି ନୂତନ ମତଦାନ କେନ୍ଦ୍ର ପାଇଁ ନିଷ୍ପତ୍ତି



ପାଲଲହଡ଼ା, ୨୩।୭ (ସମିସ): ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁସାରେ ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ୧୨୦୦ରୁ ଅଧିକ ମତଦାତା ଥିବା ମତଦାନ କେନ୍ଦ୍ରର ପୁନର୍ବିନ୍ୟାସ କରାଯିବ। ୧୫ଟି ନୂତନ ମତଦାନ କେନ୍ଦ୍ର କରିବା ପାଇଁ ନିଷ୍ପତ୍ତି ହୋଇଛି। ଏ ନେଇ ପାଲଲହଡ଼ା ଉପଜିଲ୍ଲାପାଳଙ୍କ ସଭାଗୃହରେ ମତଦାତା ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଇତି, ଫପଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନମଗାଁ ସରକାରୀ ଆଶ୍ରମ ବିଦ୍ୟାଳୟ, ବାରକୋଟିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରଞ୍ଜି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଖମାର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତୁଙ୍ଗମାଟିଆ ପ୍ରାଥମିକ ବିଦ୍ୟାଳୟ, ଶିପୁର ପ୍ରାଥମିକ ବିଦ୍ୟାଳୟ, ରେଙ୍ଗାଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଜ୍ରକୋଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ତାଳପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁଲେଇ ପ୍ରାଥମିକ ବିଦ୍ୟାଳୟ ଏବଂ ଦୁର୍ଗାପୁର ପ୍ରାଥମିକ ବିଦ୍ୟାଳୟରେ ନୂତନ ଭାବେ ମତଦାନ କେନ୍ଦ୍ର କରିବା ପାଇଁ ଆଲୋଚନା କରାଯାଇଥିଲା। ଏହା ଦ୍ୱାରା ମତଦାତା ସୁବିଧାରେ ମତଦାନ କରିପାରିବେ ଏବଂ ମତଦାନ ହାର ବୃଦ୍ଧି ପାଇବ ବୋଲି ଅଧିକାରୀ ସୂଚନା ଦେଇଥିଲେ।

# ଝରାବେରଣୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

କିଶୋରନଗର, ୨୩।୭ (ସମିସ): କିଶୋରନଗର ବ୍ଲକ ଝରାବେରେଣୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୩୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷକ ରଞ୍ଜିତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ସରୋଜ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଡା. ଅଲେଖ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବରୁଣ ପ୍ରଧାନ, ପ୍ରସାଦୀ ପ୍ରଧାନ, ଦିଗମ୍ବର ଭୋଇ, ସତ୍ୟବାଦୀ ସାହୁ, ସରପଞ୍ଚ ଶରତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ଦେଶ ଓ ଜାତିର ଟେକ ରଖିବା ପାଇଁ ଦୃଢ଼ ସଂକଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ସମ୍ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ମୁଖ୍ୟଅତିଥି ସାହୁ ପ୍ରତିଶ୍ରୁତି ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଅବସରପ୍ରାପ୍ତ କନିଷ୍ଠ କିରାଣି ଅବଧୂତ ଦେହୁରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶିକ୍ଷକ ଅମିତାଭ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କେତାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ଜଏରାଟ, ହିମିତିରା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ କର୍ମଚାରୀ ଯୋଗଦେଇଥିଲେ।



# ବିଧାନସଭା ଷ୍ଟାଣ୍ଡିଂ କମିଟିର ଅନୁଗୋଳ ଜିଲ୍ଲା ଗସ୍ତ

ଅନୁଗୋଳ, ୨୩।୭ (ସମିସ)

ଓଡ଼ିଶା ବିଧାନସଭା ବିଭାଗୀୟ ଷ୍ଟାଣ୍ଡିଂ କମିଟି-୫ମ (୨୦୨୫-୨୬) ବୁଧବାର ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଗୋଳ ଜିଲ୍ଲା ଗସ୍ତରେ ଆସି ତାଳଚେରର ମଣ୍ଡାପାଳ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ, ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଓ ଚିକିତ୍ସାଳୟ, ଖମାର ଗୋଷ୍ଠୀ ଚିକିତ୍ସା କେନ୍ଦ୍ର ଏବଂ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରିବା ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ବିଧାୟକ ଉମା ଚରଣ ମଲ୍ଲିକ, ଡ. ଫକୀର ମୋହନ ନାଏକ, ରୂପେଶ କୁମାର ପାଣିଗ୍ରାହୀ, ସତ୍ୟଜିତ୍ ଗମାଙ୍ଗ ସଦସ୍ୟ ଭାବେ କମିଟିରେ ସାମିଲ ହୋଇଥିଲେ। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି କମିଟି ସହ ଗସ୍ତ କରିଥିଲେ। ଏହି ଅବସରରେ କମିଟି ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ବିଭିନ୍ନ ସମସ୍ୟା ସମୀକ୍ଷା କରିବା ସହ ରୋଗୀ, ଚିକିତ୍ସାଧିକାରୀ, କର୍ମଚାରୀଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ



ପ୍ରୀତିମୟ, ତାଳଚେର ଉପଜିଲ୍ଲାପାଳ ସମିର କୁମାର ଜେନା, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ତାଳଚେର ବିଡିଓ ସୁଶାନ୍ତ କୁମାର ବରାଳ, ତାଳଚେର ତହସିଲଦାର ଆଲ୍‌ଫା ଜେନା, ପାଲଲହଡ଼ା ବିଡିଓ ନିଶାନ ମିଶ୍ର, ପାଲଲହଡ଼ା ତହସିଲଦାର ଆକାଂକ୍ଷା ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ଚିକିତ୍ସାଳୟ କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ
ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭାସ୍କର ଚନ୍ଦ୍ର ରାଉତ
ଆବିର୍ଭାବ - ୨୫.୧୨.୧୯୪୩
ତିରୋଧାନ - ୨୪.୦୭.୨୦୨୪
ଯଶୋଟିକିରି, ଭଣ୍ଡାରିପୋଖରୀ, ଭଦ୍ରକ
ବାପା...
ଚାହୁଁ ଚାହୁଁ ବର୍ଷେ ବିତିଗଲା।
ଯେଉଁଠି ଥାଅ ଭଲରେ ଥାଅ
ଆପଣଙ୍କ ନୀତି ଆଦର୍ଶ ଓ ଆଶୀର୍ବାଦ
ସଦାସର୍ବଦା ଆମ ସହିତ ରହିଥାଉ।
ହତଭାଗ୍ୟ
ପତ୍ନୀ - ଶାନ୍ତିଲତା ରାଉତ,
ପୁଅ - ବଦ୍ରୀ ନାରାୟଣ ରାଉତ
୨୨ ନମ୍ବର ଜିଲ୍ଲା ପରିଷଦ ସଭ୍ୟା
ବିରଞ୍ଚିନାରାୟଣ ରାଉତ
ବିଶିଷ୍ଟ ସମାଜସେବୀ ତଥା
ଯୁବ ଉଦ୍ୟୋଗୀ

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇବା ପରେ ବି ମହିଳାଙ୍କୁ ମିଳୁନି ନ୍ୟାୟ

# କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେଲେ ଡିଆଇଜି; ଧାରଣା ସ୍ଥଗିତ

ସାରସକଣା, ୨୩।୭(ସମିସ): ସାମ୍ବାଦିକଙ୍କ ଉପରେ ପ୍ରତିଶୋଧ ନେବାକୁ ଯାଇ ତାଙ୍କ ସ୍ତ୍ରୀ ଓ ପରିବାର ନାମରେ ନାନାଦି କୁଭାଷା ପ୍ରୟୋଗ କରି ସାମାଜିକ ଗଣମାଧ୍ୟମରେ ଫେକ ଆଇଡି ବ୍ୟବହାର କରି ବଦନାମ କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯିବା ପାଇଁ ଜଣେ ମହିଳା ଏତଲା ଦେବାର ଏକମାସ ପୂରିଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଫଳରେ ଅଭିଯୁକ୍ତ ଜଣକ ଖୋଲାରେ ବୁଲୁଛି। ଏହି ଘଟଣାକୁ ନେଇ ଜୁନ ୨୩ ତାରିଖରେ ମହିଳା ଜଣଙ୍କ ପରିବାର ସହ ଆଇଜି ଅଫିସରେ ଧାରଣରେ ବସିବେ ବୋଲି ଜଣାଇବାରୁ ଆଜି ଆଇଜି ମହିଳାଙ୍କୁ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ପ୍ରକାଶ ଥାଉକି, ବେଆଇନ ବାଲି ବ୍ୟବସାୟକୁ କେନ୍ଦ୍ର କରି ସାମ୍ବାଦିକ ମଳୟ ନାୟକ ବିଭିନ୍ନ ସମୟରେ ଖବର ପ୍ରକାଶ କରିଥିବା ଯୋଗୁଁ ବ୍ୟବସାୟୀମାନେ ତାଙ୍କୁ ଧମକ ଦେଇଥିଲେ ଏବଂ ଯେତେ ଖବର ପ୍ରକାଶ କଲେ ବି କିଛି କରିପାରିବ ନାହିଁ ବୋଲି ଧମକ ଦେଇଥିବା ଏକ ବାର୍ତ୍ତାଳାପର ଭିଡିଓ ସାମ୍ବାଦିକ ସୋସିଆଲ ମିଡିଆରେ ଛାଡିଥିଲେ। କିଛି ଦିନ ପରେ ଫେସବୁକରେ ଏକ ଫେକ ଆଇଡି ଖୋଲାଯାଇ ସାମ୍ବାଦିକଙ୍କ ନାମରେ ନାନାଦି ମିଛ କଥା ଲେଖାଯିବା ସହ କୁଭାଷା ପ୍ରୟୋଗ କରି ତାଙ୍କ ପରିବାର ନାଁରେ ମଧ୍ୟ ଅଶାଳୀନ ଶବ୍ଦ ବ୍ୟବହାର କରି ଚରିତ୍ର ସଂହାର



କରାଯାଇଥିଲା। ତେବେ ଏହି ପୋଷ୍ଟକୁ ନେଇ ଗତ ଜୁନ ମାସ ୨୩ ତାରିଖ ଦିନ ମହିଳା ଜଣଙ୍କ ସାଇବର ଥାନା ଏବଂ ୨୪ରେ ଝାରପୋଖରିଆ ଥାନାରେ ଅଭିଯୋଗ କରିଥିଲେ। ଥାନାଧିକାରୀ ପ୍ରଭୁକଲ୍ୟାଣ ଆଚାର୍ଯ୍ୟ ୧୨ରୁ ୧୫ ଭିତରେ ଫେସବୁକ କମ୍ପାନୀରୁ ରିପୋର୍ଟ ଆସିବ ବୋଲି କହିଥିଲେ ଏବଂ ଦୋଷୀକୁ ନିଶ୍ଚିତ ଧରାଯିବ ବୋଲି କହିଥିଲେ। ପରେ ସାମ୍ବାଦିକଙ୍କ ସ୍ତ୍ରୀ ଏବଂ ସେ ନିଜେ ଡିଆଇଜିଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ଜୁଲାଇ ୭ ତାରିଖରେ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ମଧ୍ୟ ଅଭିଯୋଗ କରିଥିଲେ; ହେଲେ ଏଯାଏ କାର୍ଯ୍ୟାନୁଷ୍ଠାନ ଶୂନ। ସେହିଦିନ ମହିଳା ଜଣଙ୍କ ମହିଳା କମିଶନରେ ମଧ୍ୟ ଲିଖିତ ଜଣାଇଥିଲେ। ଇତି ମଧ୍ୟରେ ଏକମାସ ପୂରିବା ପରେ ମଧ୍ୟ ଅଭିଯୁକ୍ତ ଧରା ନପଡିବା ପରେ ମହିଳା ଜଣଙ୍କ ନିରୂପାୟ ହୋଇ ଗତ ୨୧ ତାରିଖରେ ଥାନାରେ ପହଞ୍ଚି ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ନହେଲେ ଆଇଜି ଅଫିସ ବାଲେଶ୍ୱରଙ୍କ ସାମ୍ନାରେ ଧାରଣରେ ବସିବେ ବୋଲି କହିଥିଲେ। ଗତକାଲି ସାମ୍ବାଦିକ ଏବଂ ତାଙ୍କ ସ୍ତ୍ରୀ ବାରିପଦାଠାରେ ଡିଆଇଜିଙ୍କୁ ଭେଟିବା ପରେ ଡିଆଇଜି ଡ. ସତ୍ୟଜିତ ନାୟକ ଘଟଣାର ତଦନ୍ତ କରି ନିଶ୍ଚିତ ଦୋଷୀକୁ ବାହାର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳା ଜଣକ ଧାରଣାରେ ବସିବେ ନାହିଁ ବୋଲି ସୂଚନା ଦେଇଛନ୍ତି। ଅନ୍ୟପଟେ ପୂର୍ବରୁ ସିଧାସଳଖ ଓ ଅସିଆଲ ମିଡ଼ିଆରେ ଧମକ ଦେଇଥିବା କିଛି ବାଲି ବ୍ୟବସାୟୀ ଘଟଣା ପଛରେ ରହିଥିବା ସାମ୍ବାଦିକ ଶ୍ରୀ ନାୟକ ପ୍ରକାଶ କରିଛନ୍ତି। ରାଜନୈତିକ ଚାପ ପାଇଁ ଝାରପୋଖରୀଆ ପୁଲିସ କାର୍ଯ୍ୟାନୁଷ୍ଠାନ ନେଉନଥିବା ଅଭିଯୋଗ ଆଣିଛନ୍ତି ମହିଳାଙ୍କ ପରିବାର। ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହେଲେ ଆସନ୍ତା ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣିରେ ଭୁବନେଶ୍ୱରଠାରେ ଧାରଣା ଦେବେ ବୋଲି କହିଛନ୍ତି।

## ଚୋରା ଦେଶୀ ମଦ ଜବତ; ୩ ଗିରଫ

କୁଆମରା, ୨୩।୭(ସମିସ): ଖୁଣ୍ଟା ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢଉ କରି ବେଆଇନ ମଦ କାରବାର ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୬୪ ଲିଟର ଦେଶୀ ମଦ ଜବତ କରିଛି। ଅଭିଯୁକ୍ତଙ୍କ ବିରୋଧରେ ପୃଥକ ମାମଲା ରୁଜୁକରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ଖୁଣ୍ଟା ଥାନା ଅନ୍ତର୍ଗତ ଟାଙ୍ଗଣା ଗ୍ରାମର ବୁଧୁନୀ ସିଂ (୪୮)ଙ୍କଠାରୁ ୨୫ ଲିଟର, ଲକ୍ଷ୍ମଣାସାହି ଗ୍ରାମର ରବୀନ୍ଦ୍ର ହେମ୍ବ୍ରମ (୬୦)ଙ୍କଠାରୁ ୧୭ ଲିଟର ଓ କୁଶଗଡ଼ିଆ ଗ୍ରାମର ମୟାବତୀ ହେମ୍ବ୍ରମ (୩୦)ଙ୍କଠାରୁ ୨୨ ଲିଟର ଦେଶୀ ମଦ ଜବତ ହୋଇଛି।

## ଘର ସମ୍ମୁଖରୁ ବାଇକ ଚୋରି

ବାରିପଦା, ୨୩।୭(ସମିସ): ମଙ୍ଗଳବାର ରାତିରେ ଘର ସମ୍ମୁଖରେ ପାର୍କିଂ ହୋଇଥିବା ଏକ ବାଇକ ଚୋରି ହୋଇଛି। ଏନେଇ ତେଲିବିଲା ଅଞ୍ଚଳର ଅଲିଭା ମଞ୍ଜରୀ ମହାନ୍ତ ବାରିପଦା ସଦର ଥାନାରେ ଅଭିଯୋଗ କରିଛନ୍ତି। ସେ ପ୍ରତିଦିନ ଭଳି ଘର ସମ୍ମୁଖରେ ବାଇକ ପାର୍କିଂ କରିଥିଲେ। ସକାଳୁ ଦେଖିଲା ବେଳକୁ ବାଇକଟି ଚୋରି ହୋଇଯାଇଛି। ପରେ ସେ ଥାନାରେ ଅଭିଯୋଗ କରିଛନ୍ତି।

## ଦୋକାନରୁ ଟଙ୍କା ଓ ରୁପା ମୁଦ୍ରା ଚୋରି

ବାରିପଦା, ୨୩।୭(ସମିସ): ମଙ୍ଗଳବାର ରାତିରେ ଏକ ଦୋକାନରୁ ଟଙ୍କା ଏବଂ ରୂପାମୁଦ୍ରା ଚୋରି ହୋଇଥିବା ନେଇ ଜନାର୍ଦ୍ଦନପୁର ଅଞ୍ଚଳର ଲଳିତ କୁମାର ଶର୍ମା ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ପ୍ରତିଦିନ ଭଳି ରାତିରେ ଦୋକାନ ବନ୍ଦ କରିଥିଲେ। ରାତିରେ ଜନଶୂନ୍ୟ ଥିବାବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଦୋକାନର ପଛ ପଟୁ ପଶି ଦୋକାନ ମଧ୍ୟରେ ଥିବା ୨୦ ହଜାର ଟଙ୍କା ଓ ୨୪ଟି ରୁପା ମୁଦ୍ରା ନେଇ ପଳାଇଛନ୍ତି। ପରେ ସେ ଥାନାରେ ଅଭିଯୋଗ କରିଛନ୍ତି।

## ଛାତ୍ରୀ ଗର୍ଭବତୀ ହେବା ଘଟଣା: ସ୍କୁଲ ପରିଦର୍ଶନ କଲେ କଂଗ୍ରେସ ପ୍ରତିନିଧି



ବାଙ୍ଗିରିପୋଷି, ୨୩।୭ (ସମିସ): ବାଙ୍ଗିରିପୋଷି ଥାନା ଅଞ୍ଚଳରେ ଥିବା ଏକ ଆଦିବାସୀ ଆବାସିକବିଦ୍ୟାଳୟରଅଷ୍ଟମଶ୍ରେଣୀଛାତ୍ରୀଗର୍ଭବତୀହେବାଘଟଣାଚର୍ଚ୍ଚାଜୋର୍‌ଧରିଛି। ଏହି ଘଟଣାରେ ଜିଲ୍ଲା ସଭାପତି (ପ୍ର) ଅରବିନ୍ଦ ଦାସଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା କଂଗ୍ରେସର ଏକ ପ୍ରତିନିଧି ଦଳ ଉକ୍ତ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ପ୍ରତିନିଧି ଦଳ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ସମସ୍ତ ଛାତ୍ରୀଙ୍କ ନିୟମିତ କାଉନ୍ସେଲିଂ ପାଇଁ ପରାମର୍ଶ ଦେଇଥିଲେ। ଛାତ୍ରୀ ଜଣକ ନିଜ ଗାଁକୁ ଯାଇଥିବା ବେଳେ ଜଣେ ନାବାଳକଙ୍କ ସହ ସମ୍ପର୍କରେ ଆସି ଗର୍ଭବତୀ ହୋଇଥିବା ତଥା ଉକ୍ତ ନାବାଳକ ଧରାପଡ଼ିଥିବା ପ୍ରଧାନଶିକ୍ଷୟିତ୍ରୀ ପ୍ରତିନିଧି ଦଳକୁ ଅବଗତ କରିଥିଲେ। ପ୍ରତିନିଧି ଦଳରେ ଜିଲ୍ଲା ମହିଳା କଂଗ୍ରେସ ସଭାପତି ସୁସ୍ମିତା ଘୋଷାଲ, ରାଜ୍ୟ ବାଣିଜ୍ୟ କମିଟି ଅଧ୍ୟକ୍ଷ ଯୋଗେଶ ଅଗ୍ରୱାଲ, ରଜତ କୁମାର ମହାନ୍ତି, ରବୀନ୍ଦ୍ରନାଥ ଟୁଡୁ, ସତ୍ୟନାରାୟଣ ବିଜୁଳି, ରବୀନ୍ଦ୍ରନାଥ ସେଠୀ, ଚନ୍ଦନ କିସ୍କୁ, ମନୋରଞ୍ଜନ ହେମ୍ବ୍ରମ, ପ୍ରଦୀପ ବେହେରା, ଗୌରୀ ନାଏକ, ସୁଜତା ସିଂ, ଫରିଦା ତବସୁମ୍, ଭବାନୀଶେଖର ସିଂ ପ୍ରମୁଖ ସାମିଲ ଥିଲେ।

## ପିଆର୍‌ଏମ୍‌ରେ ରକ୍ତଦାନ ଶିବିର; ୧୦୨ ୟୁନିଟ ସଂଗ୍ରହ



ବାରିପଦା, ୨୩।୭(ସମିସ): ବାରିପଦା ପିଆରଏମ ମେଡିକାଲ କଲେଜ ପ୍ରାଙ୍ଗଣରେ ମଙ୍ଗଳବାର ଓଡ଼ିଶା ମେଡିକାଲ ଲାବୋରେଟୋରୀ ଟେକ୍ନିସିଆନ ସଂଘ, ମୟୂରଭଞ୍ଜ ଶାଖା ଓ ମେଡିକାଲ କଲେଜ ଶାଖା ତଥା ପିଆରଏମ ମେଡିକାଲ କଲେଜର ଡିଏମଏଲଟି ଓ ଡିଏମଆରଟି ଛାତ୍ରସଂଘ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ମେଡିକାଲ କଲେଜର ସୁପେରିଣ୍ଟେଣ୍ଡେଣ୍ଟ ଡା ରବୀନ୍ଦ୍ର କୁମାର ମିଶ୍ର ଏବଂ ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା କିଶୋର କୁମାର ଆଚାର୍ଯ୍ୟ ଉଦଘାଟନ କରିଥିଲେ। ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ଡା ଇନ୍ଦ୍ରାଣୀ ମହାନ୍ତି, ଡା ପ୍ରମିତା ସାହୁ, ଡା ସୁଲତା ମହାପାତ୍ର, ଡା ମିନାକ୍ଷୀ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ମେଡିକାଲ କଲେଜ ଲାବୋରେଟୋରୀ ଟେକ୍ନିସିଆନ ସଂଘର ସାଧାରଣ ସମ୍ପାଦକ ଦେବବ୍ରତ ପରିଡ଼ା, ଉପଦେଷ୍ଟା ପୁଣ୍ଡରୀକାକ୍ଷ ଦାସ, ରାମକୃଷ୍ଣ ଦତ୍ତ ତଥା ସମସ୍ତ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ସହଯୋଗରେ ଶିବିରରୁ ୧୦୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବାରିପଦାର ବିଶିଷ୍ଟ ସମାଜସେବୀ ତଥା ରକ୍ତଦାତା ଅମର ସେଠୀ ଶିବିରରେ ସହଯୋଗ କରିଥିଲେ।

## ସାପ କାମୁଡ଼ାରେ ଜଣେ ମୃତ

ବାରିପଦା, ୨୩।୭(ସମିସ): ବାରିପଦା ସଦର ଥାନା ଅନ୍ତର୍ଗତ ଶ୍ୟାମାଖୁଣ୍ଟା ବ୍ଲକର ଦୁଧିଆଶୋଳ ଗ୍ରାମର ଅଜୁ କାଳନ୍ଦୀଙ୍କୁ ସାପ କାମୁଡି ଦେବାରୁ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ସୋମବାର ଗାଁ ରାସ୍ତାରେ ଯିବା ବେଳେ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ତାଙ୍କୁ ସ୍ଥାନୀୟ ଲୋକମାନେ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ଘଟିଛି। ଏହି ଖବର ପାଇ ଅନୁସୂଚିତ ଜାତି କଲ୍ୟାଣ ସମିତି ରାଜ୍ୟ ସାଧାରଣ ସମ୍ପାଦକ କରମଚାନ୍ଦ କାଳନ୍ଦୀ ସମେତ ଗ୍ରାମବାସୀ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

## ଜୁଆ ଓ ଗଞ୍ଜା ଲଢ଼େଇ ରୋକିବାରେ ପୁଲିସ ବିଫଳ

ବୈଶିଙ୍ଗା, ୨୩।୭ (ସମିସ): ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଏବେ ଜୁଆଖେଳ ଓ ଗଞ୍ଜା ଲଢ଼େଇ ଜୋରଦାର ଚାଲୁଛି। ତେବେ ଏହି ବେଆଇନ କାର୍ଯ୍ୟକୁ ବ୍ୟବସାୟର ରୂପ ଦେଉଛନ୍ତି ଯୁବପିଢ଼ି। ଗତ ୨୦୧୫ ମସିହାରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଗଞ୍ଜା ଲଢ଼େଇକୁ ନିଷେଧ ଘୋଷଣା କରାଯାଇଥିଲେ ବି ବୈଶିଙ୍ଗା ଥାନା ଅଧୀନ ପାଟୁଳିପୁରା ପଞ୍ଚାୟତ ଖିରିପଦା ସାପ୍ତାହିକ ହାଟ ନିକଟରେ ନିୟମିତ ଭାବେ ଚାଲୁଛି। ଏଥିରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସହ ଦୂରଦୂରାନ୍ତରୁ ମଧ୍ୟ ଲୋକେ ସାମିଲ ହୋଇ ହଜାର ହଜାର ଟଙ୍କା ବାଜି ଲଗାଉଛନ୍ତି। ହେଲେ ଏହାକୁ ରୋକିବାକୁ ପୁଲିସ ପ୍ରଶାସନ ବିଫଳ ହୋଇଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ଛାତ୍ରୀ ପ୍ରିୟଙ୍କା ମୁର୍ମୁ 'ପ୍ରେରଣା ସମ୍ମାନ'ରେ ସମ୍ମାନିତ




ବାରିପଦା, ୨୩।୭(ସମିସ): ଓଡ଼ିଶା ରାଜ୍ୟ ପ୍ରାଥମିକ ଶିକ୍ଷା ପରିଷଦ (ଓସେପା) ଭୁବନେଶ୍ୱର ଓ ଭିନ୍ନକ୍ଷମଙ୍କ ସାମାଜିକ ଅଧିକାର ଓ ସଶକ୍ତିକରଣ ପାଇଁ କାର୍ଯ୍ୟରତ ସଂଗଠନ 'ସ୍ୱାଭିମାନ'ଙ୍କ ମିଳିତଉଦ୍ୟମରେ୧୦ତମ'ପ୍ରେରଣାସମ୍ମାନ'ସମାରୋହମଙ୍ଗଳବାରଭୁବନେଶ୍ୱରଜୟଦେବ ଭବନରେ ଉଦଘାଟିତ ହୋଇଯାଇଛି। ଚଳିତବର୍ଷ ଦଶମ ଶ୍ରେଣୀ ଏଚଏସସି/ସିବିଏସଇ ପରୀକ୍ଷାରେ ୭୫%ଠାରୁ ଅଧିକ ନମ୍ବର ରଖିଥିବା ରାଜ୍ୟର ୩୦ଟି ଜିଲ୍ଲାରୁ ଚୟନ ହୋଇଥିବା ୧୧୩ ଜଣ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କୁ ସମ୍ମାନିତ କରାଯାଇଥିଲା। ମୟୂରଭଞ୍ଜ ଜିଲ୍ଲାର ତିରିଂ ବ୍ଲକ ଅନ୍ତର୍ଗତ ବଡଡାଲିମା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା ମୁର୍ମୁ ସିବିଏସଇ ଦଶମ ପରୀକ୍ଷାରେ ୮୪.୮୦% ରଖି ଉଲ୍ଲେଖନୀୟ କୃତିତ୍ୱ ପ୍ରଦର୍ଶନ କରିଛନ୍ତି। ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସହ ନିର୍ଦ୍ଦେଶକ ସନ୍ନ୍ୟାସ ବେହେରା, ଓସେପା ଅନ୍ତର୍ନିବେଶୀ ବିଭାଗର ଉପ ନିର୍ଦ୍ଦେଶକ ପ୍ରଦୋଶ କୁମାର ନାଏକ, ସ୍ୱାଭିମାନର ନିର୍ଦ୍ଦେଶିକା ଶୃତି ମହାପାତ୍ର ଓ ଓସେପା ଅନ୍ତର୍ନିବେଶୀ ବିଭାଗ ସଂଯୋଜକ ଅଶୋକ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ପ୍ରିୟଙ୍କା ମୁର୍ମୁଙ୍କୁ ରୂପା ପଦକ, ପ୍ରମାଣପତ୍ର ଓ ପୁସ୍ତକ ସାମଗ୍ରୀ ସହ ସମ୍ମାନିତ କରାଯାଇଛି।

## ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ



ଉଦଳା, ୨୩।୭(ସମିସ): ବୁଧବାର କପ୍ତିପଦା ଉପଖଣ୍ଡ ଉଦଳାରେ ୭୯ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉଦଳା ବିଧାୟକ ଭାସ୍କର ମଢେଇ, ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଉଦଳା ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ଉପନଗରପାଳ ଲିଲି ଭୋଳ, ବିଡିଓ ଉଦଳା ସମରଜିତ କର, ଉଦଳା ତହସିଲଦାର ସୁପ୍ରଭା ଦାସ, ତହସିଲଦାର ଗୋପବନ୍ଧୁନଗର ଓମ ପ୍ରକାଶ ମହାନ୍ତି, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାଏକ, ଡେପୁଟି କଲେକ୍ଟର ପ୍ରତୀକ ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ଜେନା, ସହକାରୀ ଜିଲ୍ଲାପାଳ ପ୍ରବୀଣ ମାଝୀଙ୍କ ସମେତ ସରକାରୀ ତଥା ବେସରକାରୀ ସଦସ୍ୟ, ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ତଥା ଗଣମାଧ୍ୟମ ପ୍ରତିନିଧି ମଧ୍ୟ ଉପସ୍ଥିତ ଥିଲେ। ସ୍ୱାଧୀନତା ଦିବସ ୨୦୨୫କୁ କିପରି ସୂଚାରୁ ରୂପେ ପାଳନ କରାଯିବ ସେ ଦିଗରେ ସୁଚିନ୍ତିତ ମତାମତ ଦେବାକୁ ଉପଜିଲ୍ଲାପାଳ ଉପସ୍ଥିତ ସଦସ୍ୟା/ ସଦସ୍ୟାଙ୍କୁ ପରାମର୍ଶ ଦେଇଥିଲେ। ତଦନୁଯାୟୀ ରାମଧୂନ ପରିବେଷଣ, ପ୍ରଭାତ ଫେରୀ, ପରିଷ୍କାର ପରିଚ୍ଛନ୍ନ, ଆନୁଷ୍ଠାନିକ ଜାତୀୟ ପତାକା ଉତ୍ତୋଳନ, ସାଜସଜ୍ଜା, ପ୍ୟାରେଡ ଅଭ୍ୟାସ ଓ ପ୍ରତିଯୋଗିତା ବିଭିନ୍ନ ପ୍ରାୟ ୫ ଗୋଟି ବିଭାଗରେ ପ୍ରତିଯୋଗିତା, ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର, ଉଚ୍ଚ ବିଦ୍ୟାଳୟସ୍ତରୀୟ ଉପଖଣ୍ଡ ମେଧାବୃଦ୍ଧି ସମ୍ମାନ, ସାଇସାଧନା ହାଇସ୍କୁଲ ଟପ୍ପର୍ସ ସମ୍ମାନ, ଯୁକ୍ତ ଦୁଇ ବିଜ୍ଞାନ ମେଧା ସମ୍ମାନ, ଉଦଳା ଡାକ୍ତରଖାନାରେ ଫଳ ଓ ବିସ୍କୁଟ ବଣ୍ଟନ, ଉଦଳା ସବଜେଲରେ ବିଚାରାଧୀନ ବନ୍ଦୀଙ୍କୁ ମିଷ୍ଟାନ୍ନ ବଣ୍ଟନ, ରକ୍ତଦାନ ଶିବିର ତଥା ବୃକ୍ଷରୋପଣ ଆଦି କାର୍ଯ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ସ୍ୱାଧୀନତା ଦିବସରେ ପ୍ରତ୍ୟେକ ବ୍ଲକ ସ୍ତରରୁ ହାଇସ୍କୁଲ ଏବଂ ମହାବିଦ୍ୟାଳୟ ସ୍ତରରେ ପ୍ୟାରେଡ ପ୍ରତିଯୋଗୀ ପ୍ରେରଣ ପାଇଁ ଉପଜିଲ୍ଲାପାଳଙ୍କ ପ୍ରସ୍ତାବ କ୍ରମେ ଉପଖଣ୍ଡର ସମସ୍ତ ବି.ଇ.ଓ ଏଥିନିମନ୍ତେ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ ପ୍ରଧାନ ପରିଚାଳନା କରିଥିବା ବେଳେ ଅଜିତ ମହାପାତ୍ର ଓ କରୁଣା କର ମହାନ୍ତ ସହଯୋଗ କରିଥିଲେ।

## ଧନ୍ଦାମୂଳକ ତାଲିମ୍ ଶିବିର ଉଦ୍‌ଘାଟିତ

କପ୍ତିପଦା, ୨୩।୭(ସମିସ): ଏସଏମ୍‌ଏଫଜି ଗ୍ରାମଶକ୍ତି ଏବଂ ଯୁବବିକାଶ ଫାଉଣ୍ଡେସନ୍ ଆନୁକୂଲ୍ୟରେ କପ୍ତିପଦା ବ୍ଲକ ମାଙ୍କଡପଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପରାଶବଣି ଗ୍ରାମରେ ଧନ୍ଦାମୂଳକ ତାଲିମ୍ ଶିବିର ଉଦଘାଟିତ ହୋଇଯାଇଛି। ୫୦ ଜଣ ମହିଳାଙ୍କୁ ନେଇ ଅନୁଷ୍ଠିତ ଏହି ତାଲିମ୍ ଶିବିର ୨୧ ଦିନ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏସଏମଏଫଜି ଗ୍ରାମଶକ୍ତି ସିଆରବିର ଉପସଭାପତି ଅଭ୍ରଦୀପ ଦାସ, ଯୁବବିକାଶ ଫାଉଣ୍ଡେସନର ଅଧ୍ୟକ୍ଷ ଗୋବିନ୍ଦବଲ୍ଲଭ ଦଳାଇ, ପରାଶବଣିର ୱାର୍ଡସଭ୍ୟ ପୁରୁଷୋତ୍ତମ ପାତ୍ର, ଉମାକାନ୍ତ ପୃଷ୍ଟି, ଯୁବବିକାଶର ସଦସ୍ୟ ଅସିତ୍ ଦଳାଇ, ଚୁମକି ମାଝି, ଜଗଜ୍ୟୋତି ମହାନ୍ତି, ଶୁଭସ୍ମିତା ମହାନ୍ତି, ସୁବାଷ ଖୁଣ୍ଟିଆ, ଆକାଶ କୁମାର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।



ଟ୍ରେନର୍ ଭାଗ୍ୟଲକ୍ଷ୍ମୀ ରାଉତ, ବିନତି ପରିଡ଼ା, ରଶ୍ମିରେଖା ପୃଷ୍ଟି, ସୁଲୋଚନା ପୃଷ୍ଟି ପ୍ରମୁଖ ମା'ମାନଙ୍କୁ ସିଲେଇ କିଟ୍ ପ୍ରଦାନ କରିବା ସହ ତାଲିମ ଦେଇଥିଲେ।

## କରକଚିଆ ଉଚ୍ଚବିଦ୍ୟାଳୟ ମଧ୍ୟାହ୍ନ ଭୋଜନରେ ବିଭ୍ରାଟ

# ସନ୍ଧ୍ୟାରେ ଖାଇଲେ ଛାତ୍ରଛାତ୍ରୀ

କୁଆମରା, ୨୩।୭(ସମିସ): ଖୁଣ୍ଟା ବ୍ଲକ କରକଚିଆ ଉଚ୍ଚବିଦ୍ୟାଳୟରେ ମଙ୍ଗଳବାର ମଧ୍ୟାହ୍ନ ଭୋଜନକୁ ନେଇ ବିଭ୍ରାଟ ଦେଖାଦେଇଛି। ଶେଷରେ ଛାତ୍ରଛାତ୍ରୀ ସନ୍ଧ୍ୟାରେ ମଧ୍ୟାହ୍ନ ଭୋଜନ ଖାଇଛନ୍ତି। ଉକ୍ତ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀରେ ୬୪ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି। ସରକାରଙ୍କ ନୂତନ ନିୟମ ଅନୁସାରେ ଚଳିତ ବର୍ଷଠାରୁ ନବମ ଓ ଦଶମ ଶ୍ରେଣୀର୍ ଛାତ୍ରଛାତ୍ରୀଙ୍କୁ ମଧ୍ୟ ମଧ୍ୟାହ୍ନ ଭୋଜନ ଦିଆଯାଉଛି। ତେବେ ମଧ୍ୟାହ୍ନ ଭୋଜନ ନିମନ୍ତେ ଏ ପର୍ଯ୍ୟନ୍ତ କୌଣସି ରୋଷେୟାଙ୍କୁ ସରକାରଙ୍କ ପକ୍ଷରୁ ନିଯୁକ୍ତି କରାଯାଇନାହିଁ। ଫଳରେ ରାତ୍ରି ଜଗୁଆଳିଙ୍କ ସ୍ତ୍ରୀ ତଥା ଉକ୍ତ ପଞ୍ଚାୟତର ସମିତି ସଭ୍ୟା ମଞ୍ଜୁଲତା ପାତ୍ର କୁଆଡେ ପ୍ରଧାନ ଶିକ୍ଷକଙ୍କ ଇସାରାରେ ରୋଷେଇ କରୁଛନ୍ତି। ତେବେ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ଦାସ ତାଙ୍କୁ ପାରିଶ୍ରମିକ ବାବଦରେ ଦୈନିକ ଶହେ ଟଙ୍କା ଦେଉଥିଲେ ବୋଲି କହିଛନ୍ତି। ତେବେ ମଞ୍ଜୁଲତା ଜଣେ ଜନପ୍ରତିନିଧି ହୋଇଥିବା ଯୋଗୁଁ ଅଭିଭାବକମାନେ ରୋଷେଇ କରିବାକୁ ବିରୋଧ କରି ଆସୁଥିଲେ; ମାତ୍ର ମଞ୍ଜୁଲତାଙ୍କ ସ୍ୱାମୀଙ୍କ ଜିଦ ଆଗରେ ପ୍ରଧାନ ଶିକ୍ଷକ ମୁହଁ ଖୋଲିବାକୁ ସାହସ କରି ପାରୁନଥିଲେ। ଏ ନେଇ ଅଭିଭାବକମାନେ ପଚାରିବାରୁ ଆମେ ଖାଦ୍ୟ ଦେବୁ ନାହିଁ, ତେବେ ତୁମେ କ'ଣ କରିବ ଯାଅ। ଏ କଥାକୁ ନେଇ ବିଦ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ଆଜି କୌଣସି କାରଣରୁ ମଞ୍ଜୁଲତା ରୋଷେଇ କରିବାକୁ ଆସି ନ ଥିଲେ। ଫଳରେ ମଧ୍ୟାହ୍ନ ଭୋଜନ ରୋଷେଇ ହୋଇପାରି ନ ଥିଲା। ଫଳରେ ଅଭିଭାବକଙ୍କ ମହଲରେ ଅସନ୍ତୋଷ ଦେଖାଦେବା ସହ ବିଦ୍ୟାଳୟ ପରିସରରେ ବିଭ୍ରାଟ ଦେଖାଦେଇଥିଲା। ଶେଷରେ ଶିକ୍ଷକମାନେ ରୋଷେଇ କରି ପିଲାଙ୍କୁ ସନ୍ଧ୍ୟାରେ ଖାଇବାକୁ ଦେଇଥିଲେ। ତେବେ ମଧ୍ୟାହ୍ନ ଭୋଜନ ଓ ବିଦ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି ମୋ ସ୍କୁଲ କମିଟିର ସଭାପତି ବେଣୁଧର ବାରିକ।



- ସମିତି ସଭ୍ୟାଙ୍କୁ ରୋଷେୟା ଦାୟିତ୍ୱ
- ଅସନ୍ତୋଷ ପ୍ରକାଶ କଲେ ମୋ ସ୍କୁଲ କମିଟି ସଭାପତି

## ମୁଖ୍ୟମନ୍ତ୍ରୀଙ୍କୁ ସେଙ୍ଗେଲର ଦାବିପତ୍ର | ଆହତ ସାମ୍ବାଦିକଙ୍କୁ ଚିକିତ୍ସା ପାଇଁ ଦୁଇଲକ୍ଷ ଦାବି

ସାରସକଣା, ୨୩।୭(ସମିସ): ଆଦିବାସୀ ସେଙ୍ଗେଲ ଅଭିଯାନ ବାରିପଦା ଜୋନାଲ କମିଟିର ସଭାପତି ସହ ଅଲ୍ ଇଣ୍ଡିଆ ମାଝୀ-ପାର୍ଗାନା ମାଡୱା ଓଡ଼ିଶା ପ୍ରଦେଶ କମିଟିର ସେଙ୍ଗେଲ ପାର୍ଗାନା ନାରାନ ମୁର୍ମୁଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରସକଣାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ରାଇରଙ୍ଗପୁରକୁ ପୁଲିସ ଜିଲ୍ଲା ଭାବରେ ଘୋଷଣାକୁ ସେଙ୍ଗେଲ ପକ୍ଷରୁ ସ୍ୱାଗତ କରାଯାଇଛି। କିନ୍ତୁ ଘୋଷଣା ହେବାର ଦୁଇ ଦିନ ପରେ ୧୯ ତାରିଖରେ ଟ୍ରାଇବ୍ ଟିଭି ଚ୍ୟାନେଲର ସାମ୍ବାଦିକଙ୍କୁ ବାମନଘାଟି ଏସଡିପିଓଙ୍କ ଆଦେଶରେ ଅଶ୍ଳୀଳ ଭାଷାରେ ଜାତିସୂଚକ ଗାଳିଗୁଲଜ କରାଯାଇ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରାଯାଇଛି। ତେଣୁ ପୁଲିସ ପ୍ରଶାସନ ଦ୍ୱାରା ସାମ୍ବାଦିକଙ୍କୁ ମରଣାନ୍ତକ ଆକ୍ରମଣକୁ ତୀବ୍ର ନିନ୍ଦା କରାଯାଇଛି। ତେଣୁ ଅବିଳମ୍ବେ ଉଚ୍ଚସ୍ତରୀୟ ଯାଞ୍ଚ କରାଯାଇ ଦୋଷୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏଥିସହିତ ଆହତ ସାମ୍ବାଦିକଙ୍କୁ ଦୁଇ ଲକ୍ଷ ଟଙ୍କା ଚିକିତ୍ସା ଖର୍ଚ୍ଚ ସହିତ କ୍ଷତିପୂରଣ ପ୍ରଦାନ କରିବାକୁ ସେଙ୍ଗେଲ ଦାବି କରିଛି। ଦାବି ପୂରଣ ନହେଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରାଯିବା ସହିତ ମୟୂରଭଞ୍ଜ ବନ୍ଦ ଡାକରା ଦେବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ସେଙ୍ଗେଲ ସଭାପତି ଶଅନନ୍ତଚରଣମାର୍ଣ୍ଡି, ଚାନ୍ଦ୍ରାୟହେମ୍ବ୍ରମ, କାଶିରାୟଟୁଡୁ, ପ୍ରଶାନ୍ତ ସୋରେନ, ବୁଧୁରାୟ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

**CENTRAL UNIVERSITY OF ODISHA, KORAPUT**
(Established Under the Central Universities Act, 2009)
Dept. of Higher Education, Ministry of Education, Govt. of India
NAD, Sunabeda, Dist-Koraput, Odisha. PIN-763004
Website: www.cuo.ac.in

**ADMISSION NOTIFICATION FOR M.SC. IN BIODIVERSITY AND CONSERVATION OF NATURAL RESOURCES**

**Activity Schedule :**

| | |
|---|---|
| Date & Time for Reporting: | 28.07.2025 (9.30 AM to 10:30 AM) |
| Date & Time for Document Verification | 28.07.2025 (10.30 AM to 11:30 AM) |
| Date & Time for Entrance Examination | 28.07.2025 (11.30 AM to 12.30 PM) |
| Date & Time for Publication of Result & Merit List | 28.07.2025 (by 2.30 PM) |
| Date & Time for Admission | 28.07.2025 (2.30 PM onwards) |

For more details please visit our website(s): www.cuo.ac.in
For any query: Contact No. 9439185655 / 9668887305 / 8144744270
Email: admission@cuo.ac.in
Sd/-
Controller of Examinations

# ଶ୍ରୀକ୍ଷେତ୍ର ସିଟି

୨୩/୭/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୮୫,୮୬୬/- ସୁନା: ୦୫.୨୦୦ ଗ୍ରାମ୍ ରୁପା: ୩୬.୫୦୦ ଗ୍ରାମ୍





ଅସରାଏ ବର୍ଷାରେ ବଡ଼ଦାଣ୍ଡ ଜଳାର୍ଣ୍ଣବ




ବେଳାଭୂମି ମାର୍ଗରେ ଜଳର ତାଣ୍ଡବ

## ବିଧାୟକଙ୍କ ସମୀକ୍ଷା ବୈଠକ
# ବିକାଶମୂଳକ କାମ ଆଗେଇ ନେବାକୁ ପରାମର୍ଶ

ପୁରୀ,୨୩।୭ (ସମିସ)




ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ବିଧାୟକ ସୁନୀଲ ମହାନ୍ତି। ବୁଧବାର ସର୍କିଟ ହାଉସ୍‌ଠାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଶ୍ରୀ ମହାନ୍ତି ଅଧକ୍ଷତା କରିଥିବା ବେଳେ ବିଭିନ୍ନ ବିଭାଗର ଅଧିକାରୀ ବୈଠକରେ ଉପସ୍ଥିତ ଥିଲେ। ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷକରି, ଆଇସିୟୁର ସମସ୍ୟା ଓ ରୋଗୀଙ୍କୁ ଉତ୍ତମ ଚିକିତ୍ସା ନେଇ ହୋଇଥିଲା ଆଲୋଚନା। ପୁରୀ ଜଗନ୍ନାଥ ମେଡିକାଲ କଲେଜ କାର୍ଯ୍ୟ ସରିଥିବା ବେଳେ କ'ଣ ପାଇଁ ସେବାରେ ଲାଗୁନାହିଁ ତା' ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ୨୦୨୬ ମାର୍ଚ୍ଚ ସୁଦ୍ଧା ଜଗନ୍ନାଥ ମେଡିକାଲ କଲେଜ ରୋଗୀ ସେବା ପାଇଁ ଉତ୍ସର୍ଗୀକୃତ ହୋଇପାରିବ ବୋଲି ବିଧାୟକ ମତ ଦେଇଥିଲେ।

ସେହିପରି ପୁରୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ନେବା ପାଇଁ ବିଭାଗୀୟଅଧିକାରୀଙ୍କ ସହ ବିଧାୟକ ଶ୍ରୀ ମହାନ୍ତି ଆଲୋଚନା କରିଥିଲେ। ପୁରୀ ପୌରାଞ୍ଚଳରେ ଥିବା ସମସ୍ୟାର ସମାଧାନ ଏବଂ ଜଲ୍ଲାରେ ଅଧାପନ୍ତରିଆ ଭାବେ ପଡ଼ିରହିଥିବା ବାତ୍ୟା ଆଶ୍ରୟସ୍ଥଳୀଗୁଡିକ ଯଥାଶୀଘ୍ର ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ କୁହାଯାଇଛି। ଏତଦ୍‌ବ୍ୟତୀତ ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ବିଧାୟକ ଆଲୋଚନା କରିବା ପରେ ଜିଲାପାଳଙ୍କ ମାଧ୍ୟମରେ ଏହାର ତ୍ୱରିତ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ।

ବୈଠକ ସଂକ୍ରାନ୍ତରେ ବିଧାୟକ ଶ୍ରୀ ମହାନ୍ତି କହିଛନ୍ତି, ପୁରୀକୁ ମହାନିଗର ନିଗମ କରିବା ନେଇ ବହୁବାର ବିଧାନ ସଭାରେ ଦାବି ଉପସ୍ଥାପନା କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ ମହାନଗର ନିଗମ କରିବା ପାଇଁ ଘୋଷଣା କରାଯାଇଛି। ପୁରୀ ସହରରେ ୩୨ଟି ୱାର୍ଡ ରହିଛି। ମହାନଗର ନିଗମ ପାଇଁ ପୁରୀ ସହର ଉପକଣ୍ଠ ୮ରୁ ୧୦ଟି ପଞ୍ଚାୟତକୁ ସାମିଲ କରାଯାଇ ମହାନଗର ନିଗମ କରାଯିବ। ତେଣୁ ଯେଉଁ ପଞ୍ଚାୟତଗୁଡିକ ମିଶିବ ସେଗୁଡିକରେ ରେଜୁଲେସନ ହୋଇ ସରକାରଙ୍କ ପାଖକୁ ପଠାଯିବା କଥା। ମାତ୍ର ଆଜି ଯାଏ ତାହା ହୋଇନାହିଁ କି ସରକାରଙ୍କ ପାଖକୁ ଯାଇନାହିଁ। ଏ ନେଇ ପୌର ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ତେବେ ବିଭାଗ ଯେଉଁ ତଥ୍ୟ ମାଗିଛି କେଉଁ କେଉଁ ପଞ୍ଚାୟତ ଯାଉଛି ସେ ନେଇ ପୌର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦିଆଯିବା ପରେ ପରବର୍ତ୍ତୀ କାର୍ଯ୍ୟ ଆରମ୍ଭ ହେବ।

ପୌରସଂସ୍ଥାରେ ନିବାଚନ ପ୍ରତିନିଧି ନ ଥିବାରୁ କିଛି ଟା ଗ୍ୟାପ ରହୁଛି। ତେଣୁ ଦାୟୀତ୍ୱରେ ଥିବା ଅଧିକାରୀମାନେ ତାଙ୍କ କାର୍ଯ୍ୟ କଲେ ତାହା ପୁରଣ ହୋଇ ପାରିବ। ପୁରୀର ସହର ପରିମଳଠାରୁ ଅନ୍ୟ ସମସ୍ତ କାର୍ଯ୍ୟ ଉପରେ ଅର୍ଥ ଆସୁଥିଲେ ମଧ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ସେ ନେଇ ମଧ ଆଲୋଚନା କରାଯାଇଛି। ସମସ୍ତ ଅଧିକାରୀଙ୍କ ମତାମତ ନିଆଯାଇଛି। ପୁରୀର ଉନ୍ନତି ପାଇଁ ଆହୁରି କାମ ହେବ ବୋଲି ବିଧାୟକ କହିଛନ୍ତି। ଅନ୍ୟପକ୍ଷରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି, ମହାନଗର ପାଇଁ ଯେଉଁ ଯେଉଁ ପଞ୍ଚାୟତ ମିଶିବେ ସେ ସବୁର ଲିଷ୍ଟ ହୋଇସାରିଛି। ରେଜୁଲେସନ ହେବ। ୧୧ଟି ପଞ୍ଚାୟତକୁ ସାମିଲ କରାଯାଇଛି।

ପଞ୍ଚାୟତ ଅନ୍ତର୍ଗତ ସମସ୍ତ ଗାଁକୁ ନିଆଯାଇଛି। ପୁରୀ ସହରରେ ଦୁଇଲକ୍ଷ ଜନ ସଂଖ୍ୟା ରହିଛି ପଞ୍ଚାୟତ ମିଶିଲେ ୩ ଲକ୍ଷ ଉପରେ ହେବ, ଯାହା ମହାନଗର ମାନଦଣ୍ଡକୁ ପୂରଣ କରିବ। ସଦରର ୧୧ଟି ପଞ୍ଚାୟତ ଓ ବ୍ରହ୍ମଗିରିର ଗୋଟିଏ ପଞ୍ଚାୟତର ଗୋଟିଏ ଗାଁ ଯାଉଛି। ବାକି ପ୍ରକ୍ରିୟା ଖୁବ୍‌ଶୀଘ୍ର ଶେଷ ହେବ ବୋଲି ଶ୍ରୀ ବେହେରା କହିଛନ୍ତି।

# ୨୪ ଦିନରେ ପୁରୀର ୩ ଜିଲ୍ଲାପାଳ

ପୁରୀ,୨୩।୭ (ସମିସ): ମାତ୍ର ୨୪ ଦିନରେ ପୁରୀର ୩ ଜିଲ୍ଲାପାଳ। ଚାରି ସପ୍ତାହ ମଧ୍ୟରେ ତିନିଜଣ ଜିଲ୍ଲାପାଳଙ୍କୁ ଦେଖିବାକୁ ପାଇବେ (ନୂତନ ଜିଲ୍ଲାପାଳ ଦେବଜ୍ୟୋତି ପରିଡ଼ା କାର୍ଯ୍ୟରେ ଯୋଗଦେଇ ନ ଥିଲେ ମଧ ଖୁବ୍‌ଶୀଘ୍ର ଦାୟିତ୍ୱ ଗ୍ରହଣ କରିବେ) ପୁରୀବାସୀ। ଏଠାରେ ପ୍ରଶ୍ନ ଉଠୁଛି, ଏମିତି ତରବରିଆ ନିଷ୍ପତ୍ତି କାହିଁକି? ସବୁଠୁ ବଡ଼ କଥା ହେଉଛି ଜଣେ ଜିଲ୍ଲାପାଳଙ୍କର ମାସେ ପୂରିନି ତାଙ୍କୁ ପୁଣି ବଦଳି କରାଯାଉଛି। ଏହାକୁ ନେଇ ଏବେ ଦ୍ୱନ୍ଦ୍ୱରେ ପୁରୀବାସୀ।

ଚଳିତବର୍ଷ ରଥଯାତ୍ରାରେ ମାଳମାଳ ଅଘଟଣ ଦେଖିବାକୁ ମିଳିଥିଲା। ତେବେ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଦଳାଚକଟାରେ ୩ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ରାଜ୍ୟ ସରକାରଙ୍କୁ ବଚଳିତ କରିଦେଇଥିଲା। ଏଥିରୁ କେମିତି ଖସିବେ ସେ ନେଇ ଭୁବନେଶ୍ୱରରୁ ପୁରୀ ଧାଁ ଧପଡ଼ ଲାଗିଥିଲା। ଶେଷରେ ପୂର୍ବତନ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସ୍‌ପି ବିନୀତ୍ ଅଗ୍ରୱାଲଙ୍କୁ ବଦଳି କରାଯାଇଥିଲା। ପୁରୀର ନୂତନ ଜିଲ୍ଲାପାଳ ଭାବେ ଚଞ୍ଚଳ ରାଣାଙ୍କୁ ସରକାର ନିଯୁକ୍ତ ଦେଇଥିବାବେଳେ ନୂତନ ଏସ୍‌ପି ଭାବେ ପିନାକ ମିଶ୍ରଙ୍କୁ ଦାୟିତ୍ୱ ଦେଇଥିଲେ। ଜୁନ୍ ୨୯ ତାରିଖ ଠାକୁରମାନେ ଆଡପମଣ୍ଡପକୁ ଯିବା ଦିନ ହିଁ ଶରଧାବାଲିରେ ଦଳାଚକଟା ଘଟି ୩ ଜଣଙ୍କୁ ମୃତ୍ୟୁ ହୋଇଥିଲା। ସେହିଦିନ ଅପରାହ୍ନରେ ସରକାର ଉଭୟଙ୍କୁ ବଦଳି କରିଥିଲେ। ସେହିଦିନ ହିଁ ଚଞ୍ଚଳ ରାଣା ଏବଂ ପିନାକ ମିଶ୍ର କାର୍ଯ୍ୟରେ ଯୋଗଦେଇଥିଲେ। ଉଭୟଙ୍କର ପୁରୀରେ ମାସେ ପୂରିନି ମଙ୍ଗଳବାର ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କର ପୁନଶ୍ଚ ବଦଳି କରାଯାଇଛି। ତାଙ୍କୁ ବିଏମ୍‌ସି କମିଶନର ଭାବେ ନୂତନ ଦାୟିତ୍ୱ ଦେଇଛନ୍ତି ସରକାର। ତାଙ୍କ ଜାଗାରେ ଗଞ୍ଜାମର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ପୁରୀର ଜିଲ୍ଲାପାଳ ଭାବେ ନିଯୁକ୍ତ ମିଳିଛି। ଅର୍ଥାତ୍ ଜୁନ୍ ୨୯ ରୁ ଜୁଲାଇ ୨୨; ଏହି ୨୪ ଦିନ ମଧ୍ୟରେ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଚଞ୍ଚଳ ରାଣା ଏବଂ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଜିଲ୍ଲାପାଳ ଭାବେ ଦେଖିବାକୁ ମିଳୁଛି। ଯଦିଓ ଦିବ୍ୟଜ୍ୟୋତି ପରିଡ଼ା ଦାୟିତ୍ୱ ଗ୍ରହଣ କରିନାହାନ୍ତି ସେ ଖୁବ୍‌ଶୀଘ୍ର କାର୍ଯ୍ୟଭାର ଗ୍ରହଣ କରିବେ।

## • ଜୋରଜବରଦସ୍ତ ଦୋକାନ ଭାଙ୍ଗିଦେଲେ
# ପୌର ନିର୍ବାହୀ ଅଧିକାରଙ୍କ ନାଁରେ ଏତଲା

ପୁରୀ,୨୩।୭ (ସମିସ): ହାଇକୋର୍ଟଙ୍କ ରାୟ ବଳରେ ବଡ଼ଦାଣ୍ଡରେ ଉଠାଦୋକାନ ପକାଇଥିଲେ। ହେଲେ ଜୋର୍‌ଜବରଦସ୍ତ ପୌରସଂସ୍ଥା ପକ୍ଷରୁ ତାଙ୍କ ଦୋକାନ ଭାଙ୍ଗି ଦିଆଗଲା। ତାଙ୍କୁ ମାଡ଼ ମରାଯାଇଥିବା ବେଳେ ଦୋକାନରେ ଥିବା ଟଙ୍କା ନେଇଯାଇଛନ୍ତି ବୋଲି କୁମ୍ଭାରପଡ଼ା ଥାନାରେ ଅଭିଯୋଗ କରିଛନ୍ତି ନବକଳେବର ରୋଡ୍‌ର ନିରଞ୍ଜନ ସିଂ।

ତାଙ୍କ ଅଭିଯୋଗ ଅନୁଯାୟୀ, ସେ ଜଣେ ଉଠାଦୋକାନୀ। ବଡ଼ଦାଣ୍ଡରୁ ପ୍ରଶାସନ ତାଙ୍କ ଉଠାଦୋକାନ ହଟେଇ ଦେଇଥିଲା। ଏହାକୁ ନେଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ବଳରେ ସେ ଗତ ୧୭ ତାରିଖରୁ ବଡ଼ଦାଣ୍ଡରେ ପୁନଶ୍ଚ ତାଙ୍କ ପସରା ମେଲାଇଥିଲେ। ହେଲେ ୧୯ ତାରିଖରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସ୍କ୍ୱାଡ୍ ସଦସ୍ୟ ପହଞ୍ଚି ତାଙ୍କୁ ଦୋକାନ ହଟାଇବାକୁ କହିଥିଲେ। ନ୍ୟାୟାଳୟଙ୍କ ଆଦେଶ ଅଛି କହିବାରୁ ସେମାନେ ଧମକ ଦେଇଥିଲେ। 'ଶ୍ରୀଘ ଖାଲି କରି ପଳାଇ ଯା', ନଚେତ୍ ତୋତେ ବାନ୍ଧି ନେଇଯିବୁ ଓ ଦୋକାନ ଫୋକାନ ସବୁ ଭାଙ୍ଗିଦେବୁ' ବୋଲି ଧମକ ଦେଇଥିବା ନିରଞ୍ଜନ ଏତଲାରେ ଦର୍ଶାଇଛନ୍ତି।ପରେ ମଙ୍ଗଳବାର ପୂର୍ବାହ୍ନରେ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସ୍କ୍ୱାଡ୍ ଏବଂ ପୁଲିସ ପହଞ୍ଚିଥିଲେ। ନିରଞ୍ଜନଙ୍କୁ ଦୋକାନରୁ ବାହାରିବାକୁ କହିଥିଲେ। ସେ ରାଜି ନ ହେବାରୁ ଅଧିକାରୀଙ୍କ ନିର୍ଦ୍ଦେଶରେ ପୁଲିସ୍ ତାଙ୍କୁ ଜୋର୍‌ଜବରଦସ୍ତ ମାଡ଼ ମାରି ଦୋକାନରୁ ନେଇ ପିସିଆର୍ ଭ୍ୟାନ୍‌ରେ ବସାଇଥିଲା। ପରେ ତାଙ୍କ ଦୋକାନକୁ ଜେସିବି ଲଗାଇ ଭାଙ୍ଗି ଦେଇଥିଲେ। ପୁଲିସ ୨ ଘଣ୍ଟା ଅଟକ ରଖି ଛାଡ଼ିବା ପରେ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କର ଚିକିତ୍ସା କରାଇଥିଲେ। ତେବେ ତାଙ୍କ ଦୋକାନରେ ଥିବା ପ୍ରାୟ ୫୦ ହଜାର ଟଙ୍କାର ସାମଗ୍ରୀ ଏବଂ ୫,୨୦୦ ଟଙ୍କା ନେଇଯାଇଥିବା ନିରଞ୍ଜନ ଏତଲାରେ ଦର୍ଶାଇଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରି ପୌର ନିର୍ବାହୀ ଅଧିକାରୀ ଏବଂ ତାଙ୍କ ସହଯୋଗୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଥାନାଧିକାରୀଙ୍କୁ ନିବେଦନ କରିଛନ୍ତି ନିରଞ୍ଜନ।

# ୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ପୁରୀ, ୨୩।୭ (ସମିସ): ଗୁରୁବାର ଶ୍ରାବଣ କୃଷ୍ଣ ଅମାବାସ୍ୟା। ଏହି ପବିତ୍ର ତିଥିରେ ଶ୍ରୀମନ୍ଦିରରେ ତିନିଠାକୁରଙ୍କ ଚିତା ଲାଗି ନୀତି ଅନୁଷ୍ଠିତ ହେବ। ଦାରୁବିଗ୍ରହଙ୍କୁ ଦଇତାପତି ସେବକମାନେ ରତ୍ନଚିତା ଲାଗି କରାଇବେ। ତିନିବାଡ଼ର ବାଡ଼ଗ୍ରାହୀ ଓ ଦଇତାପତି ସେବତାୟତମାନେ ଏହି ଅଳଙ୍କାର ଶ୍ରୀଅଙ୍ଗରେ ଲାଗି କରିବେ। ପ୍ରଥମ ଭୋଗମଣ୍ଡପ ଶେଷ ପରେ ଏହି ବିଶେଷ ନୀତି ସମ୍ପନ୍ନ ହେବ। ଏଥିପାଇଁ ଶ୍ରୀମନ୍ଦିରରେ ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଆପାତତଃ ଅପରାହ୍ନ ସାଢେ ୨ଟାରୁ ସନ୍ଧ୍ୟା ସାଢେ ୬ଟା ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଥାଉ କି, ସ୍ନାନ ପୂର୍ଣ୍ଣିମାରେ ଠାକୁରେ ଅଣସର ପିଣ୍ଡିକୁ ବିଜେ କରିବା ବେଳେ ରତ୍ନଚିତା ଓଲାଗି କରାଯାଇଥିଲା। ରଥରେ ମହାପ୍ରଭୁ ସୋଲଚିତା ଲାଗି ହୋଇଥିଲେ। ପରମ୍ପରା ମୁତାବକ, ଚିତାଲାଗି ଅମାବାସ୍ୟାରେ ଠାକୁରଙ୍କୁ ରତ୍ନଚିତା ଲାଗି କରାଯିବ। ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ୱେତ ହୀରାଖଚିତ ସୁବର୍ଣ୍ଣ ଚିତା, ବଡ଼ଠାକୁର ଲୀଳା ଏବଂ ଦେବୀ ସୁଭଦ୍ରା ମାଣିକ ଖଚିତ ସୁବର୍ଣ୍ଣ ଚିତା ଧାରଣ କରିବେ।

## ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ
# 'ଶ୍ରମିକଙ୍କ ଅଧିକାର ଓ ସମ୍ମାନ ପାଇଁ ସ୍ୱର ଉଠାଅ'

ପୁରୀ,୨୩।୭ (ସମିସ)

ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ପୁରୀ ଜିଲ୍ଲାର ୭୦ତମ ପ୍ରତିଷ୍ଠା ଦିବସ ଜିଲ୍ଲା କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ରାଜକୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନେକ ଟ୍ରେଡ଼ ୟୁନିୟନ, ବିଦ୍ୟୁତ୍, ରେଲୱେ, ଆଶାକର୍ମୀ, ଉଜ୍ୱଳା ଓ ଅଙ୍ଗନବାଡି କର୍ମୀ ଏଥିରେ ଭାଗ ନେଇଥିଲେ। ଭାରତୀୟ ମଜଦୁର ସଂଘ ହେଉଛି ଭାରତର ସବୁଠାରୁ ବଡ଼ କେନ୍ଦ୍ରୀୟ ଶ୍ରମିକ ସଂଗଠନ, ଯାହା ୧୯୫୫ରେ ମହାନ ରାଷ୍ଟ୍ର ନାୟକ ଓ ସମାଜସେବୀ ଦତ୍ତପନ୍ତ ଥେଙ୍ଗଡି ଜୀଙ୍କ ଦ୍ୱାରା ଭୋପାଳରେ ସ୍ଥାପିତ ହୋଇଥିଲା। ବିଏମ୍‌ଏସ୍‌ର ଉଦ୍ଦେଶ୍ୟ ହେଉଛି ଶ୍ରମିକଙ୍କ ଅଧିକାର, ସମ୍ମାନ ଓ ସୁବିଧା ପାଇଁ ସଂଘବଦ୍ଧ ଭାବେ ସ୍ୱର ଉଠାଇ ସେମାନଙ୍କୁ ଶିକ୍ଷିତ, ସଚେତନ ଓ ସ୍ୱାଭିମାନୀ କରିବା।

ଏହି ସଂଘ ବୃହତ ଟ୍ରେଡ଼ ୟୁନିୟନ ଭାବେ ସମସ୍ତ ପ୍ରଧାନ ଅର୍ଥନୈତିକ କ୍ଷେତ୍ରରେ ନିୟୋଜିତ ଶ୍ରମିକ ଯେପରି କି କାରଖାନା, ରେଲୱେ, ଗାଡି ଚାଳକ, ଆଶା ଓ ଅଙ୍ଗନବାଡି କର୍ମୀ ଆଦି ସମସ୍ତଙ୍କୁ ସଂଘଠିତ କରିଥାଏ। ପୁରୀ ଜିଲ୍ଲାର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଉତ୍ସାହ ଦେଖିବାକୁ ମିଳିଥିଲା।

ଉତ୍ସବରେ ପୁରୀ ଜିଲ୍ଲା ସମ୍ପାଦକ ବିଶ୍ୱନାରାୟଣ ଦାସ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରତିମା ମଞ୍ଜରୀ ଦତ୍ତ, ଜିଲ୍ଲା କୋଷାଧ୍ୟକ୍ଷ ମଞ୍ଜୁଲତା ମୁଦୁଲି, ବିଦ୍ୟୁତ୍ ସଂଘର ସଭାପତି ଗିରିଜା ଶଙ୍କର ହୋତା, ସମ୍ପାଦକ ବସନ୍ତ ପଲେଇ, ରେଲୱେ ଠିକା ମଜଦୁର ସଂଘର ସମ୍ପାଦକ ସନ୍ତୋଷ ପ୍ରଧାନ, ପ୍ରିୟବ୍ରତ ଜେନା, ଆଶା କର୍ମୀ ରିତା ମାଝି, ଜୟନ୍ତୀ ପ୍ରଧାନ, ଉଜ୍ୱଳା କର୍ମୀ ରଞ୍ଜିତା ଦାସ, କୁମୁଦିନି ସାହୁ, ସଂଯୁକ୍ତା ରଥ, ଓଏଲ ଏମ୍‌ରୁ ସରସ୍ୱତୀ ଜେନା, ଯୋଗେନ୍ଦ୍ର ପାତ୍ର, ଅଙ୍ଗନବାଡି ସଙ୍ଗଠନରୁ ସୂର୍ଯ୍ୟକାନ୍ତି ପ୍ରଧାନ, ଶୁଭ୍ରତା ରାଣୀ ମହାନ୍ତି, ସୁଷମା ବେହେରା ପ୍ରମୁଖଙ୍କୁ ଜିଲ୍ଲା ସଭାପତି ରାଜକୁମାର ମିଶ୍ର ପ୍ରତିଷ୍ଠା ଦିବସରେ ସମ୍ମାନିତ କରିଥିଲେ।

# ସଞ୍ଜୟ ମିଶ୍ରଙ୍କୁ ଆଦିଯୋଗୀ ଯୋଗ ଭୂଷଣ ସମ୍ମାନ

ପୁରୀ,୨୩।୭ (ସମିସ)

ସ୍ୱନାମଧନ୍ୟ ଯୋଗ ପ୍ରଶିକ୍ଷକ, ଜିମ୍ନାଷ୍ଟିକ୍ସ ଏବଂ ମାଲ୍ଲଖମ୍ବ ପ୍ରଶିକ୍ଷକ ଭାବେ ବେଶ୍ ଜଣାଶୁଣା ପୁରୀର ସଞ୍ଜୟ କୁମାର ମିଶ୍ର ବହୁମୁଖୀ ପ୍ରତିଭାର ଅଧିକାରୀ। ତାଙ୍କ ପ୍ରତିଭାର ଫଳସ୍ୱରୂପ ବହୁ ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡାବିତ୍ ଜିମ୍ନାଷ୍ଟିକସ୍, ମାଲ୍ଲଖମ୍ବ ଓ ଯୋଗାସନ ବ୍ୟତୀତ ଦୌଡ଼କୁଦରେ ଭାଗ ନେଇ ଓଡ଼ିଶା ତଥା ଭାରତକୁ ଗୌରବାନ୍ୱିତ କରିସାରିଛନ୍ତି। ଏବେ ବି ତାଙ୍କ ତତ୍ତ୍ୱାବଧାନରେ ୫୦ରୁ ଅଧିକ କ୍ରୀଡ଼ାବିତ୍ ଝାଡ଼େଶ୍ୱରୀ କ୍ଲବ ପରିସରରେ ବିଭିନ୍ନ କ୍ରୀଡ଼ା ଏବଂ ଯୋଗରେ ଅଭ୍ୟାସରତ। କୌଣସି ସରକାରୀ ପ୍ରୋତ୍ସାହନ ନଥାଇ ମଧ ସେ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ବିତରଣ କରୁଛନ୍ତି। ତାଙ୍କ ଏଭଳି ବହୁମୁଖି ପ୍ରତିଭା ଦେଖି ଅଖିଳ ଭାରତୀୟ ଯୋଗ ଶିକ୍ଷକ ସଂଘ ତରଫରୁ ତାଙ୍କୁ ସମ୍ମାନଜନକ "ଆଦିଯୋଗୀ ଯୋଗ ଭୂଷଣ' ସମ୍ମାନ



ପ୍ରଦାନ ନିମନ୍ତେ ଚୟନ କରାଯାଇଥିଲା। ଗତ ୧୫ ତାରିଖରେ ସଞ୍ଜୟ ମିଶ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଲଜପତ୍ ଭବନଠାରେ ଆୟୋଜିତ ଉତ୍ସବରେ ତାଙ୍କୁ ଉପଢୌକନ, ପ୍ରମାଣପତ୍ର ଏବଂ ସିଲ୍ଡ ପ୍ରଦାନ କରାଯାଇଛି। ସୂଚନାଥାଉ କି, ପୂର୍ବରୁ ଶ୍ରୀ ମିଶ୍ରଙ୍କୁ ରାଜସ୍ଥାନର କୋଟା ଠାରେ ଜିମ୍ନାଷ୍ଟିକସ୍ ପାଇଁ ମଧ ଆନ୍ତର୍ଜାତୀୟ ଆଚିଭର୍ ଆୱାର୍ଡ ମିଳିସାରିଛି। ଏତଦ୍‌ବ୍ୟତୀତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ ତାଙ୍କୁ ସମ୍ମାନିତ କରାଯାଇଛି।

# କଲେଜରେ ପୋକ୍ସୋ ଆକ୍ଟ କର୍ମଶାଳା

ପୁରୀ,୨୩।୭ (ସମିସ): ସୁରଜମଲ ସାହା ମହାବିଦ୍ୟାଳୟରେ ବୁଧବାର ପୋକ୍ସୋ ଆକ୍ଟ ୨୦୧୩ ଏବଂ ୟୁଜିସି ରେଗୁଲେସନ ସମ୍ପର୍କୀତ କର୍ମଶାଳା ଅଧକ୍ଷଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ଏହି ଅବସରରେ ଆଇସିସି ସଦସ୍ୟ ଉପସ୍ଥିତ ଥିଲେ। ଆଇସିସି କମିଟିର ମୁଖ୍ୟ ପ୍ରଫେସର ସୁଜାତା ବେହେରା ସଭାର ଆଭିମୁଖ୍ୟ ତଥା ଯୌନ ଉତ୍ପୀଡନକୁ ପ୍ରତିରୋଧ ଓ କିପରି ନିଷେଧ କରାଯାଇ ପାରିବ ସେ ସମ୍ପର୍କରେ ଧାରଣା ଦେଇଥିଲେ। ପ୍ରଫେସର ନଳୀନିକାନ୍ତ ପଟ୍ଟନାୟକ ମହିଳାମାନେ କିପରି ଅଭିଯୋଗ କରିପାରିବେ ସେ ବିଷୟରେ ବୁଝାଇଥିଲେ। ଅଧକ୍ଷ ଶରତ କୁମାର ସାହୁ ସମସ୍ତ ଦିଗ ପ୍ରତି ଆଲୋକପାତ କରିଥିଲେ। ଆଇସିସି କମିଟି ସଦସ୍ୟ ବଳରାମ ମିଶ୍ର ଛାତ୍ରୀମାନେ କିପରି ନିଜସ୍ତରରେ ସଚେତନ ରହିବେ ଓ ସୁରକ୍ଷିତ ରହିବେ ବିସ୍ତୃତ ଭାବେ ବୁଝାଇଥିଲେ। ଆଇସିସି କମିଟି ସଦସ୍ୟ ଦୁର୍ଗାପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଏବଂ ଛାତ୍ରଛାତ୍ରୀ କର୍ମଶାଳାରେ ଉପସ୍ଥିତ ଥିଲେ।

## ଯୁବକଙ୍କୁ ଆକ୍ରମଣ ଘଟଣା
# ଧରାପଡ଼ିଲେ ୨ ନାବାଳକ, ୨ କଟୁରୀ ଜବତ

ପୁରୀ,୨୩।୭ (ସମିସ)

ଗତ ୧୭ ତାରିଖରେ ପୁରୀ-କୋଣାର୍କ ରାସ୍ତାର ସ୍ୱାମୀ ନାରାୟଣ ଆଶ୍ରମ ନିକଟରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ, ଟାଉନ୍ ଥାନା ଅନ୍ତର୍ଗତ ମାର୍କଣ୍ଡେଶ୍ୱର ସାହି ନୂଆ ପାଟଣା ଲେନ୍‌ର ରାହୁଲ ଦାସ(୨୨)। ତେବେ ଏହି ଘଟଣାରେ ସଦର ଥାନା ପୁଲିସ ୨ ଜଣ ନାବାଳିକାଙ୍କୁ ଧରିଛି। ସେମାନଙ୍କୁ ବୁଧବାର ବ୍ରହ୍ମପୁର ଜୁଭେନାଇଲ ହୋମ୍‌କୁ ପଠାଯାଇଛି। ଦୁଇ ଅଭିଯୁକ୍ତଙ୍କ ନିକଟରୁ ୨ଟି କଟୁରୀ ଜବତ କରାଯାଇଛି ବୋଲି କହିଛନ୍ତି ଆଇଆଇସି ସୁନୀଲ କୁମାର ପ୍ରଧାନ।

ସୂଚନାଥାଉ କି, ରାହୁଲ ଏକ ମାମଲାରେ ଜେଲ୍ ଯାଇ ଘଟଣାର ୪/୫ ଦିନ ପୂର୍ବରୁ ସର୍ତ୍ତମୂଳକ ଜାମିନରେ ଘରକୁ ଆସିଥିଲେ। ଗି ୧୭ ମଧ୍ୟାହ୍ନରେ ସେ ତାଙ୍କର ଜଣେ ସମ୍ପର୍କୀୟ ଭଉଣୀକୁ ନେଇ ବାଙ୍ଗର ଜେଲ୍‌ରେ ଥିବା ଭିଣୋଇକୁ ସାକ୍ଷାତ୍ କରିବା ନିମନ୍ତେ ଯାଉଥିଲେ। ବାଲିଗୁଆଳିସ୍ଥିତ ସ୍ୱାମୀ ନାରାୟଣ ଆଶ୍ରମ ନିକଟରେ ପୂର୍ବରୁ ଛକିଥିବା ମାର୍କଣ୍ଡେଶ୍ୱର ସାହିର କିଛି ଦୁର୍ବୃତ୍ତ ପୂର୍ବ ଶତ୍ରୁତାକୁ ନେଇ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ରାହୁଲ ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ସାଙ୍ଗରେ ଥିବା ଭଉଣୀ ରାହୁଲଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ ଦୃର୍ବୁତ୍ତମାନେ ତାଙ୍କୁ ଆକ୍ରମଣ କରି ସେଠାରୁ ଖସି ଯାଇଥିଲେ। ରାହୁଲଙ୍କ ଦୁଇ ହାତରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ବାଲିଘାଇ ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଭାଇ ଭଉଣୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ମାତ୍ର ରାହୁଲଙ୍କ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତରିତ କରାଯାଇଥିଲା।


**CENTRAL UNIVERSITY OF ODISHA, KORAPUT**
(Established Under the Central Universities Act, 2009)
Dept. of Higher Education, Ministry of Education, Govt. of India
NAD, Sunabeda, Dist-Koraput, Odisha. PIN-763004
Website: www.cuo.ac.in

**ADMISSION NOTIFICATION FOR M.SC. IN BIODIVERSITY AND CONSERVATION OF NATURAL RESOURCES**

Activity Schedule :

| | |
|---|---|
| Date & Time for Reporting: | 28.07.2025 (9.30 AM to 10:30 AM) |
| Date & Time for Document Verification | 28.07.2025 (10.30 AM to 11:30 AM) |
| Date & Time for Entrance Examination | 28.07.2025 (11.30 AM to 12.30 PM) |
| Date & Time for Publication of Result & Merit List | 28.07.2025 (by 2.30 PM) |
| Date & Time for Admission | 28.07.2025 (2.30 PM onwards) |

For more details please visit our website(s): **www.cuo.ac.in**
For any query: Contact No. **9439185655 / 9668887305 / 8144744270**
Email: **admission@cuo.ac.in**
Sd/-
Controller of Examinations

# ସହର ବିକାଶ ପାଇଁ ତାଲିମ ନେଲେ ଅଧ୍ୟକ୍ଷ ଓ ପାରିଷଦ

ଯାଜପୁର,୨୩।୭ (ସମିସ):




ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ 'ସହର ବିକାଶ ଉଦ୍ୟମ ଉପରେ ଯାଜପୁର ଏବଂ ବ୍ୟାସନଗର ନଗର ପାଳିକାର ନିର୍ବାଚିତ ଅଧକ୍ଷା ଅଧକ୍ଷ ଓ ପାରିଷଦ ବର୍ଗମାନଙ୍କ ନିମନ୍ତେ ଅନୁଭୂତିମୂଳକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଯାଜପୁର ଏବଂ ବ୍ୟାସନଗର ନଗରପାଳିକାର ଅଧକ୍ଷା, ଅଧକ୍ଷ ଓ କାଉନସିଲର ମାନେ ଅଂଶଗ୍ରହଣ କରିଥିଲେ ।

ଏହି ପ୍ରଶିକ୍ଷଣ କାର୍ଯ୍ୟସୂଚୀରେ ବାସୁଦେବପୁର ନଗରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ମାଷ୍ଟର ଟ୍ରେନର ହିସାବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ସହଯୋଗ ଯୋଜନା, ସହରର ବିଭିନ୍ନ ପ୍ରକାର ଉନ୍ନୟନ ଯୋଜନା ସହ ନୂଆ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଅନ୍ୟାନ୍ୟ ନଗର ଉନ୍ନୟନ ତଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦, ଜଳାଶୟ ପୁନଃଜୀବନ ତଥା ପୁନରୁଦ୍ଧାର ଯୋଜନା ଇତ୍ୟାଦି ବିଷୟରେ ଉପସ୍ଥିତ ଅଧକ୍ଷା, ଅଧକ୍ଷ ଏବଂ ସମସ୍ତ କାଉନସିଲରଙ୍କୁ ଆବଶ୍ୟକୀୟ ତାଲିମ ପ୍ରଦାନ କରିଥିଲେ । ଏତଦ୍ ଭିନ୍ନ ଚାନ୍ଦବାଲି ବିଜ୍ଞାପିତ ଅଞ୍ଚଳ ପରିଷଦର ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ସାହୁ, ମାଷ୍ଟର ଟ୍ରେନର ହିସାବରେ ଅଂଶଗ୍ରହଣ କରି ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

ଏହି କାର୍ଯ୍ୟସୂଚୀଟି ଯାଜପୁର ନଗରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ରାଉତଙ୍କ ଦ୍ୱାରା ସଞ୍ଚାଳିତ ହୋଇଥିଲା । ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ଅଶୋକ କୁମାର ବେହୁରିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ଯାଜପୁର ନଗରପାଳିକା ଅଧକ୍ଷା ରଞ୍ଜୁଲତା ହୋତା ଓ ବ୍ୟାସନଗର ନଗରପାଳିକାର ଅଧକ୍ଷ ସୁବାସ ଚନ୍ଦ୍ର ବଳ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଏହି ପ୍ରଶିକ୍ଷଣ କାର୍ଯ୍ୟସୂଚୀରେ ବସୁଦେବପୁର ନଗରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ କାର୍ଯ୍ୟକ୍ର ରେ ଯୋଗଦେଇ ସହର ଉନ୍ନୟନ ବିଷୟରେ ତଥ୍ୟ ଓ ଯୋଜନାମାନ ଉପସ୍ଥାପନା କରିଥିଲେ । ସେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ସହଯୋଗ ଯୋଜନା ସହ ନୂଆ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଅନ୍ୟାନ୍ୟ ନଗର ଉନ୍ନୟନ ଯୋଜନା ବିଷୟରେ ଅଧକ୍ଷା ଓ ସଭ୍ୟମାନଙ୍କୁ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ଦ୍ୱାରା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ବେହୁରିଆଙ୍କ ସହ ଅଧକ୍ଷା ଓ ସଭ୍ୟମାନେ ସିଧାସଳଖ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ସନ୍ଦେହ ସମାଧାନ କରିଥିଲେ । ଏହା ସହ ଚାନ୍ଦବାଲି ଉପବିଭାଗର ଉପଉପବିଭାଗୀୟ ବିଜ୍ଞାନୀ (ଏଇଇ) ପ୍ରଭାତ କୁମାର ସାହୁ ମଧ ଏହି ପ୍ରଶିକ୍ଷଣରେ ଅଂଶଗ୍ରହଣ କରି ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟସୂଚୀ ମାଧ୍ୟମରେ ନିର୍ବାଚିତ ପ୍ରତିନିଧିମାନେ ସ୍ଥାନୀୟ ସ୍ତରରେ ସହର ବିକାଶ ଯୋଜନାଗୁଡ଼ିକୁ କିପରି କ୍ରିୟାନ୍ୱୟନ କରିପାରିବେ ସେ ସମ୍ପର୍କରେ ଅବଗତ ହୋଇଥିଲେ ।

## କଲେଜ ବସ୍ ଧକ୍କାରେ ଅଟୋ ଚାଳକ ଗୁରୁତର

ବ୍ୟାସନଗର,୨୩।୭ (ସମିସ): ସ୍ଥାନୀୟ ବ୍ୟାସନଗର ସହରର ଦଳା ଶଙ୍ଖଚିଲା ରାସ୍ତାର ବ୍ୟାସଶ୍ରୀ କମ୍ପ୍ଯୁଟର ନିକଟରେ ବୁଧବାର ଛୋଟରାୟପୁର ଛକରେ ଗଢି ଉଠିଥିବା ଏକ୍ସେଲସିୟର କଲେଜ ବସ୍ ଧକ୍କାରେ ଜଣେ ସ୍ଥାନୀୟ ଅଟୋ ଚାଳକ ଗୁରୁତର ଆହତ ହୋଇଛନ୍ତି । ସୂଚନାଯୋଗ୍ୟ ଯେ ଏକ୍ସେଲସିୟର କଲେଜ ବସର ଚାଳକ ନିଶାସକ୍ତ ଅବସ୍ଥାରେ କଲେଜରୁ ଯାଜପୁର ରୋଡ଼ ଅଭିମୁଖେ ଯାଉଥିବା ସମୟରେ ଦଳା ଛକ ପୂର୍ବରୁ ଛିଡ଼ା ହୋଇଥିବା ଏକ ଅଟୋକୁ ଧକ୍କା ଦେବା ଫଳରେ ଅଟୋ ଚାଳକ ପହଗାଁ ଗ୍ରାମର ମହେନ୍ଦ୍ର ସେଠୀ(୩୬) ଗୁରୁତର ଭାବେ ଆହତ ହୋଇ ପ୍ରାଥମିକ ଚିକିତ୍ସା ନିମନ୍ତେ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇବା ସହିତ ସ୍ଥାନୀୟ ଲୋକେ ସମ୍ପୃକ୍ତ ବସ୍ ଚାଳକକୁ ଅଟକ ରଖିଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ କିଛି ଦିନ ତଳେ ସମ୍ପୃକ୍ତ କଲେଜର ବସ୍ ଚାଳକଙ୍କ ବେପରୁଆ ବସ୍ ଚାଳନା ପାଇଁ ଲକ୍ଷ୍ମୀ ନଗର ଅଂଚଳର ଜନୈକ ଯୁବକ ଗୁରୁତର ଆହତ ହୋଇଥିଲେ । ତେବେ ସମ୍ପୃକ୍ତ କଲେଜର ବସ୍ ଚାଳକଙ୍କ ବେପରୁଆ ବସ୍ ଚାଳନା ଯୋଗୁଁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବାରୁ ପ୍ରଶାସନ ସମ୍ପୃକ୍ତ କଲେଜ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

## ଜହ୍ନା ସମିତି ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ

ଶଙ୍ଖଚିଲା, ୨୩।୭ (ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମପଞ୍ଚାୟତରେ କୃଷି ସମବାୟ ସମିତି କାର୍ଯ୍ୟାଳୟ ଓ ଧାନ ମଣ୍ଡି କ୍ରୟ କେନ୍ଦ୍ରର ଶୁଭ ଭିତ୍ତିପ୍ରସ୍ତର ମାନ୍ୟବର କୋରେଇ ବିଧାୟକ ଆକାଶ ଦାସନାୟକଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି । ଏହି ନୂତନ ଗୃହ ନିର୍ମାଣ ଦ୍ୱାରା ପଞ୍ଚାୟତର ଶତାଧିକ ଚାଷୀ ଉପକୃତ ହେବେ ବୋଲି ଶ୍ରୀ ଦାସନାୟକ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜହ୍ନା ସରପଞ୍ଚ ସଂଯୁକ୍ତା ସାହୁ, ସମିତି ସଭ୍ୟା ହେମଲତା ପାଢ଼ୀ, ସାଂସଦ ପ୍ରତିନିଧି ପ୍ରମୋଦ ସାହୁ,ଯୁବ ନେତା ପ୍ରୀତିରଞ୍ଜନ ସାହୁ, ପଞ୍ଚାୟତ ସମବାୟ ସମିତି ସଭାପତି ନିତ୍ୟାନନ୍ଦ ସାହୁ, ଖରସ୍ରୋତା ମଣ୍ଡଳ ସଭାପତି ଭାସ୍କର ସାହୁ, ବରିଷ୍ଠ ନେତା ପିନାକୀ ରଞ୍ଜନ ଦାଶ, ବିଜେପି ପଞ୍ଚାୟତ ସଭାପତି ଜଗଦୀଶ ବଳ, ଆଲୋକ କୁମାର ଦାଶ, ଶରତ ଚନ୍ଦ୍ର ଘଡେଇ, ଦୀପକ ପାଢ଼ୀ, ଅଶୋକ ବାରିକ, ଧନେଶ୍ୱର ବାରିକ, ଦୀପ୍ତିମୟୀ କୁଆଁର, ଉଦୟନାଥ ପରିଡା, ଅଜୟ ସାହୁ, ସ୍ମୃତିରଞ୍ଜନ ପତ୍ରି ପ୍ରମୁଖ ଉପସ୍ଥିତ ରହିଥିଲେ ।

## କୁନିନ୍ଦା ଏସ୍‌ବିଆଇ ଏଟିଏମ୍ ଅଚଳ

ପାଣିକୋଇଲି,୨୩।୭ (ସମିସ): ଯାଜପୁର ବ୍ଲକ ଭୁବନେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ କୁନିନ୍ଦାଠାରେ ଥିବା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଏଟିଏମ୍‌ଟି ଦୀର୍ଘଦିନ ଧରି ଅଚଳ ହୋଇରହିଛି । ଏହା ଉପରେ ନିର୍ଭର କରୁଥିବା ଭୁବନେଶ୍ୱରପୁର, ନାଥସାହି, ବେରୁଦା ଓ ମାଳଆନନ୍ଦପୁର ଗ୍ରାମପଞ୍ଚାୟତର ଉପଭୋକ୍ତା ମାନେ ବିଶେଷ ଉପକୃତ ହୋଇ ଆସୁଥିଲେ । ଗତ କିଛି ଦିନ ବୈଷୟିକ ତ୍ରୁଟି ହେତୁ ତାହା ବ୍ୟବହାର ଯୋଗ୍ୟ ହୋଇପାରୁନଥିବା ଦର୍ଶାଇ ବିଶିଷ୍ଟ ସମାଜସେବୀ ଶିକ୍ଷାବିତ ସୁରେନ୍ଦ୍ର କୁମାର ରାୟ ଯାଜପୁର ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପରିଚାଳକ ସ୍ମୃତିରଞ୍ଜନ ନାୟକଙ୍କୁ ସାକ୍ଷାତ କରି ଦାବି ଉପସ୍ଥାପନ କରିଛନ୍ତି । ଉକ୍ତ ଏଟିଏମ୍ ନିମନ୍ତେ ଏକ ଉଚ୍ଚ କ୍ଷମତା ସଂପନ୍ନ ମେସିନ୍ ଓ ଆବଶ୍ୟକ ଉନ୍ନତ ଯନ୍ତ୍ରପାତି ଲଗାଯିବାର ବ୍ୟବସ୍ଥା କରାଯିବ ଏଥିପାଇଁ ସିଏସଏମ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ଅବିଳମ୍ବେ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ତେଣୁ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଗ୍ରାହକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ଏଟିଏମଟିକୁ ତୁରନ୍ତ ସଚଳ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ଓଲଟିଲା ଟ୍ରେଲର; ଚାଳକ ଆହତ

ଦାନଗଦି,୨୩।୭ (ସମିସ): କଳିଙ୍ଗନଗର ଶିଳ୍ପାଚଳକୁ ସଂଯୋଗ କରୁଥିବା ମିଲିଟାରୀ ଛକ-ଦମକଳ କେନ୍ଦ୍ର ରାସ୍ତାଟି ଏବେ ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଦୈନନ୍ଦିନ ଦୁର୍ଘଟଣା ମାନ ଘଟୁଛି । ରାସ୍ତାର ମହାରଣା ପେଟ୍ରୋଲ ପମ୍ପ ନିକଟରେ ରାସ୍ତା ଉପରେ ୨ ଫୁଟର ଏକ ବଡ଼ ଗାଡ଼ ସୃଷ୍ଟି ହୋଇଛି । ଆଜି ସନ୍ଧ୍ୟାରେ ଏକ ଟ୍ରେଲର ଗାଡ଼ି ମିଲିଟାରୀ ଛକ ଆଡୁ ଫାୟାର ଷ୍ଟେସନ ଛକ ଆଡକୁ ମାଲ ବୋଝେଇ କରି ଯୋଉଥିବାବେଳେ ହଟାତ ଟ୍ରେଲରଟି ଉକ୍ତ ଗାଡ଼ରେ ପଡିଯିବାରୁ ଭାରସାମ୍ୟ ହରାଇ ଓଲଟି ପଡିବାସହ ଅନ୍ୟ ଏକ ଟ୍ରକ ଉପରେ ପଡିଯାଇଥିଲା । ତେବେ ଟ୍ରେଲରଟିର ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ବେଳେ ଟ୍ରେଲରଟି ଜିନ୍ଦଲ କାରଖାନାରୁ କଏଲ ଲୋଡ଼ କରି ଯାଉଥିବାର ଜଣାପଡିଛି । ତେବେ ଏହି ରାସ୍ତାରେ ପ୍ରତ୍ୟହ ଦୁର୍ଘଟଣା ମାନ ଘଟୁଥିବା ବେଳେ ପୂର୍ତ୍ତ ବିଭାଗ ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ଏହି ରାସ୍ତା ର ଅଧିକାଂଶ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ମାନ ହୋଇଥିବା ବେଳେ ଗାଡି ଗୁଡିକ ଅଧିକାଂଶ ସମୟରେ ପାଲଟିବା ସହ ଛୋଟ ଛୋଟ ଗାଡି ଓ ବାଇକ ଆରୋହୀ ମାନେ ଦୁର୍ଘଟଣା ର ସମ୍ମୁଖୀନ ହେଉଛନ୍ତି । ତେବେ ଏଥି ପ୍ରତି ପୂର୍ତ୍ତ ବିଭାଗ ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି ।

## ଆସନ୍ତା ୨୭ରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ

ଯାଜପୁର,୨୩।୭ (ସମିସ): ଆସନ୍ତା ଜୁଲାଇ ୨୭ ତାରିଖ ରବିବାର ଦିନ ଜିଲ୍ଲା ଓ ଦୌରାଜଜ ଙ୍କ ଅଦାଲତ ଯାଜପୁର ସମେତ ଜିଲ୍ଲାର ସମସ୍ତ ଅଦାଲତ ପରିସରରେ ଜିଲ୍ଲା ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଯାଜପୁର ସଚିବ ଲିପା ମହାନ୍ତି ପ୍ରକାଶ କରିଛନ୍ତି । ଉକ୍ତ ଲୋକ ଅଦାଲତରେ କେବଳ ଚେକ୍ ବାଉନ୍ସ ସମ୍ବନ୍ଧୀୟ ବିବାଦର ଆପୋଷ ସହମତିରେ ସମାଧାନ କରାଯିବ । ଅଯଥା ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଲୋକ ଅଦାଲତରେ ଉପସ୍ଥିତ ରହି ଆପଣଙ୍କ ମକଦ୍ଦମା/ ବିବାଦର ସମାଧାନ କରାଇନିଅନ୍ତୁ । ଦୀର୍ଘ ଦିନ ଧରି ଚାଲୁ ରହିଥିବା ମକଦ୍ଦମ ର ସହଜ ସମାଧାନ ପାଇଁ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହା ଏକ ସୁଯୋଗ । ଏ ସଂକ୍ରାନ୍ତରେ ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଯାଜପୁର ଓ ତାଲୁକ ଆଇନସେବା କମିଟି ସହିତ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି

## ଯାଜପୁର ଜିଲ୍ଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା

ଯାଜପୁର,୨୩।୭ (ସମିସ): ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କର ଅବକାରୀ କମିଶନର ଭାବେ ବଦଳି ହୋଇଅଛି । ଏହି ଅବସରରେ ଯାଜପୁର ଜିଲ୍ଲା ଷ୍ଟାଫ କମିଟି ତରଫରୁ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ଅଧକ୍ଷତାରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଦକ୍ଷତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପି. ଅନ୍ୱେଷା ରେଡ୍ଡୀ ଗତ ୧୨-୦୮-୨୦୨୪ ରିଖରେ ଯାଜପୁର ଜିଲ୍ଲାପାଳ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ । ଆଜି ଅପରାହ୍ନରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କୁ ସେ କାର୍ଯ୍ୟଭାର ଅର୍ପଣ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ଜିଲ୍ଲାପାଳ ସମସ୍ତଙ୍କୁ ଆଗାମୀ ଦିନରେ ନିଜ ବ୍ୟକ୍ତିଗତ ଜୀବନ ତଥା ବୃତ୍ତିଗତ ଜୀବନରେ ବହୁତ୍ ଆଗକୁ ଯିବାକୁ କାମନା କରି କହିଥିଲେ ।



ଲୋକମାନଙ୍କ ପାଖରେ ଯେପରି ସମସ୍ତ ସରକାରୀ ସୁବିଧା ପହଞ୍ଚିପାରିବ ସେ ଦିଗରେ ଯତ୍ନବାନ ହେବା ଏବଂ କାର୍ଯ୍ୟ କରିବା ନିମନ୍ତେ ସମସ୍ତଙ୍କୁ କହିଥିଲେ । ଏହି ବିଦାୟକାଳୀନ ସଭାରେ ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ କୁଳମଣି ନାୟକ, ଡେପୁଟି କଲେକ୍ଟର ଅଙ୍କିତା ବାରିକ, ବାସୁଦେବ ନାୟକ, ଆଲୋକ ରଂଜନ ଦେହୁରୀ, ନିଜାରତ ଅଧିକାରୀ, ତାପସ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରଭାତୀ ସାହୁ, କ୍ରୀଡା ଅଧିକାରୀ ଫକିର ମୋହନ ଟୁଡୁ, ଷ୍ଟାଫ କମିଟିର ସଭାପତି ନିଗମା ନନ୍ଦ ମାନ୍ଧାତା, ଦେବେନ୍ଦ୍ର ନାଥ କର, ଲକ୍ଷ୍ମୀଧର ସଏ, ସସ୍ମିତା ବେହେରା, ମାନସୀ ସାହୁ ଓ ଜିଲ୍ଲା କାର୍ଯ୍ୟାଳୟ ଓ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



ବିଞ୍ଝାରପୁର,୨୩।୭ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଣ୍ଟିପୁର ପଞ୍ଚାୟତ ଅଧିନ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଶମ୍ଭୁନାଥ ଦାଶଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଞ୍ଝାରପୁର ମଣ୍ଡଳ ଶାରୀରିକ ଶିକ୍ଷା ଶିକ୍ଷକ ସଂଗଠନ ଦ୍ୱାରା ଆୟୋଜିତ ସଭାରେ ଗଣେଶ ପ୍ରସାଦ ସାମଲ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ବଳରାମ ପତି, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ବରିଷ୍ଠ ଶାରୀରିକ ଶିକ୍ଷା ଶିକ୍ଷକ ମଧୁସୂଦନ ଧଳ, ଗୁରୁଚଣ ଥାଟୋଇ, ବେଣୁଧର ଜେନା, ରାଜେନ୍ଦ୍ର କୁମାର ଦାସ, ସତ୍ୟନାରାୟଣ ମହାନ୍ତି, ନିରଞ୍ଜନ ସାହୁ, କିଶୋର ଚନ୍ଦ୍ର ମଲ୍ଲିକ, ତପନ କୁମାର ସାମଲ, ନିରଞ୍ଜନ ବେହୁରିଆ, ପ୍ରମୋଦ କୁମାର ବିଶ୍ୱାଳ ଜୁନିଅର ରେଡକ୍ରସ ଅଫିସର ଶଙ୍କର୍ଷଣ ବେହେରା, ଭାରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ରାଜେଶ କୁମାର ସେଠୀ, ବିଞ୍ଝାରପୁର ମଣ୍ଡଳ ସମ୍ପାଦକ ସେକ ସମିମ୍, ଭାରତ ଚନ୍ଦ୍ର ନାୟକ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ଗୁଣଗାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଜୟ କୁମାର ଦାସ, ଚନ୍ଦ୍ରମଣି କର, ଲିପିକା ଦାସ, କୈବଲ୍ୟ ପ୍ରସାଦ ପଣ୍ଡା, ରଶ୍ମି ରଞ୍ଜନ ଓଝା, ଭକ୍ତ ହରି ସାହୁ, ଶ୍ରାବଣୀ ରାଉତ, ଶତାବ୍ଦୀ ତନୟା ଦାସ, ଶିବାନୀ ରାଉତ, ଅଭିଳାଷ ଦାସ, ଶମ୍ଭୁନାଥ ବେହେରା, ବିଶ୍ୱମ୍ବର ମଲ୍ଲିକ, ମହେଶ୍ୱର ବେହେରା, ପ୍ରଶାନ୍ତ ମଲ୍ଲିକ, ସୁଧାଂଶୁ ସାମଲ, ହରେଶ ଦାସ, ରାହୁଲ କୁମାର ବେହେରା, ଦୀନେଶ ମାଝୀ, ପ୍ରଦୀପ ପରିଡା ପରିଚାଳନା କରିଥିଲେ । ଗୌରାଙ୍ଗ ପରିଡା ଧନ୍ୟବାଦ ଦେଇଥିଲେ ।

## ■ 'ତୁଳସୀ' ଆଖଡ଼ାଶାଳରେ ଅଜଗର
# ଜୀଅନ୍ତା ସାପ ପ୍ରଦର୍ଶନର ତଦନ୍ତ ଆରମ୍ଭ



ବାଲିଚନ୍ଦ୍ରପୁର,୨୩।୭ (ସମିସ): ତୁଳସୀ ଗଣନାଟ୍ୟର ଆଖଡ଼ାଶାଳରେ ଖଳନାୟକ ସାଇ ସତ୍ୟଜିତ ପଣ୍ଡା ଏକ ଜୀଅନ୍ତା ଅଜଗର ସାପ ଧରି ଅଭିନୟ କରୁଥିବାର ଭିଡିଓ ଭାଇରାଲ ହେବା ପରେ ଜଙ୍ଗଲ ବିଭାଗ ପକ୍ଷରୁ ଏହା ଉପରେ ରୋକ ଲଗାଇ ଘଟଣାର ତଦନ୍ତ ଆରମ୍ଭ କରିଛି । ଆଜି ଖଳନାୟକ ଶ୍ରୀ ପଣ୍ଡାଙ୍କୁ ବଡ଼ଚଣା ବ୍ଲକ ଅନ୍ତର୍ଗତ ବୈରୀ ବନାଞ୍ଚଳ କାର୍ଯ୍ୟାଳୟକୁ ବିଭାଗ ପକ୍ଷରୁ ଡକାଯାଇ ଘଟଣା ସମ୍ପର୍କରେ ପଚରା ଉଚୁରା କରାଯାଇଥିଲା । ସହକାରୀ ବନ ସଂରକ୍ଷକ ରବିନ୍ଦ୍ର ନାରାୟଣ ମହାନ୍ତି ଉପସ୍ଥିତ ରହି ଖଳନାୟକଙ୍କୁ ଏହି ଜୀଅନ୍ତା ସାପ ସମ୍ପର୍କରେ ବିଭିନ୍ନ କଥା ପଚାରିଥିଲେ । ତେବେ ଏହି ପ୍ରଜାତୀର ସାପ ବିଷଧର ନୁହେଁ । ଏହି ସାପଟି ଆଫ୍ରିକାନ ବୁଲ୍ ପାଇଥାନ ବୋଲି ଖଳନାୟକ ଶ୍ରୀ ପଣ୍ଡା କହିଥିଲେ । ଏହି ସାପକୁ ସେ ଆଇନ ଅନୁଯାୟୀ କିଣିଛନ୍ତି ବୋଲି କହିଛନ୍ତି । ତେବେ ଏହାର ପ୍ରଦର୍ଶନ ବନ ସଂରକ୍ଷଣ ଆଇନକୁ ଖୋଲା ଉଲ୍ଲଙ୍ଘନ କରାଯାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ତେବେ ସାପଟି ସହିତ ସର୍ବସାଧାରଣରେ ପ୍ରଦର୍ଶନ କରାଯିବା ଉଚିତ ନୁହେଁ ବୋଲି ସହକାରୀ ବନ ସଂରକ୍ଷକ ଶ୍ରୀ ମହାନ୍ତି କହିବା ସହିତ ଏହା ଉପରେ ଅଧିକ ତଦନ୍ତ କରାଯିବ ବୋଲି କହିଛନ୍ତି ।

## ■ ବାପ ଛେଉଣ୍ଡ ଶିଶୁକୁ ଜୋତା ପ୍ରହାର
# ଭିଡିଓ ଭାଇରାଲ ପରେ ଶିଶୁ ଉଦ୍ଧାର

କାଳିଆପାଣି, ୨୩।୭ (ସମିସ): କାଳିଆପାଣି ଥାନା ଅନ୍ତର୍ଗତ ପାତ୍ରସାହି ଅଞ୍ଚଳରେ ଜଣେ ବାପ ଛେଉଣ୍ଡ ଶିଶୁକୁ ତାର ଦାଦା ଜୋତାରେ ପିଟୁଥିବା ଏକ ଭିଡିଓ ଭାଇରାଲ ହୋଇଛି । ଶିଶୁର ବାପା ଦଶରଥ ମହାରଣା ମୃତ୍ୟୁବରଣ କରିଥିବା ବେଳେ ମା' ମାନସିକ ଭାରସାମ୍ୟ ହରାଇଛନ୍ତି । ଏହି ସମୟରେ ଶିଶୁଟି ନିଜ ଦାଦା ଗୋପି ମହାରଣାଙ୍କ ପାଖରେ ରହୁଥିବା ବେଳେ ଗତକାଲି ଶିଶୁଟିକୁ ଏକ ଜୋତାରେ ପିଟୁଥିବା ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏ ସଂପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଆକ୍ସନ ମୋଡକୁ ଆସିଥିଲା । ଏ ନେଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ତୁରନ୍ତ କାଳିଅପାଣି ଥାନା ଅଧିକାରୀ ଶିବ ଚରଣ ବେହେରାଙ୍କ ସହିତ ଯୋଗାଯୋଗ କରିବା ପରେ ଶିଶୁକୁ ଉଦ୍ଧାର କରାଯାଇଥିଲା । ଏହାପରେ ସୁକିନ୍ଦା ଡାକ୍ତରଖାନାରେ ଚିକିତ୍ସା କରିବା ପରେ ଯାଜପୁରର ଉତ୍କଳ ବାଳାଶ୍ରମରେ ରଖାଯାଇଛି । ଏ ସଂପର୍କରେ ଜିଲ୍ଲା ଶିଶୁ ମଙ୍ଗଳ ସମିତିକୁ ଅବଗତ କରାଯାଇଛି ଏବଂ ଆସନ୍ତାକାଲି ସମିତି ନିକଟରେ ଶିଶୁକୁ ହାଜର କରାଯିବ ବୋଲି ଜଣାପଡିଛି । ଆଜିର ଏହି ଉଦ୍ଧାର ସମୟରେ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ପରାମର୍ଶଦାତା ଶିଶିର କୁମାର ମଲ୍ଲିକ, ରବିନ୍ଦ୍ର ନାଥ ସେଠୀ, ରାଜକିଶୋର ସାହୁ ପ୍ରମୁଖ ସାମିଲ ହୋଇଥିଲେ ।



## ନାବାଳିକା ଅପହରଣ ଅଭିଯୋଗ

ଦଶରଥପୁର,୨୩।୭ (ସମିସ): ଦଶରଥପୁର ବ୍ଲକ ମଙ୍ଗଳପୁର ଥାନା ଅଞ୍ଚଳରେ ଜୈନିକା ୧୭ ବର୍ଷୀୟା ନାବାଳିକଙ୍କୁ କେହି ଅପହରଣ କରି ନେଇଥିବା ନାବାଳିକଙ୍କ ପରିବାର ପକ୍ଷରୁ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ମଙ୍ଗଳପୁର ଥାନା କଣ୍ଟିବାଙ୍କ ଅଞ୍ଚଳର ଜୈନିକା ନାବାଳିକା ଗତ ୧୭ ତାରିଖ ମଧ୍ୟାହ୍ନରେ ଗାଁରେ ଥିବା ଜଣେ ସହପାଠୀକୁ ଦେଖା କରିବାକୁ କହି ଘରୁ ଯାଇଥିବା ବେଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ଆଉ ଘରକୁ ନଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିବା ସହିତ ଚିହ୍ନାଜଣା ଲୋକଙ୍କୁ ପଚରାଉଚରା କରିବା ସତ୍ତ୍ୱେ ତାଙ୍କର କୌଣସି ସନ୍ଧାନ ମିଳିନଥିଲା । ଏ ସମ୍ପର୍କରେ ନାବାଳିକାଙ୍କ ମାଆ ମଙ୍ଗଳପୁର ଥାନାରେ ତାଙ୍କ ଝିଅକୁ କେହି ଅପହରଣ କରି ନେଇଥିବା ଅଭିଯୋଗ କରି ଝିଅକୁ ଠାବ କରିବାକୁ ନିବେଦନ କରିଥିବା ଜଣାଯାଇଛି ।

## ସର୍ପାଘାତରେ ମୃତକଙ୍କୁ ସହାୟତା

ମଇଁନ୍ଦା,୨୩।୭ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କପିଳା ପଞ୍ଚାୟତ ଦେବେନ୍ଦ୍ର ଦାସଙ୍କ ଏକାଦଶରେ କୃଷକ ବିକାଶ ପରିଷଦର ସଭ୍ୟମାନେ ପରିବାରକୁ ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା କରିଥିଲେ । ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବୃକ୍ଷ ରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା କୃଷକ ବିକାଶ ପରିଷଦର ରାଜ୍ୟ ସଭାପତି ଦେବବ୍ରତ ଦାସ, ଜିଲ୍ଲା ସଭାପତି ଧୀରେନ୍ ଦାସ, ସଂଗଠନର ପ୍ରତିଷ୍ଠାତା ଉମାବଲ୍ଲଭ ସାହୁ, ସମାଜସେବୀ ପଦ୍ମାକର ଗୁରୁ, ସ୍ଥାନୀୟ ସରପଞ୍ଚ ଦେବଦତ୍ତ ସେଠି, ପୂର୍ବତନ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧକ୍ଷ ବାବାଜୀ ଚରଣ ଦାସ, ରାଜ୍ୟ ଉପସଭାପତି ବିଜୟ ଦେବତା, ଜିଲ୍ଲା ଉପସଭାପତି ସୁଶାନ୍ତ କୁମାର ମହାପାତ୍ର, ସୁରେନ୍ଦ୍ର ଶତପଥୀ, ଶ୍ରୀବନ୍ତ ବାରିକ, ଡାକ୍ତର ଶୁକଦେବ ଢ଼ାଲି, ସାମ୍ବାଦିକ ଦେବୀଦତ୍ତ ସାମଲ, ସାମ୍ବାଦିକ ଚନ୍ଦ୍ର ନାରାୟଣ ଦାସ, ବିଦ୍ୟାସାଗର ବେହେରା, ଏବଂ ରାଜ୍ୟ ଓ ଜିଲ୍ଲାର ଅନେକ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଗ୍ରାମବାସୀ ମାନେ ଏହି କାର୍ଯ୍ୟକ୍ରମ ରେ ଯୋଗଦାନ କରିଥିଲେ ।



# ବଡଚଣା ଅଞ୍ଚଳରେ ବଢୁଛି ଅପରାଧ

ବଡ଼ଚଣା,୨୩।୭ (ସମିସ):

ବଡ଼ଚଣା ଥାନା ଏକ ସମ୍ବେଦନଶିଳ ଥାନା ଭାବେ ବେଶ ପରିଚିତ । କିନ୍ତୁ କିଛି ଦିନହେବ ବଡ଼ଚଣା ଥାନା ଅଞ୍ଚଳରେ ଦିନକୁ ଦିନ ଅପରାଧିଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ମାତ୍ର ଏଠାକାର ପୁଲିସ ପକ୍ଷରୁ ସେଭଳି କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଅପରାଧି ଅତି ସହଜରେ ଅପରାଧ କରିବାରେ ସକ୍ଷମ ହେଉଛନ୍ତି । ବିଭାଗ ପକ୍ଷରୁ ସଠିକ ଭାବେ ପାଟ୍ରୋଲିଂ କରାଯାଉନଥିବା ବେଳେ ଅତି ସହଜରେ ଲୁଟେରାମାନେ ଲୁଟ କରିବାର ସୁଯୋଗ ପାଉଛନ୍ତି । ନିକଟ ଅତିତରେ ବଡ଼ଚଣା ପଞ୍ଚାୟତ ଖଇରା ହାଟ ମୁଣ୍ଡା ସାହିର ଜଣେ ଯୁବକ ହଠାତ ହାଟକୁ ଆସି ଏକ ଖଣ୍ଡରେ କିଛି ଲୋକଙ୍କୁ ଆକ୍ରମଣ କରିବାକୁ ଉଦମ୍ୟ କରୁଥିଲା ବେଳେ ସେଠାକାର କିଛି ଲୋକ ଉକ୍ତ ଯୁବକକୁ କାବୁ କରି ପୁଲିସ ଜିମାଦେଇଥିଲେ । କିନ୍ତୁ ମାତ୍ର କିଛି ସମୟ ପୁଲିସ ଉକ୍ତ ଯୁବକକୁ ଥାନାରେ ଅଟକ ରଖି ଛାଡି ଦେଇଥିଲେ । କିନ୍ତୁ ତାକୁ ଛାଡିଦେବାରୁ ପୁଣି ଉକ୍ତ ଯୁବକ ଥାନାରୁ ବାହାରିବା ପରେ ପୁଣି ସେଠାରେ ଲୋକଙ୍କୁ ଗାଳିଗୁଲଜ କରିଥିଲା । ଯୁବକର ଏପରି ଅବସ୍ଥା ଦେଖି ବାଧ ହୋଇ ସ୍ଥାନୀୟ କିଛି ଲୋକେ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ସମ୍ପୃକ୍ତ ଯୁବକକୁ ଆଇନ ଅନୁସାରେ ଦଣ୍ଡ ଦେବାକୁ କିଛି ଲୋକ ଥାନାକୁ ଯାଇ ଥାନାଧିକାରିଙ୍କୁ ଅବଗତ କରିବା ପରେ କୌଣସି ସୁଫଳ ମିଳିଲା ନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସେହିପରି ଗତ ଦୁଇଦିନ ପୂର୍ବେ ଏକ ଫାଇନାନ୍ସ କର୍ମଚାରୀଙ୍କ ଠାରୁ ସ୍କୁଟି ଛଡ଼ାଇ କିଛି ଟଙ୍କା ଛଡାଇ ନେଇଥିଲେ । ପରଦିନ ସ୍କଟିଟି ସୁଙ୍ଗୁଡା ଗାଁର ଏକ ନିରୋଳା ସ୍ଥାନରୁ ପୁଲିସ ଜବତ କରିଥିଲା । ମାତ୍ର ଦୁର୍ବୃତ୍ତଙ୍କୁ ଧରିବାରେ ସଫଳ ହୋଇପାରିନାହିଁ । ମଟର ସାଇକଲ ଚୋରି ଏଠାରେ ନିତିଦିନିଆ ହୋଇଯାଇଛି । ଯଦି ପୁଲିସ ପାଟ୍ରୋଲିଂ ସଠିକ ଢଙ୍ଗରେ ହୁଅନ୍ତା; ହୁଏତ ଏହି ଚୋରି କମି ପାରନ୍ତା । ସେହିପରି ଚୋରା ମଦ ଏଠାରେ ପ୍ରବଳ ଭାବେ ହେଉଥିଲା ବେଳେ ପୁଲିସର ଅପାରଗ ପଣିଆ ପାଇଁ ଏହା ରୋକାଯାଇ ପାରୁନାହିଁ । ଅପରପକ୍ଷରେ ବଡ଼ଚଣା ଥାନାରେ ଅନେକ କନଷ୍ଟେବଳ ଦୀର୍ଘ ବର୍ଷ ହେବ ରହିଥିବାରୁ ସେମାନଙ୍କର ଅନେକ ଲୋକଙ୍କ ସହିତ ସମ୍ପର୍କ ଥିବାରୁ ଏହାଦ୍ୱାରା ଅନେକ କ୍ଷେତ୍ରରେ ଏହା ପ୍ରଭାବ ପକାଉଛି । ଏପରିକି ସେମାନଙ୍କ ମଧ୍ୟରୁ କିଛି କନଷ୍ଟେବଳ ଏହି ଥାନା ଅଧିନରେ ଥିବା ଫାଣ୍ଡିରେ ରହିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି । ଥାନାଧିକାରି ପ୍ରାୟ ପ୍ରତ୍ୟକ ରାତିରେ ନିଜେ ରାତି ଅନିଦ୍ରା ହୋଇ ଗୋରୁ ଗାଡି ଧରିବାରେ ସକ୍ଷମ ହେଉଛନ୍ତି । ମାତ୍ର ଏଠାରେ ବିଭିନ୍ନ ସ୍ଥାନରେ ମାଙ୍କଡା ପଥର ଚୋରା ଚାଲାଣ କଥା ପୁଲିସ ପୁରା ଭୁଲିଯାଉଛି । ଏ ସବୁ ଉପରେ ଉଚ୍ଚ ପଦାଧିକାରୀ ଧାନ ଦେଇ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

**CENTRAL UNIVERSITY OF ODISHA, KORAPUT**
(Established Under the Central Universities Act, 2009)
Dept. of Higher Education, Ministry of Education, Govt. of India
NAD, Sunabeda, Dist-Koraput, Odisha. PIN-763004
**Website: www.cuo.ac.in**

**ADMISSION NOTIFICATION FOR M.SC. IN BIODIVERSITY AND CONSERVATION OF NATURAL RESOURCES**

**Activity Schedule :**

| | |
|---|---|
| Date & Time for Reporting: | 28.07.2025 (9.30 AM to 10:30 AM) |
| Date & Time for Document Verification | 28.07.2025 (10.30 AM to 11:30 AM) |
| Date & Time for Entrance Examination | 28.07.2025 (11.30 AM to 12.30 PM) |
| Date & Time for Publication of Result & Merit List | 28.07.2025 (by 2.30 PM) |
| Date & Time for Admission | 28.07.2025 (2.30 PM onwards) |

For more details please visit our website(s): **www.cuo.ac.in**
For any query: Contact No. **9439185655 / 9668887305 / 8144744270**
Email: **admission@cuo.ac.in**
Sd/-
Controller of Examinations

## ୧୦୮ ଜନନୀ ଏକ୍ସପ୍ରେସ ଦୁର୍ଘଟଣାଗ୍ରସ୍ତ

ଝାରସୁଗୁଡ଼ା/କିର୍ମିରା,୨୩।୭ (ସମିସ): ୧୦୮ ଜନନୀ ଏକ୍ସପ୍ରେସ ଆମ୍ବୁଲାନ୍ସ ଧୁତରା ଶେଷମୁଣ୍ଡ ବୁଲାଣିରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ କାର୍ଯ୍ୟାଳୟରୁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ



ରୋଗୀ ସ୍ଥାନାନ୍ତର ପାଇଁ ଯାଉଥିବା ବେଳେ ଏହି ଦୁର୍ଘଟଣା ହୋଇଛି। ଆମ୍ବୁଲାନ୍ସ ସାମ୍ନାପଟ ଚୁରମାର ହୋଇଯାଇଥିବା ବେଳେ ଚାଳକ ବଡଧରଣର ବିପତ୍ତିରୁ ଅଳ୍ପକେ ବର୍ତ୍ତି ଯାଇଥିଲା। ରାସ୍ତାର ମରାମତି ପାଇଁ ବ୍ୟବହୃତ ଚାରକୋଲ ଗୁଡିକ ବିଛା ଯାଇଥିଲା। ସେହି ରାସ୍ତାରେ ଦ୍ରୁତ ଗତିରେ ଯାଉଥିବା ଆମ୍ବୁଲାନ୍ସର ଚକା ଗୁଡିକ ବର୍କ୍ଲି ହେବା ସହ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ଭାରୀଯାନକୁ ସାଇଡ଼ ଦେବା ବେଳେ ଅଣ ଓସାରିଆ ରାସ୍ତାକଡର ଓଦା ମାଟିରେ ବାମପଟ ଚକା ଦବି ଯାଇଥିଲା। ଫଳରେ ଏପରି ମର୍ମନ୍ତୁଦ ଦୂର୍ଘଟଣା ଘଟିଥିବା ସୂଚନା ମିଳିଛି। ଘଟଣାସ୍ଥଳରୁ ଚାଳକ ଗାଡି ଛାଡି ଫେରାର ମାରିଥିଲା। ରାସ୍ତା କଡରେ ତାରବାଡ ରହିଥିବାରୁ ରାସ୍ତାତଳକୁ ଓଲଟି ନଯାଇ ଆମ୍ବୁଲାନ୍ସଟି ଠିଆ ଅବସ୍ଥାରେ ଅଟକି ରହି ଯାଇଥିଲା। ତୁରନ୍ତ ରାସ୍ତା ମରାମତି କାମ ନ ସାରିଲେ ବଡ ଧରଣର ଦୁର୍ଘଟଣାକୁ ଏଡାଇ ଦିଆ ନ ଯାଇପାରେ। ଏଥିପ୍ରତି ପ୍ରଶାସନିକ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କିରଛନ୍ତି।

# ଦେବଗଡ଼ରେ ବିଭିନ୍ନ ପାକ୍ସରେ ସାରର ଘୋର ଅଭାବ

### କଂଗ୍ରେସ ପକ୍ଷରୁ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ



ଦେବଗଡ଼,୨୩।୭ (ସମିସ):

ଦେବଗଡ଼ ଜିଲ୍ଲାର ବିଭିନ୍ନ ପାକ୍ସରେ ସାରର ଘୋର ଅଭାବ ଦେଖାଦେଇଛି। ଫଳରେ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବୁଧବାର ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇ ଦାବିପତ୍ର ପ୍ରଦାନ କରାଯାଇଛି। ତୁରନ୍ତ ଜିଲ୍ଲାର ସମସ୍ତ ପାକ୍ସରେ ସାର ଯୋଗାଇ ଦେବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଜିଲ୍ଲା କଂଗ୍ରେସ ସଂଯୋଜକ ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରଉ କରିଥିଲେ। ଏଥିରେ ରେବତୀ ମୋହନ ପଟ୍ଟନାୟକ, ଶ୍ରୀତମ ସାହୁ, ରମେଶ ଚନ୍ଦ୍ର ପାତ୍ର, ଅଲେଖ ନାୟକ, ଦେବେନ୍ଦ୍ର ଗଡନାୟକ, ମୁରଲୀ ନାୟକ, ବିରଞ୍ଚି ପାତ୍ର, ରମାକାନ୍ତ ନାୟକ, ଆକାଶ ଦାଶ, ଜିତେନ୍ଦ୍ର ବେହେରା, ସୁଶୀଲ ଗୁଡିଆଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଜିଲ୍ଲାର ସମସ୍ତ ପାକ୍ସରେ ସାର ଯୋଗାଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ବିଦ୍ୟୁତ୍ ଆଘାତରେ ଚିକିତ୍ସାଧୀନଙ୍କୁ ଭେଟିଲେ ମନ୍ତ୍ରୀଙ୍କ ପ୍ରତିନିଧି

ଝାରସୁଗୁଡ଼ା,୨୩।୭ (ସମିସ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡ଼ା ଜିଲ୍ଲା ବିଜେପିର ପ୍ରତିନିଧି ମଣ୍ଡଳୀ ବୁଧବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ତୁମ୍ବେକେଲା ଗାଁରେ ବିଦ୍ୟୁତ୍ ଆଘାତରେ ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଛନ୍ତି। ସୁଧାଂଶୁ ଦୋରାଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ମଣ୍ଡଳୀ ଅସୁସ୍ଥଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହିତ ତାଙ୍କୁ ସୁସ୍ଥ ହେବା ପର୍ଯ୍ୟନ୍ତ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାର ସିଡିଏମଓ ମୁକେଶ ମୋହନ ପଣ୍ଡା ଓ ହସ୍ପିଟାଲ ମ୍ୟାନେଜରଙ୍କୁ ଭେଟିବାରୁ ସମସ୍ତେ ସୁସ୍ଥ ଥିବା ପ୍ରତିନିଧି ମଣ୍ଡଳୀକୁ କହିଥିଲେ। ପ୍ରତିନିଧି ମଣ୍ଡଳୀରେ ସୁଧାଂଶୁ ଦୋରାଙ୍କ ସହିତ ପ୍ରମୋଦ ସେନାପତି, ଜିତେନ୍ଦ୍ର ପଟ୍ଟନାୟକ, ପ୍ରବୀଣ ଶ୍ରୀବାସ୍ତବ, ମୁନା ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ତାଳ ଗୋଟମା ରୋପଣ ପ୍ରସ୍ତୁତି ବୈଠକ



ଗାଇସିଲେଟ,୨୩।୭ (ସମିସ): ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପଦ୍ମପୁର ବନାଞ୍ଚଳ ବରଗଡ଼ ବନଖଣ୍ଡ ଗାଇସିଲେଟ ସେକ୍ସନର କୁଲିଆରୀ ବିଟର କୁଲିଆରୀ ଗାଁରେ ତାଳ ଗୋଟମା ରୋପଣ ପ୍ରସ୍ତୁତି ଏବଂ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବନ ବିଭାଗର ବନପାଳ ଝରଣା ସାହୁ ଏବଂ ବନରକ୍ଷୀ ଲିଜି ମହାପାତ୍ରଙ୍କ ନେତୃତ୍ୱରେ ଆମ ଜଙ୍ଗଲ ଯୋଜନାର ଦଳପତି ପ୍ରକାଶ ହୋତା ଏଢ଼ଥିରେ ସଭାପତିତ୍ୱ କରିଠିତଲେ। ଅତିଥି ଭାବେ ସାମ୍ବାଦିକ ସୁଶାନ୍ତ ପଣ୍ଡା ଯୋଗ ଦେଇଥିଲେ। ବୈଠକରେ ତାଳ ବୃକ୍ଷର ଉପକାରିତା, ବୃକ୍ଷରୋପଣର ମହତ୍ତ୍ୱ ତଥା ବୃକ୍ଷରୋପଣ କରିବାକୁ ଆହ୍ୱାନ କରିଥିଲେ। ତାଳଗଛ ଲଗାନ୍ତୁ ବଜ୍ରାଘାତରୁ ରକ୍ଷା ପାଆନ୍ତୁ ବୋଲି ଉପସ୍ଥିତ ଲୋକମାନଙ୍କୁ ସଚେତନ କରାଯାଇଥିଲା।

## ଲିଗ୍ କମ୍ ନକ୍ ଆଉଟ୍ ଫୁଟବଲ୍: ୪ର୍ଥ ଦିବସରେ ବିଏମସି କ୍ଲବ୍ କୁଚିଣ୍ଡା ବିଜୟୀ




ଝାରସୁଗୁଡ଼ା,୨୩।୭ (ସମିସ): ଝାରସୁଗୁଡ଼ା ମନମୋହନ ସ୍କୁଲ ଫୁଟବଲ ପଡିଆ ଠାରେ ଜୟହିନ୍ଦ କ୍ଲବ୍ ଆନୁକୁଲ୍ୟରେ ୧୨ତମ ଲିଗ କମ ନକ ଆଉଟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ବୁଧବାର ଏହାର ଚତୁର୍ଥ ଦିବସର ମ୍ୟାଚ୍ ବି.ଏମ.ସି କ୍ଲବ୍ କୁଚିଣ୍ଡା ଓ ପଣ୍ଡରି ପଥର ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠତ ହୋଇଥିଲା। ବି.ଏମ.ସି କ୍ଲବ୍ କୁଚିଣ୍ଡା ୨-୦ ଗୋଲରେ ବିଜୟୀ ହୋଇ ଥିଲା। ଅନୁଷ୍ଠିତ ମ୍ୟାଚ୍‌ରେ ଜିଲ୍ଲା ଅବକାରୀ ବିଭାଗର ମୁଖ୍ୟ ପ୍ରଭାତ ସେଠି, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ ସମ୍ମାନିୟ ଅତିଥି ଭାବେ ଅବକାରି ବିଭାଗର ବରିଷ୍ଠ ଅଧିକାରୀ ଶ୍ରୀଲି ଏକ୍କା ଓ ବନ୍ଦନା ପଟ୍ଟନାୟକ, କ୍ଷିତିଶ ଦାସ ଖେଳାଳି ମାନଙ୍କ ସହିତ ପରିଚିତ ହୋଇଥିଲେ। ଅନୁଷ୍ଠିତ ଏହି ଖେଳକୁ ଗିରିଷ ପ୍ରଧାନ, ଶରତ କିଶାନ, ସଂଜୟ କିଶାନ, ଲଛମନ ବାଗ ପ୍ରମୁଖ ପରିଚାଳନା କରିଥିଲେ।

## ଯୌନ ଉତ୍ପୀଡନ ଓ ନିରାକରଣ ପ୍ରତିକାର ସଚେତନତା କାର୍ଯ୍ୟକ୍ରମ

ରିଆମାଳ,୨୩।୭ (ସମିସ): ରିଆମାଳ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଫକୀରମୋହନ ସାହୁଙ୍କ ଅଧ୍ୟକ୍ଷତାରେ ଯୌନ ଉତ୍ପୀଡନ ଓ ଏହାର ନିରାକରଣ ପ୍ରତିକାର ସମ୍ବନ୍ଧ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇସିସି କମିଟି ସଭାପତି ମମତାବାଳା ବେହେରା, ସଭ୍ୟା ତଥା ଅଧ୍ୟାପିକା ରଶ୍ମିତା ପ୍ରଧାନ, ଯଶୋବନ୍ତୀ ଧଳ, ସନ୍ତୋଷ ପ୍ରଧାନ, ଅଣଶିକ୍ଷକ କର୍ମଚାରୀ ରଜତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପୋକ୍ସ ଆକ୍ଟ ବା ଯୌନ ଉତ୍ପୀଡନ, ଏହାର ନିରାକରଣ ଓ ପ୍ରତିକାର ଉପରେ ସବିଶେଷ ବକ୍ତବ୍ୟ ପ୍ରଦାନ କରି ଶପଥ ପାଠ କରାଇ ଥିଲେ। ଅଧ୍ୟାପକ ପଦ୍ମଚରଣ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।




## କୁଠିଖୋଲକୁ ରାସ୍ତା ନାହିଁ, ପର୍ଯ୍ୟଟକ କଲବଲ

ପଦ୍ମପୁର,୨୩।୭ (ସମିସ): ପଦ୍ମପୁର ଉପଖଣ୍ଡ ଝାଞ୍ଜପାହାଡ଼ରେ ବନ୍ୟ ପରିବେଶ ମଧ୍ୟରେ କୁଠିଖୋଲ ଜଳପ୍ରପାତ ରହିଛି। ଦିନକୁ ଦିନ ପ୍ରାକୃତିକ ପରିବେଶ ଭିତରେ ଥିବା ଏହି ଝରଣାକୁ ଦେଖିବା ପାଇଁ ଶହ ଶହ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳୁଛି। କିନ୍ତୁ ସବୁଦିନିଆ ରାସ୍ତା ନ ଥିବାରୁ ପର୍ଯ୍ୟଟକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାକୁ ଯିବା ଆସିବା ପାଇଁ ରାସ୍ତାଟିଏ ତିଆରି କରିବାକୁ ଅଞ୍ଚଳବାସୀଙ୍କ ତରଫରୁ ବରିହାପାଲି ସରପଞ୍ଚ ନିରୋଦ ସାହୁ, ପୂର୍ବତନ ସରପଞ୍ଚ ସୁଦାମ ପଧାନ, ଅଶ୍ୱିନୀ ଧରୁଆ, ଶିରୀଶ ସ୍ୱାଇଁ, ଦେବାର ବରିହା, ସରୋଜ ପଧାନ, ଅନ୍ତର୍ଯ୍ୟାମୀ ପଧାନ ପ୍ରମୁଖ ଦାବି କରିଛନ୍ତି।



## ବରିହାପାଲିରେ ବନ ବିଭାଗର ସାଧାରଣ ବୈଠକ



ପଦ୍ମପୁର,୨୩।୭ (ସମିସ): ପଦ୍ମପୁର ବ୍ଲକ୍ ବରିହାପାଲି ପଞ୍ଚାୟତ ରାଜୀବ ଭବନ ଠାରେ ଘେଁସ ରେଞ୍ଜ ଦିପ୍ତୀପୁର ସେକ୍ସନ ବନପାଳ ସୁଶାନ୍ତ ଦାଶଙ୍କ ଆହ୍ୱାନକ୍ରମେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିହାପାଲି ବନ ସଂରକ୍ଷଣ ସମିତି ସଭାପତି ଦେବେନ୍ଦ୍ର ପଧାନ ସଭାପତିତ୍ୱ କରିଥିଲେ। ବୈଠକରେ ବରିହାପାଲି ସରପଞ୍ଚ ନିରୋଦରଞ୍ଜନ ସାହୁ, ଫରେଷ୍ଟ ଗାର୍ଡ ତେଜସ୍ୱିନୀ ସାହୁ, ଆମ ଜଙ୍ଗଲ ଯୋଜନାରୁ ନବକିଶୋର ପଧାନ ବରିହାପାଲି ଭିଏସଏସ ସଭ୍ୟସଭ୍ୟା, ବନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଗୋଟିଏ ଲେଖାଏଁ ବୃକ୍ଷ ଲଗାଇବା ପାଇଁ ବନ ବିଭାଗ ନର୍ସରୀରୁ ଚାରା ଯୋଗାଇ ଦେବାକୁ ବୈଠକରେ ସ୍ଥିର ହୋଇଥିଲା। ଜଙ୍ଗଲକୁ କେହି କରଡି ସଂଗ୍ରହ କରିବାପାଇଁ ନ ଯିବାକୁ ବନପାଳ ସମସ୍ତଙ୍କୁ ଅନୁରୋଧ କରିଥିଲେ। ବରିହାପାଲି ଗାଁ ନିକଟରେ ଥିବା ଜଙ୍ଗଲକୁ ଚିହ୍ନଟ କରି ଖାଲି ସ୍ଥାନରେ ୫୦୦ଟି ତାଳଗଛ ରୋପଣ କରିବା ସ୍ଥିର ହୋଇଛି। ତାଳଗଛ ବ୍ରଜପାତକୁ ପ୍ରତିରୋଧ କରିବା ସହିତ ଧାଡି ଧାଡି ତାଳଗଛ ଗାଁର ପ୍ରାକୃତିକ ପରିବେଶକୁ ଆହୁରି ମନୋରମ କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।

## ଇନରହ୍ୱିଲ୍ କ୍ଲବ୍ ଅଫ୍ ବରଗଡ଼ର ପ୍ରତିଷ୍ଠା ଉତ୍ସବ

ବରଗଡ଼,୨୩।୭ (ସମିସ): ଇନରହ୍ୱିଲ୍ କ୍ଲବ୍ ଅଫ୍ ବରଗଡ଼ର ପ୍ରତିଷ୍ଠା ଉତ୍ସବ ବରଗଡ଼ର ହୋଟେଲ ଗଣପତିରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା ଅଧ୍ୟକ୍ଷା ମମତା ପୁରୋହିତ ଯୋଗ ଦେଇଥିଲେ। ନୂତନ ଭାବେ ସ୍ଥାପିତ ଦଳରେ ସଭାପତି ଆଶିମା ବିସୋଇ, ସଚିବ ପୂଜା ଅଗ୍ରୱାଲ, ଉପସଭାପତି ଫର୍ଚ୍ଚ୍ୟୁନ୍ ଟେଲର, ପୂର୍ବତନ ସଭାପତି ରିତୁ ସାନନ୍, କୋଷାଧ୍ୟକ୍ଷ ସାରିକା ଅଗ୍ରୱାଲ, ଆଇଏସ ଓ ସୂଚନାର ମାନକ ସମ୍ପାଦକ ଭାବେ ପ୍ରତିଭା ବାରିକଙ୍କୁ ମନୋନୀତ କରାହୋଇଥିଲା। ୫ ଜଣ ନୂତନ ସଦସ୍ୟ ଡ.ଦେବଜାନୀ ମେହେର, ଡ.ଅଭିପ୍ସା ପ୍ରିୟଦର୍ଶିନୀ ବେହେରା, ଟେକୁରି ଦୁର୍ଗା, ଗାୟତ୍ରୀ କର ଏବଂ ମିନାକ୍ଷୀ କରଙ୍କୁ ଇନରହ୍ୱିଲ୍ ପରିବାରରେ ସାମିଲ କରାଯାଇଥିଲା। ସେବା ପ୍ରତି ନିରନ୍ତର ପ୍ରତିବଦ୍ଧତା ଦେଖାଇ ଆସିଥିବାରୁ ବାରଡୋଲର ପିପ୍ଲିପାଲିର +୩ ଛାତ୍ରୀ ଲିଲି ବିଶିଙ୍କୁ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ତାଙ୍କ ଶିକ୍ଷା ପାଇଁ ସାହାଯ୍ୟ ବାବଦକୁ ପ୍ରତିବର୍ଷ ୫୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ଏକ ମୁଖ୍ୟ ଆକର୍ଷଣ ଥିଲା ମୁଖ୍ୟ ଅତିଥି ମମତା ପୁରୋହିତଙ୍କ ଦ୍ୱାରା କ୍ଲବ୍‌ର ବାର୍ଷିକ ବୁଲେଟିନ୍ 'ଏକତା'ର ଆନୁଷ୍ଠାନିକ ପ୍ରକାଶନ। ଏହା ଗତ ବର୍ଷ ମଧ୍ୟରେ କ୍ଲବ୍‌ର ସଫଳତା, ସେବା ପ୍ରକଳ୍ପ ଏବଂ ସ୍ପନ୍ଦନଶୀଳ ଯାତ୍ରାକୁ ପ୍ରଦର୍ଶିତ କରିଥିଲା। ସମଗ୍ର କାର୍ଯ୍ୟକ୍ରମକୁ କୋମଳ ଅଗ୍ରୱାଲ ପରିଚାଳନା କରିଥିଲେ।




## ଡାକଘର ଯୋଜନା ସମ୍ବନ୍ଧୀୟ କର୍ମଶାଳା



ଅତାବିରା,୨୩।୭ (ସମିସ): ସମ୍ବଲପୁର ମୁଖ୍ୟ ଡାକଘର ଅଧୀନସ୍ଥ ଟାମ୍ପରସରା ଡାକଘର ଅଧୀନରେ ବହୁମୁଖୀ ଡାକସେବା ଯୋଜନା ସମ୍ବନ୍ଧୀୟ କର୍ମଶାଳା ତଳିଟାମ୍ପରସରା ଗାଁରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରାଜକିଶୋର ଛନ୍ଦଙ୍କ ଅଧ୍ୟକ୍ଷତାରେ ସମ୍ବଲପୁର ସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ଅଧିକାରୀ ଆଶିଷ ବାଗ, ରୂପେଶ ବାଗ, ସରୋଜ ବସ୍ତିଆ ଓ ଅଜୟ ପ୍ରଧାନ ପ୍ରମୁଖ ଭାରତୀୟ ଡାକସେବାର ବିଭିନ୍ନ ସେବା ଓ ଜମା ଯୋଜନା ଉପରେ ଆଲୋଚନା କରିଥିଲେ। ଟାମ୍ପରସରା ଡାକଘର ଏକ ସର୍ବପୁରାତନ ଡାକଘର। ଏହା ଇଂରେଜ ଅମଳରେ କଲିକତା ମୁଖ୍ୟ କାର୍ଯ୍ୟାଳୟରୁ ରାଣୀ ଭିକ୍ଟୋରିୟାଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ୫୦ ବର୍ଷ ଆଗରୁ ଏହି ଡାକଘରର ଜମା ଓ ଉଠାଣ ଉପରେ ତତ୍କାଳୀନ ଡାକ କର୍ମଚାରୀ ଅନିୟମିତତା କରି ଟଙ୍କା ହଡପ କରି ଫେରାର ହୋଇଯାଇଥିଲେ। ଏଥିପ୍ରତି ଲୋକଙ୍କ ଭୟ ଥିବାରୁ ତାକୁ ଦୂର କରିବା ସହ ସଂପ୍ରତି ବୈଷୟିକ ଯୁଗରେ ଏପରି ଘଟଣା ଆଉ ସମ୍ଭବ ନୁହେଁ ବୋଲି ଅଧିକାରୀ ମାନେ ପ୍ରତିଶ୍ରୁତି ଦେଇଥିଲେ। ଏହାର ଦିନକ ପୂର୍ବରୁ ଟାମ୍ପରସରା ଗାଁରେ ଏକ ଶୋଭାଯାତ୍ରା ମଧ୍ୟ ହୋଇଥିଲା। ଟାମ୍ପରସରା ଡାକ ଶାଖା ଅଧିକାରୀ ମଧୁସ୍ମିତା ପୁହାଣ ସହ ନରେନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରତୀକ୍ଷା ପତି, ରୁଷୁବ ପତି, ସାର୍ଥକ ମାଝି, ରତ୍ନାକର ସାହୁ ଜସଟି ସ୍ୱାତି, ରାଧାଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସ୍ୱୟଂସହାୟକ ଗୋଷ୍ଠୀ ସହ ଗ୍ରାମବାସୀ ଉପସ୍ଥିତ ଥିଲେ। ଶେଷରେ ନରେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଆୟୁର୍ବେଦ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ପାଇକମାଳ,୨୩।୭ (ସମିସ): ପାଇକମାଳ ବ୍ଲକ୍ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନର ମିଟିଂ ହଲରେ ମଙ୍ଗଳବାର ପାଇକମାଳ ପୁଲିସ ତରଫରୁ



ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଏଥିରେ ପ୍ରିନ୍ସପାଲ ଜଗବନ୍ଧୁ ମିଶ୍ର ସଭାପତିତ୍ୱ କରି ଥିଲେ। ଅତିଥି ଭାବେ ପାଇକମାଳ ଥାନା ଅଧିକାରୀ କୈଳାଶ ଚନ୍ଦ୍ର ପ୍ରଧାନ, ଏସଆଇ ବୀଣା ତୀର୍କୀ, ଡ.ନଳିନୀ ଦାଶ, ପରିଚାଳନା କମିଟି ସମ୍ପାଦକ ଓକିଲ ମନୋଜ ତ୍ରିବେଦୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସାଇବର କ୍ରାଇମ ଅପରାଧ, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନ୍ୟାୟ ଅଧିନିୟମ, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ବିଶେଷକରି ପୁଅ ଝିଅ ମାନେ କିପରି ଯୌନ ଲାଳସାରେ ଠକ ମାନଙ୍କ ଶିକାର ହେଉଛନ୍ତି ସେନେଇ ବିଷଦ ଭାବେ ବୁଝାଇଥିଲେ। ଆୟୁର୍ବେଦ ମହାବିଦ୍ୟାଳୟର ଅନେକ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ। ଶେଷରେ ଡ.ଅଭିରାମ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

## ଆପ୍ରାଇଜ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ପକ୍ଷରୁ ଚାରାରୋପଣ



ବରଗଡ଼,୨୩।୭ (ସମିସ): ବରଗଡ଼ର ଅଗ୍ରଣୀ ମହାବିଦ୍ୟାଳୟ ଆପ୍ରାଇଜ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଶ ସୁରକ୍ଷା ତଥା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭେଡେନ ରୋଡର ରାସ୍ତାକଡରେ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଥିଲା। ଦେବଦାରୁ, କୃଷ୍ଣଚୂଡ଼ା, ଆମ୍ବ, ନିମ୍ବ ଆଦି ଚାରାରୋପଣ ହୋଇଥିଲା। ବିଦ୍ୟାଳୟର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ.ମୁକୁନ୍ଦ ଦାଶ ସଚେତନ କରିବା ସହିତ ରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଆପ୍ରାଇଜ ଗ୍ରୁପ୍‌ର ଅଧ୍ୟକ୍ଷ ଇଂ.ଜଗଦିଶ ଚନ୍ଦ୍ର ବେହେରା ୨ ମାସ ପର୍ଯ୍ୟନ୍ତ ଏହି ସଚେତନତା କାର୍ଯ୍ୟକ୍ରମ କରିବା ସହିତ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ କହିଥିଲେ।

## ଅଡିଟୋରିୟମ ପାଇଁ କେନ୍ଦ୍ର ଖଣି ମନ୍ତ୍ରୀଙ୍କୁ ସାଂସଦଙ୍କ ଦାବି

ଝାରସୁଗୁଡ଼ା,୨୩।୭ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗରରେ ଅଡିଟୋରିୟମ ସହିତ ଏକ କଳା, ସଙ୍ଗୀତ ଏବଂ ନୃତ୍ୟ ପ୍ରତିଷ୍ଠାନ କେନ୍ଦ୍ର ଖୋଲିବା ପାଇଁ ବରଗଡ଼ ସାଂସଦ ଦାବି କରିଛନ୍ତି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଏନେଇ ଗତ ୧୯ ତାରିଖରେ କେନ୍ଦ୍ର ଖଣି ମନ୍ତ୍ରୀ ଜି କିଶନ ରେଡ୍ଡୀଙ୍କୁ ଚିଠି ଲେଖିଥିଲେ। ଦିଲ୍ଲୀରେ ଖଣି ମନ୍ତ୍ରୀଙ୍କୁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ସାକ୍ଷାତ କରି ସଂଗୀତ ନାଟକ ଏକାଡେମୀ ସହଯୋଗରେ ଓଡ଼ିଶାର ବ୍ରଜରାଜନଗରରେ ୧୫୦୦ ରୁ ୨୦୦୦ କ୍ଷମତା ବିଶିଷ୍ଟ ଅଡିଟୋରିୟମ ସହିତ କଳା, ସଙ୍ଗୀତ ଏବଂ ନୃତ୍ୟ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ଅନୁରୋଧ କରିଛନ୍ତି।



# ଝାରସୁଗୁଡ଼ାରେ ସୁବ୍ରତ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଝାରସୁଗୁଡ଼ା,୨୩।୭ (ସମିସ):

ଝାରସୁଗୁଡ଼ା ସ୍ଥିତ ୨ୟ ଓଏସ୍ଏପି ମିନି ଷ୍ଟାଡିୟମରେ ବୁଧବାର ସିଆଇଏସସିଇ ସ୍କୁଲ ସମୂହର ୧୭ ବର୍ଷ ବାଳକ ବୟସ ବର୍ଗର ସୁବ୍ରତ କପ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଝାରସୁଗୁଡ଼ା ସେନଟ୍ ଥୋମାସ ସ୍କୁଲର ଅଧ୍ୟକ୍ଷା ଶିବା ଡାନିଏଲ୍, ଉପ ଅଧ୍ୟକ୍ଷକ ନବୀନ ଏସ.ଡାନିଏଲ, ସିଆଇଏସସିଇ ସମ୍ପାଦକ ସିଷ୍ଟର ସେଲଭି, ପର୍ଯ୍ୟବେକ୍ଷକ ଅର୍ଣ୍ଣବରାୟ ମଞ୍ଚାସୀନ ଥିଲେ। ପ୍ରଥମ ଲିଗ ମ୍ୟାଚ୍ ନର୍ଥୱେଷ୍ଟ ଓ ତେଲେଙ୍ଗାନା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ରେ ତେଲେଙ୍ଗାନା ୨-୦ ଗୋଲରେ ବିଜୟୀ ହୋଇଥିଲା। ପ୍ୟାରେଡ ପଡିଆରେ ୨ୟ ମ୍ୟାଚ୍ ଝାଡଖଣ୍ଡ ଓ କର୍ଣ୍ଣାଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସେଥିରେ ଝାଡଖଣ୍ଡ ୧-୦ ଗୋଲରେ ବିଜୟୀ ହୋଇଥିଲା। ୩ୟ ମ୍ୟାଚ୍ ଉତ୍ତରାଖଣ୍ଡ ଓ ଛତିଶଗଡ ମଧ୍ୟରେ ଅନୁଷ୍ଠିତ ହୋଇ ଉତ୍ତରାଖଣ୍ଡ ୧-୦ ଗୋଲରେ ବିଜୟୀ ହୋଇଥିଲା। ୪ର୍ଥ ମ୍ୟାଚ୍‌ରେ ମହାରାଷ୍ଟ୍ର ୨-୦ ଗୋଲରେ ୟୁପିକୁ ହରାଇ ବିଜୟୀ ହୋଇଥିଲା। ୫ମ ମ୍ୟାଚ୍‌ରେ ଏପି ଓ ତେଲେଙ୍ଗାନା ପରସ୍ପରକୁ ଗୋଲ୍ ଦେଇ ନପାରି ଉଭୟ ଦଳ ସମାନ ଅଙ୍କ ପାଇଥିଲେ। ୬ଷ୍ଠ ମ୍ୟାଚ୍‌ରେ ବେଙ୍ଗଲ ଓ କର୍ଣ୍ଣାଟକ ମଧ୍ୟରୁ କର୍ଣ୍ଣାଟକ ୩-୦ ଗୋଲରେ ବିଜୟୀ ହୋଇଥିଲା। ଶେଷ ମ୍ୟାଚ୍ କେରଳ ଓ ଓଡ଼ିଶା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେରଳ ୫-୦ ଗୋଲରେ ବିଜୟୀ ହୋଇଛି। ଗୁରୁବାର ୨ୟ ରାଉଣ୍ଡ ଖେଳ ଅନୁଷ୍ଠିତ ହେବ।




**CENTRAL UNIVERSITY OF ODISHA, KORAPUT**
(Established Under the Central Universities Act, 2009)
Dept. of Higher Education, Ministry of Education, Govt. of India
NAD, Sunabeda, Dist-Koraput, Odisha. PIN-763004
Website: www.cuo.ac.in

**ADMISSION NOTIFICATION FOR M.SC. IN BIODIVERSITY AND CONSERVATION OF NATURAL RESOURCES**

Activity Schedule :

| | |
|---|---|
| Date & Time for Reporting: | 28.07.2025 (9.30 AM to 10:30 AM) |
| Date & Time for Document Verification | 28.07.2025 (10.30 AM to 11:30 AM) |
| Date & Time for Entrance Examination | 28.07.2025 (11.30 AM to 12.30 PM) |
| Date & Time for Publication of Result & Merit List | 28.07.2025 (by 2.30 PM) |
| Date & Time for Admission | 28.07.2025 (2.30 PM onwards) |

For more details please visit our website(s): www.cuo.ac.in
For any query: Contact No. 9439185655 / 9668887305 / 8144744270
Email: admission@cuo.ac.in
Sd/-
Controller of Examinations



# ଛାତ୍ରୀଙ୍କ ସୁରକ୍ଷା ଦାବିରେ ଅଣ୍ଟା ଭିଡ଼ିଲେ ଛାତ୍ର ସଂଗଠନ

ଭୁବନେଶ୍ୱର, ୨୩।୭ (ସମିସ): ବର୍ତ୍ତମାନ ସମୟରେ ରାଜ୍ୟରେ ତଥା ବାଲେଶ୍ୱର, ବଲଙ୍ଗା, ଗୋପାଳପୁର, ଜଗତସିଂହପୁରରେ ଛାତ୍ରୀମାନଙ୍କ ଉପରେ ହୋଇଥିବା ନିର୍ଯାତନା, ଦୁଷ୍କର୍ମ, ଗଣଦୁଷ୍କର୍ମରେ ଜଡିତ ଅପରାଧୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଦୁଃଖଦ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ତଥା ଛାତ୍ରୀଙ୍କ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନେଇ ନ ଥିବା ବ୍ୟକ୍ତିମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ କରିବା, ଶିକ୍ଷାନୁଷ୍ଠାନର ବାହାରେ ଓ ଭିତରେ ଛାତ୍ରୀମାନଙ୍କ ନିରାପତ୍ତାକୁ ସୁନିଶ୍ଚିତ କରିବା ଆଦି ପ୍ରମୁଖ ଦାବିରେ ଏଆଇଡିଏସଓ, ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ରାଜ୍ୟ ସଚିବାଳୟ ସମ୍ମୁଖରେ ବିଶାଳ ଛାତ୍ର ବିକ୍ଷୋଭ ହୋଇଛି । ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ହଜାର ହଜାର ଛାତ୍ରଛାତ୍ରୀ ଉପରୋକ୍ତ ଦାବିକୁ ନେଇ ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରା ରାଜମହଲ ଛକରୁ ସଚିବାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା । ଛାତ୍ର ବିକ୍ଷୋଭ ସ୍ଥଳରେ ଏଆଇଡିଏସଓ ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ସଭାପତି ସୋମନାଥ ବେହେରା, କେନ୍ଦ୍ରୀୟ ପରିଷଦର ଅନ୍ୟତମ ଯୁଗ୍ମ ସମ୍ପାଦକ ସମର ମହାତୋ, ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରନେତାମାନେ ନିଜର ବକ୍ତବ୍ୟ ରଖିଥିଲେ । ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରାଙ୍କ ନେତୃତ୍ୱରେ ରାଜ୍ୟ ଉପ-ସଭାନେତ୍ରୀ ନିରୂପମା ବେହେରା, କୋଷାଧ୍ୟକ୍ଷା ସପ୍ତର୍ଶିନୀ ରାଉଳ, ସମ୍ପାଦକ ମଣ୍ଡଳୀ ସଦସ୍ୟ ହରେକୃଷ୍ଣ ଦାସ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀରେ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟର ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ପାଖରୁ ସଂଗୃହିତ ଦସ୍ତଖତ ସମ୍ବଳିତ ଦାବି ପତ୍ର ପ୍ରଦାନ କରିଥିଲେ ।

## ଗର୍ଜିଲା ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ




ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ କଠୋର ଦଣ୍ଡ ବିଧାନ, ବଲଙ୍ଗା ଛାତ୍ରୀ ପୋଡିରେ ସମସ୍ତ ଆସାମୀଙ୍କୁ ତୁରନ୍ତ ଗିରଫ ସହ ରାଜ୍ୟରେ ସର୍ବତ୍ର ଘଟି ଚାଲିଥିବା ଦୁଷ୍କର୍ମ, ଗଣଦୁଷ୍କର୍ମ, ହତ୍ୟା, ଶିକ୍ଷାନୁଷ୍ଠାନରେ ଯୌନ ଶୋଷଣ ଓ ମାନସିକ ନିର୍ଯାତନା ଆଦି ଦାବିରେ ଆଜି ରାଜ୍ୟ ସଚିବାଳୟ ସମ୍ମୁଖରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ବିକ୍ଷୋଭ ପ୍ରଦର୍ଶନ କରିଛି । ସୌମ୍ୟାଶ୍ରୀଙ୍କ ଦୁଃଖଦ ମୃତ୍ୟୁର ୧୦ ଦିନ ବିତି ଯାଇଥିଲେ ମଧ୍ୟ ସମସ୍ତ ଅପରାଧୀଙ୍କୁ ଗିରଫ କରାଯାଇନାହିଁ । ଅନ୍ୟପକ୍ଷରେ ବଲଙ୍ଗା ଘଟଣା ସମେତ ବହୁ ଘଟଣା ପ୍ରତିଦିନ ଘଟି ଚାଲିଛି ଯାହାକି ରାଜ୍ୟର ସାଧାରଣ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି । ସଙ୍ଗଠନର ରାଜ୍ୟ ସଭାନେତ୍ରୀ ସ୍ୱୟଂପ୍ରଭା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି ରାଜ୍ୟରେ ଛାତ୍ରୀ ଓ ମହିଳାମାନଙ୍କ ନିରାପତ୍ତାହୀନ ସ୍ଥିତି ସମ୍ପର୍କରେ ଅତ୍ୟନ୍ତ ଉଦ୍‌ବେଗ ପ୍ରକାଶ କରିବା ସହ ସମଗ୍ର ନାରୀ ସମାଜ ଏହି ସମସ୍ୟା ବିରୁଦ୍ଧରେ ଲଢେଇ ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକ, ସୁଲୋଚନା ପ୍ରଧାନ, ତରଙ୍ଗିଣୀ ଦାସ, ବିଜୟଲକ୍ଷ୍ମୀ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିକ୍ଷୋଭ ସ୍ଥଳରୁ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

## ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧନା ଉତ୍ସବ



ଭୁବନେଶ୍ୱର, ୨୩।୭ (ସମିସ): ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିଙ୍କୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି ସମ୍ବର୍ଦ୍ଧିତ କରିଛନ୍ତି । ବୁଧବାର ରାଜଭବନରେ ନ୍ୟୁ ଅଭିଷେକ ହଲ୍ ଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ବିଜେତା, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା, ଆନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜେତା ଏବଂ ୨୦୨୪ ମସିହା ଇଣ୍ଡିଆନ୍ ସିଭିଲ୍ ସର୍ଭିସ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ରାଜ୍ୟର କୃତୀ ପ୍ରତିଭା ତଥା ସେମାନଙ୍କ ପିତାମାତାଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ରାଜ୍ୟର ପ୍ରଥମ ମହିଳା ଶ୍ରୀମତୀ ଜୟଶ୍ରୀ କମ୍ଭମ୍‌ପାଟିଙ୍କ ସମେତ ରାଜ୍ୟପାଳଙ୍କ ସଚିବ ରୂପା ରୋଶନ ସାହୁ, ରାଜଭବନର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଶେଷରେ ବିଭିନ୍ନ ବର୍ଗର କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷ ସେମାନଙ୍କର ପ୍ରେରଣାଦାୟକ ଅଭିଜ୍ଞତା ବାଣ୍ଟିଥିଲେ । ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

## ଅଦିନିଆ ରଥଯାତ୍ରାକୁ ବିରୋଧ

ଭୁବନେଶ୍ୱର, ୨୩।୭ (ସମିସ): ଧଉଳି ପାହାଡ଼ ନିକଟ ଭୌରଙ୍ଗେଶ୍ୱର ମନ୍ଦିରରେ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଦିନିଆ ରଥଯାତ୍ରା, ଅଦିନିଆ ସ୍ନାନ ଯାତ୍ରା କରିବା ଘଟଣାକୁ ବିରୋଧ କରିବା ସହ ସଭାରେ ନିନ୍ଦା କରାଯାଇଥିଲା । ଟ୍ରଷ୍ଟ ପକ୍ଷରୁ ବର୍ତ୍ତମାନ ସମାଜର ଧାର୍ମିକ ପରିସ୍ଥିତିକୁ ନେଇ ଏକ ନୂତନ ବହି ଶ୍ରୀ ଜଗନ୍ନାଥ ମନ୍ତ୍ର ଓ ସ୍ତୋତ୍ର ପ୍ରସ୍ତୁତ କରାଯାଇଛି । ଭଗବାନ ଚୈତନ୍ୟ ଓ ଶ୍ରୀକୃଷ୍ଣଙ୍କ ସମ୍ପର୍କ, କଳିଯୁଗରେ ଶ୍ରୀଜଗନ୍ନାଥ ସଂସ୍କୃତି ଆଦି ବିଷୟରେ ଆଲୋଚନା ହୋଇଥିଲା । ଟ୍ରଷ୍ଟ ପକ୍ଷରୁ ଆଗାମୀ ଦିନରେ ଓଡ଼ିଶାରେ ଜଗନ୍ନାଥ ସଂସ୍କୃତିର ବ୍ୟାପକ ପ୍ରଚାର ଓ ପ୍ରସାର ଦିଗରେ ପ୍ରୟାସ କରାଯିବ ବୋଲି ସୂଚନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବ୍ୟକ୍ତି ବିଶେଷଙ୍କୁ ଶ୍ରୀ ଜଗନ୍ନାଥ ସଂସ୍କୃତି ରକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସମ୍ପାଦକ ଭଗବାନ ଦାସ ଓ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଡ. ନାରାୟଣ ମହାପାତ୍ର, ସୁରେଶ କୁମାର ମିଶ୍ର ଏବଂ ଅନ୍ୟମାନଙ୍କ ସଂଯୋଜନାରେ ଏକ ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଜଗନ୍ନାଥ ସହସ୍ର ନାମ, ଗୀତ ଗୋବିନ୍ଦ ପଠନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ।

## କଲ୍ୟାଣ ଅଭିଯାନ ଟ୍ରଷ୍ଟ ପକ୍ଷରୁ ଚାରାରୋପଣ

ଭୁବନେଶ୍ୱର, ୨୩।୭ (ସମିସ): କଲ୍ୟାଣ ଅଭିଯାନ ଟ୍ରଷ୍ଟ ପକ୍ଷରୁ ବୁଧବାର ଭିଏସ୍‌ଏସ୍ ନଗର ସାଇବର ଥାନା ପାଖ ପଡ଼ିଆରେ ଚାରାରୋପଣ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁବନେତା ତଥା ସମାଜସେବୀ ଡ. ପ୍ରକାଶ ତ୍ରିପାଠୀ ଯୋଗଦେଇ କଲ୍ୟାଣ ଅଭିଯାନ ଟ୍ରଷ୍ଟର ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ । ସମ୍ମାନିତ ଅତିଥି ଭାବେ ଓଡ଼ିଶା ପତ୍ରିକାର ସମ୍ପାଦକ ଚିଦାନନ୍ଦ ଜେନା, ସୌମ୍ୟରଞ୍ଜନ ପ୍ରଧାନ, କଲ୍ୟାଣ ଅଭିଯାନ ଟ୍ରଷ୍ଟ ସଭାପତି ଲିପୁନ କୁମାର ପରିଡ଼ା, ଉପସଭାପତି ଶାଶ୍ୱତ ଅନୁରାଗ ସାହୁ ଓ ଟ୍ରଷ୍ଟର ସାଧାରଣ ସମ୍ପାଦକ ସତ୍ୟପ୍ରଜ୍ଞ ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ସଦସ୍ୟଙ୍କ ସମେତ ସ୍ଥାନୀୟ ଅଞ୍ଚଳର ସର୍ବଜିତ ସାହୁ, ସୋମନାଥ ମଲ୍ଲିକ, ଗଣେଶ୍ୱର ମହାପାତ୍ର, ପବିତ୍ର ମଲ୍ଲିକ, ଦୁର୍ଗାଚରଣ ସାହୁଙ୍କ ସହ ବହୁ ଯୁବକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଚାରାରୋପଣରେ ସହଯୋଗ କରିଥିଲେ ।

## ଇନର୍ ହୁଇଲ୍ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ

ଭୁବନେଶ୍ୱର, ୨୩।୭ (ସମିସ): ଇନର୍ ହୁଇଲ କ୍ଲବ୍, ଭୁବନେଶ୍ୱର କନ୍‌ଫ୍ଲୁଏନ୍ସର ୧୬ ତମ ବାର୍ଷିକ ଅଧିଷ୍ଠାନ ଉତ୍ସବ ଏକ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଇନ୍‌ର ହୁଇଲ ଜିଲ୍ଲା ୩୨୬ର ଅଧ୍ୟକ୍ଷ ମଧୁସ୍ମିତା ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ୨୫-୨୬ ବର୍ଷ ପାଇଁ ନୂତନ୍ ବୋର୍ଡ ସଭ୍ୟାମାନଙ୍କୁ ଅଧିଷ୍ଠିତ କରାଯାଇଥିଲା । ନୂତନ ସଭାପତି ଭାବେ ଜୟନ୍ତୀ କର, ସମ୍ପାଦିକା କାବେରୀ ମହାପାତ୍ର ଓ କୋଷାଧ୍ୟକ୍ଷ ସଞ୍ଜୁକ୍ତା ସାଗରିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ଏଡ଼ିଟର ସୁଖଭିନ୍ଦର୍ କୌରଙ୍କ ଦ୍ୱାରା 'ପ୍ଲାବନି' ଉନ୍ମୋଚିତ ହୋଇଥିଲା । କ୍ଲବ୍ ତରଫରୁ ଜ୍ୟୋତି ଅଗ୍ରୱାଲା ମଞ୍ଚ ପରିଚାଳନା କରିଥିବା ବେଳେ ସରିତା ମିଶ୍ର ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୫୦ରୁ ଅଧିକ ବିଭିନ୍ନ ଇନର୍ ହୁଇଲ କ୍ଲବ୍ ସଦସ୍ୟାମାନେ ଯୋଗ ଦେଇଥିଲେ । ବିଦାଇ ସଭାପତି ଦିପ୍ତିମୟୀ ସେନାପତି ଓ ତାଙ୍କ ଟିମ୍ ସଦସ୍ୟମାନଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲା ।

## ଆଉଟରିଚ୍ ପକ୍ଷରୁ ଜାତୀୟ ପ୍ରସାରଣ ଦିବସ

● ଲୋକାର୍ପଣ ହେଲା ରେଡିଓ ଭୁବନେଶ୍ୱର ୮୯.୨ ଏଫଏମ୍



ଭୁବନେଶ୍ୱର, ୨୩।୭ (ସମିସ): ଆଉଟରିଚ୍ ପକ୍ଷରୁ ଜାତୀୟ ପ୍ରସାରଣ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଲୋକାର୍ପଣ ହୋଇଛି ନୂଆ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ଭୁବନେଶ୍ୱର ୮୯.୨ ଏଫଏମ୍ । ଆଉଟରିଚ୍ ରେଡିଓ ନେଟୱର୍କର ଅଧ୍ୟକ୍ଷ ସୁବ୍ରତ କୁମାର ପତିଙ୍କ ପୌରୋହିତ୍ୟରେ ଜୟଦେବ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଖ୍ୟାତ ଲୋକନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଉତ୍ସବ ଚରଣ ଦାସ, ରେଡ଼ିଓ ବ୍ୟକ୍ତିତ୍ୱ ତଥା ବର୍ଷିଆନ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ସୁନାମଧନ୍ୟ ଓଡିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି, ହକି ଇଣ୍ଡିଆର ସଭାପତି ତଥା ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲ୍ଲୀପ ତିର୍କୀ ଓ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଖ୍ୟାତିସମ୍ପନ୍ନ ନ୍ୟୁରୋସର୍ଜନ ପଦ୍ମଶ୍ରୀ ଡ. ଅଶୋକ ମହାପାତ୍ର ଅତିଥି ଭାବେ ଯୋଗଦେଇ ରେଡିଓ ଭୁବନେଶ୍ୱରକୁ ଲୋକାର୍ପିତ କରିଥିଲେ । ରେଡିଓ ଭୁବନେଶ୍ୱରର ସିଗନେଚର ଟ୍ୟୁନକୁ ଅତିଥି ମାନେ ପ୍ରସାରଣ କରିବା ସହ ଔପଚାରିକ ରେଡ଼ିଓ ପ୍ରସାରଣ ଆରମ୍ଭ ହୋଇଥିଲା । ତେବେ ୧୯୨୭ ମସିହା ଆଜିର ଦିନରେ ରେ ବମ୍ବେ ସହରରେ ପ୍ରଥମ ରେଡ଼ିଓ ପ୍ରସାରଣ ଆରମ୍ଭ ହୋଇଥିଲା । ଏହାକୁ ମନେ ରଖିବାକୁ ପ୍ରତିବର୍ଷ ୨୩ ଜୁଲାଇକୁ ଜାତୀୟ ପ୍ରସାରଣ ଦିବସ ଭାବରେ ପାଳନ କରାଯାଏ । ସେହିକ୍ରମରେ ଆଉଟରିଚ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମ୍ୟୁନିଟି ମିଡ଼ିଆ ଏକ୍ସପର୍ଟ ତଥା ଆଉଟରିଚର ପରାମର୍ଶଦାତା ଏନ୍‌ଏ ଶାହ ଆନସାରୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ରେଡିଓ ଭୁବନେଶ୍ୱରର ଉପସ୍ଥାପକ ପାର୍ଥସାରଥୀ ମହାନ୍ତି ମଞ୍ଚ ସଞ୍ଚାଳନ କରିଥିଲେ ଏବଂ ରେଡିଓ ଜକି ଲିପ୍ସା ଦାଶ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ସଂସ୍କୃତି ବିଭାଗ ସହଯୋଗରେ ନୃତ୍ୟପ୍ରଭା ଡ୍ୟାନ୍ସ ଏକାଡେମୀର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

### ବିଦ୍ୟୁତ୍ ତାର ଛିଣ୍ଡି ୯ ଗାଈ ମୃତ୍ୟୁ ଘଟଣା

## କ୍ଷତିପୂରଣ ଦାବିରେ ରାସ୍ତାରୋକ



ଯାଁଲା, ୨୩।୭ (ସମିସ) ମଙ୍ଗଳବାର ବିଳମ୍ବିତ ରାତିରେ ତଳଖେତା ଛକ ରାଧାଚରଣପୁରୁ ଠାରେ ବିଦ୍ୟୁତ ତାର ଛିଡି ପଡ଼ିବାରୁ ୯ଟି ଗାଈଙ୍କ ମୃତ୍ୟୁ ହୋଇଥିଲା । ଏହି ଘଟଣାକୁ ନେଇ ବୁଧବାର ରାଧାଚରଣପୁର ଗ୍ରାମରେ ପ୍ରବଳ ଉତେଜନା ସୃଷ୍ଟି ହେବା ସହ ରାସ୍ତା ରୋକ ହୋଇଥିଲା । ପ୍ରାୟ ଏକ ଘଣ୍ଟା କାଳ ଇନଫୋଭ୍ୟାଲି ରାସ୍ତାରୋକ କରିଥିଲେ ସ୍ଥାନୀୟ ଲୋକ । ମୃତ ଗାଈ ମାନଙ୍କ ପାଇଁ କ୍ଷତିପୂରଣ ଓ ଏକ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର ଦାବିରେ ଉତ୍ତ୍ୟକ୍ତ ଲୋକେ ବିଦ୍ୟୁତ କର୍ମଚାରୀଙ୍କୁ ଘେରିଥିଲେ । ଖବର ପାଇ ଇନଫୋଭ୍ୟାଲି ଥାନା ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ । ଏବଂ ବିଦ୍ୟୁତ୍ ବିଭାଗର ଅଧିକାରୀ ଲୋକଙ୍କ ଦାବି ଉପରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା ଏବଂ ରାସ୍ତା ରୋକ ହଟିଥିଲା ।

**ବିପଦପୂର୍ଣ୍ଣ ବିଦ୍ୟୁତ ଖୁଣ୍ଟ ସ୍ଥାନାନ୍ତର ପାଇଁ ସ୍ଥାନୀୟ ଲୋକଙ୍କ ଦାବି**

**ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କୁ ଅଟକ ରଖିଲେ ଲୋକେ**

ପ୍ରକାଶ ଥାଉ କି ଗତକାଲି ରାତିରେ ଖୋର୍ଦ୍ଧାରୁ ଆସିଥିବା ୩୩ କେଭି ବିଦ୍ୟୁତ୍ ଲାଇନରେ କୌଣସି ତ୍ରୁଟି ହେବାରୁ ରାଧାଚରଣପୁରସ୍ଥିତ ଜଙ୍କସନ ଜଳିଥିଲା । ରାସ୍ତା ଉପରେ ଜନ ବସତି ପାଖରେ ଥିବା ଜଙ୍କସନ ଭୟଙ୍କର ଭାବେ ଜଳିବାରୁ ପାଖରେ ଥିବା ଏକ ବିଦ୍ୟୁତ ତାର ଛିଣ୍ଡି ଯାଇଥିଲା । ଛିଡା ତାର ନିକଟସ୍ଥ ଏକ ଗାଈ ଗୋଠ ପାଖରେ ପଡ଼ିବାରୁ ୯ଟି ଗାଈଙ୍କ ମୃତ୍ୟୁ ଘଟିଥିଲା ଏବଂ ଗୋପାଳକ ଗୋଲକ ବେହେରା ଆହତ ହୋଇଥିଲେ । ରାତି ଅଧରେ ଏତେବଡ ଅଘଟଣ ଘଟିଲା ଅଥଚ ବିଭାଗୀୟ ଯନ୍ତ୍ରୀଙ୍କ ଦେଖା ନ ଥିଲା । ଏହାକୁ ନେଇ ଲୋକମାନଙ୍କ ଭିତରେ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଥିଲା । ଲୋକମାନେ ଗୋରୁମାନଙ୍କ ମୃତଦେହ ଉଠାଇ ନ ଥିଲେ । ବିଦ୍ୟୁତ ବିଭାଗୀୟ ଅଧିକାରୀ ଘଟଣା ସ୍ଥଳକୁ ନାସିବାରୁ ଆଜି ସକାଳୁ ବିଭାଗୀୟ ଯନ୍ତ୍ରୀ ଓ କର୍ମଚାରୀମାନେ ସେଠାରେ ପହଞ୍ଚିଥିଲେ । ଉତ୍ତ୍ୟକ୍ତ ଲୋକେ ସେମାନଙ୍କୁ ଘେରିଯାଇ ଅଟକ ରଖିଥିଲେ । ମୃତ ଗାଈମାନଙ୍କ ବାବଦରେ କ୍ଷତି ପୂରଣ ଦେବାକୁ ଦାବି କରିଥିଲେ । ଏହା ସହ ଇନଫୋଭ୍ୟାଲି ରାସ୍ତାକୁ ଅବରୋଧ କରିଥିଲେ । ଇନଫୋଭ୍ୟାଲି ଥାନା ପୁଲିସ ଓ ବିଦ୍ୟୁତ ବିଭାଗ ଅଧିକାରୀ ପହଁଚିବା ପରେ ଏକ ଆପୋଷ ଆଲୋଚନା ହୋଇଥିଲା । ଗୋପାଳକଙ୍କୁ ୫ ହଜାର ଟଙ୍କା କ୍ଷତିପୂରଣ ଦିଆଯାଇଥିଲା ।

## 'ନିସ୍' ଶିକ୍ଷାନୁଷ୍ଠାନର ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ

ଭୁବନେଶ୍ୱର, ୨୩।୭ (ସମିସ): ମଦନପୁରସ୍ଥିତ ନିସ୍ ହାୟର ସେକେଣ୍ଡାରୀ ସ୍କୁଲର ନବାଗତ ବିଜ୍ଞାନ ଓ ବାଣିଜ୍ୟର ଛାତ୍ରଛାତ୍ରୀମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସ୍ୱାଗତ ଉତ୍ସବରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. ସୁଭାଷ ଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ଉନ୍ନତମାନର ଶିକ୍ଷାଗ୍ରହଣ କରିବା ସହିତ କିପରି ସେମାନଙ୍କର ଉନ୍ନତ ଭବିଷ୍ୟତ ଗଠନ କରିପାରିବେ ତାହା ତାଙ୍କ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ । ଉକ୍ତ ଉତ୍ସବରେ ଅନୁଷ୍ଠାନର ସହ ପ୍ରତିଷ୍ଠାତ୍ରୀ ପ୍ରଫେସର ସ୍ମୃତିସୁଧା ନାୟକ, ଉପାଧ୍ୟକ୍ଷ ପ୍ରଫେସର ଇନ୍ଦ୍ରଜିତ ଦାସ, ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ, କୋଅର୍ଡିନେଟର ପ୍ରଫେସର ସ୍ମୃତିରଞ୍ଜନ ନାୟକ, ବଟନି ବିଭାଗର ମୁଖ୍ୟ ପ୍ରଫେସର ରାଜଲକ୍ଷ୍ମୀ ବଳିୟାରସିଂହଙ୍କ ସମେତ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗର ଅଧ୍ୟାପିକା ପ୍ରଫେସର ପୂର୍ଣ୍ଣିମା ମିତ୍ର ମଞ୍ଚ ପରିଚାଳନା କରିଥିଲେ । ନବାଗତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଏକ ଶପଥ ପାଠର ଆୟୋଜନ କରାଯାଇଥିଲା । ପରିଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।






ରବୀନ୍ଦ୍ର ମଣ୍ଡପରେ ଅନ୍ତର୍ଜାତୀୟ ସମ୍ବଲପୁରୀ ମହୋତ୍ସବ

## ମୋନା ଭୁବନେଶ୍ୱର ସାଙ୍ଗଠନିକ କାର୍ଯ୍ୟକାରୀ କମିଟି ଗଠିତ



ନନ୍ଦନକାନନ, ୨୩।୭ (ସମିସ): ଆଗାମୀ ଦିନରେ ମଦମୁକ୍ତ ଓଡ଼ିଶା ଗଠନନେଇ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ସୁଦୃଢ କରିବା ଏବଂ ଆନ୍ଦୋଳନକୁ ତୀବ୍ର ଓ ତ୍ୱରାନ୍ୱିତ କରିବା ପାଇଁ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ମୋନା ରାଜ୍ୟ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ବୈଠକରେ ମୋନାର ସଭାପତି ସ୍ୱାଧୀନତା ସଂଗ୍ରାମୀ ବର୍ଷିଆନ ଗାନ୍ଧିବାଦୀ ନେତା ପଦ୍ମ ଚରଣ ନାୟକଙ୍କ ଅଧ୍ୟକ୍ଷତା କରିଥିବା ବେଳେ ଏକ ୭ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଗଲା । ଦୁଷ୍ମନ୍ତ କୁମାର ଜେନାଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ଚୟନ କରାଯାଇଛି । ଉପ ସଭାପତି ଭାବେ ଗୀତାଞ୍ଜଳି ସ୍ୱାଇଁ, ଗୀତାଞ୍ଜଳି ଦଳେଇ, ସମ୍ପାଦକ ଭାବେ ଦୁର୍ଗା ପ୍ରସାଦ ସାହୁ, ସଂଯୋଜକ ଭାବେ ଦୁର୍ଗା ପ୍ରସାଦ ଦାଶ, ମେଡିଆ ସଂଯୋଜକ ଭାବେ ଅରୁଣ ସ୍ୱାଇଁଙ୍କୁ କାର୍ଯ୍ୟନିର୍ବାହ କରିବାକୁ ଉପସ୍ଥିତ ମୋନାର ପ୍ରମୁଖ ସଦସ୍ୟମାନେ ଚୟନ କରିଥିଲେ । ଏହି ବୈଠକରେ ମୋନାର ରାଜ୍ୟ ପ୍ରମୁଖମାନଙ୍କ ମଧ୍ୟରେ ରାଜ୍ୟ କାର୍ଯକାରୀ ସଭାପତି କାହ୍ନୁ ଚରଣ ବେହୁରା, ଅର୍ଜୁନ ଚରଣ ସାମନ୍ତରାୟ, ମଳୟ ତ୍ରିପାଠୀ, ଶୁଭେନ୍ଦୁ ରାଉତରାୟ, ସତ୍ୟନାରାୟଣ ମିଶ୍ର, ଖଗେଶ୍ୱର ବଳ, ସତ୍ୟନାରାୟଣ ସାମନ୍ତସିଂହାର ଉପସ୍ଥିତ ଥିଲେ ।

## ବିଦେଶରେ ବଢୁଛି ପୌରାଣିକ ବାଦ୍ୟ ପୁସ୍ତକର ଆଦର

ଭୁବନେଶ୍ୱର, ୨୩।୭ (ସମିସ): ବର୍ତ୍ତମାନ ସମୟରେ କେବଳ ଓଡିଆ ନୁହଁ ବରଂ ବିଦେଶରେ ମଧ୍ୟ ଓଡ଼ିଶାର ପୌରାଣିକ ଗାଥା ଏବଂ ବାଦ୍ୟର ଇତିହାସ ସଂକ୍ରାନ୍ତ ବହି ଆଦର ପାଉଛି । ପୂର୍ବରୁ ଯେଉଁଭଳି ଓଡ଼ିଶୀକୁ ବିଦେଶୀ ପସନ୍ଦ କରୁଥିଲେ ସେହିଭଳି ଏବେ ପ୍ରାଚୀନ ସଙ୍ଗୀତ ଏବଂ ବାଦ୍ୟକୁ ଆଦରୁ ଥିବା ଦେଖିବାକୁ ମିଳୁଛି ।



କଥାଟି ହେଲା ଓଡ଼ିଶାର ପୌରାଣିକ ଗାଥା, ଇତିହାସ, ନୃତ୍ୟ, ସଙ୍ଗୀତ ଏବଂ ବାଦ୍ୟକୁ ବିଦେଶୀମାନେ ଆପଣେବାରେ ଲାଗିଲେଣି । ସମୟସହ ସେଠାରେ ରହୁଥିବା ବିଦେଶୀମାନେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ଶିଖୁଥିବାର ଦେଖିବାକୁ ମିଳିଲାଣି । ସେହିପରି ଏବେ ପ୍ରାଚୀନ ବାଦ୍ୟରେ ମଧ୍ୟ ସେମାନେ ରୁଚି ରଖିଲେଣି । ପୌରାଣିକ ବାଦ୍ୟ ଏବଂ ସେ ସମ୍ପର୍କିତ ଲିଖିତ ପୁସ୍ତକ ସେମାନେ ଓଡ଼ିଶାରୁ ମଗାଇ ପଢୁଛନ୍ତି । ଯାହାର ଉଦାହରଣରେ ତବଲା ବିଭାଗର ଅବସରପ୍ରାପ୍ତ ଅଧ୍ୟାପକ ଏବଂ ସେଥିରେ ନିଜ ଗବେଷଣା ଜାରି ରଖିଥିବା ବିନୋଦ ବିହାରୀ ରାଉତ କୁହନ୍ତି, ତାଙ୍କ ଦ୍ୱାରା ହଜିଯାଇଥିବା ପୂର୍ବକାଳର ସେହି ତ୍ରିପୁଷ୍କର ବାଦ୍ୟକୁ ପୁନଃ ପ୍ରସ୍ତୁତି କରିଛନ୍ତି । ଦୀର୍ଘ ୧୦ ବର୍ଷ କାଳ ଗବେଷଣା ପରେ ସେ ଏହାକୁ ପ୍ରସ୍ତୁତ କରିଛନ୍ତି ।

**ବିଦେଶୀ ପସନ୍ଦ କରୁଛନ୍ତି ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଓ ବାଦ୍ୟ**

ଏହା ସହ ସେ ସମ୍ବନ୍ଧରେ ଏକ ପୁସ୍ତକ ପ୍ରସ୍ତୁତ କରି ସେଥିରେ ତାର ପ୍ରସ୍ତୁତି ଏବଂ ଇତିହାସର ବିଷୟରେ ଉଲ୍ଲେଖ କରିଛନ୍ତି । ଯାହା ବଜାରରେ ମିଳିବା ସହ ବିଦେଶକୁ ମଧ୍ୟ ବିକ୍ରି ପାଇଁ ଯାଉଛି । କେବଳ ସେହି ବହି ନୁହଁ ବରଂ ଓଡ଼ିଆ ଓ ଇଂରାଜୀରେ ତାଙ୍କ ଲିଖିତ ମୋଟ ୮ଟି ବହି ପ୍ରକାଶ ପାଇଥିବା ବେଳେ ସେସବୁ ବିଦେଶରେ ଭଲ ବିକ୍ରି ହେଉଛି । ଯେଉଁଥିରେ ତବଲା ଶିକ୍ଷା, ସଙ୍ଗୀତରେ ତାଲିମ୍ ରିୟାଜ, ତାଳ ବିନୋଦ, ତାଳ ପ୍ରଜ୍ଞା, ତାଳ ତୃପ୍ତି ଆଦି ବହି ଅନ୍ତର୍ଭୁକ୍ତ । ଏସବୁ ବହି କେବଳ ଭାରତ ନୁହଁ ବରଂ ଜର୍ମାନ, ଜାପାନ, ଅଷ୍ଟ୍ରେଲିଆ, ୱାଶିଙ୍ଗଟନ୍, ଆମେରିକା ଆଦି ସ୍ଥାନକୁ ଅର୍ଡର ଅନୁଯାୟୀ ବିକ୍ରି ହେଉଛି । କବେଳ ସେହିସବୁ ବହି ନୁହଁ ବରଂ ଓଡିଶୀ ସଙ୍ଗୀତ, ନୃତ୍ୟ ଆଦିର ବହିକୁ ବି ସେଠାରେ ପସନ୍ଦ କରୁଥିବା ସେ କହିଛନ୍ତି । ଯେଉଁମାନେ ଏଠାକୁ କୌଣସି କାର୍ଯ୍ୟକ୍ରମ ପାଇଁ କିମ୍ବା ବୁଲିବାକୁ ଆସୁଛନ୍ତି ସେମାନେ ମଧ୍ୟ ହାତରେ ଖଣ୍ଡେ ଖଣ୍ଡେ ବହି କିଣି ନେଇ ଯାଉଛନ୍ତି । ତେଣୁ ଓଡ଼ିଶାର ଇତିହାସ, ନୃତ୍ୟ, ବାଦ୍ୟ ଓ ସଙ୍ଗୀତ କେବଳ ଆମ ରାଜ୍ୟରେ ସିମୀତ ହୋଇରହି ନାହିଁ । ଅନଲାଇନ ସୁବିଧା ହେବାପରେ ଏହାର ବିକ୍ରି ବଢ଼ିଛି ବୋଲି ସେ କହିଥିଲେ ।



## ପାଣିରେ ପଡ଼ିଛି ସରକାରୀ ଅର୍ଥ

# କାମରେ ଆସୁନି ଆବର୍ଜନା ପରିଚାଳନା ୟୁନିଟ୍

**ବଲାଙ୍ଗିର, ୨୩।୭ (ସମିସ)**

ବଲାଙ୍ଗିର ଜିଲ୍ଲାରେ ସ୍ୱଚ୍ଛ ଭାରତ ମିଶନର ଅସ୍ୱଚ୍ଛ ଚିତ୍ର ସାମ୍ନାକୁ ଆସିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଅନୁଦାନ ଖର୍ଚ୍ଚ କରାଯାଇଛି ସତ କିନ୍ତୁ ତାହା ନା ଲୋକଙ୍କ କାମରେ ଆସୁଛି ନା ଯେଉଁ ଲକ୍ଷ ନେଇ ଏହା କରାଯାଇଛି ତାହା ସାଧିତ ହୋଇପାରିଛି। ଏମିତିରେ ବଲାଙ୍ଗିର ଜିଲ୍ଲାରେ କୋଟି କୋଟି ଟଙ୍କା ପାଣିରେ ପଡ଼ିଥିବା ଅଭିଯୋଗ ହୋଇଛି। ଏହି ଯୋଜନା ଅଧିନରେ ପ୍ରତି ପଞ୍ଚାୟତରେ ଆବର୍ଜନା କୁଣ୍ଡ, ଘର ଘର ବୁଲି ଆବର୍ଜନା ସଂଗ୍ରହ ପାଇଁ ତିନି ଚକିଆ ସାଇକଲ ଓ ଅନ୍ୟ ବ୍ୟବସ୍ଥା, ନଳକୂପ ଚାରିପଟେ ସୋକ୍‌ପିଟ ନିର୍ମାଣ ଭଳି କାମ କରାଯାଇଥିଲା। କିନ୍ତୁ ତାହାର ବର୍ତ୍ତମାନ ଅବସ୍ଥା ନକହିବା ଭଲ। ଅନେକ ଆବର୍ଜନା କୁଣ୍ଡରେ ଆଜି ପର୍ଯ୍ୟନ୍ତ ପଡ଼ିଥିନ ଜରି ଟିଏ ବି ପଡ଼ିନାହିଁ। ଅନେକ କୁଣ୍ଡରୁ ଇଟା ଆଜବେଷ୍ଟସ ଗାୟବ ହୋଇଯାଇଥିବା ବେଳେ କିଣାଯାଇଥିବା ତିନି ଚକିଆ ଆବର୍ଜନା ସଂଗ୍ରହ ସାଇକଲର କିଛି ପତ୍ତା ନାହିଁ। ବଲାଙ୍ଗିର ଜିଲ୍ଲା)ରେ ପଞ୍ଚାୟତସ୍ତରରେ ସ୍ୱଚ୍ଛ ଭାରତ ଅଭିଯାନ ସାଜିଛି ସୁନା ଅଣ୍ଡା ଦିଆ। କୁକୁଡ଼ା। ଏହି ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ। ଆସୁଥିବା ଟଙ୍କାକୁ ପଞ୍ଚାୟତସ୍ତରରେ କିଛି ସରପଞ୍ଚ, ନିର୍ବାହୀଅଧିକାରୀ, ଯନ୍ତ୍ରୀ ଓ କିଛି ଠିକାଦାର ମିଶି ହଜମ କରିଦେଉଥିବା ଅଭିଯୋଗ ହୋଇଛି। ଏହି ଯୋଜନାରେ କେଉଁ ବାବଦକୁ କେତେ ଖର୍ଚ୍ଚ ହେଲା, କରାଯାଇଥିବା



କାମରମାନ ଯାଞ୍ଚ କରାଯାଉନଥିବା ବେଳେ ସମସ୍ତେ ଭାଗବାଣ୍ଟି ଯୋଜନା ଟଙ୍କାକୁ ହଡପ କରୁଥିବା ସଙ୍ଗିନ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲାରେ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଯୋଜନାରେ ସିଏସସି, ନଳକୂପ ଲିବ ପିଟ, ଗୋଷ୍ଠୀ ସଂଯୁକ୍ତ ପିଟ, ଆବର୍ଜନା ପୃଥକିକରଣ କୁଣ୍ଡ, ଗ୍ରାମ୍ୟ ପ୍ଲାଷ୍ଟିକ ଆବର୍ଜନା ପରିଚାଳନା କେନ୍ଦ୍ର ବା ଏମଆରଏଫ ନିର୍ମାଣ କରାଯାଇଥିବା ବେଳେ ଘର ଘର ବୁଲି ଆବର୍ଜନା ସଂଗ୍ରହ ପାଇଁ ତିନି ଚକିଆ ସାଇକଲ କିଣାଯାଇଥିଲା। ଏହି ସବୁ ନିର୍ମାଣ ଓ ସାଇକଲର ବର୍ତ୍ତମାନ ସ୍ଥିତି କଣ ତାହା ବିଭାଗୀୟ ଅଧିକାରୀ ମଧ୍ୟ ସୂଚନା ଦେବାରେ ବିଫଳ ହୋଇଛନ୍ତି। ହସ୍ତଗତ ହୋଇଥିବା ରିପୋର୍ଟ ଅନୁସାରେ ଜିଲ୍ଲାରେ ଥିବା ୧୪ ବ୍ଲକ, ୩୧୭ ପଞ୍ଚାୟତ ର ୧୭୪୨ ଗ୍ରାମରେ ସ୍ୱଚ୍ଛ ଭାରତ ମିଶନ ଯୋଜନା ଟଙ୍କା ଖର୍ଚ୍ଚ କରାଯାଇଛି। ଗାଁ ମାନଙ୍କରେ ଥିବା ନଳକୂଅ ଚାରିପଟ ସଫା କରିବା ସହ ତାହାର କଂକ୍ରିଟକରଣ ଓ ଉକ୍ତ କଂକ୍ରିଟକୁ ଲାଗି ଏକ ସୋକପିଟ ନିର୍ମାଣ କରାଯାଇଥିଲା। ଫଳରେ ଆବର୍ଜନା ଓ ପାଣି ସେହି ସୋକ୍‌ପିଟରେ ପଡ଼ିବ ରାସ୍ତାରେ ବହିବ ନାହିଁ। ଜିଲ୍ଲାର ୧୧ ହଜାର ୧୭ ଟି ନଳକୂଅ ପିଟ ନିର୍ମାଣ କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଛି। ସେହିପରି ଗୋଷ୍ଠୀ ଅନୁସାରେ କିଛି ପରିବାରକୁ ନେଇ ସଂଯୁକ୍ତ ଗୋଷ୍ଠୀ ସକପିଟ ନିର୍ମାଣ କରାଯାଇଥିଲା। ଜିଲ୍ଲାରେ ୧୨୮୬ ଏହିଭଳି ପିଟ ନିର୍ମାଣ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଏହି ସବୁ ସକପିଟ ଗୁଡିକର କୌଣସି ସ୍ଥାୟିତ୍ୱ ନାହିଁ।କେବଳ କାମ ଚଳାଇବା ଓ ଟାର୍ଗେଟ

### ସଫେଇ ଓ ସୋକ୍‌ପିଟ ନିର୍ମାଣରେ ଅନିୟମିତତା

ପୁରାଇବା ପାଇଁ ନିମ୍ନମାନର କାମ କରି ଟଙ୍କା ଉଠାଯାଇଥିବା ବେଳେ ତାହା କୌଣସି କାମରେ ଲାଗୁନାହିଁ। ସେହିପରି ପ୍ରତି ପଞ୍ଚାୟତରେ ଆବର୍ଜନା ପୃଥକିକରଣ ପାଇଁ ଗୋଟିଏ ଲେଖାଏଁ ଆବର୍ଜନା ପୃଥକିକରଣ କୁଣ୍ଡ ନିର୍ମାଣ କରାଯାଇଥିଲା। ଜିଲ୍ଲାର ୩୧୭ ପଞ୍ଚାୟତରୁ ୨୯୪ପଞ୍ଚାୟତରେ ନିର୍ମାଣ ହୋଇଛି ସତ କିନ୍ତୁ ତାହା କିଛି କାମରେ ଲାଗୁନଥିବା ଦେଖିବାକୁ ମିଳିଛି। ଆଜିଯାଏଁ ଗୋଟିଏ ପଲିଥିନ ବ୍ୟାଗ ଆବର୍ଜନା ବି ସେଠାରେ ପଡ଼ିନଥିବା ଦେଖିବାକୁ ମିଳିଛି। ସେହିପରି ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ଗ୍ରାମୀଣ ପ୍ଲାଷ୍ଟିକ ଆବର୍ଜନା ପରିଚାଳନା ୟୁନିଟ୍ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ଏହିଭଳି ୟୁନିଟ୍ ୧୦ଟି ରହିଥିବା ବେଳେ ଏହାର କାମ କଣ, କେଉଁ କେଉଁ ସ୍ଥାନରେ ଏହା ନିର୍ମାଣ କରାଯାଇଛି ତାହା କାର୍ଯ୍ୟକ୍ଷମ ଅଛି ନା ନାହିଁ ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ ମଧ୍ୟ କହିପାରୁନାହାନ୍ତି। ଏହି ନିର୍ମାଣକେନ୍ଦ୍ର ଗୁଡିକର ଆଜବେଷ୍ଟସ, ଇଟା ଚୋରି ହୋଇ ସାରିଥିବା ବେଳେ ନାମକୁ ମାତ୍ର ଟଙ୍କା ଖର୍ଚ୍ଚ କରାଯାଇଥିବା ଅଭିଯୋଗ ହୋଇଛି। ସେହିପରି ଘର ଘର ବୁଲି ଆବର୍ଜନା ସଂଗ୍ରହ କରିବା ପାଇଁ ଗୋଟିଏ ଲେଖାଏଁ ତିନି ଚକିଆ ସାଇକଲର ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଏବେ ଏହି ସାଇକେଲ କେଉଁଠି ଅଛି, ବର୍ଜନା ସଂଗ୍ରହ ହେଉଛି ନା ନାହିଁ ତାହା କହିବା ମୁସ୍କିଲ। ଏହିଭଳି ଭାବେ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ କାମନକରି କିଛି ଠିକାଦାର, ସରପଞ୍ଚ, ପଞ୍ଚାୟତ କର୍ମଚାରୀ ଓ କନିଷ୍ଠ ଯନ୍ତ୍ରୀମାନେ ଫାଇଦା ନେଇଥିବା ଅଭିଯୋଗ ହୋଇଛି।ଏହି ଯୋଜନାରେ ଜିଲ୍ଲାରେ ଏକ ବଡ ଧରଣର ଅନିୟମିତତା ହୋଇଥିବା ବେଳେ ଏହାର ଭିଜିଲାନ୍ସସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି।

## ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲା; ଯୁବକ ଗିରଫ

**ରାଉରକେଲା, ୨୩।୭ (ସମିସ):** ଜଣେ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଘଟଣାରେ ରାଉରକେଲାର ଉଦିତନଗର ପୁଲିସ ଉଦିତନଗର ଥାନା ଅଞ୍ଚଳର ଅଜୟ ଯାଦବ(୨୦) ନାମକ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ପୁଲିସ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ କରୁଛି। ସୂଚନାନୁଯାୟୀ, ଅଭିଯୁକ୍ତ ଅଜୟ ଓ ନାବାଳିକା(୧୭)ଙ୍କ ମଧ୍ୟରେ ୩ ବର୍ଷ ପୂର୍ବେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସମ୍ପର୍କରେ ନିବିଡ଼ତା ବଢ଼ିବା ପରେ ୨୦୨୪ ମସିହାରୁ ଅଜୟ ନାବାଳିକାଙ୍କ ସହ ଏକାଧିକ ଥର ଶାରୀରିକ ସମ୍ପର୍କ ରଖିଥିଲା। ଗତ ଏପ୍ରିଲ ୧୪ ତାରିଖ ଉଭୟେ ଘରୁ ଲୁଚି ଛତିଶଗଡ଼ ପଳାଇଥିଲେ। ଯୁବକ ଜଣକ ଦିନ ମଜୁରିଆ ଭାବେ କାମ କରୁଥିଲା। ମାସକ ପରେ ନାବାଳିକା ଜଣକ ଗର୍ଭବତୀ ହୋଇଥିଲା। ଜୁଲାଇ ପହିଲାରେ ଉଭୟ ସମ୍ବଲପୁର କ୍ଷେତରାଜପୁର ଅଞ୍ଚଳରେ ରହୁଥିବା ଅଜୟଙ୍କ ମାମୁଁ ଦିଲ୍ଲୀପ ଯାଦବଙ୍କ ଘରେ ଆଶ୍ରୟ ନେଇଥିଲେ। ଏପ୍ରିଲ୍ ୧୫ ତାରିଖରେ ନାବାଳିକାଙ୍କ ବାପା ଝିଅ ନିଖୋଜ ଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତନାଘନା ଜାରି ରଖିଥିଲା। ଉଭୟ ସମ୍ବଲପୁରରେ ଥିବା ଜାଣିବା ପରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ଅଜୟକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଅନ୍ଧାରରେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟ; ରୋଗୀ ହନ୍ତସନ୍ତ



**ବଣାଇଁ, ୨୩।୭ (ସମିସ):** ବଣାଇଁ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି। ଫଳରେ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ପରିସର ଅନ୍ଧକାର ହୋଇପଡ଼ିଛି। ରାତି ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇପାରି ନାହିଁ। ଫଳରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀଙ୍କୁ ହଟହଟା ହେବାକୁ ପଡ଼ିଛି। ସେପଟେ ଅନ୍ଧକାର ମଧ୍ୟରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ରୋଗୀଙ୍କୁ ମହମବତୀ ଓ ମୋବାଇଲ ଆଲୁଅର ଭରସାରେ ଚିକିତ୍ସା କରାଯାଉଛି। ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ରୋଗୀମାନେ ଗରମ ଗୁଳୁଗୁଳି ଓ ଅନ୍ଧାରରେ ହନ୍ତସନ୍ତ ହେଉଛନ୍ତି। ବିଦ୍ୟୁତ୍ ସେବା ବ୍ୟାହତ ହେବା ଯୋଗୁଁ ବିଭିନ୍ନ ୟୁନିଟ୍ ମଧ୍ୟ ବନ୍ଦ ହୋଇଯାଇଛି। କେବଳ ଡାକ୍ତରଙ୍କ ଚ୍ୟାମ୍ବରଗୁଡ଼ିକ ଇନଭର୍ଟର୍ ଦ୍ୱାରା ଆଲୋକିତ ଅଛି। ତେବେ ଆଜି ଅପରାହ୍ନରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ଫଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଏହି ସମ୍ପର୍କରେ ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡ଼ଃ ମନୋଜ ପତିଙ୍କୁ ପଚାରିବାରୁ ଗ୍ରୀଡ୍‌ରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଥିବା ଯୋଗୁଁ ସେଭଳି ସମସ୍ୟା ଉପୁଜିଛି ବୋଲି କହିଥିଲେ। ସେହିପରି ଚିକିତ୍ସାଳୟରେ ଥିବା ଉଚ୍ଚ କ୍ଷମତା ସମ୍ପନ୍ନ ଜେନେରେଟର ମଧ୍ୟ ଘଡଘଡି ଯୋଗୁଁ ଅଚଳ ହୋଇପଡ଼ିଛି। ଯାହା ଫଳରେ ସମଗ୍ର ଚିକିତ୍ସାଳୟ ଅନ୍ଧକାର ମୟ ହୋଇଛି। ବର୍ତ୍ତମାନ ବିଭିନ୍ନ ୱାର୍ଡକୁ ଆଲୋକିତ ରଖିବା ପାଇଁ ଚାର୍ଜିଂବଲ ଆଣି ଲଗାଯିବ ବୋଲି କହିଛନ୍ତି।

**ଚିକିତ୍ସାଧୀନ ଅବସ୍ଥାରେ ଜଣେ ରୋଗୀ ମୃତ**

## ଅଭିଷେକଙ୍କୁ ସମ୍ବର୍ଦ୍ଧିତ କଲେ ଏସ୍‌ପି

**ରାଉରକେଲା, ୨୩।୭ (ସମିସ):** ରାଉରକେଲା ପୁଲିସ ବିଭାଗରେ କାର୍ଯ୍ୟରତ ଅଭିଷେକ ପଟ୍ଟନାୟକ ଆମେରିକାର ବର୍ମିଙ୍ଗହୋମଠାରେ ଆୟୋଜିତ ୨୧ତମ ବିଶ୍ୱ ପୋଲିସ ଓ ଫାୟାର ଗେମେସ କରାଟେ ଚାମ୍ପିଅନସିପ୍‌ରେ ଭାରତୀୟ ପୁଲିସକୁ ପ୍ରତିନିଧିତ୍ୱ କରି ଏକ ବ୍ରୋଞ୍ଜ ପଦକ ହାସଲ କରି ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ଅବସରରେ ରାଉରକେଲା ଏସପି ନୀତେଶ ୱାଧୱାନୀ ଅଭିଷେକଙ୍କୁ ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି।



## ଜମା ଟଙ୍କା ଫେରସ୍ତ ପାଇଁ ତହସିଲଦାରଙ୍କୁ ଦାବିପତ୍ର



**ବଙ୍ଗୋମୁଣ୍ଡା, ୨୩।୭ (ସମିସ):** ବଙ୍ଗୋମୁଣ୍ଡା ବ୍ଲକ ଅଞ୍ଚଳର ସାହାରା ଜମାକାରୀମାନେ ଜମା ଟଙ୍କା ଶୀଘ୍ର ପ୍ରଦାନ ଦାବି କରିବା ସହ ଆନ୍ଦୋଳନର ଚେତାବନୀ ଦେଇଥିଲେ। ବଙ୍ଗୋମୁଣ୍ଡା ଅଞ୍ଚଳର ଶହ ଶହ ଜମାକାରୀ ଙ୍କ ଜମା ଟଙ୍କା ବର୍ଷ ବର୍ଷ ପରେ ମଧ୍ୟ ମିଳିନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବଙ୍ଗୋମୁଣ୍ଡା ସରପଞ୍ଚ ଅଜିତ ଯୋଶୀଙ୍କ ନେତୃତ୍ୱରେ ଜମାକାରୀମାନେ ଦାବିପତ୍ର ସ୍ଥାନୀୟ ତହସିଲଦାରଙ୍କୁ ଦେଇଛନ୍ତି। ନିଜର କଷ୍ଟ ଉପାର୍ଜିତ ଟଙ୍କାକୁ ସାହାରାରେ ଜମା କରିଥିଲେ। ବର୍ଷ ବର୍ଷ ପରେ ମଧ୍ୟ ଟଙ୍କା ପାଇ ନଥିବାରୁ କ୍ଷୋଭ ପ୍ରକାଶ କରିବା ସହ ଆଗାମୀ ଦିନରେ ସରକାରୀ କାର୍ଯ୍ୟାଳୟ ଅଚଳ କରିଦେବା ପାଇଁ ଚେତାବନୀ ଦେଇଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ତହସିଲଦାରଙ୍କୁ ଦେଇଛନ୍ତି। ୧୧ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ବଙ୍ଗୋମୁଣ୍ଡା ତହସିଲ କାର୍ଯ୍ୟାଳୟରେ ଅର୍ଥନୈତିକ ଅବରୋଧ କରି ପ୍ରତିବାଦ କରିବା ସହିତ ପରବର୍ତ୍ତୀ ପଦକ୍ଷେପ ନେବାକୁ ବାଧ୍ୟ ହେବୁ ବୋଲି କହିଛନ୍ତି। ଦାବିପତ୍ର ଦେବା ସମୟରେ ପିଣ୍ଟୁ ଦାସ, ମଣ୍ଟୁ ସରାଫ, ପିଣ୍ଟୁ ସାହୁ, ତ୍ରିନାଥ ବାରିକ, ସଞ୍ଜୟ ସାହୁ, ବାଳକୃଷ୍ଣ ଭାଟି, ବୁଦ୍ଧୋ ସା, ଗୋବର୍ଦ୍ଧନ ସା, ଦୈତାରୀ ଯୁଗନିଆ, ରଞ୍ଜନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## ସମସ୍ୟାରେ କଣ୍ଟାବାଞ୍ଜି ଏମ୍‌ସିଏଚ

# ଜିଲ୍ଲା ପ୍ରଶାସନ ଅଣଦେଖାରୁ ଗର୍ଭବତୀ ହନ୍ତସନ୍ତ

**କଣ୍ଟାବାଞ୍ଜି, ୨୩।୭ (ସମିସ):** କଣ୍ଟାବାଞ୍ଜି ଏମ୍‌ସିଏଚରେ ପୁଣି ଅବ୍ୟବସ୍ଥା। ଡାକ୍ତର ନଥିବାରୁ ଏବେ ଗର୍ଭବତୀ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଶତାଧିକ ଗର୍ଭବତୀ ଏବେ ରେଫର ହୋଇ ଅନ୍ୟତ୍ର ଚିକିତ୍ସିତ ହେଉଛନ୍ତି। ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ମୁରିବାହାଲ, ତୁରେକେଲା ଓ ବଙ୍ଗୋମୁଣ୍ଡା ତଥା ଆଖପାଖ ଅଞ୍ଚଳର ଶତାଧିକ ମହିଳା ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ତେବେ ଏମାନଙ୍କୁ ପର୍ଯ୍ୟାପ୍ତ ମାତ୍ରାରେ ସୁରକ୍ଷା ମିଳୁ ନାହିଁ। ଗର୍ଭବତୀଙ୍କ ଦୁଃଖ ଏବେ ଦୁଇଗୁଣ ହୋଇଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୁଇ ଜଣ ସ୍ତ୍ରୀ ଓ ପସୂତି ବିଭାଗର ଡାକ୍ତର ଅଛନ୍ତି। ଦୁଇ ଜଣଙ୍କ ମଧ୍ୟରୁ ଜଣେ ମାସ ସାରା ଛୁଟିରେ ରହୁଥିବା ବେଳେ ଡାକ୍ତରଖାନାରେ ଠିକରେ ନିଜ ଡ୍ୟୁଟି କରୁ ନଥିବା ରୋଗୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଆଉ ଜଣେ ଡାକ୍ତର ବର୍ଷେ ହେଲା ଆସି ଗର୍ଭବତୀଙ୍କୁ ଦେଖୁଛନ୍ତି ସତ ହେଲେ ଗର୍ଭବତୀଙ୍କ ସାଧାରଣ ପ୍ରସବ ଛଡା ଅସ୍ତ୍ରୋପଚାର ପ୍ରସବ କରାଉ ନାହାନ୍ତି। ଫଳରେ ବାଧ୍ୟ ହୋଇ ଗର୍ଭବତୀମାନେ ନିଜେ ନିଜେ ମଧ୍ୟ ରେଫର କରାଇ ଅନ୍ୟତ୍ର ଚିକିତ୍ସିତ ହେଉଛନ୍ତି। ସବୁ ପ୍ରକାରର ସୁବିଧା କଣ୍ଟାବାଞ୍ଜି ଏମ୍‌ସିଏଚରେ ଥିବା ସତ୍ତ୍ୱେ ଅସ୍ତ୍ରୋପଚାର ହେଉ ନାହିଁ। ପୂର୍ବରୁ ଡାକ୍ତର



ଦିଲୀପ ସାହୁ ଥିବା ସମୟରେ ଦିନକୁ ୧୫ ରୁ ୨୦ ଜଣ ଗର୍ଭବତୀଙ୍କୁ ଅସ୍ତ୍ରୋପଚାରରେ ପ୍ରସବ କରାଯାଉଥିଲା। ଏବେ ଜରୁରୀ ପରିସ୍ଥିତି ହେଲେ ଅସ୍ତ୍ରୋପଚାର ହେବା ସମ୍ଭମ ହେଉ ନାହିଁ। ତେବେ ଏଭଳି ସ୍ଥିତିରେ ଜଣେ ଡାକ୍ତର ଭରସାରେ ରୋଗୀ ଆସି ଭର୍ତ୍ତି ହେଲା ପରେ ମଧ୍ୟ ସମସ୍ୟ ଜଟିଳ ହେଲେ ଅନ୍ୟତ୍ର ରେଫର ଯାଉଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନର ଦୃଷ୍ଟି ପଡୁ ନଥିବା ମଧ୍ୟ ରୋଗୀଙ୍କ ପରିଜନ ମହଲରେ ଚର୍ଚ୍ଚା ପାଲଟିଛି। ଜଣେ ଦକ୍ଷ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତରଙ୍କୁ ଆଣି ଦାୟିତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି। ପୂର୍ବରୁ ଥିବା ଡାକ୍ତର ଦିଲିପ ସାହୁଙ୍କୁ ଆଉ ଥରେ କଣ୍ଟାବାଞ୍ଜିରେ ଦାୟିତ୍ୱ ଦିଆଯାଉ ବୋଲି କିଛି ରୋଗୀ ଓ ଆଶା କର୍ମୀ ମଧ୍ୟ ଦାବି ରଖୁଛନ୍ତି। ଜିଲ୍ଲାର ପ୍ରମୁଖ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ହେଉଛି କଣ୍ଟାବାଞ୍ଜି। ଦାଦନ ପ୍ରବଣ ଅଞ୍ଚଳରେ ଅଧିକ ରୋଗୀ ହେଲେ ଅବ୍ୟବସ୍ଥା ଥିବା ଯୋଗୁଁ ହଜାର ହଜାର ରୋଗୀ ହଇରାଣ ହୋଇ ବଲାଙ୍ଗିର, ବୁର୍ଲା, ବରଗଡ଼ ସହରକୁ ଯାଇ ଘରୋଇ ଡାକ୍ତରଖାନାରେ ଖର୍ଚ୍ଚାନ୍ତ ହେଉଛନ୍ତି। ଏହାକୁ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଶୀଘ୍ର ଦୃଷ୍ଟି ଦେଇ ଜଣେ ଦକ୍ଷ ଡାକ୍ତରଙ୍କୁ ଦାୟିତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।ଏନେଇ କଣ୍ଟାବାଞ୍ଜି ମେଡିକାଲ ଅଫିସର ରାକେଶ ପଣ୍ଡିତଙ୍କୁ ପଚାରିବାରୁ ଏହି ଅସୁବିଧାକୁ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଯାଇଛି ବୋଲି କହିଛନ୍ତି।

## ସମସ୍ୟା ଘେରରେ ବାଲିଶଙ୍କରା ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ବାଲିଶଙ୍କରା, ୨୩।୭ (ସମିସ):** ବାଲିଶଙ୍କରା ବ୍ଲକର ଭାଟିପଡ଼ା ଛକ ଠାରୁ ୨ କିଲୋମିଟର ଦୂରରେ ଅବସ୍ଥିତ ବାଲିଶଙ୍କରା ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମସ୍ୟା ଘେରରେ ରହିଛି। ଏଠାରେ ୪୦୦ ରୁ ଅଧିକ ଛାତ୍ରୀ ରହି ପାଠ ପଢ଼ନ୍ତି। ବିଦ୍ୟାଳୟକୁ ଭାଟିପଡ଼ା ପର୍ଯ୍ୟନ୍ତ ସଂଯୋଗ କରୁଥିବା ୨ କିଲୋମଟର ରାସ୍ତା ରାତି ସମୟରେ ପୁରା ଶୂନ୍‌ଶାନ୍ ହୋଇଯାଉଛି। ରାସ୍ତାରେ ଷ୍ଟ୍ରିଟ ଲାଇଟ ମଧ୍ୟ ନାହିଁ। ଫଳରେ ଜରୁରୀ ସମୟରେ ଭାଟିପଡ଼ା ଛକ ପର୍ଯ୍ୟନ୍ତ ଏହି ରାସ୍ତା ଦେଇ ଛାତ୍ରୀମାନେ ଯିବା ଆସିବା କରିବାକୁ ଭୟ କରୁଛନ୍ତି। ପ୍ରଶାସନ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ ଲଗାଇବା ପାଇଁ ଅଭିଭାବକ ଓ ବିଦ୍ୟାଳୟ କମିଟି ଦାବି କରିଛନ୍ତି। ସେହିପରି ପାଠପଢ଼ା ସହ ଖେଳର ଆବଶ୍ୟକ ରହିଛି। ଏହି ବିଦ୍ୟାଳୟରେ ଖେଳ ପଡ଼ିଆ ନଥିବାରୁ ଖେଳ ପ୍ରତି ଛାତ୍ରୀମାନେ ଦୁରେଇ ରହୁଛନ୍ତି। ପାଠପଢ଼ା ସହ ଖେଳ ପ୍ରତି ଛାତ୍ରୀଙ୍କ ଆଗ୍ରହ ବଢ଼ିବା ପାଇଁ ଖେଳ ପଡ଼ିଆର ଆବଶ୍ୟକ ଅଛି। ତେଣୁ ଏଠାରେ ଖେଳ ପଡ଼ିଆ ନିର୍ମାଣ କରିବାକୁ ମଧ୍ୟ ଅଭିଭାବକ ଓ କମିଟି ପକ୍ଷରୁ ଦାବି କରାଯାଇଛି। ଏନେଇ ବାଲିଶଙ୍କରା ବିଡିଓ ଜ୍ୟୋର୍ତିମୟୀ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ଆଗରୁ ଏନେଇ ଅଭିଯୋଗ ନଥିଲା। ଏବେ ଆପଣଙ୍କ ଠାରୁ ଜାଣିବା ପରେ ତୁରନ୍ତ ଏହାର ସମାଧାନ କରାଯିବ ବୋଲି କହିଥିଲେ।

## ଅନ୍ତଃରାଷ୍ଟ୍ରୀୟ କରାଟେ ପ୍ରତିଯୋଗିତା

# ବଲାଙ୍ଗିର କରାଟେ ସ୍କୁଲର ୧୭ ପ୍ରଶିକ୍ଷାର୍ଥୀ ଭାଗ ନେବେ



**ବଲାଙ୍ଗିର, ୨୩।୭ (ସମିସ):** କୋଲକତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ଅନ୍ତଃ ରାଷ୍ଟ୍ରିୟ କରାଟେ ପ୍ରତିଯୋଗିତା ୨୫ ରୁ ୨୭ ଜୁଲାଇ ପର୍ଯ୍ୟନ୍ତ ସର୍ବଭାରତୀୟ ସେଇସିନକାଇ ଶିଟୋରିୟୁ କରାଟେ ସଂଘ ତଥା ବିଶ୍ୱ କରାଟେ ସଂଘର କୋଚ, ଜଜ୍ ଏବଂ ରେଫରୀ ହାଂସି ପ୍ରେମଜିତ ସେନ୍‌ଙ୍କ ନିର୍ଦ୍ଦେଶରେ ଆୟୋଜିତ କରାଟେ ପ୍ରତିଯୋଗିତାରେ ବଲାଙ୍ଗିର କରାଟେ ସ୍କୁଲର ୧୭ଜଣ ପ୍ରତିଯୋଗୀ ଭାଗ ନେବେ। ପ୍ରତିଯୋଗିତାରେ ଭାରତ ଦେଶ ସହିତ ଅନ୍ୟ ୭ ଦେଶର ଖେଳାଳି ମଧ୍ୟ ଭାଗ ନେବେ। ଦଳର ନେତୃତ୍ୱ ଓଡ଼ିଶାର ମୁଖ୍ୟ ପ୍ରଶିକ୍ଷକ ସେନସେଇ ହୃଦୟ ଶବର କରିବେ। ଟିମ୍ ମ୍ୟାନେଜର ରାଜେନ୍ଦ୍ର ବାଗ, ସହକୋଚ ପୁରୁଷୋତ୍ତମ ବାଗ ଓ ରେଖା ମନହିରା ରହିବେ। ପ୍ରତିଯୋଗିତାରେ ୬ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥାନ୍ତି। ପ୍ରତିଯୋଗିତାରେ ବଲାଙ୍ଗିର କରାଟେ ସ୍କୁଲର ସଭାପତି ସଚ୍ଚିଦାନନ୍ଦ ବାଗ, ସହ-ସମ୍ପାଦକ ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠ, କୋଷାଧ୍ୟକ୍ଷ ପ୍ରଦୀପ୍ତ ପ୍ରଭାକର ମୁଗ୍ରୀ, ରବି ବେହେରା, ମାନଗୋବିନ୍ଦ ମେହେର, ମଧୁସୁଦନ ସାହୁ ତଥା ବଲାଙ୍ଗିର ଖେଳ ପ୍ରେମି ତଥା କରାଟେ ସଂଘ ଶୁଭ କାମନା ତଥା ଆଶା ସମସ୍ତ ପ୍ରତିଯୋଗୀ ପଦକ ହାସଲ କରି ବଲାଙ୍ଗିର ଜିଲ୍ଲାକୁ ଅନ୍ତଃରାଷ୍ଟ୍ରୀୟସ୍ତରରେ କରାଟେ ଖେଳରେ ପରିଚିତ କରାଇବା ଆଜି କଲୋକତା ଗସ୍ତ କରିବେ।

## ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ ଓ ସେବାଶ୍ରମ ସ୍କୁଲରେ ବନ ମହୋତ୍ସବ




**କୁତ୍ରା, ୨୩।୭ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କଟଙ୍ଗ ପଞ୍ଚାୟତରେ ଥିବା ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ ଓ କଟଙ୍ଗ ଆଶ୍ରମ ସ୍କୁଲରେ ବନ ମହୋତ୍ସବ ପାଳିତ ହୋଇଛି। ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡଃ ନିତ୍ୟାନନ୍ଦ ବେହେରା ଓ କଟଙ୍ଗ ଆଶ୍ରମ ବିଦ୍ୟାଳୟର ଧରଣୀଧର ଅଡ୍ଡାଙ୍କ ତତ୍ତ୍ୱାବଧାନରେ ବନ ମହୋତ୍ସବ ପାଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜଙ୍ଗଲ ବିଭାଗର ବଡ଼ଗାଁ ବନାଞ୍ଚଳ ପ୍ରଦୀପ ଭୂତୀୟା, ଜ୍ୟୋତ୍ସ୍ନା ମହାନନ୍ଦିଆ ଫରେଷ୍ଟର ତୁଡ଼ାଲଗା, କୁତ୍ରା ଫରେଷ୍ଟର ଜେଭେଲିନ ପଟେଲ, ଇକୋ କ୍ଲବ୍ ରାଜ୍ୟ ସାଧନ କର୍ମୀ ଡଃ ବିଭୀଷଣ ବାରିକ, ତରକେରା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନ, ସରପଞ୍ଚ ପୁଷ୍ପା କେରକେଟା, ଏବିଓ ନିରଞ୍ଜନ ରାଉଳ, ମୀନା କୁମାରୀ ଜେନାଙ୍କ ସମେତ ସମସ୍ତ ସିଆରସିସି ଯୋଗ ଦେଇ ଉଭୟ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ। କଟଙ୍ଗ ଆଶ୍ରମ ସ୍କୁଲରେ ଏକ ସଭା ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ଅତିଥି ବୃନ୍ଦ ନିଜନିଜ ଅଭିଭାଷଣରେ ବୃକ୍ଷର ଉପାଦେୟତା, ଗୋଟିଏ ଗଛ ମା'ଙ୍କ ପାଇଁ ସଂକଳ୍ପ ଉଭୟ କାର୍ଯ୍ୟକ୍ରମକୁ କଟଙ୍ଗ ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂହ ପରିଚାଳନା କରିଥିଲେ। କଟଙ୍ଗ ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷକ ଧନ୍ୟବାଦ ଦେଇଥିଲେ।

## ■ ଛାତ୍ରଙ୍କୁ ମିସ୍ତ୍ରି କାମ କରାଇବା ଭିଡିଓ ଭାଇରାଲ ଘଟଣା

# କାର୍ଯ୍ୟାନୁଷ୍ଠାନ ପାଇଁ ବିଇଓଙ୍କୁ ନିର୍ଦ୍ଦେଶ

**ପାଟଣାଗଡ଼, ୨୩।୭ (ସମିସ)**

ସରକାର ସମସ୍ତ ସ୍କୁଲ ଅଞ୍ଚଳକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଛନ୍ତି। କିନ୍ତୁ ଏହି ନିୟମକୁ ବେଲପଡ଼ା ବ୍ଲକ ଡୁଙ୍ଗୁରିପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷାଦାନ ପାଇଁ ଆସିଥିବା କୋମଳମତି ଛାତ୍ରମାନଙ୍କୁ କରଣି ଧରାଇ ମିସ୍ତ୍ରୀ କାମ କରାଉଥିବାର ଏକ ଭିଡିଓ ଭାଇରାଲ ହୋଇଥିଲା। ଉକ୍ତ ଭାଇରାଲ ଭିଡିଓ ଆଧାରରେ ଗତ ୧୪.୬.୨୫ ରେ 'ସକାଳ' ଶୀର୍ଷକରେ ଦଣ୍ଡମୁକ୍ତ ଅଞ୍ଚଳରେ ଛାତ୍ରଙ୍କୁ ଦଣ୍ଡିତ ଖବର ପ୍ରକାଶିତ ହୋଇଥିଲା।ଉକ୍ତ ଖବରକୁ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗ ଗୁରୁତ୍ୱ ସହ ନେଇ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତେବେ ଉକ୍ତ ମାମଲାର ତଦନ୍ତ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ତୁରନ୍ତ ସମ୍ପୃକ୍ତ ପ୍ରଧାନଶିକ୍ଷକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମଙ୍ଗଳବାର ବେଲପଡ଼ା ବିଇଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଯୋଗ୍ୟ ଯେ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ବେଲପଡ଼ା ବ୍ଲକ ଡୁଙ୍ଗୁରିପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ଏକ କୋଠରୀ କାମ ପାଇଁ ଶିକ୍ଷାଦାନ ପାଇଁ ଆସିଥିବା ସ୍କୁଲର ଛଅ ଜଣ ଛାତ୍ରଙ୍କୁ ପ୍ରଧାନଶିକ୍ଷକ ଶ୍ରମିକ ଭାବେ ନିଯୁକ୍ତ କରି କରଣି ଧରାଇ ସେମାନଙ୍କୁ ମିସ୍ତ୍ରୀ କାମ କରାଉଥିବା ଭାଇରାଲ ଭିଡିଓରେ ଦେଖିବାକୁ ମିଳୁଛି।ସେଥିମଧ୍ୟରୁ ଦୁଇ ଜଣ ଛାତ୍ର କରଣି ଧରି ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବାବେଳେ ଅନ୍ୟ ଚାରିଜଣ ଶ୍ରମିକ ଭାବେ ସିମେଣ୍ଟ ବସ୍ତା ଧରି ଉକ୍ତ ସ୍ଥାନକୁ ନେଉଥିବା ଦେଖିବାକୁ ମିଳୁଛି। ତେବେ ସ୍କୁଲ ପୋଷାକ ପିନ୍ଧିଥିବା ଉକ୍ତ ଛାତ୍ରମାନଙ୍କୁ ଖୋଲାଖୋଲି ଶ୍ରମିକ ଭାବେ ଲଗାଯାଇଥିବା ଘଟଣା ପ୍ରଘଟ ହେବା ପରେ ଅଞ୍ଚଳର ଅବିଭାବକ ତଥା ବୁଦ୍ଧିଜୀବୀ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଆଇନକୁ ବେଖାତିର କରି କୋମଳମତି ଛାତ୍ରମାନଙ୍କୁ କାମ କରାଇବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ସ୍କୁଲ ରାସ୍ତାଦେଇ ଯାଉଥିବା ଜଣେ ସଚେତନ ନାଗରିକ ଛାତ୍ରମାନେ କାମ କରୁଥିବା ଦେଖି ସେହି ସମୟର ଭିଡିଓ ଉତ୍ତୋଳନ କରିଥିଲେ ଓ ଏକ କୋଠରୀ କଲରିଙ୍ଗ କାମ ପାଇଁ ଏହି କାମ କରୁଥିବା ଦୁଇ ଜଣ ଛାତ୍ର ସ୍ପଷ୍ଟଭାବେ କହିଥିବା ଉକ୍ତ ଭିଡିଓରେ ରହିଛି।ଏହି ଘଟଣାରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗଙ୍କୁ ଅବଗତ କରିବା ପରେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

**ସକାଳ ପ୍ରଭାବ**



### ଆଞ୍ଚଳିକ ଉଚ୍ଚଶିକ୍ଷା ବିଭାଗ କରିବ ତଦନ୍ତ

# ଲଇଡ଼ା ଦୂତିକା ସାହୁ କଲେଜ ଅଧ୍ୟକ୍ଷଙ୍କ ବିରୋଧରେ ଅଭିଯୋଗ

**ସମ୍ବଲପୁର, ୨୩।୭ (ସମିସ)**

ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଲଇଡ଼ାସ୍ଥିତ ଦୁତିକା ସାହୁ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ବସନ୍ତ ନାଏକ ଆର୍ଥିକ ଅନିୟମିତତା କରିଥିବା ଏବଂ ତାଙ୍କୁ ବଦଳି ଦାବିରେ ଗତ ୧୮ ତାରିଖ ଲଇଡ଼ା ଅଞ୍ଚଳର ଜନପ୍ରତିନିଧି ମାନେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ, ରେଙ୍ଗାଲି ବିଧାୟକଙ୍କୁ ଜଣାଇଥିଲେ। ଏହି ମାମଲାର ଆଞ୍ଚଳିକ ଉଚ୍ଚଶିକ୍ଷା ବିଭାଗ ତଦନ୍ତ କରିବ ବୋଲି ଜଣାପଡ଼ିଛି। ଏହାପୂର୍ବରୁ ଉକ୍ତ ମହାବିଦ୍ୟାଳୟର ଜଣେ ଅଧ୍ୟାପିକା ଓ ଜଣେ କର୍ମଚାରୀଙ୍କୁ ଧମକଚମକ ଦେଇଥିବା ନେଇ କତରବଗା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ୧୦୭ ସିଆର୍‌ପିସି (୧୨୬ ବିଏନ୍‌ଏସଏସ) ଲାଗୁ କରାଯାଇ ଉଭୟ ପକ୍ଷଙ୍କୁ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ ଅଦାଲତରେ ପକ୍ଷ ରଖିବାସହ ନିୟମ ମୁତାବକ ନିର୍ଦ୍ଦେଶ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଦୂତିକା ସାହୁ ମହାବିଦ୍ୟାଳୟଟି ଉପାନ୍ତ ଅଞ୍ଚଳରେ ଥିବାରୁ ଏହାର ପରିଦର୍ଶନ ନିୟମିତ ହେଉନାହିଁ। ଗତ ୧୪ ତାରିଖ ପରିଚାଳନା କମିଟି (ଗଭର୍ଣ୍ଣିଂ ବଡି) ସଭାପତି ସମ୍ବଲପୁର ସଦର ଉପଜିଲ୍ଲାପାଳ ଡା.




ପୁଷ୍ପାଞ୍ଜଳି ପଣ୍ଡା ଅଚାନକ ଲଇଡ଼ାସ୍ଥିତ ଦୂତିକା ସାହୁ ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ସମୟରେ ସେ ଲୋକାଲ୍ ଫଣ୍ଡ ଅଡିଟ୍ ବିଷୟରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ସଭାପତି ତଥା ଉପଜିଲ୍ଲାପାଳଙ୍କୁ ଜଣାଇନଥିବା ଏବଂ ଅଡିଟର୍ ଦେଇଥିବା ଆପତ୍ତି ଗୁଡ଼ିକର ଅନୁପାଳନ କରାଯାଇନଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ମହାବିଦ୍ୟାଳୟରେ କେତେ ଟଙ୍କା ରହିଛି ଏବଂ କେମିତି ଖର୍ଚ୍ଚ କରୁଛନ୍ତି ତାହା ପଚାରି ବୁଝିବା ସହ କ୍ୟାସ ଆନାଲିସିସ ରେଜିଷ୍ଟାର ସପ୍ତାହକ ମଧ୍ୟରେ ଆଣି ଦେଖାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହା ପରଦିନ ଜୁଲାଇ ୧୫ ତାରିଖ କତରବଗା ଥାନାରେ ଜଣେ ମହାବିଦ୍ୟାଳୟ କର୍ମଚାରୀ ଓ ଜଣେ ଅଧ୍ୟାପିକା ଅଭିଯୋଗ କରିଥିଲେ ଯେ, ୧୪ ତାରିଖ ଅପରାହ୍ଣରେ ଅଧକ୍ଷ ମହାବିଦ୍ୟାଳୟର ଅଧ୍ୟାପକ ଏବଂ କର୍ମଚାରୀଙ୍କ ବୈଠକ ଡାକିଥିଲେ। ବୈଠକରେ ବ୍ୟକ୍ତିଗତ ଓ ଅନୁଷ୍ଠାନର ଆର୍ଥିକ କଥାକୁ କେହି ଜଣେ ଦୁଇଜଣ ବାହାରେ ପ୍ରଘଟ କରୁଥିବାର ଆଲୋଚନା କରିଥିଲେ। ଏଥିରେ ସେ ଜଣେ ଦୁଇଜଣଙ୍କୁ ଇଙ୍ଗିତ କରି ଧମକଚମକ ଦେଇଥିଲେ ବୋଲି ଥାନା ଅଭିଯୋଗରେ ଉଲ୍ଲେଖ କରିଥିଲେ। କତରବଗା ପୁଲିସ ମହାବିଦ୍ୟାଳୟକୁ ଯାଇ ଏହାର ତଦନ୍ତ କରିଥିଲେ। ଏନେଇ ଦଫା ୧୦୭ ଅନୁଯାୟୀ ପଦକ୍ଷେପ ନିଆଯାଇଥିଲା।

ଏହାପରେ ଗତ ୧୮ ତାରିଖ ସମିତିସଭ୍ୟ, ସରପଞ୍ଚ ଆଦି ଜନପ୍ରତିନିଧି ମାନଙ୍କ ସହ ଅଞ୍ଚଳବାସୀ ଭାରପ୍ରାପ୍ତ ଅଧକ୍ଷ ଶ୍ରୀ ନାଏକଙ୍କ ବିରୋଧରେ ଆର୍ଥିକ ଅନିୟମିତତାର ତଦନ୍ତ ଏବଂ ବଦଳି ସକାଶେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଯୋଗ୍ୟ ବ୍ୟକ୍ତି ଥିଲେ ସୁଦ୍ଧା ଗତ ୨୦୧୮ ମାର୍ଚ୍ଚ ୩୧ ତାରିଖରେ ଭାରପ୍ରାପ୍ତ ଅଧକ୍ଷ ପଦକୁ ବସନ୍ତ କୁମାର ନାଏକ ମାଡ଼ିବସିଛନ୍ତି। ମହାବିଦ୍ୟାଳୟରୁ ଲକ୍ଷ ଲକ୍ଷ ଟଙ୍କା ଲୁଟ୍ ହେଉଛି। ସବୁ କ୍ଷେତ୍ରରେ ଆର୍ଥିକ ଅନିୟମିତତା ହେଉଛି। ଗତ ୫ ବର୍ଷ ହେଲା ଅଡିଟ୍ କରୁଥିବା ସଂସ୍ଥା ମଧ୍ୟ ଅଧକ୍ଷଙ୍କୁ କ୍ଲିନ୍‌ଚିଟ୍ ଦେଉଥିବା ସେମାନେ ଅଭିଯୋଗ କରିଛନ୍ତି। ମହାବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ବିଷୟରେ ସେମାନେ ତାଙ୍କ ଅଭିଯୋଗ ପତ୍ରରେ ସବିଶେଷ ବିବରଣୀ ଦେଇଛନ୍ତି। ଅଭିଯୋଗ ପତ୍ରକୁ ଆଞ୍ଚଳିକ ଉଚ୍ଚ ଶିକ୍ଷା ବିଭାଗକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି। ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସବିଶେଷ ତଦନ୍ତ କରାଗଲେ ଅଭିଯୋଗର ପ୍ରକୃତ ସତ୍ୟ ଜଣାପଡ଼ିବ ବୋଲି ଅଞ୍ଚଳବାସୀ ଅଶାପ୍ରକାଶ କରିଛନ୍ତି।

# ୬୧୦ ଫୁଟ୍‌ରେ ପହଞ୍ଚିଲା ହୀରାକୁଦ ଜଳସ୍ତର

**ସମ୍ବଲପୁର, ୨୩।୭ (ସମିସ) :** ହୀରାକୁଦ ଜଳଭଣ୍ଡାରରେ କମୁଛି ପ୍ରବେଶ ଜଳ। ଆଜି ଜଳସ୍ତର ୬୧୦ ଫୁଟ୍ ହୋଇଥିବାବେଳେ ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଗତ ୬ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇ ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ।

ବୁଧବାର ରାତି ୯ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୦ ଫୁଟ୍ ରହିଛି। ନଦୀବନ୍ଧର ବାମପଟର ୩ଟି ଓ ଡାହାଣ ପଟର ଗୋଟିଏ ମୋଟ ୪ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୮୧,୨୨୩ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୯୭,୨୭୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୫୯୪୪୮ ଘନଫୁଟ, ପାୱାର ଚେନାଲ ଦେଇ ୩୩୭୬୮ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩୮୨୨ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୬.୭୯ ମିମି ଏବଂ ତଳମୁଣ୍ଡରେ ୮ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୧୮,୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୪୪,୪୮୦ କ୍ୟୁସେକ୍, ଖଇରମାଲଠାରେ ୧,୫୪,୦୦୦ କ୍ୟୁସେକ୍, ବାରମୁଲଠାରେ ୧,୨୦,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୧,୫୮,୦୬୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ଆଜି ଦୀପଦାନ ସହ ନିରବ ପ୍ରାର୍ଥନା ପାଇଁ ଜିଲ୍ଲା କଂଗ୍ରେସର ନିବେଦନ

**ସମ୍ବଲପୁର, ୨୩।୭ (ସମିସ) :** ଦିବଂଗତ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ଓ ବଳଙ୍ଗା ପିଡ଼ିତାଙ୍କ ଆଶୁ ଆରୋଗ୍ୟ କାମନାକରି ଆସନ୍ତାକାଲି ଜୁଲାଇ ୨୪ ତାରିଖ ସକାଳ ୯ଟାରେ ଦୀପଦାନ ସହ ୧ ମିନିଟ ନୀରବ ପ୍ରାର୍ଥନା କରିବା ପାଇଁ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ଜନସାଧାରଣଙ୍କୁ ନିବେଦନ କରିଛି। ସମସ୍ତ କର୍ମକର୍ତ୍ତା ଓ କର୍ମୀ ପରିବାରସହ ଏକ ମିନିଟ ନୀରବ ପ୍ରାର୍ଥନା କରିବେ। ବିଭିନ୍ନ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟରେ ମଧ୍ୟ ଏହି ନୀରବ ପ୍ରାର୍ଥନା କରିବାପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି। ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟିର ଏକ ଜରୁରୀ ବୈଠକ ଆଜି ସନ୍ଧ୍ୟାରେ କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇଯାଇଛି। ପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱକୁ ଏବଂ କଂଗ୍ରେସ ଦଳକୁ ଅଧିକ ସଂଗଠିତ ଓ ଶକ୍ତିଶାଳୀ କରିବା ନେଇ ଉପସ୍ଥିତ କର୍ମକର୍ତ୍ତାମାନେ ଶପଥ ନେଇଥିଲେ। ନାରୀ ଦୁଷ୍କର୍ମ, ଅତ୍ୟାଚାର ଓ ନିର୍ଯାତନାରେ ୧ ନମ୍ବର ବିଜେପି ସରକାର ବିରୋଧରେ ଆନ୍ଦୋଳନ ଜୋରଦାର କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଜିଲ୍ଲାର ପ୍ରତ୍ୟେକ



ନିର୍ବାଚନ ମଣ୍ଡଳୀରେ ବିଜେପି ସରକାର ବିରୋଧରେ ପ୍ରତିବାଦ ସଭା ଆୟୋଜନ କରାଯିବ। ନାରୀଙ୍କୁ ନ୍ୟାୟ, ପିଡ଼ିତାଙ୍କୁ ନ୍ୟାୟ ଦାବି କରାଯିବ। ଅପାରଗ ମନ୍ତ୍ରୀଙ୍କ ଇସ୍ତଫା ବି ଦାବି କରାଯିବ। ଜିଲ୍ଲା କଂଗ୍ରେସ ପକ୍ଷରୁ ଘରକୁ ଘର ଯିବା କାର୍ଯ୍ୟକ୍ରମ ଅଗଷ୍ଟରୁ ଆରମ୍ଭ ହେବ। ବୈଠକରେ ଦଳର ବିଭିନ୍ନ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଥିଲା। ଜିଲ୍ଲା ସଂଯୋଜକ ଦୁର୍ଗା ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ୱତନ୍ତ୍ର ବୈଠକରେ ରେଙ୍ଗାଲି ବିଧାୟକ ପ୍ରାର୍ଥୀ ଦିଲୀପ ଦୁରିଆ, କୁଚିଣ୍ଡା ବିଧାୟକ ପ୍ରାର୍ଥୀ କେଦାର ବରିହା, ପିସିସି ସଭ୍ୟା ସୁରଞ୍ଜିନୀ ବାରିକ, ନାରୀନେତ୍ରୀ ସୁତପା ମିତ୍ର, ପ୍ରଣତୀ ପଟ୍ଟନାୟକ, କୁମୁଦିନୀ, ଏମ୍‌ଡି ମୁକତାର, ଓବିସି ନେତା କାଳୁ ସ୍ୱାଇଁ, ଦଶରଥ ଦାସ, ଏମ୍‌ଡି ସଲିମ୍, ବାବୁ ଖାଁ, ଗୋବିନ୍ଦ ସାହୁ ପ୍ରମୁଖ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। ଶେଷରେ ବରିଷ୍ଠ କଂଗ୍ରେସ ନେତା ଗୋବିନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**କୁଚିଣ୍ଡା, ୨୩।୭ (ସମିସ):** କୁଚିଣ୍ଡା ଥାନା ଅନ୍ତର୍ଗତ କେଲଡା ଗ୍ରାମର ସ୍ୱର୍ଗତ ଶୁକ୍ରୁ ଭୋଇଙ୍କ ପୁଅ ତୁଷାର ଭୋଇ(୨୬) ବୁଧବାର ପୂର୍ବାହ୍ନରେ ବିଲରେ ସାର ପ୍ରୟୋଗ ପାଇଁ ଯାଇଥିଲେ। କାମ ସାରି ଘରକୁ ଫେରି ସୁବର୍ଣ୍ଣପାଲି ସେଲୁନକୁ ଯାଇ ଖିଅର ହୋଇ ଘରକୁ ଆସି ଶୋଇଥିବା ବେଳେ ସମ୍ପୂର୍ଣ୍ଣ ଚେତାଶୂନ୍ୟ ଓ ମୁହଁରୁ ଫେଣ ବାହାରୁ ଥିବା ଦେଖି ପରିବାର ଲୋକ କୁଚିଣ୍ଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ସନ୍ଦେହରେ କୁଚିଣ୍ଡା ପୁଲିସକୁ ଖବର ଦେଇଥିଲେ। କୁଚିଣ୍ଡା ପୁଲିସ ଶବ ଜବତ କରି କୁଚିଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ବିଲରେ କାମ କଲା ସମୟରେ କୌଣସି ବିଷଧର ସାପ କାମୁଡ଼ି ଦେଇଥାଇ ପାରେ ବୋଲି ପରିବାର ଲୋକ ସନ୍ଦେହ କରୁଛନ୍ତି। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାଯିବ।

## ଦେଶୀ ମଦ ଜବତ, ଜଣେ ଗିରଫ

**ସମ୍ବଲପୁର, ୨୩।୭(ସମିସ):** ସ୍କୁଟିରେ ଦେଶୀ ମଦ ଚୋରାଚାଲାଣ କରୁଥିବା ଅଭିଯୋଗରେ ସମ୍ବଲପୁର ଅବକାରୀ ୧ ପକ୍ଷରୁ ଚଢାଉ କରି ଜଣଙ୍କୁ ଗିରଫ କରିଛି। ସେ ହେଉଛି ଶାସନ ଥାନା ଅନ୍ତର୍ଗତ କୁଦାମୁଣ୍ଡାର ବିଦ୍ୟାଧର ଓରାମ(୨୧)। ଅଭିଯୁକ୍ତ ନିକଟରୁ ୫୦ ଲିଟର ଦେଶୀ ମଦ ସହ ବ୍ୟବହୃତ ହୋଇଥିବା ସ୍କୁଟି(ଓଡି୧୫ଏସ୯୮୭୫) ଜବତ କରାଯାଇଛି। ଅବକାରୀ ସୂଚନା ଟାମ୍ପରକେଲା ନିକଟରେ ଚଢାଉ କରିଥିଲା। ଅଭିଯୁକ୍ତ ନିକଟରୁ ମଦ ବାହାରିଥିବାରୁ ଗିରଫ କରି କୋର୍ଟ ଚାଲାଣ କରିଥିବାରୁ ଅବକାରୀ ବିଭାଗ ସୂଚନା ଦେଇଛି।

## ବୈଷ୍ଣବ ଚରଣ ହୋତାଙ୍କ ପରଲୋକ

**ସମ୍ବଲପୁର, ୨୩।୭(ସମିସ):** ସମ୍ବଲପୁର ଧନୁପାଲି ଭବାନୀଫିଲ୍‌ଡ ନିବାସୀ ତଥା ସମ୍ବଲପୁର ପୌରପରିଷଦର ଅବସରପ୍ରାପ୍ତ କର୍ମଚାରୀ ବୈଷ୍ଣବ ଚରଣ ହୋତାଙ୍କ ବୁଧବାର ସକାଳେ ପରଲୋକ ହୋଇଯାଇଛି।



ମୃତ୍ୟୁବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ସେ ଗତ କିଛିମାସ ହେଲା ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଚିକିତ୍ସାଧୀନ ଥିଲେ। ଆଜି ଅନ୍ତିମ ସମୟରେ ପତ୍ନୀ ତରଙ୍ଗିନୀ, ବଡ଼ପୁଅ ବଳରାମ, ସାନପୁଅ ରାଜାରାମ, ସାନ ପୁତ୍ରବଧୂ ରୀନା ପଣ୍ଡା ଓ ନାତି ସିଦ୍ଧେଶ୍ୱରଙ୍କ ସହ ପରିବାରବର୍ଗ ଉପସ୍ଥିତ ଥିଲେ। ସ୍ଥାନୀୟ ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ବଳରାମ ମୁଖାଗ୍ନି ଦେଇଥିଲେ।

# ଶୁକ୍ରବାର ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଗ୍ରାହକ ଅଭିଯୋଗ ଶିବିର

**ସମ୍ବଲପୁର, ୨୩।୭ (ସମିସ):** ବକେୟା ଥିବା ସମସ୍ତ ବିଦ୍ୟୁତ୍ ବିଲର ସମାଧାନ କରିବାକୁ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଆହ୍ୱାନ କରାଯାଇଛି। ବିଦ୍ୟୁତ୍ ଉପଭୋକ୍ତାଙ୍କ ସମସ୍ୟାର ସ୍ଥାୟୀ ସମାଧାନ ଓ ଗ୍ରାହକ ସେବାକୁ ଅଧିକ ସୁଦୃଢ଼ କରିବା ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଆସନ୍ତା ୨୫ ତାରିଖ ସମ୍ବଲପୁର ପୂର୍ବ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ଭୁତାପଡ଼ାଠାରେ ସକାଳ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏକ ଗ୍ରାହକ ଅଭିଯୋଗ ସମାଧାନ ଶିବିର ଆୟୋଜନ କରାଯାଉଛି। ଶିବିରର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ବିବାଦୀୟ ବିଦ୍ୟୁତ୍ ବିଲ୍ ଏବଂ ଦୀର୍ଘଦିନର ଧରି ପଡ଼ି ରହିଥିବା ବିଦ୍ୟୁତ୍ ସଂଯୋଗ ସମ୍ବନ୍ଧୀୟ ଅଭିଯୋଗର ତ୍ୱରିତ ନିରାକରଣ। ଏହି ପଦକ୍ଷେପ ସ୍ୱଚ୍ଛ ଏବଂ ଗ୍ରାହକ-ଅନୁକୂଳ ସେବା ପ୍ରଦାନ କରିବା ପାଇଁ ଟିପିଡବ୍ଲୁଓଡିଏଲର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହି ଅଭିଯୋଗ ସମାଧାନ ଶିବିରରେ କମ୍ପାନୀର କିଛି ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବେ। ଭୂତପଡ଼ା, ସାକ୍ଷୀପଡ଼ା, ଗୋଲବଜାର, ମାନେଶ୍ୱର, ଧନୁପାଲି, ଧମା, ପଡ଼ିଆବାହାଲ, ସାହସପୁର, ରେଢାଖୋଲ, ହାତୀବାରି, ନାକଟିଦେଉଳ, ରେଙ୍ଗାଲି, ଶାସନ, ପରମାଣପୁର ଏବଂ ଲଇଡା ଆଦି ଅଞ୍ଚଳ ଏବଂ ଏହାର ଆଖପାଖ ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାମାନେ ଶିବିରରେ ଅଂଶଗ୍ରହଣ କରି ସେମାନଙ୍କର ଅଭିଯୋଗ ସମାଧାନ କରିପାରିବେ। କମ୍ପାନୀ ପକ୍ଷରୁ ନିଜର ଅଭିଯୋଗ ତଥା ବିଦ୍ୟୁତ୍ ବିଲ ସମାଧାନ କରିବାକୁ ଅନୁରୋଧ କରାଯାଉଛି।

# ପାଚିକା ନିଯୁକ୍ତି ନେଇ ବିଦ୍ୟାଳୟରେ ତାଲା




**ରେଢ଼ାଖୋଲ, ୨୩।୭ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ତ୍ରିବଣପୁର ପଞ୍ଚାୟତସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ମୁଖ୍ୟ ଗେଟରେ ବୁଧବାର ଦିନ ତାଲା ପକାଇଲେ ବିକଳାଙ୍ଗଙ୍କ ପତ୍ନୀ ସୌଦାମିନୀ ବେହେରା। ବିଦ୍ୟାଳୟରେ ଅସ୍ଥାୟୀ ଭାବରେ ମଧ୍ୟାହ୍ନ ଭୋଜନ ପାଚିକା ଭାବେ ତିନି ମାସ ପୂର୍ବରୁ ରହି କାର୍ଯ୍ୟ ତୁଲାଇ ଆସୁଥିଲେ। କିନ୍ତୁ ବର୍ତ୍ତମାନ ପୁନଃ ନିଯୁକ୍ତି ଦେଇ ମହିଳାଙ୍କୁ ପାଚିକା ପଦରୁ ହଟାଇ ନୂତନ ଭାବରେ ଦୁଇ ଜଣଙ୍କ ସମେତ ଜଣେ ପୂର୍ବରୁ ଥିବା ପାଚିକାଙ୍କୁ ନିଯୁକ୍ତି ଦିଆଯାଇଛି। ମହିଳା ସୌଦାମିନୀଙ୍କ ଦୁଇଟି କନ୍ୟା ସନ୍ତାନ ଏବଂ ସ୍ୱାମୀ ୯୦ ଶତକଡା ଭିନ୍ନକ୍ଷମ ରହିଛନ୍ତି। ସୌଦାମିନୀଙ୍କ ଉପରେ ତାଙ୍କ ପରିବାର ନିର୍ଭରଶୀଳ। ବିଦ୍ୟାଳୟ ଗେଟରେ ତାଲା ପକାଇବାରୁ ସବୁ ଛାତ୍ରଛାତ୍ରୀ ଫାଟକ ବାହାରେ ଛିଡା ହୋଇ ରହିଥିଲେ। ଜାଣିବା ପରେ ବିଦ୍ୟାଳୟକୁ ରେଢ଼ାଖୋଲ ବିଇଓ ପହଁଞ୍ଚିଥିଲେ। ଲୋକଙ୍କ ଉତ୍ତେଜନା ଅଧିକ ଜଟିଳ ହେବାରୁ ରେଢ଼ାଖୋଲ ପୁଲିସ ମଧ୍ୟ ପହଁଞ୍ଚିଥିଲେ। ବିଇଓ ସୌଦାମିନୀଙ୍କୁ ବୁଝାଇବା ପରେ କ୍ଷଣସ୍ଥାୟୀ ଭାବରେ ପାଚିକା ଭାବରେ ରହିବାକୁ ପ୍ରତିଶ୍ରୁତି ଦେଇଥିଲେ। ତା ସହିତ ଏହି ବିଦ୍ୟାଳୟରେ ପୁନଃ ପାଚିକା ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଏହା ଉପରେ ଗୁରୁତର ଭାବେ ଗାଁ ଲୋକ, ପରିଚାଳନା କମିଟି, ଉପରିସ୍ଥ ଅଧିକାରୀ, ପ୍ରଧାନଶିକ୍ଷକଙ୍କୁ ନେଇ ବୈଠକ ପରେ ନୂତନ ଭାବେ ପାଚିକା ଚୟନରେ ପୁନର୍ବାର ଉପଯୁକ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯିବ ବୋଲି ପ୍ରତିକ୍ରିୟା ଦେଇଥିଲେ। ଆସନ୍ତାକାଲି ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ପାଚିକା ପରିବାର ଲୋକେ ଧାରଣାରୁ ଓହରିଥିଲେ।

## ଟ୍ରକ୍ ଧକ୍କାରେ ଅବସରପ୍ରାପ୍ତ ରେଞ୍ଜର ମୃତ, ୨ ଗୁରୁତର

**ରେଢ଼ାଖୋଲ, ୨୩।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବୌଦ୍ଧ ଜାତୀୟ ରାଜପଥ ୧୫୩(ବି) ଖଣ୍ଡହତା ଛକ ନିକଟରେ ବୁଧବାର ଦିନ ଟ୍ରକ୍ ଧକ୍କାରେ ଜଣେ ଅବସରପ୍ରାପ୍ତ ରେଞ୍ଜରଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି। ମୃତକ ରେଢ଼ାଖୋଲ ସହରର ସ୍ଥାନୀୟ ନୂଆସାହିବାସିନ୍ଦା ଅବସରପ୍ରାପ୍ତ ରେଞ୍ଜ ଅଧିକାରୀ ରମେଶ ପ୍ରସାଦ କର୍ଣ୍ଣ ଏବଂ ଗୁରୁତରମାନେ ଲଇଣ୍ଡାମାଲ ଗ୍ରାମରବାସିନ୍ଦା ଯୁବକ ସହଦେବ ମିର୍ଦ୍ଧା ଓ ସୁମନ୍ତ ମୁଣ୍ଡା। ସୂଚନା ଯୋଗ୍ୟ ଯେ ଅବସରପ୍ରାପ୍ତ ରେଞ୍ଜ ଅଧିକାରୀ ରମେଶ ପ୍ରସାଦ କର୍ଣ୍ଣ ବାଇକ୍ ଯୋଗେ କଦଳିଗଡ଼ ଗ୍ରାମରୁ ରେଢ଼ାଖୋଲ ଅଭିମୁଖେ ଆସୁଥିବା ବେଳେ ପଛରୁ ଟ୍ରକ୍ ଆସି ତାଙ୍କୁ ଧକ୍କା ଦେଇଥିଲା। ସେହି ରାସ୍ତାରେ ଅନ୍ୟ ଦୁଇ ଜଣ ବାଇକ୍‌ରେ ସହଦେବ ମିର୍ଦ୍ଧା ଓ ସୁମନ୍ତ ମୁଣ୍ଡା ଆସୁଥିବା ବେଳେ ଉକ୍ତ ଟ୍ରକ୍ ପୁଣି ଉକ୍ତ ଯୁବକ ଦୁଇ ଜଣଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଛି। ସ୍ଥାନୀୟ ଲୋକେ ଉକ୍ତ ତିନି ଜଣଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ଆଣି ଭର୍ତ୍ତି କରିଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଅଧିକ ଗୁରୁତର ଥିବାରୁ ପାଇଁ ତିନି ଜଣଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ରମେଶ ପ୍ରସାଦ କର୍ଣ୍ଣଙ୍କ ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଛି। ଅନ୍ୟ ଦୁଇ ଜଣ ଗୁରୁତର ଅବସ୍ଥାରେ ରହିଛନ୍ତି।

# ବିଜେଡି ଯୁବ ନେତାଙ୍କ ବିୟୋଗରେ ଶୋକସଭା

**ରେଢ଼ାଖୋଲ, ୨୩।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବିଜେଡିର ସକ୍ରିୟ ଯୁବନେତା ତୁଷାରକାନ୍ତ ପ୍ରଧାନଙ୍କ ବିୟୋଗରେ ବିଜେଡି କାର୍ଯ୍ୟାଳୟରେ ରେଢ଼ାଖୋଲ ବିଜେଡି ତରଫରୁ ଏନ୍‌ଏସି ପୂର୍ବତନ ଉପାଧ୍ୟକ୍ଷ ସୁନୀଲ ପ୍ରଧାନଙ୍କ ସଭାପତିତ୍ୱରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ତୁଷାରକାନ୍ତ ପ୍ରଧାନଙ୍କ ଫୋଟ ଚିତ୍ରରେ ଦ୍ୱୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ ପରେ ଅତିଥିମାନେ ସ୍ମୃତି ଚାରଣ କରିଥିଲେ। ତୁଷାରଙ୍କ ଗ୍ରାମ



ଚାରମାଳ ହୋଇଥିବା ବେଳେ ସେ ଜଣେ ସଚ୍ଚୋଟ ଯୁବକ ଥିଲେ। ତାଙ୍କ ଅକାଳ ବିୟୋଗରେ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଶୋକ ପ୍ରକାଶ କରିଛନ୍ତି। ଶୋକ ସଭାରେ ବିଜେଡ଼ି ପୂର୍ବତନ କାଉନସିଲର ଲକ୍ଷ୍ମଣ ପ୍ରଧାନ, କାଉନସିଲର ସୁଧାଂଶୁ ଅମାତ, ବରିଷ୍ଠ ବିଜେଡ଼ି ନେତା ସୁରେନ୍ଦ୍ର ବିଶ୍ୱାଳ, ବିଜେଡ଼ି ଛାତ୍ର ନଗର ସଭାପତି ଶିବଶମ୍ଭୁ ନନ୍ଦ, ପ୍ରଦୀପ ଚାଉଳିଆ, ବଶିଷ୍ଟ ରାଉତ, ଅଶ୍ୱିନୀ ପ୍ରଧାନ, ବଟକିଶୋର ସାହୁ, ଜ୍ଞାନରଞ୍ଜନ ପ୍ରଧାନଙ୍କ ସହ ଯୁବନେତା ଖେଳନିଧି ପ୍ରଧାନ, ଜୟଦେବ ପୃସେଠ, ଦେବବ୍ରତ ରାଉତ, ଦତ୍ତ ବିଶ୍ୱାଳ, ସୁନୀଲ ସାହୁ, ଏମଡି ଜାଫର ଶେଖ, ଆଲୋକ ପ୍ରଧାନ, ବିଜେଡି ମିଡ଼ିଆ ପ୍ରମୁଖ ସଚିନ କୁମାର ପ୍ରଧାନ ପ୍ରମୁଖ ସମେତ ଅନ୍ୟ ବିଜେଡ଼ି କର୍ମୀମାନେ ଉପସ୍ଥିତ ଥିଲେ।

## ଯୁବକଙ୍କ ଆତ୍ମହତ୍ୟା

**ସମ୍ବଲପୁର, ୨୩।୭(ସମିସ):** ସମ୍ବଲପୁର ପୁଲିସ ରଜର୍ଭ କୋଲନୀରେ ଜଣେ ଯୁବକ ବେକରେ କପଡ଼ା ଲଗାଇ ଝୁଲି ପଡ଼ିଛନ୍ତି। ଖବର ପାଇବା ପରେ ଟାଉନ ପୁଲିସ ଉପସ୍ଥିତିରେ ଯୁବକଙ୍କୁ ଉଦ୍ଧାର କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସୂଚନା ଯୋଗ୍ୟ ମୃତକଙ୍କ ଭାବେ ସମ୍ବଲପୁର ସହରରେ ପୁଲିସ ଭାବେ କାର୍ଯ୍ୟରତ ଅଛନ୍ତି। ମାସେ ପୂର୍ବରୁ ପୁଅର ବାହାଘର ହୋଇଥିଲା। କିଛି ଦିନ ପରେ ନବବିବାହିତା ପତ୍ନୀ ତାଙ୍କୁ ଛାଡି ଚାଲିଯାଇଥିଲା। ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟ ବୋଲି ପୁଲିସ କହିଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ନଥିବା ପୁଲିସ କହିଛି।

ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ
ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭାସ୍କର ଚନ୍ଦ୍ର ରାଉତ
ଆବିର୍ଭାବ - ୨୫.୧୨.୧୯୪୩
ତିରୋଧାନ - ୨୪.୦୭.୨୦୨୪
ଯଶୋଟିକିରି, ଭଣ୍ଡାରିପୋଖରୀ, ଭଦ୍ରକ
ବାପା...
ଚାହୁଁ ଚାହୁଁ ବର୍ଷେ ବିତିଗଲା।
ଯେଉଁଠି ଥାଅ ଭଲରେ ଥାଅ
ଆପଣଙ୍କ ନୀତି ଆଦର୍ଶ ଓ ଆଶ୍ରିବାଦ
ସଦାସର୍ବଦା ଆମ ସହିତ ରହିଥାଉ।
ହତଭାଗ୍ୟ
ପତ୍ନୀ - ଶାନ୍ତିଲତା ରାଉତ,
ପୁଅ - ବଦ୍ରୀ ନାରାୟଣ ରାଉତ
୨୨ ନମ୍ବର ଜିଲ୍ଲା ପରିଷଦ ସଭ୍ୟା
ବିରଞ୍ଚିନାରାୟଣ ରାଉତ
ବିଶିଷ୍ଟ ସମାଜସେବୀ ତଥା
ଯୁବ ଉଦ୍ୟୋଗୀ

# ଜିଏମ୍‌ୟୁ ବାଣିଜ୍ୟ ବିଭାଗର ଇଣ୍ଡକ୍ସନ କାର୍ଯ୍ୟକ୍ରମ

**ସମ୍ବଲପୁର, ୨୩।୭(ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ପକ୍ଷରୁ ଅଧ୍ୟାପନା ପ୍ରକୋଷ୍ଠ-୧ ଠାରେ ନୂତନ ବାଣିଜ୍ୟ ସ୍ନାତକ ଛାତ୍ରଛାତ୍ରୀମାନଙ୍କ ଇଣ୍ଡକ୍ସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ବିଭାଗ ମୁଖ୍ୟ ପ୍ରଫେସର ପ୍ରିୟବ୍ରତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ରୀଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ସମୂହର ଅଧକ୍ଷ ଡି. ମୂରଲୀ କ୍ରିଷ୍ଣା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଦାୟିତ୍ୱବୋଧ ଓ ଇମୋସନାଲ୍ ଇନ୍ଟେଲିଜେନ୍ସ (ଭାବପ୍ରବଣ ବୁଦ୍ଧିମତା)ର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟ ଉପକୁଳସଚିବ ପ୍ରଫେସର ଉମାଚରଣ ପତି ସ୍ୱାଗତ ଭାଷଣ ଦେଇଥିବାବେଳେ ବାଣିଜ୍ୟ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ




ପ୍ରଫେସର ଶ୍ୟାମାଚରଣ ଆଚାର୍ଯ୍ୟ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ପଣ୍ଡା ଜାତୀୟ ଶିକ୍ଷାନୀତି -୨୦୨୦ ଉପରେ ଆଧାରିତ ପାଠ୍ୟକ୍ରମ, ପରୀକ୍ଷା ପଦ୍ଧତି ଓ ଅନ୍ୟ ଆନୁସଙ୍ଗିକ ନିୟମାବଳୀ ଉପରେ ବିବରଣୀ ଉପସ୍ଥାପନ କରିଥିଲେ। ବାଣିଜ୍ୟ ବିଭାଗ ଅଧ୍ୟାପିକା ଶୁଭେଚ୍ଛା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଥିଲା ନୂତନ ଶିକ୍ଷାନୀତି ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା, ଏହାଦ୍ୱାରା ହେଉଥିବା ଶିକ୍ଷାଗତ ସଂସ୍କାରକୁ ଗ୍ରହଣ କରିବା ଏବଂ ଉପକୃତ କରିବା। ବାଣିଜ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତ ବୁଣାକାର ସମ୍ପର୍କିତ 'ଦ ହେଣ୍ଡଲୁମ୍ ଉଇଭିଙ୍ଗ୍ : ଏ ମଲ୍ଟିଡାଇମେନ୍‌ସନାଲ୍ ଏନାଲିସିସ୍' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗ ଅଧ୍ୟାପିକା ଡଃ ପୂଜାବାଇ କେଓ୍ୱତ, ଅରୁଣା ଶର୍ମା, ଝାନ୍ସୀରାଣୀ ପରିଡ଼ା ତଥା ଅଧ୍ୟାପକ ଡଃ ମୁକେଶ ଶର୍ମା, ଡଃ କ୍ଷୀରୋଦ ମହାରଣା, ଅମ୍ରିଶ ପ୍ରତାପ ସିଂହ, ସହକାରୀ ଅଧ୍ୟାପକ ସୁଭାଷ ଚନ୍ଦ୍ର ଝାଙ୍କର ଓ ଜ୍ଞାନରଞ୍ଜନ ବଳ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଅଧ୍ୟାପିକା ସରୋଜା ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଶାଲ ପଟେଲ, ନେଲସନ, ସଞ୍ଜନା, ଲେନିନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ଗୁପ୍ତା' ଭରସାରେ ଭିମସାର

**ସମ୍ବଲପୁର, ୨୩।୭ (ସମିସ)**

ଏମଆର୍‌ଆଇ ପାଇଁ ରୋଗୀ ପରିଜନଙ୍କ ଅଣ୍ଟା ଭାଙ୍ଗୁଛି। ଏମଆର୍‌ଆଇରେ ବଡ଼ ଧରଣର କିକବ୍ୟାକ୍ ପାଇଁ ଯୋଜନା କରିଛି ଭିମସାର ଓ ସ୍ୱାସ୍ଥ୍ୟ ବିଭାଗ। ଭିମସାରରେ ଏମଆର୍‌ଆଇ ମେସିନ ନବସାଇ ଘରୋଇ ସଂସ୍ଥାକୁ ସୁହାଇଲା ପରି ଯୋଜନା କରିଛି ସ୍ୱାସ୍ଥ୍ୟ ବିଭାଗ। ବୁର୍ଲା ଭୀମସାରରେ ଦୀର୍ଘ ବର୍ଷ ହେବ ଏମଆରଆଇ ସେବା ବନ୍ଦ କରି ଗୁପ୍ତା ଡାଇଗ୍ନୋନିଷ୍ଟିକ୍ ଭରସାରେ ରହିଛି ଭିମସାର। କେମିତି ଘରୋଇ ସଂସ୍ଥା ଗୁପ୍ତା ଡାଇଗ୍ନୋଷ୍ଟିକ ଲାଭାନ୍ୱିତ କରାଯିବ ତାହାର ବାଟ କାଢିଛି ବିଭାଗ। ବୁର୍ଲା ଭିମସାରରେ ରୋଗୀଙ୍କୁ ଏମଆର୍‌ଆଇ ପ୍ରେସ୍କ୍ରିପସନରେ ଲେଖିଦେଇ ଗୁପ୍ତାକୁ ପଠାଇ ଦିଆଯାଉଛି। ସେଠାରେ ରୋଗୀ ପରିଜନ ଏମଆର୍‌ଆଇ କଲା ପରେ ପୁଣି ଭିମସାର ଆଣି ରିପୋର୍ଟ ଡାକ୍ତରଙ୍କୁ ଦେଖାଉଛନ୍ତି। ଏଥିରେ ସ୍ୱାସ୍ଥ୍ୟ ବିଭାଗ ଗୁପ୍ତା ସହ ଗୋଟିଏ ନିର୍ଦ୍ଦିଷ୍ଟ ଦର ଧାର୍ଯ୍ୟ କରିଛି। ଦର ମୂତାବକ ଗୁପ୍ତା ସ୍ୱାସ୍ଥ୍ୟ ବିଭାଗଠାରୁ ବିଲ୍ ପାଉଛି। ଏହା ଦ୍ୱାରା ଗୋଟିଏ ମୋଟା ଅଙ୍କ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ତହବିଲରୁ ଗୁପ୍ତା ପାଖକୁ ଯାଉଛି। ଏଥିରେ ସ୍ୱାସ୍ଥ୍ୟ ବିଭାଗର ବଡ଼ ବଡ ଅଧିକାରୀ ସାମିଲ ଥିବା କୁହାଯାଉଛି। କେମିତି ଭିମସାରରେ ଏମଆରଆଇ ନବସିବ ଓ ଗୁପ୍ତାର ବ୍ୟବସାୟକୁ ସୁହାଇବ ସେନେଇ ବଡ ବଡ ଅଧିକାରୀ ମାଷ୍ଟର ପ୍ଲାନ କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଭିମସାରରେ ଏମଆରଆଇ ମେସିନ ନଥିବାର ଫାଇଦା ନେଇ ଗୁପ୍ତା ମଧ୍ୟ ରୋଗୀ ପରିଜନଙ୍କୁ ଭଲ ଭାବରେ ହଇରାଣ କରୁଥିବା ଅଭିଯୋଗ ହୋଇଛି। ପ୍ରାୟ ୩ଦିନ ଯାଏଁ ରୋଗୀଙ୍କୁ ଗୁପ୍ତାରେ ନମ୍ବର ମିଳୁନାହିଁ। ନମ୍ବର ମିଳିଲେ ବି ଦିନ ଯାକ ଲାଇନରେ ରହିବାକୁ ପଡୁଛି। ସେଭିତରେ ଗୁପ୍ତାର ନିଜସ୍ୱ ଗ୍ରାହକ ଆସିଲେ ତାଙ୍କୁ ପ୍ରଥମେ ପ୍ରାଧାନ୍ୟ ଦିଆଯାଉଛି। ଫଳରେ ରୋଗୀ ପରିଜନ ଅଣ୍ଟା ଦରଜ ଧରି ଘରକୁ ଫେରିବା ଥୟ। ଭିମସାରକୁ ପଡୋଶୀ ଛତିଶଗଡ଼ ଓ ଝାଡଖଣ୍ଡର ରୋଗୀ ମଧ୍ୟ ଆସୁଛନ୍ତି। ଭିମସାରର ବିକଳ ବ୍ୟବସ୍ଥା ଦେଖି ରାଜ୍ୟ ସରକାରଙ୍କ ପାଖରେ ଏମଆରଆଇ କିଣିବା ପାଇଁ ଟଙ୍କା ନାହିଁକି ବୋଲି ପ୍ରଶ୍ନ କରୁଛନ୍ତି। ଯାହା ସ୍ୱାସ୍ଥ୍ୟ ବିଭାଗର ଛବିକୁ ରାଜ୍ୟ ବାହାରେ ମଧ୍ୟ ମଳିନ କରୁଛି।

**ଏମଆର୍‌ଆଇ ପାଇଁ ଗୁପ୍ତାରେ ଅଧିଆ ପଡୁଛି ରୋଗୀ**

**୩ ଦିନ ଯାଏଁ ମିଳୁନି ନମ୍ବର, ଅଣ୍ଟା ଦରଜ ଧରି ଫେରୁଛି ପରିଜନ**



■ ସାହାଜଟ ସେବାଶ୍ରମ ଛାତ୍ର ମୃତ୍ୟୁ ଘଟଣା

# ୩୦ରେ ଜିଲ୍ଲାପାଳ ଅଫିସ ଘେରିବ ଆଦିବାସୀ ସଂଘ

**ନୂଆପଡ଼ା, ୨୩।୭(ସମିସ):** ନୂଆପଡ଼ା ଜିଲ୍ଲା ଜୋମନା ଥାନା ଅନ୍ତର୍ଗତ ସାହାଜଟ ସେବାଶ୍ରମ ସ୍କୁଲ କ୍ୟାମ୍ପସରେ ଜଣେ ଅଣ ଆଦିବାସୀ ଛାତ୍ରଙ୍କ ମୃତ୍ୟୁ ଘଟଣାକୁ ନେଇ ନାନାଦି ଚର୍ଚ୍ଚା ଆଲୋଚନା ଜୋର ଧରିଛି। ତେବେ ଏହି ଆହୁତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସଭାପତି ଭାନୁପ୍ରତାପ ସିଂ ମାଝୀ, ରାଜ୍ୟ ସଭାପତି ବାଳକୃଷ୍ଣ ଶବର, ଜିଲ୍ଲା ସାଧାରଣ ସମ୍ପାଦକ ଭକ୍ତବନ୍ଧୁ ଧରୁଆ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଥିଲେ ଯେ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ସେବାଶ୍ରମରେ




ଜଣେ ଅଣଆଦିବାସୀ ଅର୍ଥାତ ଓବିସି ସମ୍ପ୍ରଦାୟର ଜଣେ ଛାତ୍ର ଦୀର୍ଘ ଦିନ ଧରି ଏସସି/ଏସଟି ସେବାଶ୍ରମରେ ରହି ଆସୁଥିଲେ। ହେଲେ କୌଣସି ଅଧିକାରୀ କାହିଁକି ଜାଣି ପାରୁନଥିଲେ। କିପରି କାହିଁକି କିଭଳି ସ୍ଥିତିରେ ଛାତ୍ର ଜଣଙ୍କର ମୃତ୍ୟୁ ଘଟିଥିଲା। ଏହାର ନିରପେକ୍ଷ ତଦନ୍ତ କରିବା ଜରୁରୀ। ଏଥିରେ ପୁଣି କିଛି ତଳିଆ କର୍ମଚାରୀମାନଙ୍କୁ ଭୁଲ ଦର୍ଶାଇ ନିଲମ୍ବିତ, ବଦଳି ଘଟଣାରେ ବଡ ବଡିଆଙ୍କୁ ମାପ କରିଥିବା ବେଳେ ଛୋଟ କାଟିଆ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରାଯାଇଥିବା ଅଭିଯୋଗ ଆଣି ଜିଲ୍ଲା ଆଦିବାସୀ

**ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି**

କରାଯାଇ ଦାୟିତ୍ୱ ସାରି ଦେଇଛି ବିଭାଗ। ଏଥିରେ ଡବ୍ଲ୍ୟୁଇଓ, ଡିଡବ୍ଲ୍ୟୁଓଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରାଯିବ ବୋଲି ପ୍ରକାଶ କରିଛନ୍ତି। ସେବାଶ୍ରମ କଲ୍ୟାଣ ସଂଘ ତରଫରୁ ଆନ୍ଦୋଳନ ଡାକରା ଦିଆଯାଇଛି। ଆସନ୍ତା ୩୦ତାରିଖରେ ଜିଲ୍ଲାପାଳ ଅଫିସ ଘେରାଉ କରି ଅଧିକାରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଆଦିବାସୀ ସଂଘ ସୂଚନା ଦେଇଛନ୍ତି। ଏଥିରେ ନୂଆପଡ଼ା ସମେତ ଆଖପାଖ ଜିଲ୍ଲାରୁ ହଜାର ହଜାର ସଂଖ୍ୟାରେ ଆଦିବାସୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି। ସ୍ଥାନୀୟ ଜିଲ୍ଲାପରିଷଦ କାର୍ଯ୍ୟାଳୟରେ ବିଦ୍ୟାଳୟ ଗୁଡିକରେ ପିଲାଙ୍କ ପାଇଁ ସର୍ବନିମ୍ନ ସୁବିଧା ନିଶ୍ଚିତ କରାଯାଇପାରି ନାହିଁ। ବିଭିନ୍ନ ସମୟରେ ବେଆଇନ କାର୍ଯ୍ୟାକଳାପ ସବୁ ହେଉଥିଲେ ମଧ୍ୟ ଅଧିକାରୀମାନେ ଆଖି ବୁଜି ଦେଉଛନ୍ତି ବୋଲି କର୍ମକର୍ତ୍ତାମାନେ ଅଭିଯୋଗ ଆଣିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଉପସଭାପତି କମଳେଶ ଠାକୁର, କାର୍ତ୍ତିକ ମଲ୍ଲିକ, ବିଜୟ ଶଙ୍କର ମାଝୀ, ଜୟରାମ ଶବର ପ୍ରମୁଖ ଉପସ୍ଥିତ ଥିଲେ।

# ପିସ୍ତଲ ଦେଖାଇ ଲୁଟ୍ ଘଟଣାରେ ୪ ଗିରଫ

**ନୂଆପଡ଼ା, ୨୩।୭ (ସମିସ):** ଗତ ସୋମବାର ମଧ୍ୟାହ୍ନରେ ଖରିଆରରୋଡ ସହରସ୍ଥିତ ମଦଭାଟି ନିକଟରେ ୩ଜଣ ଯୁବକ କ୍ରିକେଟ ଖେଳିବାକୁ ଯାଉଥିବା ସମୟରେ କିଛି ଦୁର୍ବୃତ୍ତ ପିସ୍ତଲ ଦେଖାଇ ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ଜୋଙ୍କ ଥାନା ପୁଲିସ ୪ଜଣଙ୍କୁ ଗିରଫ କରିଥିବା ବେଳେ ଟଙ୍କା ସହ ପିସ୍ତଲ ଜବତ କରିଛି। ଏହି ଅଭିଯୋଗରେ ସ୍ଥାନୀୟ ୱାର୍ଡ ନମ୍ବର ୬ର ବିକାଶ ବାଗ(୧୯), ସନ୍ତୁ କୁମାର (୨୦), ଖଗେଶ୍?ର ସାହୁ(୩୨) ଏବଂ କିଷ୍ଣା ତାଣ୍ଡି(୨୨)ଙ୍କୁ ଗିରଫ କରାଯାଇଛି। ଏମାନଙ୍କଠାରୁ ୧୬ଶହ ଟଙ୍କା, ସ୍ମାର୍ଟ ଫୋନ, ବାଇକ, ଛୁରୀ ସହ ପିସ୍ତଲ ଜବତ କରାଯାଇଥିବା



ପୁଲିସ ସୂତ୍ରରୁ ପ୍ରକାଶ। ବିବରଣୀ ମତେ ଗତ୨୧ତାରିଖ ଦିନ ମଧ୍ୟାହ୍ନରେ ସ୍ଥାନୀୟ କୁଲିହା ବନ୍ଧାର ପ୍ରେମ ଚନ୍ଦ୍ର ଭୋଇ(୨୧) ନିଜର ସାଥୀ ନେତ୍ରାମ, ଉମେଶ ସହ ମିଶି ଏକ ଚାଇକ୍‌ରେ ସାଲିହାକୁ କ୍ରିକେଟ ଖେଳିବାକୁ ଯାଉଥିଲେ। ଖରିଆରରୋଡ ମଦଭାଟି ଛକ ନିକଟରେ ଚାରି ଜଣ ଅଜଣା ଯୁବକ ବାଇକକୁ ଅଟକାଇ ପିସ୍ତଲ ଦେଖାଇ ଟଙ୍କା ତକ ଲୁଟି ଚାଲିଗଲେ। କୁଆଡେ ୨୫୦୦ଟଙ୍କା ଲୁଟ କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଥାନାରେ ମାମଲା ରୁଜୁ ହେବାପରେ ଜୋଙ୍କ ଥାନା ପୁଲିସ ସିସିଟିଭି ଫୁଟେଜକୁ ଆଧାର କରି ଅଭିଯୁକ୍ତମାନଙ୍କୁ ଠାବ କରିଥିଲା।

# ଗୋଲାମୁଣ୍ଡା ଡାକ୍ତରଖାନାରେ ଟର୍ଚ୍ଚ ଲାଇଟ୍‌ରେ ରୋଗୀସେବା

**ଗୋଲାମୁଣ୍ଡା, ୨୩।୭(ସମିସ)**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିକଳ ଚିତ୍ର ଦେଖିବାକୁ ମିଳିଛି। ଏଠାରେ ଟର୍ଚ୍ଚ ଲାଇଟରେ ରୋଗୀଙ୍କ ଚିକିତ୍ସା କରାଯାଇଛି। ବୁଧବାର ବିନା ପ୍ରଚାର ପ୍ରସାରରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ସ୍ନାୟୁରୋଗ ବିଶେଷଜ୍ଞ ଡା. ରଞ୍ଜିତ ବେହେରା ସାଢେ ୧୧ରେ ପହଞ୍ଚି ରୋଗୀ ଦେଖିଥିଲେ। ଶିବିର ଚାଲିଥିବା ସମୟରେ ବିଦ୍ୟୁତ୍ ନ ଥିଲା। ଏଣୁ ମୋବାଇଲ ଓ ଟର୍ଚ୍ଚ ଲାଇଟ୍‌ରେ ଡାକ୍ତର ବେହେରା ରୋଗୀ ଦେଖିଥିଲେ। ଅନ୍ୟପକ୍ଷେ ପ୍ରଚାର ପ୍ରସାର ଅଭାବ ଯୋଗୁଁ ଲୋକେ ଏହି ଶିବିର ସମ୍ପର୍କରେ ଜାଣି ପାରିଲେନି। ଆୟୁଷ୍ମାନ ଆରୋଗ୍ୟ ଶିବିର କେବଳ ନାମକୁ ମାତ୍ର ଆୟୋଜିତ ହୋଇଥିଲା।





# ଅଗ୍ନିବିପନ୍ନଙ୍କୁ ବ୍ଲକ୍ ଉପାଧ୍ୟକ୍ଷଙ୍କ ସହାୟତା

**କୋକସରା, ୨୩।୭ (ସମିସ):** କୋକସରା ବ୍ଲକ ଡୁଡୁକାଠେଙ୍ଗା ଗ୍ରାମର ଅଗ୍ନିବିପନ୍ନ ଦିବ୍ୟାଙ୍ଗ ଲିଙ୍ଗରାଜ ବେଶ୍ରାଙ୍କ ପରିବାରକୁ ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ସାକ୍ଷାତ କରିଛନ୍ତି। ନିଆଁ ଲାଗି ତାଙ୍କ ଘର ପୋଡି ଯାଇଛି। ଏଣୁ ସେ ସର୍ବସ୍ୱାନ୍ତ ହୋଇ ପଡ଼ିଛନ୍ତି। ଶ୍ରୀ ଅଗ୍ରୱାଲ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଆସବାବପତ୍ର, ପୋଷାକ ଓ ବହିପତ୍ର ଯୋଗାଇ ଦେଇଛନ୍ତି। ଏଥି ସହ ସରକାରୀ ସ୍ତରରେ ଯେମିତି ସହଯୋଗ ମିଳିପାରିବ ସେନେଇ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଅନ୍ତୋଦୟ ଯୋଜନାରେ ଘର ଯୋଗାଇ ଦେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ୧୮ ତାରିଖରେ ଲିଙ୍ଗରାଜ ବେଶ୍ରାଙ୍କ ପରିବାର ସମ୍ପର୍କୀୟ ଘରକୁ ଯାଇଥିଲେ। ରାତିରେ ତାଙ୍କ ଘର ପୋଡି ଯାଇଥିଲା।

# ପ୍ରବଳ ବର୍ଷାରେ ଭାଙ୍ଗିଲା ୨ ପରିବାରଙ୍କ ଘର

**କୋମନା, ୨୩।୭(ସମିସ):** ପ୍ରବଳ ବର୍ଷାରେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଭାଲୁକନା ଗ୍ରାମର ୨ ପରିବାରଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଦଦରା ଘର ପ୍ରବଳ ବର୍ଷା ପ୍ରଭାବରେ ଭୁଶୁଡି ପଡ଼ିଥିଲା। ଯୋରରେ ଶବ୍ଦ ହେବାରୁ ସମସ୍ତେ ଘରୁ ବାହାରି ଆସି ଜୀବନ ରକ୍ଷା କରିଥିଲେ।



ବର୍ତ୍ତମାନ ବିପନ୍ନ ପରିବାର ଲୋକେ ଭଙ୍ଗା ଘର ନିକଟରେ ତମ୍ବୁଟାଣି ଆଶ୍ରୟ ନେଇଛନ୍ତି। ସେହି ଗାଁର କମଳା ବାଇ ଦୁରିଆ ସ୍ୱାମୀ ଲଭ ଦୁରିଆଙ୍କ ଘର ଭାଙ୍ଗି ଯାଇଥିବା ବେଳେ ପରିବାରର ୩ ସଦସ୍ୟ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏନେଇ ସ୍ଥାନୀୟ ପିଇଙ୍କୁ ଜଣାଇଥିଲେ ମଧ୍ୟ ସେ କର୍ଣ୍ଣପାତ କରି ନ



ଧୂଳିସାତ ହୋଇଛି। ଫଳରେ ଉଭୟ ପରିବାର ବର୍ତ୍ତମାନ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଏନେଇ ପରିବାର ପକ୍ଷରୁ ଅଭିଯୋଗ କରିବାରୁ ପ୍ରଶାସନ କୌଣସି ଗୁରୁତ୍ୱ ଦେଉନାହାଁନ୍ତି। ସୂଚନାଯୋଗ୍ୟ ଗତ ୨୧ ତାରିଖ ଦିନସାରା ଭାଲୁକନା ଅଞ୍ଚଳରେ ପ୍ରବଳ ଘଡଘଡି ସହ ବର୍ଷା ହୋଇଥିଲା। ରାତ୍ରି ୧୦-ଟା ସମୟରେ ସେହି ଗାଁର ବିମଳା ଦୁରିଆ ସ୍ୱାମୀ ବାବୁଲାଲ ଦୁରିଆଙ୍କ ପରିବାରର ୫ ଜଣ ସଦସ୍ୟ ଶୋଇ ଥିଲେ। ଉକ୍ତ ସମୟରେ ତାଙ୍କର ଏକ ଭଙ୍ଗା ଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଯାହାଦ୍ୱାରା ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରି ଉଭୟ ପରିବାର ପ୍ରତି ସହଯୋଗ କରିବେ ବୋଲି ଆଶା କରିଛନ୍ତି।

# ଗାଡ଼ିଧକ୍କାରେ ସାଇକଲ ଆରୋହୀଙ୍କ ମୃତ୍ୟୁ

**ଶଗଡ଼ା, ୨୩।୭(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା-କଣ୍ଟାମାଳ ୪୧ ନମ୍ବର ରାଜ୍ୟ ରାଜପଥର ସୁଲିଆ ନିକଟରେ ଗାଡି ଧକ୍କାରେ ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼କୁସଙ୍ଗ ଗ୍ରାମର ଦୟାନିଧି ରଣା। ପଲସାଗୋରା ଅଞ୍ଚଳରୁ ସାଇକେଲ ସଜାଡି ସେ ରାତି ୮ରେ ଘରକୁ ଫେରୁଥିଲେ। ସୁଲିଆ ନିକଟରେ ଏକ ଗାଡି ଧକ୍କା ଦେଇ ପଳାଇଥିଲା। ସେ ରାସ୍ତା କଡ଼କୁ ଛିଟିକି ପଡ଼ିଥିଲେ। କଣ୍ଟାମାଳ ପୁଲିସ ପହଞ୍ଚି ତାଙ୍କୁ କଣ୍ଟାମାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି।

# ବିପୁଳ ମଦ ଜବତ କଲା ଅବକାରୀ ବିଭାଗ

**ଶଗଡ଼ା, ୨୩।୭(ସମିସ) :** ବୌଦ୍ଧ ଅବକାରୀ ବିଭାଗ ଦୁଇଟି ସ୍ଥାନରେ ଚଢ଼ଉ କରି ବିପୁଳ ମଦ ଜବତ କରିଛି। ଅବକାରୀ ଟିମ୍ ବାଉଁଶୁଣି ଥାନା ଟାଇଞ୍ଜନ ଗ୍ରାମରେ ଚଢ଼ଉ କରି ରାଜେନ୍ଦ୍ର ସେଠୀ ନିକଟରୁ ୧୦ ଲିଟର ମଦ ଜବତ କରିଛି। ସେହିପରି ଟିମ୍ ବାଉଁଶୁଣି ଗ୍ରାମ୍ୟ ରାସ୍ତାରେ ଚଢ଼ଉ କରି ପ୍ରତାପ ସିଂ ବକ୍ସି ନିକଟରୁ ୩୬୦ ଲିଟର ମଦ ଜବତ କରିଥିଲା। ଏ ସମ୍ପର୍କରେ ଅବକାରୀ ବିଭାଗ ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି। ଉଭୟଙ୍କୁ ନୋଟିସ ଦେଇ ଛାଡି ଦିଆ ଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଗଦି ଦୋକାନରେ ପିଟିହେଲା ଟ୍ରକ୍



**କେସିଙ୍ଗା, ୨୩।୭(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ବଲାଙ୍ଗୀର ଛକସ୍ଥିତ ରୋକସାନା ଗଦି ଦୋକାନ ପାଖରେ ବୁଧବାର ଦିନ ପ୍ରାୟ ୨ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ଟାୟାର ପଙ୍କଚର ପାଇଁ ଆସିଥିବା ଏକ ଟ୍ରକ୍ ଗଡ଼ି ଆସି ଗଦି ଦୋକାନରେ ପିଟି ହୋଇଥିଲା। ଭାଗ୍ୟ ବଶତଃ ସେହି ସମୟରେ ବର୍ଷା ହେଉଥିଲା। ଏଣୁ ଦୋକାନ ସମ୍ମୁଖରେ କେହି ଠିଆ ହୋଇ ନ ଥିଲେ। ତେଣୁ କୌଣସି କ୍ଷତି ହୋଇନି। ତେବେ ଗଦି ଦୋକାନ ସମ୍ମୁଖରେ ଥିବା ଇଲେକ୍ଟ୍ରି ପୋଲ ଭାଙ୍ଗିଯିବା ସହ ଦୋକାନର ଆଜବେଷ୍ଟସ ଭାଙ୍ଗି ଯାଇଛି। ସ୍ଥାନୀୟ ପୁଲିସ ଖବର ପାଇ ଟ୍ରକ୍ ଜବତ କରିବା ସହ ତଦନ୍ତ ଚଳାଇଛି। ଡ୍ରାଇଭର ଖସି ପଳାଇଛି।

# ଅଜଗର ଛୁଆ ଉଦ୍ଧାର

**ଭବାନୀପାଟଣା, ୨୩।୭(ସମିସ):** ଭବାନୀପାଟଣାସ୍ଥିତ କୁଟରୁଖାଇ ମେଗା ନର୍ସରୀ ନିକଟରୁ ଏକ ଅଜଗର ଛୁଆକୁ ବନ ବିଭାଗ ଉଦ୍ଧାର କରିଛି। ଉଦ୍ଧାର ପରେ ସୁରକ୍ଷିତ ଭାବେ କର୍ଲାପାଟ ଅଭୟାରଣ୍ୟର ଜାଖମ ନିକଟରେ ଏଡାକୁ ଛାଡି ଦିଆଯାଇଛି। ସ୍ଥାନୀୟ ଡେପୁଟି ରେଞ୍ଜର ଯୋଗେନ୍ଦ୍ର ମାଝୀ, ସିଦ୍ଧାର୍ଥ ମହନ୍ତ, ବିଶ୍ୱଜିତ ହରପାଳ ପ୍ରମୁଖ ସାପଟିକୁ ଉଦ୍ଧାର କରିବାରେ ଭୂମିକା ନେଇଥିଲେ।

# ଜିଲ୍ଲାସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ମିଳନୀ



**ଭବାନୀପାଟଣା, ୨୩।୭ (ସମିସ):** ଶିକ୍ଷାର୍ଥୀମାନଙ୍କ ଶିକ୍ଷା ସହିତ ଅନ୍ତର୍ନିହିତ ପ୍ରତିଭାର ସର୍ବୋତ୍ତମ ବିକାଶ ଦିଗରେ ଚେଷ୍ଟା ଜାରୀ ରହୁ। ଶିକ୍ଷକଙ୍କ ଭିତରେ ଥିବା ଜିଜ୍ଞାସା ପ୍ରବୃତ୍ତିର ପ୍ରଭାବ ଛାତ୍ରଛାତ୍ରୀଙ୍କ ଉପରେ ପଡ଼ିଥାଏ। ତେବେ କଳାହାଣ୍ଡି ପ୍ରସଙ୍ଗରେ ବାସ୍ତବତା କଣ ଏବଂ ମୌଳିକ ଶିକ୍ଷାଦର୍ଶନ ପ୍ରତିଷ୍ଠା କେତେ ସଫଳ ହେବ ତାହା ହିଁ ବଡ଼ ପ୍ରଶ୍ନ। ଚଳିତ ଶିକ୍ଷା ବର୍ଷ ଏକ ସଫଳତାର ବର୍ଷ ହେଉ ବୋଲି ଶିକ୍ଷା ବିଭାଗ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିଛି। କଳାହାଣ୍ଡି ଜିଲ୍ଲାରେ ଅଧାରୁ ଅଧିକ ନିୟମିତ ପ୍ରଧାନଶିକ୍ଷକ ନାହାନ୍ତି। ପାଠପଢ଼ା ସହିତ ବିଦ୍ୟାଳୟ ସୁପରିଚାଳନା ଏବଂ ଆନୁସଙ୍ଗୀକ ଦାୟିତ୍ୱ କେଉଁ ବାଟରେ ଯିବ ତାହା ଆକଳନ କରିବାକୁ ଏବେ ସମୟ ଆସିଛି। କଳାହାଣ୍ଡିରେ ଜିଲ୍ଲାସ୍ତରୀୟ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ସମ୍ମିଳନୀ ସ୍ଥାନୀୟ ଟାଉନହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର, ଜିଲ୍ଲା ସୂଚନା ଓ ଜନ ସମ୍ପର୍କ ଅଧିକାରୀ ହଳଧର

**ଦାୟିତ୍ୱର ବୋଝ ମୁଣ୍ଡାଇ ଫେରିଲେ**

**ନିୟମିତ ପ୍ରଧାନଶିକ୍ଷକ ପଦବୀ ୩ ଭାଗ ଖାଲି**

ନିଆଲ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ଶୁଭଲକ୍ଷ୍ମୀ ନାୟକ ଏବଂ ହେମସାଗର ମହାନନ୍ଦ ତଥା ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଗଣ ଉପସ୍ଥିତ ଥିଲେ। ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସର୍ବୋତ୍ତମ ରେଜଲ୍ଟ ଓ ସର୍ବାଧିକ ଏ-୧ଗ୍ରେଡ଼ ହାସଲ ଲକ୍ଷ୍ୟ ନେଇ ପ୍ରକାଶ ଅଭିନବ କାର୍ଯ୍ୟକ୍ରମର ଉଦ୍‌ଘାଟନ ମଧ୍ୟ କରାଯାଇଥିଲା। ସମ୍ମିଳନୀରେ ପ୍ରଧାନଶିକ୍ଷକଙ୍କ ଦାୟିତ୍ୱ ଓ ଭୂମିକା, ବିଦ୍ୟାଳୟ ସୁପରିଚାଳନା, ବିଦ୍ୟାଳୟସ୍ତରୀୟ ଶୈକ୍ଷିକ ଉନ୍ନତି ଯୋଜନା, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା, ଆର୍ଥିକ ପରିଚାଳନା, ପ୍ରି ମାଟ୍ରିକ ଛାତ୍ରବୃତ୍ତି, ବିଦ୍ୟାଳୟ କ୍ରୀଡ଼ା, ପଞ୍ଚ ସଖା ଶିକ୍ଷା ସେତୁ, ବିଭାଗୀୟ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ଆଦି ବିଷୟରେ ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବଗତ କରିବା ସହ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ପରାମର୍ଶ ପ୍ରଦାନ କରାଯାଇଥିଲା। ନର୍ଲା ବିଇଓ ତପିମଣି ଜାନୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାର ସମସ୍ତ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ଟଙ୍କଧର ସାହୁ, ଜିତେନ୍ଦ୍ର ମୁଣ୍ଡ, ବିରେନ୍ଦ୍ର କୁମାର ଆଚାର୍ଯ୍ୟ, ପ୍ରଶାନ୍ତ ନନ୍ଦ, ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ରୁପସିଂ ରାଉତ, ସୋମନାଥ ସାହୁ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଭବାନୀପାଟଣାର ପ୍ରଧାନଶିକ୍ଷୟିତ୍ରୀ ଓ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଶିକ୍ଷକଙ୍କ ହାତଧରି ନଦୀ ପାରହେଲେ ଛାତ୍ରଛାତ୍ରୀ

**ବଡଛତ୍ରଙ୍ଗ-ବଲଙ୍ଗି ରାସ୍ତାର ଦୁଃଖ ଛଞ୍ଚାଣ ନାଳ**



**ଥୁଆମୂଳ ରାମପୁର, ୨୩।୭(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ବଡଛତ୍ରଙ୍ଗ ଏବଂ ବିରିକୋଟ ପଞ୍ଚାୟତକୁ ସଂଯୋଗ କରୁଥିବା ବଡଛତ୍ରଙ୍ଗ-ବଲଙ୍ଗି ରାସ୍ତା ପାଇଁ ଛଞ୍ଚାଣ ନାଳ ଦୁଃଖ ପାଲଟିଛି। ବର୍ଷା ଦିନେ ଏହି ନାଳ ଲୋକଙ୍କ ଲାଗି ଚିନ୍ତାର କାରଣ ପାଲଟେ। ମଙ୍ଗଳବାର ପ୍ରବଳ ବର୍ଷା ଯୋଗୁଁ ଏହି ନାଳ ଉପରେ ଥିବା ଛୋଟ ପୋଲଟି ବୁଡିଯାଇଥିଲା। ଏଣୁ ଲୋକେ କଲବଲ ହୋଇଥିଲେ। ବଡଛତ୍ରଙ୍ଗ ଉଚ୍ଚ ବିଦ୍ୟାଳୟକୁ ପାଠ ପଢ଼ିବା ପାଇଁ ବଲଙ୍ଗି ସମେତ ବିରିକୋଟ, ସୁକସାନ ଗ୍ରାମର ଛାତ୍ରଛାତ୍ରୀ ଜୀବନକୁ ବାଜି ଲଗାଇ ନାଳ ପାର ହୋଇଥିଲେ। ପ୍ରବଳ ବର୍ଷା ଫଳରେ ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଥିଲା। ବଲଙ୍ଗିଠାରୁ ବଡଛତ୍ରଙ୍ଗ ସ୍କୁଲ ଯିବା ରାସ୍ତାରେ ଥିବା ଛଞ୍ଚାଣ ନାଳର ପୋଲ ଉପରେ ପାଣି ପ୍ରବାହିତ ହୋଇଥିଲା। ସ୍ଥାନୀୟ ସ୍କୁଲର ଜଣେ ଶିକ୍ଷକଙ୍କ ହାତଧରି ଛାତ୍ରଛାତ୍ରୀ ପାରି ହୋଇ ବିଦ୍ୟାଳୟରେ ପହଞ୍ଚିଥିଲେ।

# ରାସ୍ତା ନିର୍ମାଣ ଦାବିରେ ଅଞ୍ଚଳବାସୀଙ୍କ ଅନଶନ

**ଜୟପାଟଣା, ୨୩।୭(ସମିସ):** ବାନେର ଅଞ୍ଚଳର ସଚେତନ ନାଗରିକ ରାସ୍ତା ନିର୍ମାଣ ଦାବିରେ ଆମରଣ ଅନଶନରେ ବସିଛନ୍ତି। କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ବାନେର ଛକଠାରୁ ଲଡୁଗାଁ ୧୫ କିମି ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ଦୀର୍ଘ ଦିନରୁ ଦାବି କରି ଆସୁଛନ୍ତି। ଏ ନେଇ ଏନେଇ ଥର ଆନ୍ଦୋଳନ ମଧ୍ୟ କରିଛନ୍ତି। ସମାଧାନ ହେବା ପରିବର୍ତ୍ତେ କେବଳ ପ୍ରତିଶ୍ରୁତି ମିଳିଛି। ଆଜିଯାଏଁ କିନ୍ତୁ ସମାଧାନ ହୋଇପାରି ନାହିଁ। ଏହାଫଳରେ ବାନେର ଛକ ନିକଟରେ ବୁଧବାର ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଅମରଣ ଅନଶନରେ ବସିଛନ୍ତି। ଏହି ରାସ୍ତାକୁ ଯଥାଶୀଘ୍ର ନିର୍ମାଣ ପାଇଁ ସେମାନେ ଦାବି କରିଛନ୍ତି। ବାନେର-ଲଡୁଗାଁ ୧୫ କିମି ରାସ୍ତା ନିର୍ମାଣ ପାଇଁ ୨୦୨୩ ମସିହାରେ ୧୫ କୋଟି ଟଙ୍କା ଟେଣ୍ଡର ହୋଇଥିଲା; କିନ୍ତୁ କୌଣସି କାରଣରୁ କୋର୍ଟରେ ମାମଲା ରୁଜୁ ହୋଇଥିବାରୁ ରାସ୍ତା କାମ ଆଗେଇ ପାରି ନ ଥିଲା। ଏଥି ମଧ୍ୟରେ କୋର୍ଟରେ ମାମଲା ସମାଧାନ ହୋଇ ୨ ବର୍ଷ ବିତିଯାଇଛି। ବିଭିନ୍ନ ନିର୍ମାଣ ସାମଗ୍ରୀର ଦର ବୃଦ୍ଧି ଯୋଗୁଁ ଟେଣ୍ଡର ପାଇଥିବା ଠିକାଦାର ପୁରୁଣା ଏଷ୍ଟିମେଣ୍ଟରେ କାମ କରିପାରିବି ନାହିଁ ବୋଲି ପିଡ଼ବ୍ଲୁଡିକୁ ଜଣାଇଥିଲେ। ତେବେ କିଛି ଦିନ ପରେ କାମ ଆରମ୍ଭ ହେବ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ କହିଛନ୍ତି।



# ମାତୃ ଓ ଶିଶୁ ପୋଷଣ କେନ୍ଦ୍ରରେ ହାତୀପଲଙ୍କ ଭଙ୍ଗାରୁଜା

**ଲାଞ୍ଜିଗଡ଼, ୨୩।୭(ସମିସ)**

କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ବନାଞ୍ଚଳରେ କିଛି ଦିନ ପରେ ପୁଣି ହାତୀଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ବିଶ୍ୱନାଥପୁର ବନାଞ୍ଚଳ ଅଧୀନରେ ଥିବା ଲାଞ୍ଜିଗଡ଼ ସେକ୍ସନ ବାନିଗାଁରେ ମଙ୍ଗଳବାର ରାତିରେ ନିକଟସ୍ଥ ଝିମିରି ଜଙ୍ଗଲରୁ ୫ଟି ହାତୀ ଭଙ୍ଗାରୁଜା କରିଛନ୍ତି। ରାତିରେ ଗାଁ ମୁଣ୍ଡରେ ଭୀଷଣ ଗର୍ଜନ କରିଥିଲେ। ଲୋକେ




ଏହା ଶୁଣି ଭୟଭୀତ ହୋଇ ପଡ଼ିଥିଲେ। ଗାଁ ମୁଣ୍ଡ ଅଙ୍ଗନବାଡି କେନ୍ଦ୍ରକୁ ଲାଗି ରହିଥିବା ମାତୃ ଓ ଶିଶୁ ପୋଷଣ କେନ୍ଦ୍ରର ଗେଟ୍ ଭାଙ୍ଗିଥିଲେ। ଭିତରକୁ ପଶି ନଡ଼ିଆ, କଦଳୀ ଗଛ ଭାଙ୍ଗିଥିଲେ। ଏହାପରେ ଷ୍ଟୋରରୁମ୍ ଭାଙ୍ଗି ଶିଶୁଙ୍କ ଖାଦ୍ୟ ଖାଇ ଫିଙ୍ଗାଫିଙ୍ଗି କରିଥିଲେ। ବିଭିନ୍ନ ଆସବାବପତ୍ର ମାଡି ଚକଟି ନଷ୍ଟ କରିଥିଲେ। ତେବେ କ୍ଷୟକ୍ଷତିର ଲିଖିତ ଅଭିଯୋଗ ପରେ ବିଭାଗ ପକ୍ଷରୁ ତଦନ୍ତ କରାଯିବ। ତା ପରେ ସରକାରଙ୍କ ପକ୍ଷରୁ ଯାହା ସହାୟତା ରାଶି ରହିଛି ଯୋଗାଇ ଦିଆଯିବ ବୋଲି ଲାଞ୍ଜିଗଡ଼ ବନପାଳ ଧରଣୀଧର ପଣ୍ଡା କହିଛନ୍ତି।

**CENTRAL UNIVERSITY OF ODISHA, KORAPUT**
(Established Under the Central Universities Act, 2009)
Dept. of Higher Education, Ministry of Education, Govt. of India
NAD, Sunabeda, Dist-Koraput, Odisha. PIN-763004
Website: www.cuo.ac.in

**ADMISSION NOTIFICATION FOR M.SC. IN BIODIVERSITY AND CONSERVATION OF NATURAL RESOURCES**

Activity Schedule :

| | |
|---|---|
| Date & Time for Reporting: | 28.07.2025 (9.30 AM to 10:30 AM) |
| Date & Time for Document Verification | 28.07.2025 (10.30 AM to 11:30 AM) |
| Date & Time for Entrance Examination | 28.07.2025 (11.30 AM to 12.30 PM) |
| Date & Time for Publication of Result & Merit List | 28.07.2025 (by 2.30 PM) |
| Date & Time for Admission | 28.07.2025 (2.30 PM onwards) |

For more details please visit our website(s): www.cuo.ac.in
For any query: Contact No. 9439185655 / 9668887305 / 8144744270
Email: admission@cuo.ac.in

Sd/-
Controller of Examinations

ସକାଳ THE SAKALA



www.sakalaepaper.com

# ଚମ୍ପୁଆ କୃଷିଜିଲ୍ଲା: ୩୩,୮ ୬୩ ହେକ୍ଟର ଜମିରେ ଧାନ ଚାଷ ଲକ୍ଷ୍ୟ

ଚମ୍ପୁଆ,୨୩।୭ (ସମିସ)

ଚଳିତ ବର୍ଷ କୃଷି ଜିଲ୍ଲା ଚମ୍ପୁଆ ଅଧୀନରେ ୩୩ ହଜାର ୮ ଶହ ୬୩ ହେକ୍ଟର ଜମିରେ ଧାନ ଚାଷ କରିବା ଲକ୍ଷ୍ୟ ରଖାଯାଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି। ଚମ୍ପୁଆ, ଝୁମ୍ପୁରା ଓ ଯୋଡା ବ୍ଲକକୁ ମିଶାଇ ଗଠିତ କୃଷି ଜିଲ୍ଲା ଚମ୍ପୁଆରେ ଯୋଡା ବ୍ଲକର ୫୯୦୦ ହେକ୍ଟର ଜମିରେ ଧାନ ଚାଷ ଲକ୍ଷ୍ୟ ରଖାଯାଇଥିବା ବେଳେ ମକା ୭୦୦ ହେକ୍ଟର, ମାଣ୍ଡିଆ ୭୨୦ ହେକ୍ଟର, ଡାଲି ଜାତୀୟ ୧୭୬୦ ହେକ୍ଟର ଓ ତୈଳ ବିଜ ୧୧୩୦ ହେକ୍ଟର ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଧା ଯୋଡା ବ୍ଲକର ଧାନ ୮୨୨ ହେକ୍ଟର, ମକା ୬୨୫ ହେକ୍ଟର ମାଣ୍ଡିଆ ୧୨୫.୨ ହେକ୍ଟର, ଡାଲିଜାତୀୟ ୬୮୯ ହେକ୍ଟର ଓ ତୈଳ ବିଜ ୩୦୯ ହେକ୍ଟର ଚାଷ କରାଯଇଥିବା ଜଣାଯାଇଛି। ସେହିପରି ଝୁମ୍ପୁରା ବ୍ଲକରେ ଧାନ ୧୬୬୬୩



ହେକ୍ଟର ଲକ୍ଷ୍ୟ ରଖାଯାଇଥିବା ସହ ମକା ୯୦୫ ହେକ୍ଟର, ମାଣ୍ଡିଆ ୫୬୫ ହେକ୍ଟର, ଡାଲି ଜାତୀୟ ୧୨୯୪ ହେକ୍ଟର ଓ ତୈଳ ବିଜ ୫୧୬ ହେକ୍ଟର ଲକ୍ଷ୍ୟ ରଖାଯାଇଥିବା ବେଳେ ବର୍ତ୍ତମାନ ସୁଧା ଧାନ ୩୯୮୧, ମକା ୯୦୫, ମାଣ୍ଡିଆ ୮୬ ଡାଲିଜାତୀୟ ୫୯୬ ଓ ତୈଳବିଜ ୨୬୮ ହେକ୍ଟର ଚାଷ କରାଯାଇଛି। ଏହାସହ ଚମ୍ପୁଆ ବ୍ଲକରେ ଧାନ ୧୧୩୦୦, ମକା ୧୮୦୦, ମାଣ୍ଡିଆ ୯୭୫, ଡାଲିଜାତୀୟ ୩୦୫୦ ଓ ତୈଳବିଜ ୪୭୦ ହେକ୍ଟର ଲକ୍ଷ୍ୟ ରଖାଯାଇଥିବା ବେଳେ ବର୍ତ୍ତମାନ ସୁଧା ଧାନ ୪୨୧୨, ମକା ୧୨୫୦, ମାଣ୍ଡିଆ ୨୭୬, ଡାଲିଜାତୀୟ ୧୩୪୫ ଓ ତୈଳବିଜ ୪୨୦ ହେକ୍ଟର ଚାଷ ହୋଇଥିବା ସହକାରୀ କୃଷି ଅଧିକାରୀ ହରିଓମ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଚଳିତ ବର୍ଷ ଚାଷ ପାଇଁ ଉପଯୁକ୍ତ ବର୍ଷା ହୋଇଥିବାରୁ ବିଭିନ୍ନ ଚାଷ ଅଗ୍ରଗତି କରିଥିବା ଜଣାଯାଇଛି।

## ଦନ୍ତା ଉତ୍ପାତ; ଭାଙ୍ଗିଲା ଘର

ତେଲକୋଇ, ୨୩।୭ (ସମିସ): ତେଲକୋଇ ବନାଞ୍ଚଳରେ ହାତୀମାନଙ୍କ ଉତ୍ପାତ କମିବାରେ ନାଁ ଧରୁନି। ପୁଣି ଏକ ଦନ୍ତା ହାତୀ ମଙ୍ଗଳବାର ବିଳମ୍ବିତ ରାତିରେ ତାଳପଦା ଫରେଷ୍ଟ ବିଟ ଅଧୀନ ଶିବନାରାୟଣପୁର ଗୋଡ଼ା ପଞ୍ଚାୟତର ଭାଲିଆଡାଳ ଗ୍ରାମରେ ଘର ଭାଙ୍ଗିବା ସହ ଚାଷ ଜମି ମାଡ଼ି ଦଳି ମକଚି ନଷ୍ଟ କରିଛି। ଲାଲମୋହନ



ଦେହୁରୀଙ୍କ ଛେଳି ଗୁହାଳ ଭାଙ୍ଗି ନଷ୍ଟ କରିଥିବା ବେଳେ ଅଗଣାରେ ଥିବା ନଡ଼ିଆ ଗଛକୁ ସଂପୂର୍ଣ୍ଣ ଭାଙ୍ଗି ଦେଇଛି। ଦନ୍ତାର ଉତ୍ପାତରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଥିବା ବେଳେ କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

## କୁସେଇ ନଦୀରେ ବୁଡ଼ି ବୃଦ୍ଧାଙ୍କ ମୃତ୍ୟୁ

ବେଲବାହାଲି/ରାମଚନ୍ଦ୍ରପୁର, ୨୩।୭ (ସମିସ): ରାମଚନ୍ଦ୍ରପୁର ଥାନା ଜଳସୁଆଁ ଗ୍ରାମର ପଣ୍ଡୁଆତୋଟା ଘାଟ ନିକଟରେ ଜଣେ ବୃଦ୍ଧା ନଦୀରେ ବୁଡ଼ି ଯାଇ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଉକ୍ତ ଗ୍ରାମ କୁମ୍ଭାରସାହିର ଲକ୍ଷ୍ମୀ ରଣା (୮୦) ସକାଳେ କୁସେଇ ନଦୀକୁ ଶୌଚ ହେବାକୁ ଯାଇ ଆଉ ଘରକୁ ଫେରି ନଥିଲେ। ମଧ୍ୟାହ୍ନ ସମୟରେ କୁସେଇ ନଦୀର ପଣ୍ଡୁଆ ତୋଟା ଘାଟ



ନିକଟରେ ପାଣିରେ ଭାସୁଥିବା ଦେଖି ଲୋକେ ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ଖବରପାଇ ଘସିପୁରା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମେଡିକାଲରେ ପୁଲିସ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଥାଲାସେମିଆ ଶିଶୁକୁ ରକ୍ତଦେଲେ ସ୍ୱେଚ୍ଛାସେବୀ

ଆନନ୍ଦପୁର, ୨୩।୭ (ସମିସ): ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ରକ୍ତର ଅଭାବ ଥିବା ବେଳେ ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରି ଜଣେ ଥାଲାସେମିଆ ଶିଶୁର ଜୀବନ ରକ୍ଷା କରିଛନ୍ତି ବଜରଙ୍ଗ ଦଳର ଜିଲ୍ଲା ସଂଯୋଜକ ଚନ୍ଦନ ମହାରଣା। ଏହି ଶିଶୁ ରୋଗୀଙ୍କ ପାଇଁ ରକ୍ତ ଜରୁରୀ ଥିବା ସମ୍ପର୍କରେ ଫକୀରପୁର ଯୁବକ ସଂଘ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ସୂଚନା



ଦିଆଯାଇଥିଲା। ଘସିପୁରା ଗ୍ରାମର ଶ୍ରୀ ମହାରଣା ରୋଗୀଙ୍କ ସମ୍ପର୍କୀୟଙ୍କୁ ଡାକ୍ତରଖାନାରେ ସାକ୍ଷାତ କରି ଏପରି ସାହାଯ୍ୟ କରିଥିଲେ। ସେ ପୂର୍ବରୁ ୩୨ ଥର ରକ୍ତଦାନ କରିଥିବା ଜଣାଯାଇଛି।

## ହାଟଡ଼ିହୀ ବ୍ଲକ୍ ଉପାଧ୍ୟକ୍ଷ ଅସୁସ୍ଥ

ହାଟଡ଼ିହୀ,୨୩।୭ (ସମିସ): ହାଟଡ଼ିହୀ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ ଗୁରୁତର ଅସୁସ୍ଥ ହୋଇ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ସେ ଦୁଇ ଦିନ ତଳେ ପେଟଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଆଜି ଏମ୍ସ ହସ୍ପିଟାଲରେ ଭର୍ତ୍ତି କରଯାଇଥିଲା। ସେଠାରେ ୭ଦିନ ରହି ଚିକିତ୍ସିତ ହେବେ ବୋଲି ପରିବାର ଲୋକେ କହିଛନ୍ତି। ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ପୂର୍ବତନ ଜିଲ୍ଲା ବିଜେଡି ସଭାପତି ବିମ୍ବାଧର ବିଶ୍ୱାଳ ପ୍ରମୁଖ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ବିବାହ ବାର୍ଷିକୀରେ ରକ୍ତଦାନ

ରାମଚନ୍ଦ୍ରପୁର, ୨୩।୭ (ସମିସ): ବିବାହ ବାର୍ଷିକୀରେ ରକ୍ତଦାନ କରି ପ୍ରଶଂସା ସାଉଁଟିଲେ ଦମ୍ପତି। ରକ୍ତଦାନ ମହତ ଦାନ, ରକ୍ତର ବିକଳ୍ପ ନାହିଁ। ଘସିପୁରା ବ୍ଲକ ପୁରୁଣାବାନ୍ଧଗୋଡ଼ା ଗ୍ରାମର ଯୁବ ସମାଜସେବୀ ତାରିଣୀ ପ୍ରସାଦ ପଟ୍ଟନାୟକ ଏବଂ ତାଙ୍କ ପତ୍ନୀ ଶିବାନୀ ପଟ୍ଟନାୟକ ନିଜର ୧୧ତମ ବିବାହ ବାର୍ଷିକୀ ଅବସରରେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାର ପହଞ୍ଚି ରକ୍ତଦାନ କରିଛନ୍ତି। ତାରିଣୀ ପ୍ରସାଦ ଆଜକୁ ମିଶାଇ ୫୧



ଥର ରକ୍ତଦାନ କରିଥିବା ବେଳେ ତାଙ୍କ ପତ୍ନୀ ତୃତୀୟଥର ପାଇଁ ରକ୍ତଦାନ କରିଛନ୍ତି। ଯୁବ ସମାଜ କୁସଙ୍ଗରେ ପଡି ବିପଥଗାମୀ ହେଉଥିବା ବେଳେ ତାରିଣୀ ପ୍ରସାଦ ଏବଂ ତାଙ୍କ ପତ୍ନୀଙ୍କ ଏଭଳି ନିଆରା ପ୍ରୟାସ ଯୁବସମାଜକୁ ପ୍ରେରଣା ହୋଇରହିବ।

## ଭାଗଚାଷୀଙ୍କ ନାଁରେ ଲକ୍ଷାଧିକ ଟଙ୍କା ହେର୍‌ଫେର ଅଭିଯୋଗ

ଆନନ୍ଦପୁର, ୨୩।୭ (ସମିସ): ଆନନ୍ଦପୁର ସମବାୟ ସମିତି ସମୂହ ଅଧୀନରେ ଥିବା ଦରଡ଼ିପାଳ ସେବା ସମବାୟ ସମିତିରେ କେତେକ ପ୍ରକୃତ ଚାଷୀ ସରକାରୀ ସହାୟକ ମୂଲ୍ୟ ରେ ଧାନ ଦେଇନପାରି ହନ୍ତସନ୍ତ ହୋଇଥିବା ବେଳେ ଭାଗ ଚାଷୀଙ୍କ ନାମରେ ଧାନ କିଣା ଦର୍ଶାଇ ଲକ୍ଷାଧିକ ଟଙ୍କା ହେରଫେର କରିବା ଘଟଣାରେ ଚାଷୀ ଙ୍କମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଧାନର ସହାୟକ ମୂଲ୍ୟ ବୃଦ୍ଧି ହୋଇ ୩୧୫୦ଟଙ୍କା ହେବାପରେ ଏପରି କାରବାର ହୋଇଥିବା ଜଣାଯାଇଛି। ସମସ୍ତ ପ୍ରାମାଣିକ ତଥ୍ୟ ଓ କାଗଜପତ୍ର ଦାଖଲ କରି ମଧ୍ୟ ଅନେକ ଚାଷୀଙ୍କର ଟୋକନ ଆସି ନଥିବା ବେଳେ ଟୋକନ ଥାଇ କେତେକ ଚାଷୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଧାନ ନେବାରେ ବିଳମ୍ବ କରାଯାଇଥିଲା। ଫଳରେ ପ୍ରକୃତଚାଷୀ ସରକାରୀ ସହାୟକ ମୂଲ୍ୟରେ ଧାନ ବିକ୍ରି କରି ନପାରି ଗାଁରେ ବୁଲୁଥିବା ବେପାରୀଙ୍କୁ କମ ମୂଲ୍ୟରେ ବିକ୍ରି କରିଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ଆଦୌ ଚାଷଜମି ନଥିବା କେତେକ ବ୍ୟକ୍ତିଙ୍କୁ ଭାଗ ଚାଷୀ ଦର୍ଶାଇ ଲକ୍ଷାଧିକ ଟଙ୍କା ହେରଫେର କରାଯାଇଥିବା ଅଭିଯୋଗ ଜୋର୍ ଧରିଛି। ଏହି ଦରଡ଼ିପାଳ ସେବାସମବାୟ ସମିତି ଅଧୀନରେ ଏତେ ପରିମାଣର ଚାଷୀ ପଞ୍ଜିକୃତ ହୋଇ ନଥିବା ବେଳେ ଚଳିତବର୍ଷ ୪୩.୪୦୦ କୁଇଣ୍ଟାଲ ଧାନ କିଣା ଯାଇଥିବା ସମିତିର ସମ୍ପାଦକ ତ୍ରିଲୋଚନ ସାହୁ ପ୍ରକାଶ କରିଛନ୍ତି। ଏହିପରି କେତେକ ସମିତିରେ ଭାଗ ଚାଷୀ ଦର୍ଶାଇ ସେମାନଙ୍କ ନାମରେ ଲକ୍ଷାଧିକ ଟଙ୍କା ହେରଫେର ହେବା ଏବଂ ଆନନ୍ଦପୁର ସେବା ସମବାୟ ସମିତି ସମୂହ ଉପନିବନ୍ଧକଙ୍କ ଅଚାନକ ବଦଳି ହୋଇଯିବା ଏହି ଘଟଣାର ସନ୍ଦେହ କୁ ଅଧିକ ଦୃଢ଼ୀଭୂତ କରିଛି। କେନ୍ଦୁଝର ଜିଲ୍ଲାପାଳ ଦରଡ଼ିପାଳ ଧାନ କିଣା କାରବାରର ଏକ ନିରପେକ୍ଷ ତଦନ୍ତ କରିବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହୋଇଛି।

## ଟୁକୁଣା ସଂସ୍କୃତ ମହାବିଦ୍ୟାଳୟରେ ତାଲିମ ଶିବିର




ଆନନ୍ଦପୁର, ୨୩।୭ (ସମିସ): ଟୁକୁଣା ସଂସ୍କୃତ ମହାବିଦ୍ୟାଳୟରେ ମହିଳା କର୍ମଚାରୀ ଓ ଛାତ୍ରୀଙ୍କୁ ସୁରକ୍ଷା ଦେବା ପାଇଁ ଅଧ୍ୟକ୍ଷ ଡ. ମନୋରଞ୍ଜନ ପାଢ଼ୀଙ୍କ ସଭାପତିତ୍ୱରେ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପୋକସୋ ଆଇନ ୨୦୧୩ ଓ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଗାଇଡଲାଇନ ୨୦୧୫ ଉପରେ ଅଧ୍ୟାପକ ଡ ଗୋପୀନାଥ ପଣ୍ଡା ଆଲୋଚନା କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇ ନିଜ ସୁରକ୍ଷା ପାଇଁ ସମସ୍ତେ ସଚେତନ ହେବାକୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟାପକ ସୁଦର୍ଶନ ସାହୁ ପ୍ରଫୁଲ୍ଲ କୁମାର ବେହେରା ଇନ୍ଦିରା ଚକ୍ର ଯଦୁମଣି ମିଶ୍ର ଭୋଲେଶ୍ୱର ପ୍ରଧାନ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ତଥା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଛାତ୍ରୀ ରୋଜାଲିନ ଦାଶ ରିମା ଦାଶ ତ୍ରିବେଣୀ ଦାଶ ପାର୍ବତୀ ଦାଶ ତୃପ୍ତିରେଖା ଦାଶ ସବିତା ମଲିକ ଇତିଶ୍ରୀ ଦାଶ ସ୍ୱପ୍ନାରାଣୀ ଦାଶ ଲିପ୍ସା ଜେନା ଭାରତୀ ବେହେରା ସୁନାୟନା ଶର୍ମା ପ୍ରମୁଖ ସହଯୋଗ କରିଥିଲେ।

## ମତଦାନ ପାଇଁ ବୁଥ୍ ପୁନର୍ଗଠନ ବୈଠକ




ଆନନ୍ଦପୁର, ୨୩।୭ (ସମିସ): ଆନନ୍ଦପୁର ଉପଜିଲ୍ଲାପାଳଙ୍କ ସଭାଗୃହରେ ସମସ୍ତ ପଞ୍ଜିକୃତ ରାଜନୈତିକ ଦଳର ସଭାପତି ଓ ସଂପାଦକମାନଙ୍କୁ ନେଇ ବୁଥ୍ ପୁନର୍ଗଠନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କ ତତ୍ତ୍ୱାବଧାନରେ ଏଇଆରଓ, ବିଏଲଓ ସୁପରଭାଇଜରଙ୍କୁ ପୁନର୍ଗଠନ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏଥିରେ ୧୨୦୦+ ଭୋଟରରୁ ଅଧିକ ଥିବା ବୁଥର ବିଭକ୍ତିକରଣ ବା ପୁନର୍ଗଠନ, ରାଜନୈତିକ ଦଳ ତରଫରୁ ବିଏଲ ଓ ନିଯୁକ୍ତି, ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା ହୋଇଥିଲା। ଏହି ବୈଠକରେ କଂଗ୍ରେସ ବିଜେପି ବିଜେଡି ସମେତ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ ଅଂଶଗ୍ରହଣ କରିଥିଲେ।

## 'ସକାଳ' ପ୍ରଭାବରେ ତଦନ୍ତ ନିର୍ଦ୍ଦେଶ




କେନ୍ଦୁଝର, ୨୩।୭ (ସମିସ): ବିନା ଜମି ପଟ୍ଟା, ଲାଇସେନ୍ସରେ କାରଖାନା' ଶୀର୍ଷକ ଏକ ଖବର ବୁଧବାର 'ସକାଳ' ଖବର କାଗଜରେ ପ୍ରକାଶିତ ହୋଇଥିଲା। ଖବର ପ୍ରକାଶନ ପରେ କେନ୍ଦୁଝର ଖଣି ଉପନିର୍ଦ୍ଦେଶକ ତତ୍ପରତା ପ୍ରକାଶ କରିଛନ୍ତି। ଚାରିଜଣ କର୍ମଚାରୀଙ୍କୁ ସତ୍ୟତା ଜାଣିବା ପାଇଁ ସମ୍ପୃକ୍ତ କାରଖାନାକୁ ପଠାଇଥିବାବେଳେ ତଦନ୍ତ ଦାୟିତ୍ୱ ଦେଇଥିବା ଆମ ପ୍ରତିନିଧିଙ୍କୁ କହିଛନ୍ତି। ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କେନ୍ଦୁଝର ଡିଡିଏମ ବିଷ୍ଣୁପଦ ରାଉତ କହିଛନ୍ତି। ପ୍ରକାଶଯୋଗ୍ୟ ଯେ କାରଖାନା କର୍ତ୍ତୃପକ୍ଷ ଗତ ବର୍ଷ ମଇରୁ ବିନାକାଗଜପତ୍ରରେକାରଖାନାଚଳାଇଥିବା ବିଭାଗୀୟ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

## ସରକାରୀ ବସ୍‌ସେବାରୁ ବଞ୍ଚିତ କୁଟାରିପୋଶି

ଚମ୍ପୁଆ,୨୩।୭ (ସମିସ): ପୂର୍ବ ସରକାର ସମୟରେ ଗ୍ରାମାଞ୍ଚଳରେ ଲୋକମାନଙ୍କୁ ଅଳ୍ପ ଅର୍ଥ ବ୍ୟୟରେ ଯାତ୍ରୀ ସେବା ଯୋଗାଇଦେବାର ବ୍ୟବସ୍ଥା ଲକ୍ଷ୍ମୀ ବସ ମାଧ୍ୟମରେ କରାଯାଇଥିଲେ ହେଁ ଅନେକ ପଞ୍ଚାୟତଠାରୁ ଆରମ୍ଭ କରି ଗ୍ରାମାଞ୍ଚଳଗୁଡିକୁ ଏହି ବସ ସେବା ଆଜି ପର୍ଯ୍ୟନ୍ତ ଅସଂପୂର୍ଣ୍ଣ ହୋଇପଡିଛି। ବିଜେଡି ସରକାର ପରିବର୍ତ୍ତନ ହୋଇ ବିଜେପି ସରକାର ଚଳାଇବାର ୧ ବର୍ଷ ପୂରି ଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଚମ୍ପୁଆ ବ୍ଲକର କୁଟାରିପୋଶି ପଞ୍ଚାୟତବାସୀ ଏହି ବସ ସେବା ପାଇବାରୁ ବଞ୍ଚିତ ରହିଥିବା ଦେଖିବାକୁ ମିଳିଛି। ଏ ନେଇ କୁଟାରିପୋଶି ସରପଞ୍ଚ ଜୟରାମ ଚାତାର ବାରମ୍ବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଅସନ୍ତୋଷ ବୃଦ୍ଧି ପାଇଛି। ସରପଞ୍ଚଙ୍କ କହିବା ଅନୁଯାୟୀ, ଚମ୍ପୁଆ ବ୍ଲକ ଅଧୀନରେ ଥିବା ଏହି ପଞ୍ଚାୟତ ମୁଖ୍ୟାଳୟଠାରୁ ପ୍ରାୟ ୧୦ କିମି ଦୂର ହୋଇଥିବା ବେଳେ ବୈତରଣୀ ନଦୀ ପାଇଁ ଏହା ଉପାନ୍ତ ପଞ୍ଚାୟତ ଭାବେ ପରିଗଣିତ। ବ୍ଲକ ମୁଖ୍ୟାଳୟଠାରୁ ଆରମ୍ଭ କରି ଉପଖଣ୍ଡ ମୁଖ୍ୟାଳୟରେ ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଏହି ପଞ୍ଚାୟତବାସୀ ଆଜିପର୍ଯ୍ୟନ୍ତ ବସ ସେବା ପାଇପାରିଲେ ନାହିଁ। ବର୍ଷା ଦିନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ପାଇଁ ଏହି ପଞ୍ଚାୟତବାସୀ ନାନା କଷ୍ଟ ଉଠାଉଥିବା ସରପଞ୍ଚ ସୂଚନା ଦେଇଛନ୍ତି। ଏନେଇ ଚମ୍ପୁଆ ବିଡିଓ ସ୍ମୃତି ରଂଜନ ସାହୁ କହିଛନ୍ତି ଯେ ବସ ଚଳାଚଳ ନେଇ ବ୍ୟବସ୍ଥା କରା ହେଉଛି। ୫-୭ ଦିନ ଭିତରେ ପଞ୍ଚାୟତବାସୀ ବସ ସେବା ପାଇବେ।

## ମନରେଗା ଯୋଜନା ସମୀକ୍ଷା ବୈଠକ

ଚମ୍ପୁଆ, ୨୩।୭ (ସମିସ): ଜାତୀୟ ଗ୍ରାମ୍ୟ କର୍ମ ନିଯୁକ୍ତି ଯୋଜନା ସମ୍ପର୍କିତ ଏକ ସମୀକ୍ଷା ବୈଠକ ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏବିଡିଓ ଟୁନୁ ହାଁସଦା, ଏଡବ୍ଲୁଇ ସବ୍ୟସାଚୀ ନାଏକ, ଜିପିଡିଓ ମୋନାଲିସା ନାଏକ, ଏପିଓ ସଙ୍ଗୀତା ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ପଞ୍ଚାୟତ ସ୍ତରରେ ଥିବା ଶ୍ରମଜୀବୀମାନେ ଏହି ଯୋଜନାରେ କିପରି କାମ ପାଇପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ବିଡିଓ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ। ଚଳିତ ଆର୍ଥିକ ବର୍ଷରେ ଲକ୍ଷଧାର୍ଯ୍ୟ କରାଯାଇଥିବା ଉନ୍ନୟନ କାମକୁ ନିର୍ଦ୍ଧାରିତ ସମୟରେ ଶେଷ କରିବା ଏବଂ ଏହି ଯୋଜନାରେ ମେସିନ ବ୍ୟବହାର ନକରିବାକୁ ବିଡିଓ ତାଗିଦ୍ କରିଥିଲେ। ବୈଠକରେ ବ୍ଲକର ସମସ୍ତ ୨୧ଟି ପଞ୍ଚାୟତର ସମସ୍ତ ଏଡିଓ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ବିଏଫଟି, ଜେଇ ଓ ଗ୍ରାମସାଥୀ ଉପସ୍ଥିତ ଥିଲେ।

## ରାସ୍ତା କାମରେ ଚାନ୍ଦା ଅଭିଯୋଗ

ହାଟଡ଼ିହୀ, ୨୩।୭ (ସମିସ): ଓରାଳି ଶାଳଣିଆଁ ରାସ୍ତା କାମ କରୁଥିବା ଠିକାଦାରଙ୍କୁ ଚାନ୍ଦା ମାଗିବା ଅଭିଯୋଗ ହୋଇଛି। ଓରାଳି ଶାଳଣିଆଁ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ଲୋକେ ଯାତାୟାତ କ୍ଷେତ୍ରରେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ବାରମ୍ବାର ଅଭିଯୋଗ ହେବା ପରେ ସରକାରଙ୍କ ପକ୍ଷରୁ ପୂର୍ତ୍ତବିଭାଗ ଅଧୀନରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହାଇଛି। ଟେଣ୍ଡର ପାଇଥିବା ଠିକାଦାର ଏବେ ରାସ୍ତାକାମ କରୁଥିବା ସମୟରେ କିଛି ବ୍ୟକ୍ତି ସେଠାରେ ପହଞ୍ଚି ୫ଲକ୍ଷ ଟଙ୍କା ଚାନ୍ଦା ଦେଲେ କାମ କରିବ ନଚେତ୍ ପଳାଅ ବୋଲି ଧମକ ଦେଇଥିଲେ। ଫଳରେ କାମ କରୁଥିବା ଶ୍ରମିକ, ସୁପରଭାଇଜର ଭୟଭୀତ ହୋଇ ଘଟଣାସ୍ଥଳ ଛାଡ଼ି ପଳାଇ ଯାଇଥିଲେ। ଏନେଇ ଠିକାଦାର ନନ୍ଦିପଦା ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ସଂପୃକ୍ତ ବ୍ୟକ୍ତିଙ୍କୁ ଡକାଇ ଚେତାବନୀ ଦେଇଛି।

# ଶବର ସାରଥୀ ସାଜିଛି ଭରସା ପରିବାର ଟ୍ରଷ୍ଟ

### ୪ ବର୍ଷ ମଧ୍ୟରେ ୧୪୨ ଅନାଥ ଶବ ସତ୍କାର

କେନ୍ଦୁଝର,୨୩।୭ (ସମିସ)

ଜରୁରିକାଳୀନ ରକ୍ତଦାନ, ଅନାଥ ଶବସତ୍କାର, ଅସହାୟଙ୍କୁ ଶୁଦ୍ଧିକ୍ରିୟା ସହାୟତା, ଶିକ୍ଷା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ବୃକ୍ଷରୋପଣ ଭଳି ବିଭିନ୍ନ ପ୍ରକାର କାର୍ଯ୍ୟ କରି ସମାଜକୁ ସାମାଜିକ କାର୍ଯ୍ୟ ପ୍ରତି ଲୋକଙ୍କ ମନରେ ଆଗ୍ରହ ସୃଷ୍ଟି କରୁଥିବା କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଭରସା ପରିବାର ଟ୍ରଷ୍ଟ ପକ୍ଷରୁ ଜଣେ ଅସହାୟଙ୍କ ଶବ ସତ୍କାର କରାଯାଇଛି। ପ୍ରତିଷ୍ଠାତା ତଥା ସଭାପତି ଲମ୍ବୋଦର ମହାନ୍ତ ଧରଣୀଧର ମେଡିକାଲ କଲେଜ ମ୍ୟାନେଜର ରାଜା ପ୍ରଧାନଙ୍କ ପାଖରୁ ସୂଚନା ପାଇବା ପରେ ରକ୍ତଦାତା ସଂଯୋଜକ ସେକ ତହିଦ୍, ସଂଗଠନର ସକ୍ରିୟ କର୍ମକର୍ତ୍ତା ତଥା କେନ୍ଦୁଝର ଫାଣ୍ଡି



ପୋଲିସ କର୍ମଚାରୀ ରାଜେନ୍ଦ୍ର ନାରାୟଣ ସାହୁ ଓ ରିକୁନ ବେହେରା ପ୍ରମୁଖ ମେଡିକାଲ କଲେଜ ପହଞ୍ଚି ମୃତ ନିଃସନ୍ତାନ ଆଦିବାସୀ ଅଶାଲୁ ମୁଣ୍ଡାଙ୍କ ଶବକୁ ଧାଙ୍ଗରପଡ଼ାସ୍ଥିତ ଆଦର୍ଶ ଶ୍ମଶାନରେ ବିଧି ଅନୁସାରେ ସମ୍ମାନପୂର୍ବକ ଶବସତ୍କାର କରିଥିଲେ। ଶ୍ମଶାନ ରକ୍ଷକ ସିଦ୍ଧେଶ୍ୱର ବେହେରା, ପାଟଣା ବିଧାୟକ ମାନ୍ୟବର ଅଖିଳଚନ୍ଦ୍ର ନାୟକ ସହଯୋଗ କରିଥିଲେ। ମୃତକଙ୍କ ସ୍ତ୍ରୀ ଗୁରୁବାରି ମୁଣ୍ଡାଙ୍କ ବାସଗୃହ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବାକୁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଛନ୍ତି। ସରକାରୀ ସହାୟତା ମିଳିବା ପର୍ଯ୍ୟନ୍ତ ଶୁଦ୍ଧିକ୍ରିୟା ତଥା ଅସ୍ଥାୟୀ ରହିବା ପାଇଁ ଭରସା ପରିବାର ଟ୍ରଷ୍ଟ ପକ୍ଷରୁ ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯିବ ବୋଲି ଟ୍ରଷ୍ଟର ସଭାପତି ଲମ୍ବୋଦର ମହାନ୍ତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ମଦର ଅବାଧ କାରବାର; ସାମାଜିକ ଶୃଙ୍ଖଳା ବିପର୍ଯ୍ୟସ୍ତ

ରାମଚନ୍ଦ୍ରପୁର, ୨୩।୭ (ସମିସ): କିଛି ବର୍ଷ ହେଲା ସାଇଁକୁଳ ଅଞ୍ଚଳରେ ଚୋରା ଦେଶୀ ମଦର ସୁଅ ଛୁଟୁଛି। ଦେଶୀ ମଦ କାରଣରୁ ଅସମୟରେ ନୀରିହ ଜୀବନ ଝଡ଼ିପଡୁଛି। କିଏ ହୃଦଘାତର ଶିକାର ହେଉଥିବା ବେଳେ ଆଉ କେହି କିଡନୀଜନିତ ରୋଗରେ ପ୍ରାଣ ହରାଉଛି। ଦିନକୁ ଦିନ ମଦୁଆଙ୍କ ଦୌରାତ୍ମ୍ୟ ବଢି ଚାଲିଥିବାରୁ ସାଇଁକୁଳ ବଜାରରେ ବ୍ୟବସାୟୀଙ୍କ ଜୀବନ ଜୀବିକା ମାତ୍ରାଧିକ ପ୍ରଭାବିତ ହେଉଛି। ଏହାସହ ପାରିବାରିକ ଗଣ୍ଡଗୋଳ ପଛରେ ଏହି ନିଶା କାରବାର ମୁଖ୍ୟ କାରଣ ପାଲଟିଛି। ସାଇଁକୁଳ ବଜାର ରାସ୍ତା ଦେଇ ସ୍କୁଲ୍ କଲେଜ ଛାତ୍ରୀମାନେ ସୁରକ୍ଷିତ ମଣୁନାହାନ୍ତି। ସାଇଁକୁଳଠାରେ ଗଢି ଉଠିଥିବା ଦେଶୀ ମହୁଲି ମଦଭାଟି ଏବଂ ଅବାଧ ନିଶା କାରବାର ଏସବୁ ସାମାଜିକ ବିଶୃଙ୍ଖଳାର ମୁଖ୍ୟ କାରଣ ବୋଲି ଅଭିଯୋଗ ହୋଇଆସୁଛି। ଏ ଦିଗରେ ନା ପୁଲିସ ନା ଅବକାରୀ ବିଭାଗ କୌଣସି ପଦକ୍ଷେପ ନେଉଛନ୍ତି। ଫଳରେ ଜନଅସନ୍ତୋଷ ବୃଦ୍ଧି ପାଉଛି। ସୂଚନା ଅନୁସାରେ, ବିଗତ



ଦିନରେ ଖଲଣାଠାରେ ଦେଶୀ ମଦ ଭାଟି ଗଢି ଉଠିଥିଲା। ମହିଳାମାନେ ଏହାକୁ ବିରୋଧ କରିବାରୁ ସେଠାରୁ ସାଇଁକୁଳରେ ପୁନର୍ବାର ମଦଭାଟି ସ୍ଥାପନ ନିମନ୍ତେ ଅନୁମତି ଆଣି ଦେଶୀ ମଦ ଭାଟିଟି ଚାଲୁ କରାଗଲା। ଏହାରୁ ବର୍ତ୍ତମାନ ବିଭିନ୍ନ ଚୋରା ମଦ ବ୍ୟବସାୟୀଙ୍କୁ ବେନିୟମ ଭାବେ ହଜାର ହଜାର ଲିଟର ସାଇଁକୁଳ ଅଞ୍ଚଳର ହାଟ ବଜାର ସମେତ ଆନନ୍ଦପୁର, କେନ୍ଦୁଝର ଏବଂ ଯାଜପୁର ଅଞ୍ଚଳର ବଭିନ୍ନ ସ୍ଥାନକୁ ଅନାୟସରେ ଯୋଗାଉଥିବା ମଧ୍ୟ ଅଭିଯୋଗ ହେଉଛି। ଦେଶୀ ମଦରେ ବିଭିନ୍ନ ପ୍ରକାର ରସାୟନ ପଦାର୍ଥ ମିଶ୍ରଣ ଏବଂ ଅତ୍ୟନ୍ତ ପଚା ଦୁର୍ଗନ୍ଧମୟ ପରିବେଶରେ ଅପମିଶ୍ରିତ କାରଣରୁ ଏହା ଶରୀରକୁ କ୍ଷତି ପହଞ୍ଚାଉଥିବା ଅଭିଯୋଗ ହେଉଛି। ଏହାକୁ ଉଠାଇ ନେବା ପାଇଁ ସାଇଁକୁଳ ଅଞ୍ଚଳବାସୀ ବିଭିନ୍ନ ଫୋରମରେ ବାରମ୍ବାର ଅଭିଯୋଗ କରିଆସିଥିଲେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି।

# ହାଇକୋର୍ଟ ଅଧିବକ୍ତାଙ୍କୁ ମରଣାନ୍ତକ ଆକ୍ରମଣ

ବାଲେଶ୍ୱର,୨୩।୭ (ସମିସ): ବାଲେଶ୍ୱର ଜିଲ୍ଲାର ରେମୁଣା ଥାନା ଅନ୍ତର୍ଗତ ମୁଖରା ଗାଁରେ ହାଇକୋର୍ଟ ଓକିଲ ତଥା ଭାରତ ସରକାରଙ୍କ ନୋଟାରୀ ପ୍ରବୀର କୁମାର ଦାସଙ୍କୁ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛି ଭୁବନେଶ୍ୱର ବାର୍ ଆସୋସିଏସନ। ଗତ ୬ ଦିନ ଶ୍ରୀ ଦାସ ଜେନାବରାଇ ମୌଜା ଅନ୍ତର୍ଗତ କମଳା ପୋଖରୀ ପାଖରେ ନିଜ ଜମିରେ ବାଉଁଶ ବୁଦା ସଫା କରାଉଥିବା ଜେଲ୍ ମଧ୍ୟ ଯାଇସାରିଛି। ସୂଚନାଯୋଗ୍ୟ, ଆକ୍ରମଣର ଶିକାର ହୋଇଥିବା ଶ୍ରୀ ଦାସ ଭୁବନେଶ୍ୱରରେ ରୁହନ୍ତି। ତାଙ୍କ ବାପା ଗଙ୍ଗାଧର ଦାସଙ୍କ ଦେହାନ୍ତ ପରେ ସେ ନିଜ ଗାଁରେ ଥିବା ଜମିଜମା ବୁଝାବୁଝି କରିବା ପାଇଁ ଯାଇଥିଲେ। କଣ୍ଟା ବାଉଁଶ ବୁଦା ଗୁଡ଼ିକ ଫସଲ ନଷ୍ଟ କରୁଥିବା କାରଣରୁ ସେ ଲୋକ ଲଗାଇ କଟର ସାହାଯ୍ୟରେ ସେଗୁଡ଼ିକ କଟାକଟି କରୁଥିଲେ। ଏହି ସମୟରେ ହଠାତ



**ଥାନାରେ ମାମଲା, ପୁଲିସ କାର୍ଯ୍ୟାନୁଷ୍ଠାନ ଶୂନ**

**ଉଦ୍‌ବେଗ ପ୍ରକାଶ କଲା ଭୁବନେଶ୍ୱର ବାର୍ ଆସୋସିଏସନ**

ସମୟରେ ଶ୍ରୀ ଦାସଙ୍କ ଉପରକୁ ଆକ୍ରମଣ ହୋଇଥିଲା। ଉକ୍ତ ଗାଁର ଜୟଚନ୍ଦ୍ର ବେହେରା ଓରଫ ବାଙ୍ଗରା ଏବଂ ତାଙ୍କ ପୁଅ ସଞ୍ଜୟ ବେହେରା ଓରଫ ବାଣ୍ଟୁ ଶ୍ରୀ ଦାସଙ୍କୁ ଜୀବନରୁ ମାରିଦେବା ପାଇଁ ଚେଷ୍ଟା କରିଛନ୍ତି। ଆକ୍ରମଣ ଫଳରେ ପ୍ରବୀରଙ୍କ ଜଙ୍ଘ ଏବଂ ଗୋଡ଼ରେ ଗୁରୁତର ଆଘାତ ଲାଗିଥିଲା। ଜମିଜମା ମାମଲାରେ ଜଣେ ମହିଳାଙ୍କୁ ଆକ୍ରମଣ କରିବା ଘଟଣାରେ ପୂର୍ବରୁ ବାଙ୍ଗରା ଉତ୍ତ୍ୟକ୍ତ ହୋଇ ବାଣ୍ଟୁ-ବାଙ୍ଗରା ବାପ ପୁଅ ତାଙ୍କ ଉପରକୁ କୋଦାଳ ଏବଂ ବାଉଁଶ ମୂଳୀ ସହାୟତାରେ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣ ଘଟଣା ପରେ ଶ୍ରୀ ଦାସ ବର୍ତ୍ତମାନ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ଶ୍ରୀ ଦାସ ଜଣେ ବରିଷ୍ଠ ଆଇନଜୀବୀ ହେବା ସହ ଭୁବନେଶ୍ୱରରୁ ପ୍ରକାଶିତ ଏକ ଖବରକାଗଜର ପ୍ରତିଷ୍ଠାତା ସମ୍ପାଦକ ମଧ୍ୟ ଅଛନ୍ତି। ଏହି ଘଟଣାକୁ ନେଇ ରେମୁଣା ପୁଲିସ ଏକ ମାମଲା ରୁଜୁ କରିଛି।

**ଏସଏଫ୍‌ଆଇ ବାଲେଶ୍ୱର ଜିଲ୍ଲା ସାଂଗଠନିକ କମିଟିର କନଭେନସନ୍**

# ସୌମ୍ୟାଶ୍ରୀଙ୍କ ମୃତ୍ୟୁର ବିଚାର ବିଭାଗୀୟ ତଦନ୍ତ ଦାବି

ବାଲେଶ୍ୱର,୨୩।୭ (ସମିସ)

ଶିକ୍ଷାନୁଷ୍ଠାନ ହତାରେ ନିରାପତ୍ତା ଓ ସମାନତା ହାସଲ ପାଇଁ ସଂଗ୍ରାମ ଠାରୁ ସୌମ୍ୟାଶ୍ରୀ ପାଇଁ ନ୍ୟାୟ ଅଲଗା ନୁହେଁ ବୋଲି ଭାରତର ଛାତ୍ର ଫେଡେରେସନ୍ (ଏସ୍.ଏଫ୍.ଆଇ) ପକ୍ଷରୁ ଆୟୋଜିତ କନଭେନସନରେ ବକ୍ତବ୍ୟ ରଖି ସର୍ବଭାରତୀୟ ସାଧାରଣ ସମ୍ପାଦକ ଶ୍ରୀଜନ ଭଟ୍ଟାଚାର୍ଯ୍ୟ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଶ୍ରମିକ ଭବନ ସମ୍ମିଳନୀ କକ୍ଷରେ ସୌମ୍ୟାଶ୍ରୀଙ୍କୁ ସରକାରୀ କଳର ଯୋଜନାବଦ୍ଧ ହତ୍ୟାର ବିଚାର ବିଭାଗୀୟ ତଦନ୍ତ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ଇସ୍ତଫା ଦାବି, ଶିକ୍ଷାନୁଷ୍ଠାନ ହତାରେ ଗଣତାନ୍ତ୍ରିକ ଅଧିକାର ଓ ନିରାପତ୍ତା ଆଦି ପ୍ରସଙ୍ଗ ଉପରେ ଏସ ଏଫ୍ ଆଇ ବାଲେଶ୍ୱର ଜିଲ୍ଲା ସାଂଗଠନିକ କମିଟି ପକ୍ଷରୁ ଏକ କନଭେନସନ୍ ଆୟୋଜିତ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଏସ ଏଫ୍ ଆଇ ସର୍ବଭାରତୀୟ ସାଧାରଣ ସଂପାଦକ ଶ୍ରୀଜନ ଭଟ୍ଟାଚାର୍ଯ୍ୟ କହିଲେ ଯେ ଶାସକ ଦଳ ସୌମ୍ୟାଶ୍ରୀଙ୍କୁ ନ୍ୟାୟ




ଦେବା ପରିବର୍ତ୍ତେ ମାସ ମାସ ଧରି ତାଙ୍କର ଅଭିଯୋଗ ପ୍ରତି ଅଣଦେଖା ଓ ଅବିଚାର କରି ଆତ୍ମହତ୍ୟା ଆଡ଼କୁ ଠେଲି ଦେଇ ଥିଲା। ବିଦ୍ୟାର୍ଥୀ ପରିଷଦର ସକ୍ରିୟ ସଦସ୍ୟ ଥିବା ସୌମ୍ୟାଶ୍ରୀଙ୍କୁ ସୁରକ୍ଷା ଓ ନିରାପତ୍ତା ଦେଇ ପାରିଲା ନାହିଁ। ଯେଉଁମାନେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପାଇଁ ସେମାନଙ୍କୁ ଠିକଣା ଭାବେ ଚିହ୍ନଟ କରିବାର ଆବଶ୍ୟକତା ରହିଛି। ରାଜ୍ୟ ସରକାର ନିଯୁକ୍ତ କରିଥିବା କ୍ରାଇମ୍ ବ୍ରାଞ୍ଚ ତଦନ୍ତକୁ ପ୍ରତ୍ୟାଖ୍ୟାନ କରି ଭଟ୍ଟାଚାର୍ଯ୍ୟ କହିଲେ ଯେ ବିଚାର ବିଭାଗୀୟ ତଦନ୍ତ ହେଲେ ସରକାରୀ ଦଳର ଚାପରୁ ମୁକ୍ତ ହୋଇ ନୀରପେକ୍ଷ ଭାବେ ତଦନ୍ତ କରି ପାରିବ। ଶ୍ରୀ ଭଟ୍ଟାଚାର୍ଯ୍ୟ କହିଲେ ଯେ ସୌମ୍ୟାଶ୍ରୀ ପାଇଁ ନ୍ୟାୟ ଦାବୀକୁ ଶିକ୍ଷାନୁଷ୍ଠାନ ହତାରେ ନିରାପତ୍ତା ଓ ସମାନତା ପାଇଁ ଚାଲିଥିବା ବୃହତ୍ତର ସଂଗ୍ରାମର ଏକ ଅଂଶ ଭାବେ ଏସ ଏଫ୍ ଆଇ ବିଚାର କରେ। ମନୁବାଦୀ ସାମ୍ପ୍ରଦାୟିକ ବିଜେପି ଦଳ ନାରୀ ସ୍ୱାଧିନତା ଓ ଦଳିତ ମୁକ୍ତି ବିରୋଧୀ ଆଦର୍ଶରେ ବିଶ୍ୱାସ କରେ। ତେଣୁ ଅପରାଧୀଙ୍କ ବିରୋଧରେ ଦୃଢ଼ ଆଇନ ବଦଳରେ ଆଇନ ଅପରାଧିଙ୍କ କୋଳରେ ଆଶ୍ରୟ ନେଇଛି। ଓଡ଼ିଶାରେ ବଢୁଥିବା ନାରୀ ଧର୍ଷଣ, ଶିକ୍ଷାନୁଷ୍ଠାନ ହତାରେ ସୌମ୍ୟାଶ୍ରୀ ଓ ପ୍ରକ୍ରିତୀ ହତ୍ୟା ଓ ଦଳିତ ନିର୍ଯାତନା ତାର ପ୍ରମାଣ ବୋଲି ସେ କହିଥିଲେ। ଏସ ଏଫ୍ ଆଇ ର ପ୍ରାକ୍ତନ ରାଜ୍ୟ ଉପସଭାପତି ତଥା ପୂର୍ବତନ ନୀଳଗିରି ବିଧାୟକ ପ୍ରଦୀପ୍ତ ପଣ୍ଡା କାର୍ଯ୍ୟକ୍ରମରେ ଯୋଗଦେଇ କହିଲେ ଯେ ସୌମ୍ୟାଶ୍ରୀ ଓ ତାଙ୍କ ଭାଇ ନିଜ ଦସ୍ତଖତରେ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କୁ ଟୁଇଟର ଜରିଆରେ ବାର୍ତ୍ତା ଦେବା ସତ୍ତ୍ୱେ କେହି ସେଥିପ୍ରତି କର୍ଣ୍ଣପାତ ନକରିବା ହେଉଛି ଚରମ ଦାୟିତ୍ୱହୀନତା ଓ ମାନବିକ ସମ୍ବେଦନ ଶୂନ୍ୟତା ଓ ଏମାନେ ଜନ ପ୍ରତିନିଧି ହେବାର ସମସ୍ତ ନୈତିକ ଅଧିକାର ହରାଇଛନ୍ତି।

ଏସ ଏଫ୍ ଆଇ ରାଜ୍ୟ ସମ୍ପାଦକ ଚନ୍ଦନ ସାହୁ ନିଜ ବକ୍ତବ୍ୟରେ କହିଲେ ଯେ ଅଧ୍ୟକ୍ଷ ଓ କଲେଜ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସୌମ୍ୟାଶ୍ରୀଙ୍କୁ ମୃତ୍ୟୁମୁଖକୁ ପଠାଇଛି। ଏମାନଙ୍କୁ ତଦନ୍ତ ପରିସର କରିବା ସହ ସବୁ କଲେଜରେ ଯୌନ ନିର୍ଯାତନା ବିରୋଧୀ ଆଇନ ସକ୍ରିୟ ଭାବେ କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ଏସ ଏଫ୍ ଆଇ ରାଜ୍ୟ ସଭାପତି ଚନ୍ଦନ କାମୀଲାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ରାକ୍ଷୀ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଲିପୁ ବଳିଆରସିଂହ, ରାଜ୍ୟ କମିଟି ସଭ୍ୟ ମାନସ ରଞ୍ଜନ ଦଳବେହେରା , ଅଭିଳାଷ ମ, ମଲିକ, ବାଲେଶ୍ୱର ଛାତ୍ର ନେତା ଅଚ୍ୟୁତାନନ୍ଦ ଜେନା, ସୌରଭ ସାର୍ଥକ ସାହୁ ଓ ତୁଳସୀ ସିଂହ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭା ପରେ ଶ୍ରୀଜନ ଭଟ୍ଟାଚାର୍ଯ୍ୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୌମ୍ୟାଶ୍ରୀଙ୍କ ପଲାସିଆ ବାସଭବନକୁ ଯାଇ ତାଙ୍କ ପିତାମାତାଙ୍କୁ ସାକ୍ଷାତକର ସ୍ୱାନ୍ତନା ଦେଇଥିଲେ ଓ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଏସ ଏଫ୍ ଆଇ ଲଢେଇ ଜାରୀ ରହିବ ବୋଲି କହିଥିଲେ। ପ୍ରାରମ୍ଭରେ କେରଳର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ , ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ସାମ୍ୟବାଦୀ ନେତା ଭି ଏସ ଅଚ୍ୟୁତନନ୍ଦନ ପ୍ରତି ଶ୍ରଦ୍ଧାଞ୍ଜଳୀ ଜଣାଇ ଏକ ମିନିଟ୍ ନୀରବତା ଅବଲମ୍ବନ କରାଯାଇଥିଲା।

**ଏବିଭିପି ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି**

# ରାଲିରେ ଯିବାବେଳେ ୨୦ରୁ ଅଧିକ ଛାତ୍ରଛାତ୍ରୀ ଅସୁସ୍ଥ





ବାଲେଶ୍ୱର,୨୩।୭ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଏଡ ଛାତ୍ରୀ ସୌମ୍ୟାଶ୍ରୀ ବିଭାଗୀୟ ଏଚଓଡିଙ୍କ ନିର୍ଯାତନା ସହି ନ ପାରି ଶେଷରେ ନିଜ ଦେହରେ ପେଟ୍ରୋଲ ଢ଼ାଳି ଗତ ୧୨ତାରିଖରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରେ ଗୁରୁତର ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏମସରେ ଚିକିତ୍ସିତ ହେଉଥିବା ବେଳେ ୧୪ତାରିଖରେ ତାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ଆଜି ଏବିଭିପି ଛାତ୍ର ସଙ୍ଗଠନ ପକ୍ଷରୁ କଲେଜ ସମ୍ମୁଖରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି। ତେବେ ଏବିଭିପି ପକ୍ଷରୁ ଆଜି ସକାଳ ୧୧ଟା୩୦ମିନିଟ ସମୟରେ ସ୍ଥାନୀୟ ଖ୍ରୀଷ୍ଟିଆନ ହାଇସ୍କୁଲ ପଡିଆରୁ ଏକ ଶୋଭାଯାତ୍ରାରେ ଫକୀରମୋହନ ସ୍ୱୟଂଶାସିତ କଲେଜ ସମ୍ମୁଖରେ ପହଁଚିଥିଲେ। ସେଠାରେ ଏବିଭିପି ଛାତ୍ରଛାତ୍ରୀ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ସ୍ମୃତି ଚାରଣ କରିଥିଲେ। ଅନ୍ୟପଟେ ଆଜି ପ୍ରବଳ ଗରମ ସହ ଗୁଳୁଗୁଳି ହେଉଥିଲା। ଏହି ସମୟରେ ଚାରେଟି ଜିଲ୍ଲାରୁ ପ୍ରାୟ ଶତାଧିକ ଛାତ୍ରଛାତ୍ରୀ ଆସିଥିଲେ। ସୋମାନେ ଖ୍ରୀଷ୍ଟିଆନ ହାଇସ୍କୁଲ ପଡିଆରୁ ଫକୀରମୋହନ କଲେଜ ନିକଟକୁ ଆସିଥିଲେ। ତେବେ ସେଠାରେ କୌଣସି ପ୍ରକାର ବ୍ୟବସ୍ଥା ନଥିବା ବେଳେ ପ୍ରବଳ ଗରମ ଯୋଗୁ ପ୍ରାୟ୨୦ରୁ ଅଧିକ ଛାତ୍ରଛାତ୍ରୀ ଅଚେତ ହୋଇ ପଡିଥିଲେ। ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ସେମାନଙ୍କର ଚିକିତ୍ସା କରାଯାଇ ଛାଡି ଦିଆଯାଇଛି।

# ତାଲ ଦରବାରର ସ୍ୱନକ୍ଷତ୍ର ଉତ୍ସବ




ବାଲେଶ୍ୱର,୨୩।୭ (ସମିସ): ସହରର ଅନ୍ୟତମ ସାଂସ୍କୃତିକ ଅନୁଷ୍ଠାନ ତାଲ ଦରବାରର ତୃତୀୟ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ସଙ୍ଗୀତ ଦରବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ କବି ପ୍ରଶାନ୍ତ ଦାସ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତି ଓ ପରମ୍ପରାକୁ ରକ୍ଷା ଦିଗରେ ତାଲ ଦରବାର ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି ମତ ଦେଇଥିଲେ। ଭୁବନେଶ୍ୱରର ବିଶିଷ୍ଟ ତବଲା ବାଦକ ବିଦ୍ୱାନ କୁଳମଣି ସାହୁ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ତାଳ ଓ ବାଦ୍ୟର ସମିଶ୍ରଣରେ ସଂଗୀତ ପ୍ରାଣ ସଂଚାର କରିପାରେ ବୋଲି କହିଥିଲେ। ଅନୁଷ୍ଠାନର ସଭାପତି ତଥା ହରି ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ସଂଗ୍ରାମ ଦାସ ଏହି ଅବସରରେ ଭିଡିଓ ମାଧ୍ୟମରେ ବାର୍ତ୍ତା ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅଜିତାନନ୍ଦ ଦେବଗୋସ୍ୱାମୀ ଏଥିରେ ପୌରହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ କଲିକତାର ସରୋଦ ବାଦକ ବିଦ୍ୱାନ ମୋନିତ ପାଲଙ୍କୁ ତାଲ ଦରବାର କଥକ ସ୍ୱରଜ୍ୟୋତି ସମ୍ମାନ ୨୦୨୫, ଶ୍ରୀନିକ୍ସ ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ପ୍ରଫେସର ଯଶୋବନ୍ତ କୁମାର ମହାନ୍ତି ଓ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ସୁଧାଂଶୁ ପଣ୍ଡାଙ୍କୁ ଶିକ୍ଷାଜ୍ୟୋତି ସମ୍ମାନ, ଶ୍ରୀକାନ୍ତ ମହାପାତ୍ର ଓ ଭାରତୀ ପଣ୍ଡାଙ୍କୁ ସେବା ଜ୍ୟୋତି ସମ୍ମାନ, ବିଶିଷ୍ଟ ସାମ୍ବାଦିକ ଅଜିତ କୁମାର ମହାନ୍ତିଙ୍କୁ ସାମ୍ବାଦିକ ଜ୍ୟୋତି ସମ୍ମାନ, ସଞ୍ଜୟ ରାଉଳଙ୍କୁ ଚିତ୍ରକଳା ଭାସ୍କର୍ଯ୍ୟ ଜ୍ୟୋତି ସମ୍ମାନ, ସଚ୍ଚିଦାନନ୍ଦ ସାହୁଙ୍କୁ ସଙ୍ଗୀତ ଜ୍ୟୋତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଓଜିଏମ ଏକାଡେମୀ ଓ ସାଇ ନୃତ୍ୟ ସଂଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ହିନ୍ଦୁସ୍ଥାନୀ କଣ୍ଠ ସଂଗୀତ ଗାୟନ କରିଥିଲେ ଓ ପରେ ଗୁରୁ ସଚିଦାନନ୍ଦ ସାହୁ, ଗୁରୁ ବଂଶୀଧର ରଣା, ଗୁରୁ ରାଜେଶ ବେହେରା, ଗୁରୁ ସଞ୍ଜୀବ ବେହେରା, ଗୁରୁ ପ୍ରଭାକର ଜେନାଙ୍କ ସହ ରାଜକୁମାର ବେହେରା ଓ ଓମପ୍ରକାଶ ଗିରି ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କବୟିତ୍ରୀ ଶୁଭଶ୍ରୀ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସଙ୍ଗୀତଜ୍ଞ ନନ୍ଦକିଶୋର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସଭାପତିଙ୍କ ନାଁରେ ବସ୍ତା କଂଗ୍ରେସର ଅଭିଯୋଗ



ରାଜଘାଟ, ୨୩।୭ (ସମିସ): ବିଜେପିର ରାଜ୍ୟ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଦଳକୁ ବଳାତ୍କାରୀଙ୍କ ଦଳ ଦେଶର ବିରୋଧି ଦଳର ନେତା ରାହୁଲ ଗାନ୍ଧୀ ଜଣେ ଦେଶ ଦ୍ରୋହି ବୋଲି କହିଥିଲେ ଯାହାକି ଏକ ଉତ୍ତେଜନା ପ୍ରବଣ ଓ ଦେଶର ଅଶାନ୍ତ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ। ଏହା ଏକ ଆପତ୍ତି ଜନକ ମନ୍ତବ୍ୟ, ତେଣୁ ଏହାର ପ୍ରତିବାଦ କରି ଆଜି ବସ୍ତା କଂଗ୍ରେସ ପକ୍ଷରୁ ବସ୍ତା ଥାନାରେ ଅଭିଳାଷ ପଣ୍ଡାଙ୍କ ନାମରେ ବସ୍ତା କଂଗ୍ରେସ ଅଭିଯୋଗ କରିଛି। ଦଳ ପକ୍ଷରୁ ଜିଲ୍ଲା ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା, ବରିଷ୍ଠ କଂଗ୍ରେସ ନେତା ମଦନ ଭକ୍ତା, ଜିଲ୍ଲା କଂଗ୍ରେସ କିଶାନ ସଭାପତି ଜୟନ୍ତ ମହାପାତ୍ର, ବସ୍ତା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ଉପସଭାପତି ସେକ କବିରୁଦ୍ଦିନ, ଛାତ୍ର କଂଗ୍ରେସ ସଭାପତି ଅବିନାଶ ନାୟକ, ଦୁଧହସା ପଞ୍ଚାୟତ ସଭାପତି ଚୈତନ୍ୟ ଗୋଛାୟତ, ଜଗନ୍ନାଥ ଜେନା, ଅଭୟ ଗିରି ପ୍ରମୁଖ ବସ୍ତା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି।

# ସହାୟକ ପକ୍ଷରୁ ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ

ବାଲେଶ୍ୱର,୨୩।୭ (ସମିସ): ସହାୟକ ବାଲେଶ୍ୱର ପକ୍ଷରୁ ବାଲିଆପାଳ ବ୍ଲକର ଜାମକୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଲକପାଳ ଗ୍ରାମରେ ରିଲିଫ ବଣ୍ଟନ କାର୍ଯ୍ୟ ହୋଇଯାଇଛି। ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର ବାଲେଶ୍ୱର କାର୍ଯ୍ୟାଳୟରେ ସହାୟକର ସଭାପତି ଡ. କ୍ଷିତୀଶ୍ୱର ଦାଶ, ବରିଷ୍ଠ ଉପଦେଷ୍ଟା ଇଂ ବନମାଳୀ ନାୟକ, ନିରଞ୍ଜନ ପରିଡା, କୁମୁଦ ରଞ୍ଜନ ଗିରି, ସୁରେନ୍ଦ୍ର ନାୟକ, ଗଙ୍ଗାଧର ପୃଷ୍ଟି, ରବିନାରାୟଣ ଭୋଳ ପ୍ରମୁଖ ରିଲିଫ ବଂଟନ କାର୍ଯ୍ୟରେ ଯୋଗ ଦେଇଥିବା ସଦସ୍ୟ ସଦସ୍ୟାମାନଙ୍କୁ ସ୍ୱାଗତ କରିଥିଲେ। ସଦସ୍ୟ ସଦସ୍ୟାମାନେ ରିଲିଫ ସାମଗ୍ରୀ ଧରି ବାଲିଆପାଳ ବ୍ଲକର ଲକପାଳ ଗ୍ରାମ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ଦଣ୍ଡିକା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଂଚାନନ ନାୟକଙ୍କ ସହ କାଳିଚରଣ ନାୟକ ଓ ସଞ୍ଜୟ ଦାସ ସହାୟକର ସଦସ୍ୟ ସଦସ୍ୟାମାନଙ୍କୁ ଲକ୍ଷେଶ୍ୱର ମହାଦେବ ମନ୍ଦିର ନିକଟରେ ସ୍ୱାଗତ କରିଥିଲେ। ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମର ଦୁଇଟି ୱାର୍ଡର ମୋଟ୧୦୭ଟି ପରିବାର ମଧ୍ୟରେ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ 'ସହାୟକ' ବାଲେଶ୍ୱର ପକ୍ଷରୁ ପ୍ରଫୁଲ୍ଲ କୁମାର ଦାସ, ଗୁଣାକର ଦେ, ରବୀନ୍ଦ୍ରନାଥ ଗିରି, ଅକ୍ଷୟ କୁମାର କର, ଇଂ କେଶବ ଚରଣ ମହାନ୍ତି, ଲକ୍ଷ୍ମୀପ୍ରିୟା ଜେନା, ପ୍ରଣିତା ମିଶ୍ର, ଅମିତା ଦାଶ, ସାବିତ୍ରୀ ଦାସ ଅଂଶଗ୍ରହଣ କରିଥିଲେ।



# ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ




ବାଲେଶ୍ୱର,୨୩।୭ (ସମିସ): ସ୍ଥାନୀୟ ଷ୍ଟେସନ କ୍ଲବ ପରିସରରେ ଭାରତୀୟ ମଜଦୁର ସଂଘର ବାଲେଶ୍ୱର ଜିଲ୍ଲା ପକ୍ଷରୁ ୭୧ତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲା ସଭାପତି ସଙ୍ଗିତା ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବିଭିନ୍ନ ସ୍ଥାନରୁ ଶ୍ରମିକ ଭାଇ ଓ ଭଉଣୀମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ସଂଘର କୋଷାଧ୍ୟକ୍ଷ ଅପର୍ଣ୍ଣା ପରିଡା ଶ୍ରମିକ ସଙ୍ଗିତ ଗାନ କରିଥିଲେ। ଏହି ଅବସରରେ ଜିଲ୍ଲା ସମ୍ପାଦକ ଅରୂପ କୁମାର ନାୟକ ଭାରତୀୟ ମଜଦୁର ସଂଘ ଭାରତ ବର୍ଷର ଏକ ସର୍ବବୃହତ ଶ୍ରମିକ ସଙ୍ଗଠନ ବୋଲି କହିଥିଲେ। ଏହି ସଂଘ ୧୯୫୫ମସିହା ଜୁଲାଇ ୨୩ତାରିଖରୁ ଆରମ୍ଭ ହୋଇ ବର୍ତମାନ ପର୍ଯ୍ୟନ୍ତ ନିରବଛିନ୍ନ ଭାବେ ୭୧ବର୍ଷରେ ପଦର୍ପଣ କରିଛି। ମଜଦୁର ସଂଘର ପ୍ରତିଷ୍ଠାତା ଦତପନ୍ତ ଠେଙ୍ଗଡୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଅଦ୍ୟାବଧି ରାଜନୈତିକ ଶ୍ରମିକ ସଂଘ ଭାବରେ ଉଭା ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ନଗର ସଂଘଚାଳକ ଗୋପାଳଚନ୍ଦ୍ର ନାୟକ ଯୋଗଦେଇ ଭାରତୀୟ ମଜଦୁର ସଂଘ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଏକ ବିବିଧ କ୍ଷେତ୍ର, ରାଷ୍ଟ୍ର ହିତ, ଉଦ୍ୟୋଗ ହିତ ଓ ଶ୍ରମିକ ହିତର ଲକ୍ଷ ନେଇ ୭୧ବର୍ଷରେ ପଦାର୍ପଣ କରିଛି ବୋଲି ମତବ୍ୟକ୍ତ କରଥିଲେ। ଭାରତୀୟ ମଜଦୁର ସଂଘ ଅଖିଳ ଭାରତୀୟ କମିଟିର ନିର୍ଦ୍ଦେଶ ଅନୁସାରେ ଦିଲ୍ଲୀ ଠାରେ ଅନୁଷ୍ଠିତ ହେଉଥିବା ୭୦ବର୍ଷ ପୂର୍ତ୍ତି ସମାରୋହ ଉତ୍ସବକୁ ଏହି ଠାରେ ଲାଇଭ ପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଲୋକ ପଣ୍ଡା, ଅଞ୍ଜନ କର, ସଞ୍ଜୟ ଦେ, ସୀତା ଦାସ, ଶକୁନ୍ତଳା ଗୋଛାୟତ, ଜାନକୀ ରାଉଳ, ଭାରତୀ ସ, ମନ୍ମୟ ଦାସ, ନିରଞ୍ଜନ ସିଂ, ରିନାରାଣୀ ଜେନା, ସୌଭାଗ୍ୟବତୀ ରାୟ, ଅଭୟ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସହ ସମ୍ପାଦକ ହିମାଂଶୁ ବେରା ଧନ୍ୟବାଦ ଦେଇଥିଲେ।

# ଫାଇଲେରିଆ ସାମୂହିକ ଔଷଧ ବଣ୍ଟନ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୨୩।୭ (ସମିସ)

ଫାଇଲେରିଆ ରୋଗର ନିରାକରଣ ପାଇଁ ଆସନ୍ତା ଅଗଷ୍ଟ ମାସ ୧୦ ତାରିଖରୁ ଆରମ୍ଭ ହେବାକୁ ଯାଉଛି ସାମୁହିକ ବାତଜ୍ୱର/ ଫାଇଲେରିଆ ଔଷଧ ସେବନ ଅଭିଯାନ। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ମେଲେରିଆ ଅଧିକାରୀ ଡା. ସୂର୍ଯ୍ୟ ପ୍ରକାଶ ରାଉତରାୟ ଉପସ୍ଥିତ




ରହି ଅଭିଯାନର ଆଭିମୁଖ୍ୟ ଓ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକରେ ଅଧିକ ମାତ୍ରାରେ ଫାଇଲେରିଆ- ବାତଜ୍ୱର ପରିଲକ୍ଷିତ ହେଉନଥିବା ବେଳେ ଏହାର ନିରାକରଣ ପାଇଁ ପଦକ୍ଷେପ ନିଆଯାଉଥିବା ବିଷୟରେ କହିଥିଲେ। ଏ ନେଇ ଆସନ୍ତା ଅଗଷ୍ଟ ୧୦ ତାରିଖରୁ ୧୦ ଦିନ ବ୍ୟାପୀ ବାତ ଜ୍ୱର ଔଷଧ ସେବନ ପାଇଁ ନିଷ୍ପତ୍ତି ନିଆଯାଇଛି। ସ୍ୱାସ୍ଥ୍ୟ କର୍ମୀଙ୍କ ସମେତ ଅଙ୍ଗନବାଡ଼ି କର୍ମୀ ଓ ଆଶା କର୍ମୀ ମାନେ ଏହି ଔଷଧ ବଣ୍ଟନ କାର୍ଯ୍ୟରେ ସାମିଲ ହେବେ ବୋଲି ଡା. ରାଉତରାୟ କହିଛନ୍ତି। ପ୍ରଭାବିତ ଅଞ୍ଚଳର ଦୁଇ ବର୍ଷର ଶିଶୁଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଫାଇଲେରିଆ ନିରାକରଣ ଔଷଧ ସେବନ କରାଯିବ। ଉଚ୍ଚ ରକ୍ତଚାପ,ମଧୁମେହ ଓ ପ୍ରସୂତିଙ୍କ ସହ ଦୁରାରୋଗ ପୀଡ଼ିତଙ୍କ ବ୍ୟତୀତ ଅନ୍ୟ ସମସ୍ତେ ଏହି ଔଷଧ ସେବନ କରିପାରିବେ ବୋଲି ବାହକ ରୋଗ ପରାମର୍ଶଦାତା ସୁପ୍ରିୟା ପାଢ଼ୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରାଜ୍ୟ ନୋଡାଲ ସଂଯୋଜକ ଡ. ନିଶିତ ଦାସ, ଡ ସଞ୍ଜୀବ ପ୍ରଧାନ ଓ ଡିପିଏମ ଚକ୍ରଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**CENTRAL UNIVERSITY OF ODISHA, KORAPUT**
(Established Under the Central Universities Act, 2009)
Dept. of Higher Education, Ministry of Education, Govt. of India
NAD, Sunabeda, Dist-Koraput, Odisha. PIN-763004
Website: www.cuo.ac.in

**ADMISSION NOTIFICATION FOR M.SC. IN BIODIVERSITY AND CONSERVATION OF NATURAL RESOURCES**

Activity Schedule :

| | |
|---|---|
| Date & Time for Reporting: | 28.07.2025 (9.30 AM to 10.30 AM) |
| Date & Time for Document Verification | 28.07.2025 (10.30 AM to 11.30 AM) |
| Date & Time for Entrance Examination | 28.07.2025 (11.30 AM to 12.30 PM) |
| Date & Time for Publication of Result & Merit List | 28.07.2025 (by 2.30 PM) |
| Date & Time for Admission | 28.07.2025 (2.30 PM onwards) |

For more details please visit our website(s): www.cuo.ac.in
For any query: Contact No. 9439185655 / 9668887305 / 8144744270
Email: admission@cuo.ac.in

Sd/-
Controller of Examinations

# କେନ୍ଦ୍ରାପଡ଼ା ଓ ଯାଜପୁରକୁ ସଂଯୋଗୀକରଣ ରାସ୍ତା ଶୋଚନୀୟ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨୩।୭ (ସମିସ)



କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ଧୋୟା ଅଞ୍ଚଳ ଅଧୀନ ଜଗନ୍ନାଥପୁର-ଦାମୋଦରପାଟଣା ପୂର୍ତ୍ତ ବିଭାଗ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ବିରଜା କ୍ଷେତ୍ର ଯାଜପୁରକୁ ସଂଯୋଗ କରୁଛି। ଏହିରାସ୍ତାକୁ କେନ୍ଦ୍ରାପଡ଼ା ଓ ଯାଜପୁରର ଜୀବନ ରେଖା ବୋଲି କୁହାଯାଏ। ପ୍ରତ୍ୟେକ୍ଷ ଭାବେ ହଜାର ହଜାର ସଂଖ୍ୟକ ଯାନବାହାନ ତଥା କଟକ ଓ ଭୁବନେଶ୍ୱରକୁ ଏହି ଅଞ୍ଚଳରୁ ୧୦ରୁ ଅଧିକ ବସ୍ ଯାତାୟାତ କରେ। ଚଳିତ ବନ୍ୟାରେ ରାସ୍ତା ପାଣିରେ ବୁଡ଼ି ରହିଥିବା ବେଳେ ବନ୍ୟା ଛାଡ଼ିବା ପରେ ରାସ୍ତା ଅବସ୍ଥା ଏବେ ଅଧିକ ଶୋଚନୀୟ ହୋଇପଡ଼ିଛି। ଅନ୍ୟପକ୍ଷରେ ସ୍ଥାନୀୟ ବାଲିଘାଟ ନିଲାମ ହେତୁ ଦୈନିକ ଶହ ଶହ ସଂଖ୍ୟାରେ ବାଲି ବୋଝେଇ ଭାରୀଯାନଗୁଡ଼ିକ ଏହି ରାସ୍ତାରେ ଯାତାୟାତ କରିବା ଫଳରେ ରାସ୍ତା ସମ୍ପୂର୍ଣ୍ଣ ଭାବେ ଯାତାୟାତ ପାଇଁ ଅନୁପଯୁକ୍ତ ହୋଇପଡ଼ିଛି। ପୁନଶ୍ଚ ଦାମୋଦରପାଟଣାରେ ୧୦୦ ମିଟରରୁ ଅଧିକ ଲମ୍ବ ରାସ୍ତା ଦବିଯାଇଥିବାରୁ ବର୍ଷା ହେଲେ ଏଠାରେ ଆଣ୍ଠୁଏ ଲେଖାଁ ପାଣି ଜମି ରହିବା ଫଳରେ ଲୋକମାନେ ଯାତାୟାତ ବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାଦେଇ ବ୍ରାହ୍ମଣୀ ମହାବିଦ୍ୟାଳୟ ଓ କାଶୀନାଥ ମହାବିଦ୍ୟାଳୟକୁ ଯାଉଥିବା ଛାତ୍ରଛାତ୍ରୀ ମଧ୍ୟ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ଛୋଟ ପିଲାମାନେ ଏହି ରାସ୍ତାରେ ସ୍କୁଲ ଓ ଅଙ୍ଗନବାଡ଼ି ଯିବାକୁ ଭୟ କରୁଛନ୍ତି। ପିଲାମାନେ ପାଣିରେ ପଶି ବାରମ୍ବାର ଯିବାଆସିବା କରିବା କାରଣରୁ ବିଭିନ୍ନ ପ୍ରକାର ଚର୍ମ ରୋଗର ଶୀକାର ହେଉଛନ୍ତି। ରାସ୍ତାର ଆସୁ ମରାମତି ପାଇଁ ପୂର୍ତ୍ତବିଭାଗ ଅଣଦେଖା କରୁଥିବାରୁ ଧୋୟା ଅଞ୍ଚଳର ବରିଷ୍ଠ ନାଗରିକ ଜନପ୍ରତିନିଧି, ଶିକ୍ଷାବିତ ଓ ଛାତ୍ରଛାତ୍ରୀ ତଥା ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହି ରାସ୍ତା ଆନ୍ତଃଜିଲ୍ଲାକୁ ସଂଯୋଗ କରୁଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ମଧ୍ୟ ମୁଖ୍ୟମନ୍ତ୍ରୀ, କେନ୍ଦ୍ରାପଡ଼ା ସାଂସଦ, ସ୍ଥାନୀୟ ବିଧାୟକ, ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ସହ ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ସମାଜସେବୀ ଗଗନ ମହାଲିକ, କିଶୋର ରାଉତ, ବଲୁରିଆ ପୂର୍ବତନ ସରପଞ୍ଚ ରତିକାନ୍ତ ସାହାଣୀ, ଅଣ୍ଢରା ପୂର୍ବତନ ସରପଞ୍ଚ ସଞ୍ଜୀବ ମଲ୍ଲିକ, ଅଳପୁଆ ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର ବେହେରା, ବରିଷ୍ଠ ସମାଜସେବୀ ରବୀନ୍ଦ୍ର ପରିଡା, ଯୁବନେତା ପ୍ରଶାନ୍ତ ସ୍ୱାଇଁ, ଆଇନଜୀବୀ ଅଭିଷେକ ବିଶ୍ୱାଳ, ହିମାଂଶୁ ବିଶ୍ୱାଳ, ସାମ୍ବାଦିକ ଭାଗିରଥି ବିଶ୍ୱାଳ, କୃଷକ ନେତା ଭରତ ଚନ୍ଦ୍ର ଦାଶ, ଗୁରୁଚରଣ ଶର୍ମା, ବ୍ରଜବିହାରୀ ଧଳ, ଦେବାଶିଷ ଧଳ, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଏହି ରାସ୍ତାର ମରାମତି ପାଇଁ ଦାବି କରିଛନ୍ତି।

- ଦାମୋଦରପାଟଣାରେ ଦବିଲା ୧୦୦ ମିଟର ରାସ୍ତା
- ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଦାବି

## ଲୁଣାଘେରୀବନ୍ଧ ବୁଲି ଦେଖିଲେ ସହକାରୀ ନିର୍ବାହୀଯନ୍ତ୍ରୀ



ରାଜନଗର,୨୩।୭ (ସମିସ): ରାଜନଗର ବ୍ଲକର ବିଭିନ୍ନ ଲୁଣା ଘେରୀବନ୍ଧଗୁଡିକ ପରିଦର୍ଶନ କରିଛନ୍ତି ତଟବନ୍ଧ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଆଶିଷକୁମାର ସ୍ୱାଇଁ। ପ୍ରଥମେ କେରଡାଗଡ-ଅଳତାଙ୍ଗ ଲୁଣା ଘେରୀବନ୍ଧର ଜଗନ୍ନାଥପୁର ନିକଟରେ ନିର୍ମାଣଧୀନ ପଥର ଡମ୍ପି ଓ ପ୍ୟାକିଂ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। କାମ ଅଧାପନ୍ତରିଆ ଭାବେ କରାଯାଇଥିବାରୁ ରାସ୍ତାରେ ମାଟି ପକାଇ ଉଚ୍ଚ କରିବା ସହ ତୁରନ୍ତ ସାରିବାକୁ ଠିକାସଂସ୍ଥା ଓ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଘେରୀବନ୍ଧର ବଡକୋଟ ଗାଁ ନିକଟରେ ନିର୍ମାଣ ହେଉଥିବା ପଥର ସ୍ପର ସହ ପ୍ୟାକିଂ କାମ ତଦାରଖ କରି ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜନଗର-ଗୋପାଳପୁର ଲୁଣାଘେରୀବନ୍ଧର ବିଜୁଳିଆ ନିକଟରେ ପଥର ଡମ୍ପିଂ ଓ ପ୍ୟାକିଂ ସଠିକ୍ ଭାବରେ ହୋଇନଥିବାରୁ ଲୁଣାଘେରୀବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇଛି। ଘେରୀବନ୍ଧର ନଦୀପାଶ୍ୱର୍ର ତଟ ଅତଡା ଧସି ନଦୀଗର୍ଭକୁ ଚାଲି ଯାଇଥିବାରୁ ବନ୍ଧପ୍ରତି ବିପଦ ଦେଖାଦେଇଛି। ଏହି ସ୍ଥାନକୁ ତଦାରଖ କରିବା ପରେ ଗୁପ୍ତି ସେକ୍ସନର ସାତଭାୟା ଥଇଥାନସ୍ଥଳୀ ବଗପାଟିଆ ଲୁଣାଘେରୀବନ୍ଧ ବୁଲି ଦେଖିଥିଲେ। ଏହି ଘେରୀବନ୍ଧ ନିର୍ମାଣାଧୀନ ଅଂଶ ପରିଦର୍ଶନ କରିବା ସହ ତୁରନ୍ତ କାମ ସାରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କ ସହ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସ୍ୱାଇଁଙ୍କ ସହ ସହକାରୀ ଯନ୍ତ୍ରୀ ଇଂ ରବିନ୍ଦ୍ରକୁମାର ସାମଲ ଓ ଜୟଚନ୍ଦ୍ର ଜେନା, କନିଷ୍ଠ ଯନ୍ତ୍ରୀ ନିତ୍ୟାନନ୍ଦ ମଲ୍ଲଙ୍କ ସହ କର୍ମଚାରୀ ସାମିଲ ଥିଲେ।

## ଗାଡ଼ି ଚେକିଂ କଡାକଡି କଲା ଆଳି ପୁଲିସ

ଆଳି,୨୩।୭ (ସମିସ): ଆଳି ପୁଲିସ ତରଫରୁ ସନ୍ଧ୍ୟାରେ କଟକ ଚାନ୍ଦବାଲି ରାସ୍ତାର ସଲଗ୍ନ ଭୂଇଁପୁର ଛକରେ ଗାଡି ଚେକିଂ କଡାକଡି କରୁଥିବା ନଜରକୁ ଆସିଛି। ଅପରାଧିକ କାର୍ଯ୍ୟକଳାପ, ହେଲମେଟ ଚେକିଂ, ଦ୍ରୁତଗତିରେ ଗାଡି ଚାଳନା, ଅଙ୍କାବଙ୍କା ଗାଡି ଚାଳନା, ମଦ୍ୟପାନ କରି ଗାଡି ଚଳାଉଥିବା ଚାଳକଙ୍କ ବିରୋଧରେ ଜନସାଧାରଣଙ୍କୁ ସଚେତନ କରି ଆବଶ୍ୟକସ୍ଥଳେ ଅମାନିଆ ମଟର ଚାଳକଙ୍କ ଠାରୁ ଗାଡି ଜବତ କରି ଚାଲାଣ କଟାଯାଉଛି। ଗଞ୍ଜେଇ ଓ ମଦ ଆଦି ଅବକାରୀ ଦ୍ରବ୍ୟ ସହିତ ଅନ୍ୟ ଅପରାଧିକ ଦ୍ରବ୍ୟ ଚୋରା ଚାଲାଣକୁ ଧରିବା ପାଇଁ ଯାଞ୍ଚ କରିଥିଲା ଆଳି ପୁଲିସ।

## ଦିବ୍ୟାଙ୍ଗ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

କେନ୍ଦ୍ରାପଡ଼ା,୨୩।୭ (ସମିସ): ରାଜ୍ୟ ସାମାଜିକ ସୁରକ୍ଷା ବିଭାଗ ସହଯୋଗିତାରେ କେନ୍ଦ୍ରାପଡ଼ା ସହର ମାଧପୁରସ୍ଥିତ ପୁନର୍ବାସରେ ଥେରାପି ଗ୍ରହଣ କରୁଥିବା ଦିବ୍ୟାଙ୍ଗ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡିପିଏମୟୁ ବିଭାଗର ଡା. ଶେଖ୍ ଆସିଫ୍ ହୋସେନ୍, ଫାର୍ମାସିଷ୍ଟ ଶୀତୋଷ୍ଣା ପ୍ରିୟଦର୍ଶିନୀ ପରିଡ଼ା ଓ ସହାୟକ ଟିମ୍ ୨୦ ଜଣ ସ୍ୱତନ୍ତ୍ର ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରକୁ ପୁନର୍ବାସ ପକ୍ଷରୁ ପ୍ରୋଜେକ୍ଟ ସୁପରଭାଇଜର ସଞ୍ଜୀବ ଜେନା, ଫିଜିଓଥେରାପିଷ୍ଟ ରଚିତା ଜେନା, ଅକ୍ୟୁପେସେନାଲ୍ ଥେରାପିଷ୍ଟ ଗୁଞ୍ଜନସ୍ମିତା ବେହେରା, ରଞ୍ଜନ କୁମାର ସ୍ୱାଇଁ ପରିଚାଳନାରେ ସହାୟତା କରିଥିଲେ। ମୁଖ୍ୟସ୍ରୋତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରହୁଥିବା ସ୍ୱତନ୍ତ୍ର ଶିଶୁମାନଙ୍କ ଡାକ୍ତରୀ ଟିମ୍ ଦ୍ୱାରା ମାସିକ ସ୍ୱାସ୍ଥ୍ୟଯାଞ୍ଚର ପରିସରଭୁକ୍ତ କରିଥିବାରୁ ପୁନର୍ବାସର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମନୋରଞ୍ଜନ ରାଉତ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ନାୟକ ଓ ଆର୍ଏସ୍ବିୱାଇ ସହ ପ୍ରବନ୍ଧିକା ଜୋସ୍ନା ନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ସପ୍ତାହ ହେଲା ଯୁବକ ନିଖୋଜ

ମାଳିପୁର,୨୩।୭ (ସମିସ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ବଳଭଦ୍ରପୁର ପଞ୍ଚାୟତ ଅଧୀନ ବାଲିପାଟଣା ଗ୍ରାମର ମନୋଜ କୁମାର ଦାଶ (ମନୁଆ ନନା,୪୦) ଗତ ୧୭ ତାରିଖରୁ ନିଖୋଜ ଥିବାରୁ ତାଙ୍କ ପରିବାର ଲୋକ ଚିନ୍ତାରେ ଅଛନ୍ତି। ମନୋଜ ରାଜନଗର ବଜାରରେ ଥିବା ରାଘବେଶ୍ୱର ହୋଟେଲରେ ଦୀର୍ଘ ଦିନ ହେଲା କାମ କରି ଆସୁଥିଲେ। କିନ୍ତୁ ଗତ ୧୭ ତାରିଖରୁ ସେ ହୋଟେଲ ମାଲିକଙ୍କୁ ଘରକୁ ଯିବି କହି ଆସିଥିଲେ। ହେଲେ ସେ ଘରେ ପହଞ୍ଚି ନଥିବା ତାଙ୍କ ପରିବାର ସୂତ୍ରରୁ ଜଣାପଡ଼ିଛି। ମନୋଜ ଙ୍କ ନିଖୋଜ ହେବା ଘଟଣାକୁ ନେଇ ହୋଟେଲ ମାଲିକ ଓ ତାଙ୍କ ପରିବାର ଲୋକେ ନାନା ଆଶଙ୍କା ପ୍ରକାଶ କରିଛନ୍ତି କ୍ଷ ସ୍ଥାନୀୟ ପୋଲିସ ମନୋଜଙ୍କ ଅନ୍ତର୍ଦ୍ଧାନ ହେବା ଘଟଣାର ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହୋଇଛି।



## ପଟ୍ଟାମୁଣ୍ଡାଇ ବନ୍ୟା କ୍ଷୟକ୍ଷତି ଓ ଫସଲହାନୀ ଯୋଗୁଁ ଚିନ୍ତାରେ ଚାଷୀ



ପଟ୍ଟାମୁଣ୍ଡାଇ,୨୩।୭ (ସମିସ): ଚଳିତବର୍ଷ ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀରେ ପ୍ରଳୟଙ୍କରୀ ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ କ୍ଷୟକ୍ଷତି ସାଙ୍ଗକୁ ବ୍ୟାପକ ଫସଲହାନୀ ଘଟିଛି। ବନ୍ୟା ଯୋଗୁଁ ରାସ୍ତାଘାଟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସ୍କୁଲ କଲେଜରେ ପାଣି ପଶି ବହୁତ କିଛି ନଷ୍ଟ କରିଛି। ପ୍ରାୟ ଏକ ସପ୍ତାହରୁ ଅଧିକ ସମୟ ଚାଷଜମିଗୁଡ଼ିକ ବନ୍ୟା ପାଣିରେ ବୁଡ଼ି ରହିବା ଫଳରେ ଧାନ ଓ ବିଭିନ୍ନ ପନିପରିବା ଫସଲହାନୀ ଘଟିଛି। ଧାନତଳି ପ୍ରସ୍ତୁତି ସମୟରେ ପ୍ରାୟ ୧ମାସରୁ ଉର୍ଦ୍ଧ୍ୱ ସମୟ ଧରି ଲଗାଣ ବର୍ଷା ଲାଗି ରହିବା ଫଳରେ ଚାଷୀ ୩ ଥର ଚଢ଼ାଦରରେ ଧାନ ବିହନ କିଣି ତଳି ପକାଇଥିଲେ। ବିଭିନ୍ନ ସୂତ୍ରରୁ ଧାରକରଜ କରି ସେମାନେ ଧାନ ଚାଷ କରିଥିଲେ। ବାରମ୍ବାର ଲଗାଣ ବର୍ଷା ଯୋଗୁଁ ଧାନ ଓ ପନିପରିବା ଫସଲ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଯାହାକିଛି ବଞ୍ଚିଥିଲା ବର୍ଷା ପରେ ବନ୍ୟା ପରିସ୍ଥିତି ଧାନ ଓ ପନିପରିବା ଫସଲ ସମୂଳେ ନଷ୍ଟ ହୋଇଛି। ଚାଷ ପାଇଁ କରଜରେ ବୁଡ଼ି ରହିଥିବା ଚାଷୀମାନେ ବ୍ୟାପକ ଫସଲହାନୀ ଦେଖି ମାନସିକ ଭାରସ୍ୟାମ ହରାଇ ବସିଛନ୍ତି। ବ୍ରାହ୍ମଣୀ, ବୈତରଣୀ ଓ କାଣୀ ନଦୀ ବନ୍ୟାରେ ବ୍ଲକର ୧୪ ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡ କ୍ଷତିଗ୍ରସ୍ତ ହୋଇଛି। ବନ୍ୟା କମିବା ପରେ ମଧ୍ୟ ପଟ୍ଟାମୁଣ୍ଡାଇ ବ୍ଲକର ସିଂହଗାଁ ସିଂହଗାଁ, ଅଳପୁଆ ତରଡ଼ିପାଳ, ପେଣ୍ଠପାଳ, ଅଣ୍ଢରା, ଅମୃତମଣୋହି, ବଲୁରିଆ, ନୀଳକଣ୍ଠପୁର, ବାଛରା, ବାଲିପାଟଣା, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର, ଶାସନ ଆଦି ପଞ୍ଚାୟତର ଚାଷଜମି ପାଣିରେ ବୁଡି ରହିଛି। ବନ୍ୟା ବିପନ୍ନ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ହଜାର ହଜାର ଏକର ଚାଷ ଜମି ବନ୍ୟାଜଳରେ ବୁଡ଼ି ରହିଥିବାରୁ ପନିପରିବା ସମେତ ବିଭିନ୍ନ ଫସଲହାନୀ ଘଟିଛି। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, ତଳବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, କଷଣଅଣ୍ଟା, ନୂଆଗାଁ, କାକୁଡିପଲ୍ଲୀ, ତନୁପୁର, ନନ୍ଦିନୀନଗର, ଷଣ୍ଢପଲ୍ଲୀ, ଅଳଭା ଆଦି ବିଭିନ୍ନ ଅଞ୍ଚଳର ଶହ ଶହ ଏକର ଚାଷଜମି ମଧ୍ୟ ବୁଡି ରହିଛି। ବନ୍ୟା ପାଣିରେ ବୁଡି ରହି ପନିପରିବା ସମେତ ବିଭିନ୍ନ ଫସଲହାନୀ ଘଟିଛି। ସରକାର ଓ ପ୍ରଶାସନ କେବଳ ଗୋଖାଦ୍ୟ ବଣ୍ଟନ କରି ନିଜ ଦାୟିତ୍ୱ ସାରି ଦେଇଛନ୍ତି ବୋଲି ଅଭିଯୋଗ ହେଉଛି। ରାଜ୍ୟ ସରକାର ବନ୍ୟାବିପନ୍ନ ଲୋକମାନଙ୍କୁ ସମସ୍ତ ସରକାରୀ ସହାୟତା ସହ କ୍ଷତିଗ୍ରସ୍ତ ଚାଷୀମାନଙ୍କ ସମବାୟ ଋଣ ଛାଡ଼ ସହିତ ମାଗଣା ସାର ଓ ବିହନ ଯୋଗାଇ ଦେବା ପାଇଁ ବର୍ଷିଆନ ରାଜନେତା ନୃସିଂହ ଚରଣ ଆଚାର୍ଯ୍ୟ, ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌରଅଧ୍ୟକ୍ଷ ହେମନ୍ତ ସାହୁ, ସମିତି ସଭ୍ୟ ଉତ୍ତମ ଜେନା, ସଂଗ୍ରାମ ସ୍ୱାଇଁ, ଶଶିକାନ୍ତ ପଣ୍ଡା ଓ ଉତିକଣ ସଂଗ୍ରାମ ପରିଷଦର ସମ୍ପାଦକ ଆଶିଷ ମଲିକ ପ୍ରମୁଖ ଦାବୀ କରିଛନ୍ତି।

**ଋଣ ଛାଡ଼ ସହ ମାଗଣାରେ ସାର, ବିହନ ଯୋଗାଇବାକୁ ଦାବି**

## ବାଉଁଶ କାଟିବାକୁ ଯାଇ ଯୁବକ ମୃତ

ଆଳି,୨୩।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଧୀନ ଭୂଇଁପୁର ପଞ୍ଚାୟତ ଅଧୀନ କଳମଡ଼ା ଶାସନ ଗ୍ରାମର ଜଣେ ଯୁବକ ବାଉଁଶ କାଟିବା ପାଇଁ ବିଲକୁ ଯାଇଥିବା ବେଳେ ଦୀର୍ଘ ସମୟ ଧରି ନ ଫେରିବାରୁ ଖୋଜା ଖୋଜି ପରେ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ପ୍ରଶାନ୍ତ (୩୮) ମଲ୍ଲିକ। ତାଙ୍କୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ହେଲା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସୂଚନା ମିଳିଛି।

## ସବ୍‌ସିଡି ଟଙ୍କା ହଡ଼ପ ଅଭିଯୋଗ

ରାଜକନିକା,୨୩।୭ (ସମିସ): ବ୍ଲକ୍ ମତ୍ସ୍ୟ ବିଭାଗର ସହକାରୀ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଏକ ମହିଳା ଗୋଷ୍ଠୀ ଦ୍ୱାରା ନିଲାମ ନିଆଯାଇଥିବା ପୋଖରୀର ମାଛ ଚାଷର ସବସିଡି ବାବଦ ୮୦ ହଜାର ଟଙ୍କା ହଡ଼ପ କରିନେଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ ଜୟନଗର ପଞ୍ଚାୟତର ଖୁଣ୍ଟା ଗାଁର ବେହେରାସାହିର ଏକ ପୋଖରୀକୁ ସେହି ଗାଁର ଜୟ ହନୁମାନ ମହିଳା ଗୋଷ୍ଠୀ ୨୦୨୨ ଅଗଷ୍ଟ ୧୦ରୁ ୨୦୨୭ ଜୁନ୍ ୩୦ ତାରିଖ ତଥା ୫ ବର୍ଷ ପାଇଁ ନିଲାମ ନେଇଛନ୍ତି। ଗୋଷ୍ଠୀର ସଭାନେତ୍ରୀ ବାସନ୍ତୀ ଦାସଙ୍କ ଅଗୋଚରରେ ଅନ୍ୟ ଜଣଙ୍କୁ ଏହି ଗୋଷ୍ଠୀର ମାଛ ଚାଷ ପାଇଁ ମିଳିଥିବା ସବସିଡିର ୮୦ ହଜାର ଟଙ୍କା ଅନ୍ୟକୁ ଦେଇଥିବା ସେ ଅଭିଯୋଗ କରି ଏହାର ତଦନ୍ତ ଦାବି କରିଛନ୍ତି। ଗୋଷ୍ଠୀର ଦଶ ଜଣ ସଦସ୍ୟଙ୍କ ବ୍ୟତୀତ ଅନ୍ୟ କାହାକୁ କୌଣସି ଆର୍ଥିକ କାରବାର ନ କରିବାକୁ ବାସନ୍ତୀ ପୂର୍ବରୁ ବିଡିଓ, ଜିଲ୍ଲାପାଳ ଏବଂ ମତ୍ସ୍ୟ ଅଧିକାରୀଙ୍କୁ ଜଣାଇଥିଲେ ହେଁ ସେ ତାହା ନ କରି ଉଦ୍ଦେଶ୍ୟମୂଳକ ଭାବରେ ଏହି ଅର୍ଥ ହଡ଼ପ ପାଇଁ ବାଟ କରିଥିବାରୁ ସେ ଏହି ଘଟଣାକୁ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଜଣାଇ ତଦନ୍ତ ଦାବି କରିଛନ୍ତି।

● ସାହାଣୀ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର

## ଝାରସୁଗୁଡ଼ାକୁ ହରାଇ ସେମିରେ କଟକ



ରାଜକନିକା,୨୩।୭ (ସମିସ): ରାଜକନିକା ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡ଼ା ସଂସଦ ଏବଂ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା ସହଯୋଗରେ ରାଜକନିକାରେ ଚାଲିଥିବା ୬୪ ତମ ସିନିଅର ଆନ୍ତ ଜିଲ୍ଲା ସାହାଣୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର କ୍ୱାଟର ଫାଇନାଲ ଖେଳ କଟକ ଓ ଝାରସୁଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ୫-୦ ଗୋଲରେ ବିଜୟ ଲାଭ କରି ସେମିଫାଇନାଲରେ ପ୍ରବେଶ କରିଛି। ଏହି ଖେଳରେ ମୁଖ୍ୟ ଅତିଥି ଭାବେ ପିସିସି ସମ୍ପାଦିକା ତଥା ଆଳି ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତ୍ରୀ ଦେବସ୍ମିତା ଶର୍ମା ଏବଂ ସମ୍ମାନିତ ଅତିଥି ଭାବେ ଫାଓର ଉପସଭାପତି ବୀରେନ୍ଦ୍ର କୁମାର ବେହେରା, ସହଦେବ ରାଉତ, ଟି ଆଣ୍ଡ ଟି କମିଟି ସଦସ୍ୟ ରମେଶ ଚନ୍ଦ୍ର ମଲ୍ଲିକ ଓ କାର୍ଯ୍ୟକାରୀ ସଦସ୍ୟ ସେକ ଏହସାନ ପ୍ରମୁଖ ଯୋଗଦେଇଥିଲେ। ଆଶୀର୍ବାଦ କାନୁନଗୋ ଖେଳ ପରିଚାଳନା କରିଥିବା ବେଳେ ଦିଲୀପ ରାଉତ ମ୍ୟାଚ କମିଶନର କାର୍ଯ୍ୟ ସମ୍ପାଦନ କରିଥିଲେ। କଟକ ଦଳର ଦୀନବନ୍ଧୁ ଦାସ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ୨୬ ତାରିଖ ସେମି ଫାଇନାଲ ଖେଳ କଟକ ଓ ସୁନ୍ଦରଗଡ଼ ମଧ୍ୟରେ ହେବ ବୋଲି ସାଧାରଣ ସମ୍ପାଦକ ଅଜୟ କୁମାର ନାୟକଙ୍କ ଠାରୁ ପ୍ରକାଶ।

## ଜାତୀୟ ପ୍ରସାରଣ ଦିବସ ପାଳିତ

କେନ୍ଦ୍ରାପଡା,୨୩।୭ (ସମିସ): ଇଣ୍ଡିଆନ ବଡ୍ କାଷ୍ଟିଂ କମ୍ପାନୀ ଆମ ଭାରତରେ ପ୍ରଥମ ପ୍ରସାରଣ ୧୯୨୭ ମସିହା ଜୁଲାଇ ୨୩ ତାରିଖରେ ଆରମ୍ଭ କରିଥିଲା। ସେହି ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ଜାତୀୟ ପ୍ରସାରଣ ଦିବସ ପାଳନ କରାଯାଉଛି। ଏହିକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ଏକ ମାତ୍ର ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ଭାବଗ୍ରାହୀ ଆନୁକୂଲ୍ୟରେ ଭାବଗ୍ରାହୀ କଳା ନିକେତନର ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ଜାତୀୟ ପ୍ରସାରଣ ଦିବସ ପାଳିତ ହୋଇଯାଇଛି। ଭାବଗ୍ରାହୀ କଳା ନିକେତନ ଏବଂ ରେଡିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଫୋରଡସ୍ଥିତ ବାୟା ଆଶ୍ରମର ମହନ୍ତ ହୃଷୀକେଶ ଦାଶ ମହାରାଜ ମୁଖ୍ୟଅତିଥି, ପଣ୍ଡିତ ପଦ୍ମନାଭ ଦାଶ ମୁଖ୍ୟ ବକ୍ତା, ସାମ୍ବାଦିକ ସଚ୍ଚିଦାନନ୍ଦ ବେହେରା, ପ୍ରଫେସର ପ୍ରଶାନ୍ତ କୁମାର ସାମଲ, ସତୀର୍ଥର ସଭାପତି ଅମର ପ୍ରସାଦ ରାଉତ, ଗ୍ରାମ୍ୟ ଉନ୍ନୟନ ସାଂସ୍କୃତିକ ଯୁବ ସଙ୍ଗଠନର ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଗୀତିକାର ବିମଳ ପରିଡା ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। କବି ଗଗନବିହାରୀ ଜେନା, କଣ୍ଠଶିଳ୍ପୀ ଅଜୟ ମହାନ୍ତି, କବୀ ବିଷ୍ଣୁପ୍ରିୟା ସାମଲ, ବିକ୍ରମ କେଶରୀ ସାମଲ, କବି ଅଶୋକ କୁମାର ସାହୁ, ଅଚ୍ୟୁତାନନ୍ଦ ପରିଡ଼ା, ଶିକ୍ଷକ ବିଜୟ ଚନ୍ଦ୍ର ଦାସ, ସ୍ୱର୍ଣ୍ଣକାନ୍ତ ପରିଡା, ନୀରୋଦ ପରିଡା, ସାଇନିତିନ୍ ମହାନ୍ତି, ରେଡିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ପ୍ରସାରଣ ସହାୟକ ଗୌର କୁମାର ଦାସ, ଭାଗବତ ବରାଳ, ଉତ୍ତମ ସାହୁ, ତୋଫାନ ମଲିକ, ଅମର ବିଶ୍ୱାଳ, ଗୌରାଙ୍ଗ ଭୋଇ, ସର୍ବେଶ୍ୱର ପରିଡା, ନିର୍ମଳ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କବିତା ପାଠୋତ୍ସବ ସହିତ ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। ଶେଷରେ ପ୍ରବଚକ ବିକ୍ରମ କେଶରୀ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।




# ନଦୀଘାଟ ରାସ୍ତା ସୁଦୃଢ଼ୀକରଣ ଦାବିରେ ଘାଟରୋକ୍

ରାଜକନିକା,୨୩।୭ (ସମିସ)



ପୂର୍ବ କନିକାକୁ ରାଜନଗର ବ୍ଲକ୍ ସହ ଯୋଡୁଥିବା ଝାଡ଼ମାଳ ଘାଟ ଯାଏ ଯିବାକୁ ଥିବା ସଂଯୋଗୀକରଣ ରାସ୍ତାରେ ଭାରୀଯାନ ଚଳାଚଳ ହେତୁ ଦବିଯିବା ଏବଂ ଡଙ୍ଗାରେ ଲାଇଫ ଜ୍ୟାକେଟ ନ ରହିବା ଭଳି ଦୁଇଟି ଗୁରୁତର ଅନିୟମିତତା ବିରୁଦ୍ଧରେ ସ୍ଥାନୀୟ ଯୁବକମାନେ ପ୍ରତିବାଦ କରି ଘାଟବନ୍ଦ କରିଛନ୍ତି। ସୂଚନାଯୋଗ୍ୟ ଯେ କାଟଣାବଣିଆ ପଞ୍ଚାୟତ ଅଧୀନରେ ଥିବା ବ୍ରାହ୍ମଣୀ ନଦୀର ଏହି ଘାଟରେ ଦୈନିକ ଶହ ଶହ ଲୋକ ନଦୀପାର ହୋଇ ଯାତାୟାତ କରୁଛନ୍ତି। ଲୋକଙ୍କ ଯିବାଆସିବା ପାଇଁ ପଞ୍ଚାୟତ ତରଫରୁ ନଦୀଘାଟ ଯାଏଁ କଂକ୍ରିଟ ରାସ୍ତା କରାଯାଇଛି। ଆରଡି ରାସ୍ତାରୁ ପ୍ରାୟ ୬୦୦ମିଟର ଲମ୍ବର ଏହି ରାସ୍ତାରେ ଦୁଇଚକିଆ ଯିବାଆସିବା କରିବା କଥା। ମାତ୍ର ଚିଙ୍ଗୁଡ଼ି ଚାଷୀମାନେ ତାଙ୍କ ବ୍ୟବସାୟ ପାଇଁ ଦୈନିକ ଦଶଚକିଆ ଟ୍ରଲର ଭଳି ଭାରୀଯାନକୁ ଏହି ରାସ୍ତାରେ ନେବାଆଣିବା ଦ୍ୱାରା ତାହା ଦବିଯାଇଛି। ଜନସାଧାରଣଙ୍କ ବିରୋଧ ସତ୍ତ୍ୱେ ସ୍ଥାନୀୟ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଏହି ରାସ୍ତାରେ ଟ୍ରଲର, ଭ୍ୟାନ ଭଳି ଭାରୀଯାନ ନେଇ ରାସ୍ତାକୁ ନଷ୍ଟ କରିବାରୁ ଆଜି ଝାଡ଼ମାଳର ଯୁବକମାନେ ପ୍ରତିବାଦରେ ଘାଟବନ୍ଦ କରିଛନ୍ତି। ଘାଟ ରାସ୍ତା ବିପର୍ଯ୍ୟସ୍ତ କରିଥିବା ଚିଙ୍ଗୁଡ଼ି ଚାଷୀଙ୍କ ଭାରୀଯାନ ଚଳପ୍ରଚଳ ଉପରେ ପ୍ରଶାସନ କଟକଣା ଲଗାଇବା, ଘାଟରେ ଯାତ୍ରୀଙ୍କ ପାଇଁ ଲାଇଫ ଜ୍ୟାକେଟ ବ୍ୟବହାରକୁ ସୁନିଶ୍ଚିତ କରି ଜୀବନରକ୍ଷା ଭଳି ପଦକ୍ଷେପ ଆଦି ଦାବିରେ ଦିନ ତମାମ ଘାଟକୁ ବନ୍ଦ କରାଯାଇଥିଲା। ବ୍ଲକ୍ ପ୍ରଶାସନ କୌଣସି ତ୍ୱରୀତ ପଦକ୍ଷେପ ନ ନେଇ ଘଟଣାଉପରେ ନଜର ରଖିଥିବାରୁ ସମାଧାନ ହୋଇପାରିନାହିଁ। ପୁନଶ୍ଚ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ମାର୍ଚ୍ଚରେ ଘାଟକୁ ନିଲାମ ଦେଇ ପଞ୍ଚାୟତକୁ ତାର ତଦାରଖ ଦାୟିତ୍ୱ ଦେଇଥାଏ। ମାତ୍ର ଚଳିତବର୍ଷ ଏହି ଘାଟ ଏଯାବତ ନିଲାମ ହୋଇ ନ ଥିବା ବେଳେ ପଞ୍ଚାୟତ ପକ୍ଷରୁ ଏହାକୁ ଦୈନିକ ଭଡ଼ା ସୂତ୍ରରେ ପରିଚାଳନା କରିବା ପାଇଁ ପୂର୍ବରୁ ଘାଟ ନେଇଥିବା ବ୍ୟକ୍ତିକୁ ଘାଟକୁ ଚଳାଇବାର ଅନୁମତି ଦେଇଛି। ସ୍ଥାନୀୟ ଯୁବକଙ୍କ ଦାବିରେ ଆଜିର ପ୍ରତିବାଦକୁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଇ ସମାଧାନର ରାସ୍ତା ବାହାର କରିବାକୁ ଦାବି ହୋଇଛି।

**ଭାରୀଯାନ ଚଳାଚଳରେ କଟକଣା ଲାଗୁ**

**ଯାତ୍ରୀ ସୁରକ୍ଷା ପାଇଁ ଲାଇଫ୍ ଜ୍ୟାକେଟ୍ ହେଉ ବାଧ୍ୟତାମୂଳକ**

## କେନ୍ଦ୍ରାପଡ଼ାରେ ନୂତନ ଜିଲ୍ଲାପାଳଙ୍କ ଯୋଗଦାନ

କେନ୍ଦ୍ରାପଡ଼ା,୨୩।୭ (ସମିସ): କେନ୍ଦ୍ରାପଡ଼ାରେ ନୂତନ ତଥା ୫୨ତମ ଜିଲ୍ଲାପାଳ ଭାବେ ରଘୁରାମ ଆର୍ ଆୟାର (ଭାପ୍ରସେ) ଯୋଗଦେଇଛନ୍ତି। ପୂର୍ବରୁ ସେ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ। ପୂର୍ବତନ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି। ଜିଲ୍ଲାପାଳ ଯୋଗଦେବା ବେଳେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ସ୍ୱାଗତ କରିଥିଲେ। ନୂତନ ଜିଲ୍ଲାପାଳ ରଘୁରାମ ଆୟାର ଆରାଧ୍ୟ ଦେବତା ପ୍ରଭୁ ବଳଦେବ ଜୀଉଙ୍କୁ ଦର୍ଶନ କରିବା ପରେ ମନ୍ଦିର ବେଢ଼ା ପ୍ରଦିକ୍ଷଣ କରିବା ସହ ମହାଲକ୍ଷ୍ମୀ ମନ୍ଦିର ଦର୍ଶନ, ନବଗ୍ରହ ମନ୍ଦିର ଓ କନକ ଦୁର୍ଗା ମନ୍ଦିର ଦର୍ଶନ କରିଥିଲେ। ସାଙ୍ଗରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ମନ୍ଦିର ସୁପରଭାଇଜର ନୃସିଂହ ପତ୍ରୀ, ଜ୍ୟୋତିରଞ୍ଜନ ପତ୍ରୀ, ସେବାୟତ ଭଗବାନ ସୁଆର, ଜୟଦେବ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

TPCODL | TPNODL | TPSODL | TPWODL

(Joint Ventures of Tata Power and Government of Odisha)

PUBLIC NOTICE

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

CENTRAL UNIVERSITY OF ODISHA, KORAPUT
(Established Under the Central Universities Act, 2009)
Dept. of Higher Education, Ministry of Education, Govt. of India
NAD, Sunabeda, Dist-Koraput, Odisha. PIN-763004
Website: www.cuo.ac.in

ADMISSION NOTIFICATION FOR M.SC. IN BIODIVERSITY AND CONSERVATION OF NATURAL RESOURCES

Activity Schedule :

| | |
|---|---|
| Date & Time for Reporting: | 28.07.2025 (9.30 AM to 10:30 AM) |
| Date & Time for Document Verification | 28.07.2025 (10.30 AM to 11:30 AM) |
| Date & Time for Entrance Examination | 28.07.2025 (11.30 AM to 12.30 PM) |
| Date & Time for Publication of Result & Merit List | 28.07.2025 (by 2.30 PM) |
| Date & Time for Admission | 28.07.2025 (2.30 PM onwards) |

For more details please visit our website(s): www.cuo.ac.in
For any query: Contact No. 9439185655 / 9668887305 / 8144744270
Email: admission@cuo.ac.in

Sd/-
Controller of Examinations

## ଶିଳ୍ପ ପ୍ରତିଷ୍ଠା ଦିନ ଗଡ଼ିଗଡ଼ି ଚାଲିଛି...

# ୩୨ ବର୍ଷ ହେବ ପଡ଼ିଆ ପଡ଼ିଛି ଇଡ୍‌କୋ ଅଧିକୃତ ଜମି

### ୬ ଶହ ମିଟର ରାସ୍ତା, ପାଚେରି ଓ କ୍ଷୁଦ୍ର ସେତୁ ନିର୍ମାଣରେ ସୀମିତ

ବାରିକପୁର,୨୨।୭(ସମିସ)

ସରକାରଙ୍କୁ ଶାଗମାଛ ଦରରେ ସାତ ପୁରୁଷର ଚାଷ ଜମି ବିକ୍ରି କରି ଶିଳ୍ପ ପ୍ରତିଷ୍ଠା ପାଇଁ ଯେଉଁମାନେ ଦିନେ ସ୍ୱପ୍ନ ଦେଖିଥିଲେ ଏବେ ସେମାନଙ୍କ ଆଶା ମଉଳିଯାଇଛି। ଜମିହରା ଆନ୍ଦୋଳନ କାରୀଙ୍କ ବଳିଦାନକୁ ଶିଳ୍ପ ପ୍ରତିଷ୍ଠା ସମୟ ଏବେ ବଳିଗଲାଣି। ଇତିମଧ୍ୟରେ ଜମି ହରାଇଥିବା ଅନେକ ଚାଷୀ ମଧ୍ୟ ଆରପାରିକୁ ଚାଲିଗଲେଣି। ପରିତାପର ବିଷୟ ଏଯାଏଁ ଶିଳ୍ପ ପ୍ରତିଷ୍ଠା ହୋଇପାରିଲା ନାହିଁ। ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ ଧାମନଗର ଛକ ନିକଟରେ ଅଧିଗ୍ରହଣ ହୋଇଥିବା ଏକର ଏକର ଚାଷଜମି ଦୀର୍ଘ ବର୍ଷ ଧରି ଇଡିକୋ ଅଧିନରେ ପଡ଼ିଆ ରହିଛି। ଗତ ୧୯୯୩ ମସିହାରେ ଏଠାରେ କୃଷିଭିତ୍ତିକ ଚିନି କାରଖାନା ପ୍ରତିଷ୍ଠା ପାଇଁ ସରକାର ଇଡିକୋ ଜରିଆରେ ଚାଷ ଜମି ଅଧିଗ୍ରହଣ କରିଥିଲେ। ମଜୁରୀଗଡିଆ, ପାହିମୋହୁରା, ବାହାଦଲପୁର,ହେଲପୁର ଗ୍ରାମର ଚାଷୀଙ୍କଠାରୁ ୨୧୭ ଏକର ଜମି ଅଧିଗ୍ରହଣ କରାଯାଇଥିବା ବେଳେ ଏଥିରେ ୨୦ ଏକର ସରକାରୀ ଜମିକୁ ମିଶାଇ ୨୩୭ ଏକର ଜମି ଇଡିକୋ ଅଧୀନରେ ରହିଛି। ଚାକିରି ଲୋଭ ଦେଖାଇ ଧରଣୀ ସୁଗାର ନାଁରେ ଖୁବ କମ ମୂଲ୍ୟରେ ପ୍ରାୟ ୪୦୦ ଚାଷୀଙ୍କଠାରୁ କୌଶଳ କରି ଜମି ଛଡାଇ ନିଆଯାଇଥିଲା। ପରବର୍ତ୍ତୀ ସମୟରେ ଚିନି କାରଖାନା ପ୍ରତିଷ୍ଠା କେଉଁଆଡେ ଉଭେଇ ଗଲା। ତାହା ଆଜି ସୁଦ୍ଧା ଅମୀମାଂସିତ ରହିଛି। କୃଷି ଭିତ୍ତିକ ଶିଳ୍ପ ନହେବାରୁ ଧିରେଧିରେ ଚାଷୀମାନେ ପ୍ରତିକ୍ରିୟା ପ୍ରକାଶ କରି ଜମି ଫେରିପାଇବା ନଚେତ୍ ଉଚିତ କ୍ଷତିପୂରଣ ଦେବା ପାଇଁ ଅନେକ ସମୟରେ ଦାବି କରିଛନ୍ତି। ଏଥିପାଇଁ ବହୁ ଧାରଣା ଏବଂ ଆନ୍ଦୋଳନ ହୋଇଛି। ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏକପ୍ରକାର ମୁହାଁମୁହିଁ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ସେ ଯାହାବି ହେଉ ଇତିମଧ୍ୟରେ କିଛି ବର୍ଷ ପୂର୍ବରୁ ଭିନ୍ନ କିଛି ଶିଳ୍ପ ପ୍ରତିଷ୍ଠା ପାଇଁ ସବୁଜ ସଙ୍କେତ ମିଳିଥିବା ବେଳେ ଲୋକଙ୍କ ମଧ୍ୟରେ ଆଶା ସଂଚାର ହୋଇଥିଲା। ତାହା ମଧ୍ୟ କ୍ରମଶଃ ପଦ୍ମ ଘୁଞ୍ଚିଘୁଞ୍ଚି ଯାଉଛି। ଇଡ୍‌କୋ ପକ୍ଷରୁ କେବଳ ୬ ଶହ ମିଟର ରାସ୍ତା ସହିତ ପାଚେରୀ ନିର୍ମାଣ ଓ ଗୋଟିଏ କ୍ଷୁଦ୍ର ସେତୁ ନିର୍ମାଣରେ ଶିଳ୍ପ ପ୍ରତିଷ୍ଠା ଚିତ୍ର ଦୀର୍ଘ ଦିନ ହେବ ଅଟକି ରହିଛି। ଏହାଛଡ଼ା ଉକ୍ତ ସ୍ଥାନରେ ଶିଳ୍ପ ପ୍ରତିଷ୍ଠା ସକାଶେ କୌଣସି କାର୍ଯ୍ୟ ଏଯାଏଁ ହୋଇପାରି ନାହିଁ। ଚାଷ ଜମି ହରାଇ ଶିଳ୍ପ ଭିତ୍ତିକ ନିଯୁକ୍ତି ପାଇଁ ଆଶା ବାନ୍ଧିଥିବା ପରିବାର ଆଜି ଯାଏଁ ଏକପ୍ରକାର ଅବଶୋଷର ବହ୍ନି ଜଳୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ।



#### ସେମାନେ ଯାହା କୁହନ୍ତି...



■ ଶିଳ୍ପ ପ୍ରତିଷ୍ଠା ହେଲେ ଆଖପାଖ ଅଞ୍ଚଳର ଯୁବକ ଯୁବତୀ ଦାଦନ ନ ଯାଇ ଏଠାରେ ନିଯୁକ୍ତି ପାଇବେ। ଜମି ଅଧିଗ୍ରହଣ ପରେ ଅନେକ ବର୍ଷ ହେବ ଶିଳ୍ପ ପ୍ରତିଷ୍ଠା ନହେବା ଲୋକଙ୍କ ପାଇଁ ଏହା ବିଶ୍ୱାସ ଘାତକ ହୋଇଛି।

- ସତ୍ୟବ୍ରତ ପାଲ, ସରପଞ୍ଚ, ନିର୍ଗୁଣ୍ଡି ପଞ୍ଚାୟତ



■ ଶିଳ୍ପ ଭିତ୍ତିକ ଚିନି କାରଖାନା ପ୍ରତିଷ୍ଠା ପାଇଁ ଆମେ ସାଗ ମାଛ ଦରରେ ଇଡକୋ ହାତରେ ଜମି ଟେକି ଦେଇଥିଲୁ। ଆଇନ ଅନୁଯାୟୀ କୌଣସି ସ୍ଥାନରେ ଅଧିଗ୍ରହଣର ୨୦ ବର୍ଷ ପରେ ଶିଳ୍ପ ପ୍ରତିଷ୍ଠା ନ ହେଲେ ଜମି ଚାଷୀଙ୍କୁ ଫେରାଇବା କଥା। ପ୍ରଶାସନ ତରଫରୁ ଏବେ ସେତକ କରାଯାଉ। ଆମେ ପୁଣି ଟାଙ୍ଗରା ଭୂଇଁରେ ସବୁଜିମା ଭରି ଦେବୁ।

-ମୁକ୍ତିକାନ୍ତ ଜେନା, ସ୍ଥାନୀୟ ଚାଷୀ



■ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରୀ ସ୍ତରରେ ସମସ୍ତ ପ୍ରସ୍ତୁତି ଚାଲିଛି। ଏହାପୂର୍ବରୁ ଯେଉଁ ଜମିରେ ମାମଲା ରହିଛି ସେଗୁଡିକୁ ତୁରନ୍ତ ସମାଧାନ କରାଯିବା ସହିତ ଚାଷୀ ମାନଙ୍କୁ ଉଚିତ୍ ପ୍ରାପ୍ୟ ପ୍ରଦାନ କରାଯାଉ। ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଜମି ହରାଇଥିବା ପରିବାରବର୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା କରାଯାଉ।

-କମଳଲୋଚନ ନନ୍ଦ, ପ୍ରାକ୍ତନ ସରପଞ୍ଚ, ନଗୁଁଆ



■ ଇଡକୋ ଅଧିକୃତ ଧାମନଗର ଛକରେ ଆଇଓସିଏଲ କମ୍ପାନୀ ପକ୍ଷରୁ ନିଶ୍ଚିତ ଶିଳ୍ପ ପ୍ରତିଷ୍ଠା ହେବ। ଶିଳ୍ପ ପ୍ରତିଷ୍ଠା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଆମେ ଦାବି ଜଣାଇଛୁ। ସାମାନ୍ୟ ବିଳମ୍ବିତ ହୋଇପାରେ କିନ୍ତୁ ନିଶ୍ଚୟ ଆମ ଅଞ୍ଚଳରେ କମ୍ପାନୀ ପ୍ରତିଷ୍ଠା ହେବ ଏଥିରେ ସନ୍ଦେହ ନାହିଁ।

- ବାବାଜିଚରଣ ଜେନା, ସମାଜସେବୀ

## 'ଭାରତୀୟ ନାରୀ ଆଦର୍ଶର ପ୍ରତୀକ ମା' ରମାଦେବୀ'



ଭଦ୍ରକ,୨୩।୭(ସମିସ): ଗାନ୍ଧୀ ବାଳାଶ୍ରମ ସଭାଗୃହରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି ମା'ରମାଦେବୀଙ୍କ ୪୦ତମ ଶ୍ରାଦ୍ଧୋତ୍ସବ। ପ୍ରାଧାପିକା ଝରଣା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ଇଂ.ଅଖିଳ ମୋହନ ପାଢ଼ୀ। ଉତ୍ସବର ମୁଖ୍ୟ ଅତିଥି ତ୍ୟାଗ ଭୂମିର ସଭାପତି ଅଜୟ ନାୟକ ମା' ରମାଦେବୀଙ୍କ ଜୀବନାଦର୍ଶକୁ ଏକ 'ସ୍ୱୟଂ ଗଠିତ ଶିକ୍ଷା ମନ୍ଦିର' ବୋଲି କହିଥିବା ବେଳେ ତାଙ୍କୁ ଭାରତୀୟ ନାରୀ ଆଦର୍ଶର ପ୍ରତୀକ ବୋଲି ଅଭିହିତ କରିଥିଲେ ମୁଖ୍ୟବକ୍ତା ସ୍ତମ୍ଭକାର ଡକ୍ଟର ପ୍ରଫୁଲ୍ଲ କୁମାର ସାହୁ। ସମ୍ମାନିତ ଅତିଥି ଭାବରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଲଲାଟେନ୍ଦୁ ମହାନ୍ତି, କୈଳାଶ ମହାପାତ୍ର, ଶାନ୍ତନୁ କୁମାର ରାଉତ, ବିଦ୍ୟାଧର ବାରିକ, କାଲାମ ଖାନ, ବିଶାଳ ଲଖାନି, ସୁଧାକର ରାଉତ ମା' ରମାଦେବୀଙ୍କ ତ୍ୟାଗ, ସଂଗ୍ରାମ ଓ ସାଧନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ।ଶାନ୍ତି ପ୍ରତିଷ୍ଠାନ ସମ୍ପାଦକ ଆଇନଜୀବୀ ପବନ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ଧନ୍ୟବାଦ ଜ୍ଞାପନ କରିଥିଲେ ଲକ୍ଷ୍ମୀକାନ୍ତ ବାରିକ୍।

## ଭିନ୍ନକ୍ଷମ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ ଉଦ୍‌ଘାଟିତ



ଭଦ୍ରକ,୨୩।୭(ସମିସ): ଭଦ୍ରକ ସହର ଉପକଣ୍ଠ ଗେଲପୁରସ୍ଥିତ ସାଇ ସ୍ୱରୂପା ମାନସିକ ଭିନ୍ନକ୍ଷମ ବିଦ୍ୟାଳୟରେ ଜିଲ୍ଲାର ପ୍ରଥମ ଥର ପାଇଁ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଅତ୍ୟାଧୁନିକ ସ୍ମାର୍ଟ କ୍ଲାସ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ସ୍ମାର୍ଟ କ୍ଲାସକୁ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାଶ ଚନ୍ଦ୍ର ନାୟକ ଏବଂ ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଡାକ୍ତର ରେବନ୍ତ କୁମାର ଦାଶ ଏହାକୁ ଉଦ୍‌ଘାଟନ କରିଥିଲେ। ମାନସିକ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କର ମାନସିକ ସ୍ତରରେ କିପରି ଉନ୍ନତ ହୋଇପାରିବ ସେଥିପାଇଁ ଉକ୍ତ ସ୍ମାର୍ଟ କ୍ଲାସ ମାଧ୍ୟମରେ ଜାଣିପାରିବ। ଏଥିପାଇଁ ସେମାନଙ୍କ ମନର ବିକାଶ ମଧ୍ୟ ଘଟିବ। ସେମାନଙ୍କ ପାଇଁ ସମାଜରେ ଠିକ୍ ରୂପେ ବ୍ୟବହାର କରିପାରିବେ। ଉକ୍ତ ଶୁଭ ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଡାକ୍ତର ଶରତ କୁମାର ଆଚାର୍ଯ୍ୟ,ସଭାପତି, ଉପସଭାପତି ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧକ୍ଷା ରଜନୀ ରାଣୀ ପତି ତଥା ଶିକ୍ଷକ, ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଭାଗବତ ସତ୍‌ସଂଘ ପ୍ରତିଷ୍ଠାତାଙ୍କ ସ୍ମୃତିସଭା



ଭଦ୍ରକ,୨୩।୭(ସମିସ): ଭାଗବତ ସତସଂଘର ପ୍ରତିଷ୍ଠାତା ସ୍ୱର୍ଗତ ବଳରାମ ପାଣିଗ୍ରାହୀଙ୍କ ଆଜି ସକାଳ ୯ଟାରେ ଆବାହକ ଗଙ୍ଗାଧର ରାଉଳଙ୍କ ଆହ୍ୱାନ କ୍ରମେ ପଶ୍ଚିମ ଭଦ୍ରକ ବରିଷ୍ଠ ନାଗରିକ ପରିଷଦର କାଯ୍ୟକାରୀ ସଭାପତି ପ୍ରମୋଦ ସ୍ୱାଇଁଙ୍କ ସଭାପତିତ୍ୱରେ ୪ର୍ଥ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଶ୍ରୀମତ ଭାଗବତରୁ ଏକ ଅଧ୍ୟାୟ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ରାମ ଚନ୍ଦ୍ର ପଣ୍ଡା ପାଠ କରି ତାଙ୍କ ସହ ଜଗନ୍ନାଥ ସଂସ୍କୃତି ସମ୍ପୋନ୍ଧ ବିଷୟରେ ଆଲୋଚନା କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକଙ୍କ ମଞ୍ଚ ସଂଯୋଜନାରେ ମୁଖ୍ୟ ବକ୍ତା ଡ଼.ରାଇମୋହନ ମହାପାତ୍ର ସ୍ମୃତି ଚାରଣ ସହ ଜଗନ୍ନାଥ ସଂସ୍କୃତିର ପରମ୍ପରା ଆଧାରିତ ଅନେକ ସଂସ୍କାର ଭିତକ ତଥ୍ୟ ଉପସ୍ଥାପନା କରିଥିଲେ। ଓଲଙ୍ଗ ପଂଚାୟତ ସରପଂଚ ଅକ୍ଷୟ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅରୁଣ ସାହୁ, ଗୋପାଳ ମୁଖି, ନାରୟଣ ଚନ୍ଦ୍ର ପାଢ଼ୀ, ଅମୀୟ ମହା ପାତ୍ର, କୃଷ୍ଣ ଚନ୍ଦ୍ର ରାଉଳ, ଦୋଳ ଗୋବିନ୍ଦ ଧଳ, ଲକ୍ଷ୍ମୀଧର ସେଠି, କବୟିତ୍ରୀ ଶର୍ମିଷ୍ଠା ପଣ୍ଡା, ବିନୋଦ ମହାନ୍ତି, କାଠିଆ ମହାକୁଡ଼ ପ୍ରମୁଖ ଉପସ୍ଥିତ ସ୍ମୃତି ଚାରଣ କରିଥିଲେ।

## ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ସମ୍ମିଳନୀ




ବାସୁଦେବପୁର,୨୩।୭(ସମିସ): ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ବାସୁଦେବପୁର ଶାଖାର ୩ୟ ବ୍ଲକସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଜିଲ୍ଲା ସମ୍ପାଦିକା ମମତା ଜେନା ପତାକା ଉତ୍ତୋଳନ କରିବା ପରେ ସଭା ଆରମ୍ଭ ହୋଇଥିଲା। ଡଃ. ଲକ୍ଷ୍ମୀ ସେହଗଲଙ୍କ ପୁଣ୍ୟତିଥିରେ ତାଙ୍କ ଫଟୋରେ ପୁଷ୍ପ ପ୍ରଦାନ କରିଥିଲେ। ମମତା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ରାଜ୍ୟ ସମ୍ପାଦିକା ସୁରାଜିତା ନାୟକ, ଜିଲ୍ଲା ସଭାପତି ପ୍ରଭାତୀ ଜେନା, ସୀତା ଦାଶ ପ୍ରମୁଖ ଯୋଗଦେଇ ମହିଳାଙ୍କ ସୁରକ୍ଷାକୁ ନେଇ ଉଦବେଗ ପ୍ରକାଶ କରିଥିଲେ। ଯେଉଁଠି ନାରୀର ସୁରକ୍ଷା ନାହିଁ ସେଠାରେ ମହିଳାଙ୍କ ଅଧିକାର କଥା କିଏ ପଚାରେ । ସାମ୍ପ୍ରତିକ ପରିସ୍ଥିତିରେ ମହିଳାଙ୍କ ସୁରକ୍ଷାକୁ ନେଇ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବାଲେଶ୍ୱର ଏଫଏମ କଲେଜର ଛାତ୍ରୀ ନିର୍ଯାତନା ଓ ବଳଙ୍ଗା ଘଟଣାକୁ ଅନୁଧ୍ୟାନ କଲେ ଓଡିଶାର ନାରୀ ସୁରକ୍ଷାକୁ ନେଇ ବକ୍ତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ଅବସରରେ ବିଜୟାଲକ୍ଷ୍ମୀ ବାରିକ, ଉପସଭାପତି ମନୋରମା ଜେନା, କନକଲତା ନାୟକ, ସମ୍ପାଦିକା ବାସନ୍ତୀ ବେହେରା, ସହ ସମ୍ପାଦିକା, ବନ୍ଦିତା ସ୍ୱାଇଁ, ଜୟନ୍ତୀ ବାରିକ, କୋଷାଧକ୍ଷ ମାତାଜୀ ଦାସ ସଭ୍ୟା ଜୟନ୍ତୀ ବିଶ୍ୱାଳ, ପୁଷ୍ପାଞ୍ଜଳି ରାୟ, ଅରୁନ୍ଧତୀ ନାୟକ, ଶଶୀକଳା ସାହୁ, ଗୌରୀ ଜେନା, ନିର୍ବାଚିତ ହୋଇଥିଲେ।

## ଅବ୍ୟବସ୍ଥାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ



ବିଜୁଳି ଗଲେ କାମ ବନ୍ଦ

ବନ୍ତ/ଆଗରପଡ଼ା,୨୩।୭(ସମିସ): ବିଜୁଳି କଟିଲେ ତାର ବିକଳ୍ପର ବ୍ୟବସ୍ଥା ନଥିବାରୁ ସବୁ କାମ ଠପ୍ ହୋଇପଡୁଛି। ଫଳରେ ଲୋକେ ନାହିଁ ନଥିବା ହଇରାଣ ହେଉଛନ୍ତି। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଆଗରପଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ। ବର୍ତ୍ତମାନ ସମୟରେ ସମସ୍ତ କାର୍ଯ୍ୟ ଅନଲାଇନ୍ ମାଧ୍ୟମରେ ହେଉଥିବାରୁ ଏହାକୁ ଆଖି ଆଗରେ ରଖି ବିଭାଗ ପକ୍ଷରୁ ଉକ୍ତ କାର୍ଯ୍ୟାଳୟରେ କମ୍ପ୍ୟୁଟର ସହ ଏକ ପ୍ରିଣ୍ଟର ବ୍ୟବସ୍ଥା କରାଯାଇଛି। କିନ୍ତୁ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ବିଜୁଳି କଟିଲେ ବିକଳ୍ପ ବ୍ୟବସ୍ଥା କରାଯାଇ ନ ଥିବାରୁ ସମସ୍ତ କାମ ଠପ୍ ହୋଇଯାଉଛି। ଉକ୍ତ କାର୍ଯ୍ୟାଳୟ ଅଧୀନରେ ପୁରୁଷଣ୍ଡ, ଗୋପୀନାଥପୁର, ବିଟିପୁର, ବଡ଼ମହିଷଁଗୋଠ, ମହାନ୍ତିପଡ଼ା ଓ ଆଡ଼ିଆ ପଞ୍ଚାୟତର ପ୍ରାୟ ୪୭ଟି ମୌଜା ରହିଥିବା ହେତୁ ବିଭିନ୍ନ କାର୍ଯ୍ୟରେ ଲୋକେ ଆସିଲେ ବିଜୁଳି କଟିଥିଲେ ଦୀର୍ଘ ସମୟ ଧରି ଅପେକ୍ଷା କରୁବାକୁ ପଡୁଛି। ତେଣୁ ଏହାର ବିକଳ୍ପର ଯଥା ଶୀଘ୍ର ବ୍ୟବସ୍ଥା କରାଯିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ସେହିପରି ଜଣେ ରାଜସ୍ୱ ନିରୀକ୍ଷକଙ୍କ ଭରସାରେ ଉକ୍ତ କାର୍ଯ୍ୟାଳୟ ନିର୍ଭର କରୁଛି। କାର୍ଯ୍ୟାଳୟ କୌଣସି ଅମିନ ବା ପିଅନ ନ ଥିବାରୁ କାର୍ଯ୍ୟାଳୟଟି କେବଳ ରାଜସ୍ୱ ନିରୀକ୍ଷକଙ୍କ ଭରସାରେ ଚାଲୁଛି। ଅପରପକ୍ଷରେ ଏହାର ସୁଯୋଗ କିଛି ଦଲାଲ ନେଉଥିବା ଦେଖାଯାଉଛି। କାର୍ଯ୍ୟାଳୟରେ ସେମାନଙ୍କ ଭୂମିକା କିଛି ନଥିବା ବେଳେ ଉକ୍ତ କାର୍ଯ୍ୟାଳୟରେ ନିଜର ହୁକୁମାତି ଜାହିର କରୁଥିବା ଅଭିଯୋଗ ମଧ୍ୟ ହେଉଛି। କେହି ଅନ୍ୟ କର୍ମଚାରୀ ନଥିବାରୁ କୌଣସି ସରକାରୀ କାର୍ଯ୍ୟରେ ନିରୀକ୍ଷକ ଜଣଙ୍କ ନିୟୋଜିତ ରହିଲେ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ବନ୍ଦ ହୋଇପଡୁଛି। ବିଜୁଳି କଟିଲେ ଜମିଜମା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା, ଖଜଣା, ସାର୍ଟିଫିକେଟ, ଭଡା ଫର୍ମ, ଲିଗାଲ ହେୟାର ପ୍ରକାଶପତ୍ର ଆଦି ପାଇବାକୁ ଏଠାକୁ ଆସିଲେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ନିରାଶ ହୋଇ ଫେରୁଛନ୍ତି। ସ୍କୁଲ କଲେଜରେ ଛାତ୍ରଛାତ୍ରୀଙ୍କ ବୃତ୍ତି ପାଇଁ ଆବଶ୍ୟକ ହେଉଥିବା ଆୟ ପ୍ରମାଣପତ୍ର, ବାସସ୍ଥାନ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ଆଦି ଠିକ୍ ସମୟରେ ମିଳି ପାରୁନଥିବା ଅଭିଯୋଗ ହେଉଛି। ତେଣୁ ଜନସାଧାରଣଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଏଥିପ୍ରତି ଯଥାଶୀଘ୍ର ବିହିତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ବିପଦ ସୃଷ୍ଟି କରୁଛି ଶୁଖିଲା ଗଛଡାଳ



ବନ୍ତ/ଆଗରପଡ଼ା, ୨୩।୭(ସମିସ): ଆଗରପଡ଼ା ମୁଖ୍ୟ ବଜାର ଅଞ୍ଚଳରେ ଥିବା ପୁରୁଣା ଶୁଖିଲା ଗଛ ଡ଼ାଳ ଝୁଲି ରହିଥିବାରୁ ଲୋକେ ଭୟଭୀତ ହୋଇ ଚଳପ୍ରଚଳ କରୁଛନ୍ତି। ସାମାନ୍ୟ ପବନ ହେଲେ ଏହି ଶୁଖିଲା ଡ଼ାଳ ଖସି ପଡ଼ି ଲୋକେ ଖଣ୍ଡିଆଖାବରା ହେଉଥିବା ନଜିର ରହିଛି। ଏ ସଂପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଆଜିଯାଏ ଏହାର କୌଣସି ପ୍ରତିକାର କରାଯାଇପାରିନାହିଁ। ବିଭିନ୍ନ ସ୍ଥାନକୁ ଯିବା ପାଇଁ ଉକ୍ତ ଛକ ଅଞ୍ଚଳରେ ବହୁ ଲୋକଙ୍କ ସମାଗମ ହୋଇଥାଏ। ତେଣୁ କୌଣସି ବଡ଼ ବିପଦ ଘଟିବା ପୂର୍ବରୁ ଶୁଖିଲା ଗଛ ଡ଼ାଳ ପରିଷ୍କାର କରିବାକୁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ବିପୁଳ ପରିମାଣରେ ପୋଚ ନଷ୍ଟ

ତିହିଡ଼ି,୨୩।୭(ସମିସ): ତିହିଡ଼ି ପୁଲିସ ନିୟମିତ ଚଢ଼ଉ କରୁଛି। ହେଲେ ଚୋରା ମଦ ପ୍ରସ୍ତୁତି କମିବାର ନାଁ ଧରୁନି। ମାତ୍ର କେଇ ଦିନ ମଧ୍ୟରେ ତିହିଡ଼ି ପୁଲିସ ପୁଣି ଆଜି ସାଧା ପୋଷାକରେ ପହଞ୍ଚି ଚଢ଼ଉ କରିଛି। ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ସୂଚନା ଅନୁଯାୟୀ ତିହିଡ଼ି ଥାନା ଆଜି ଥାନାର ପୁଲିସ କର୍ମଚାରୀମାନେ ମିଳିତ ହୋଇ ସାଧା ପୋଷାକରେ ତାଳପଦାରେ ପହଞ୍ଚିଥିଲେ। ରନ୍ଧା ହେଉଥିବା ପୋଚ, ମଦ ପ୍ରସ୍ତୁତି ସରଞ୍ଜାମ ଆଦି ନଷ୍ଟ କରିଦେଇଛନ୍ତି। କିଛି ଦିନ ତଳେ ପୁଲିସ ସାଧା ପୋଷାକରେ ପହଞ୍ଚି ମଦ ଓ ପୋଚ ନଷ୍ଟ କରିଥିଲା।

## ଧାନକ୍ଷେତରୁ ଜଳ ନିଷ୍କାସନ ହେଉନି



ବନ୍ତ/ଆଗରପଡ଼ା,୨୩।୭(ସମିସ): ବନ୍ତ ବ୍ଲକ ବଡ଼ବର୍ଚ୍ଚିକୟାଁ ପଞ୍ଚାୟତ ଆପ୍ତିରା ଗ୍ରାମସ୍ଥିତ ଶହଶହ ଏକର ଧାନକ୍ଷେତରୁ ଜଳ ନିଷ୍କାସନ ହେଉ ନ ଥିବାରୁ ଚାଷ କରିବା ପାଇଁ ବ୍ୟାଘାତ ସୃଷ୍ଟି ହୋଇଛି। ଫଳରେ ଚାଷୀମାନେ ଚିନ୍ତାଗ୍ରସ୍ତ ହୋଇ ପଡ଼ିଛନ୍ତି। ଏଠାରେ ଅନେକ କ୍ଷେତରେ ଧାନତଳି ପଡ଼ି ପାରିନାହିଁ ପୁଣି ଯେଉଁ କ୍ଷେତରେ ତଳି ରୁଆ ହୋଇଥିଲା ତାହା ପଚିସଢ଼ି ଗଲାଣି। ପୁରୁଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡଳୀ ମାଇନରରୁ କାଡ଼ାନାଳ ସାହାଯ୍ୟରେ କ୍ଷେତକୁ ପାଣି ଯୋଗାଣ ହୋଇଥାଏ। ଉପରମୁଣ୍ଡରୁ ଅହରହ ବର୍ଷାପାଣି ନିର୍ଗତ ଏଠାକୁ ହେଉଛି, ମାତ୍ର ଏଠାରେ ପାଣି ନିଷ୍କାସନ ଠିକ୍ ଭାବେ ହେଉ ନ ଥିବାରୁ କ୍ଷେତରେ ଆଣ୍ଠୁଏ ଲେଖାଁଏ ପାଣି ଜମି ରହିଛି। ଯାହାକି ଚାଷୀଙ୍କ ପାଇଁ କାଳ ସାଜିଛି। ପାଣି ନିଷ୍କାସନ ପାଇଁ ସୁବ୍ୟବସ୍ଥା କରିବାକୁ ମାୟାଧର ପାଢ଼ି, ସୁରେଶ ଭାରତୀ, ଶତ୍ରୁଘ୍ନ ପୁରି, ବିନୋଦ ଭାରତୀ, ନୃସିଂହ ପୁରି, ମଣିଭଦ୍ର ଶଙ୍ଖୁଆ, ସନ୍ତୋଷ ପାଢ଼ି ପ୍ରମୁଖ ଦାବି କରିଛନ୍ତି।

### ଭାରତୀୟ ମଜଦୁର ସଂଘର ୭୦ତମ ବର୍ଷ ପୂର୍ତ୍ତି ପାଳନ

# ବିଏମ୍‌ଏସ୍ ସଂଘ ନୁହେଁ; ମଜଦୂରଙ୍କ ହକ୍ ପାଇଁ ଲଢ଼େଇର ମାଧ୍ୟମ







ଭଦ୍ରକ,୨୩।୭(ସମିସ)

ଭାରତୀୟ ମଜଦୁର ସଂଘର ସ୍ଥାପନା ହେବାର ମୂଳ ଲକ୍ଷ୍ୟ ଶ୍ରମିକଙ୍କ ହିତ ସାଧନ। ତ୍ୟାଗ, ତପସ୍ୟା ଓ ବଳିଦାନର ମୂଳମନ୍ତ୍ରରେ ଦୀକ୍ଷିତ ଏହି ସଂଘର ପ୍ରତ୍ୟେକଟି ସଦସ୍ୟସଦସ୍ୟା ଏକ ହୋଇ ଗରିବ, ମଜଦୁରର ହକ୍ ପାଇଁ ଲଢ଼େଇ କରି ଆସିଛି। ଆଗାମୀ ଦିନରେ ମଧ୍ୟ କରି ଚାଲିଥିବ। ଏହି ଲଢ଼େଇର ଫଳ ମଜଦୂରଙ୍କ ମୁହଁରେ ହସ ଫୁଟାଇଥାଏ ବୋଲି ଭାରତୀୟ ମଜଦୁର ସଂଘର ୭୦ତମ ବର୍ଷ ପୂର୍ତ୍ତି ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ସେମାନଙ୍କ ସାମାଜିକ ସୁରକ୍ଷା, ଆଶାକର୍ମୀ, ପାଚିକା, ସହାୟିକା ଭଳି ସବୁ କ୍ଷେତ୍ରରେ କାର୍ଯ୍ୟରତ ଥିବା କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ସହ ଇଏସ୍ଆଇ, ଇପିଏଫ୍ ପରିସରଭୁକ୍ତ କରି ଚାକିରି ସର୍ତ୍ତାବଳୀ ଲାଗୁ କରିବାକୁ ଭାରତୀୟ ମଜଦୂର ସଂଘ ଆନ୍ଦୋଳନରତ। ଦେଶର ସର୍ବବୃହତ୍ ଶ୍ରମିକ ସଂଗଠନ ଭାବେ ଭାରତୀୟ ମଜଦୁର ସଂଘ ପରିଗଣିତ ହେଉଥିବା ବେଳେ ଏହି ସଂଘ ରାଜ୍ୟର ସବୁ କ୍ଷେତ୍ରରେ ଅବହେଳିତ ଶ୍ରମିକଙ୍କୁ ନ୍ୟାୟ ଦେବା କ୍ଷେତ୍ରରେ ସଂଗ୍ରାମ ଜାରି ରଖିଛି। ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟ ଅତିଥି ଜିଲ୍ଲାପାଳ ଦିଲିପ ରାଉତରାଏ, ମଣ୍ଡଳ ଶ୍ରମ ଆୟୁକ୍ତ ଶଚ୍ଚିଦାନନ୍ଦ ଜେନା, ସଂଘର ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ରାଜ୍ୟ ଉପସଭାପତି ତଥା ମୁଖ୍ୟବକ୍ତା ଶାନ୍ତନୁ କୁମାର ମହାପାତ୍ର, ଅଖିଳ ଭାରତ ମଧ୍ୟାହ୍ନ ଭୋଜନ କର୍ମଚାରୀ ସଂଘର ଉପସଭାପତି ମୁକ୍ତିକାନ୍ତ ସାହୁ ପ୍ରମୁଖ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବସନ୍ତରାୟ ସଭାରେ ସଭାପତିତ୍ୱ କରିଥିଲେ। ଆଶାକର୍ମୀ ସଂଘ ଜିଲ୍ଲା ସମ୍ପାଦିକା ସଞ୍ଜୁଲତା ରାଉତ, ପ୍ରଭାସିନୀ ଦାସ, କନକ ବିଶ୍ୱାଳ ଶ୍ରମିକ ସଂଗୀତ ଗାନ କରିଥିଲେ। ବିଏମ୍‌ଏସ୍ ଜିଲ୍ଲା ସମ୍ପାଦକ ପରେଶ ନାଥ ଧଳ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଅଙ୍ଗନୱାଡ଼ି ସଂଘର ଜିଲ୍ଲାର ବରିଷ୍ଠ କାର୍ଯ୍ୟକର୍ତ୍ତା ସନ୍ଧ୍ୟାରାଣୀ ପହିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଧାମରା ବନ୍ଦର କର୍ମଚାରୀ ସଂଘ, ଜିଲ୍ଲା ଆଶାକର୍ମୀ ସଂଘ, ବିଶ୍ୱକର୍ମା ମଜଦୁର ସଂଘ, ଭଦ୍ରକ ଜିଲ୍ଲା ବ୍ୟବସାୟୀ ମଜଦୁର ସଂଘ, ଭଦ୍ରକ ଜିଲ୍ଲା ଅଟୋ ଚାଳକ ସଂଘ, ଧାମରା ଟ୍ରକ ଚାଳକ ସଂଘ, ଧାମରା ପୋର୍ଟ ଇଂଜିନିୟର୍ସ ଆଣ୍ଡ ଆମ୍ପ୍ଲୋଇଜ୍ ଆସୋସିଏସନ, ପାଚିକା ସହାୟିକା ମଜଦୁର ସଂଘ, ସ୍ୱାବଲମ୍ବୀ କାରିଗର ସଂଘ ଭଳି ବିଭିନ୍ନ ସଂଗଠନ କର୍ମକର୍ତ୍ତାମାନେ ଯୋଗଦେଇଥିଲେ।